

ଶେଷ ହେବ ଋଷ-ୟୁକ୍ରେନ ଯୁଦ୍ଧ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



ପ୍ରଦୂଷଣମୁକ୍ତ ହରିଆଣା ଲକ୍ଷ୍ୟ | ୬


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୪୨ Vol. 21 No-242 1 DECEMBER 2024 SUNDAY BHUBANESWAR ରବିବାର, ୧ ଡିସେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### କେନ୍ଦ୍ରୀୟ ଡେପୁଟେସନରେ ଯିବେ ଅନୁପମା

ଭୁବନେଶ୍ୱର,୩୦।୧୧(ଭାସ୍କର ନ୍ୟୁଜ): ୨୦୧୩ ବ୍ୟାଚ୍ ଓଡ଼ିଶା କ୍ୟାଡରର ଆଇପିଏସ୍ ଅଧିକାରୀ ଅନୁପମା ଜେମ୍ସ ଡେପୁଟେସନରେ କେନ୍ଦ୍ରକୁ ଯିବେ। ସେ କେନ୍ଦ୍ର ସରକାରଙ୍କ ତଦନ୍ତକାରୀ ସଂସ୍ଥା ଏନଆଇଏର ଏସ୍‌ପି ହେବେ ବୋଲି ସୂଚନା ମିଳିଛି। ଏନେଇ ରାଜ୍ୟ ସରକାର ଆବଶ୍ୟକ ଅନୁମତି ପ୍ରଦାନ କରିଛନ୍ତି।

### ପିତୃହନ୍ତାକୁ ଆଜୀବନ

କାମାକ୍ଷାନଗର,୩୦।୧୧(ଭାସ୍କର ନ୍ୟୁଜ): ୨୦୨୧ ମସିହାରେ କଙ୍କଡ଼ାହାଡ଼ ଥାନା ଆମ୍ବତରାଇ ଗାଁରେ ବାପାକୁ ହତ୍ୟା କରିଥିବା ଦୋଷୀ ପୁଅକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। କାମାକ୍ଷାନଗର ଅତିରିକ୍ତ ଦୌରାଜଜ୍ ମାମଲାର ବିଚାର କରି ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ବାପା ଶୋଇଥିବା ଅବସ୍ଥାରେ ପୁଅ ତପନ ମହାନ୍ତ ଟାଙ୍ଗିଆରେ ହାଣି ବିଭତ୍ସ ଭାବେ ହତ୍ୟା କରିଥିଲା। ସେତେବେଳେ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଥିଲା।


### ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

ବାଲେଶ୍ୱର,୩୦।୧୧(ଭାସ୍କର ନ୍ୟୁଜ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଞ୍ଚଳରେ ୨୦୨୪ ମସିହାରେ ଘଟିଥିବା ନାବାଳିକା ଦୁଷ୍କର୍ମ ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇଥିବା କାର୍ତ୍ତିକ ଦଳେଇଙ୍କୁ ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି। ବାଲେଶ୍ୱର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାପାଇଁ ଡିଏଲଏସ୍‌ଏକୁ ନିର୍ଦ୍ଦେଶ ଦେଇଛନ୍ତି।

ସେନ୍‌ସେକ୍ସ: ୭୯,୮୦୨.୭୯
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୨୭.୦ ଡିଗ୍ରୀ
ସର୍ବନିମ୍ନ: ୨୧.୬ ଡିଗ୍ରୀ

**୩୦।୧୧।୨୦୨୪ର ମତାମତ**

ଆଜି ବି କନ୍ୟା ସନ୍ତାନ ଅଲୋଡ଼ା ସ୍ଥିତିରେ ଅଛନ୍ତି କି?




**ଆଜିର ପ୍ରସଙ୍ଗ**

ମଧ୍ୟାହ୍ନ ଭୋଜନ ଅର୍ଥରାଶି ବୃଦ୍ଧି ପିଲାଙ୍କ ଖାଦ୍ୟ ପରିମାଣରେ ସହାୟକ ହୋଇପାରିବ କି?

ମତାମତ ଦେବା ପାଇଁ ଲଗ୍ଇନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ମହାନିର୍ଦ୍ଦେଶକ ସମ୍ମିଳନୀ ଚାଲେ
ଚାଲିଛି ଚର୍ବିତ ଚର୍ବଣ
ଆଇନ କାନୁନ, ଆଇନ ଶୃଙ୍ଖଳା
ଉପରେ ଦିଅନ୍ତି ଧ୍ୟାନ
ଆବଶ୍ୟକ ସମାଧାନ
ଦେଶର ସୁରକ୍ଷା ପ୍ରଥମ ଆମର
ଢାଳିଦିଅ ମନ ପ୍ରାଣ...।

## ଡିଜିପି-ଆଇଜିପି ସମ୍ମିଳନୀର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ

# ଆଭ୍ୟନ୍ତରୀଣ ସୁରକ୍ଷା ଉପରେ ଗୁରୁତ୍ୱ



**ଯୋଗ ସେସନ୍‌ରୁ ଆରମ୍ଭ ହେଲା କାର୍ଯ୍ୟକ୍ରମ**
**ଉଗ୍ରବାଦ ମୁକାବିଲା, ସାଇବର ସୁରକ୍ଷା ଉପରେ ଆଲୋଚନା**
**ବେଆଇନ ଅନୁପ୍ରବେଶ, ଶରଣାର୍ଥୀ ସମସ୍ୟାର ସମାଧାନ ନେଇ ମାନସମନ୍ଥନ**
**ଅପରାଧ କ୍ଷେତ୍ରରେ ଟେକ୍ନୋଲୋଜିର ବ୍ୟବହାର ନେଇ ବ୍ଲୁପ୍ରିଣ୍ଟ**

ଭୁବନେଶ୍ୱର,୩୦।୧୧(ଭାସ୍କର ନ୍ୟୁଜ): ଦେଶର ନିରାପତ୍ତା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହାକୁ ବଜାୟ ରଖିବା ପାଇଁ ଉପସ୍ଥିତ ପୋଲିସ ଅଧିକାରୀମାନେ ଦାୟିତ୍ୱର ସହ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଆହ୍ୱାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସମ୍ମିଳନୀର ଦ୍ୱିତୀୟ ଦିନରେ ଲୋକସେବା ଭବନର କନଭେନସନ ହଲରେ ଆୟୋଜିତ ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀ ଯୋଗଦେଇ ବାମପନ୍ଥୀ ଉଗ୍ରବାଦ, ଉପକୂଳ ସୁରକ୍ଷା, ନିଶାଦ୍ରବ୍ୟ କାରବାର ରୋକିବା, ସାଇବର ଅପରାଧ ଏବଂ ଅର୍ଥନୈତିକ ନିରାପତ୍ତା ସମେତ ବର୍ତ୍ତମାନର ଏବଂ ଉଦୀୟମାନ ଜାତୀୟ ସୁରକ୍ଷା ଆହ୍ୱାନର ମୁକାବିଲା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ପ୍ରଣୀତ ହୋଇଥିବା ତିନୋଟି ନୂଆ ଅପରାଧିକ ଆଇନର କାର୍ଯ୍ୟକାରିତାର ଅଗ୍ରଗତି ଏବଂ ପୋଲିସ ସହ ଜଡ଼ିତ ସର୍ବୋତ୍ତମ ଅଭ୍ୟାସଗୁଡ଼ିକର ସମୀକ୍ଷା ମଧ୍ୟ କରିଥିଲେ। ଜାମ୍ମୁକାଶ୍ମୀର, ଉତ୍ତରପୂର୍ବ ଏବଂ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳର ସୁରକ୍ଷା ସ୍ଥିତିରେ ଉନ୍ନତି ଆଣିବା ପାଇଁ ମଧ୍ୟ ଆହ୍ୱାନ ଦେଇଥିଲେ। ଭାରତର ଅପରାଧିକ ନ୍ୟାୟ ବ୍ୟବସ୍ଥା ପୂର୍ବରୁ ଦଣ୍ଡକେନ୍ଦ୍ରିତ ଥିବାବେଳେ ବର୍ତ୍ତମାନର ୩ଟି ନୂଆ ଅପରାଧିକ ଆଇନ ପ୍ରଣୟନ ହେବା ପରେ ଏହା ନ୍ୟାୟକେନ୍ଦ୍ରିତ ହୋଇଛି ବୋଲି ମୋଦୀ କହିଥିଲେ। ଏହି ନୂତନ ଆଇନର ମୌଳିକ ଭାବନା ଭାରତୀୟ ପରମ୍ପରାରୁ ପ୍ରେରିତ ବୋଲି ମୋଦୀ ସୂଚନା ଦେଇଥିଲେ। ଶନିବାର ଲୋକସେବା ଭବନରେ ଆୟୋଜିତ ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସମେତ ସବୁ ରାଜ୍ୟର ପୋଲିସ ମହାନିର୍ଦ୍ଦେଶକ, ଆଇଜି ଏବଂ ବିଶିଷ୍ଟ ବ୍ୟକ୍ତିମାନେ ସାମିଲ ହୋଇଥିଲେ। ଉଲ୍ଲେଖଯୋଗ୍ୟ ଯେ ଶୁକ୍ରବାର ଉଦ୍‌ଘାଟନୀ ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସାଇବର ଅପରାଧର ଆହ୍ୱାନର ମୁକାବିଲା ପାଇଁ ସରକାର ରଣନୀତି ପ୍ରସ୍ତୁତ କରୁଥିବାର ସୂଚନା ଦେଇଥିଲେ। ଏବେ ସୁରକ୍ଷା ଏଜେନ୍ସିଗୁଡ଼ିକୁ ବୈଷୟିକ ସ୍ତରରେ ସୁଦୃଢ଼ କରାଯାଇପାରିଲେ ଯେକୌଣସି ପ୍ରକାର ସୁରକ୍ଷା ଚାଲେଞ୍ଜର ମୁକାବିଲା କରାଯାଇପାରିବ ବୋଲି ସେ କହିଥିଲେ। ଏଥିସହ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଆଇନଶୃଙ୍ଖଳାସ୍ଥିତି ବଜାୟ ରଖିବାପାଇଁ ପଦକ୍ଷେପ ସଂପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଶନିବାର ସମ୍ମିଳନୀରେ ଯୋଗ ସେସନ୍‌ରୁ ଏହା ଆରମ୍ଭ କରାଯାଇଥିଲା। ବିଶେଷକରି ଆତଙ୍କବାଦ, ବାମପନ୍ଥୀ ଉଗ୍ରବାଦର ମୁକାବିଲା, ବେଆଇନ ଅନୁପ୍ରବେଶ, ଶରଣାର୍ଥୀ • ପୃଷ୍ଠା ୫ ଦେଖନ୍ତୁ

## ଡିସେମ୍ବର ୫ରେ ମହାରାଷ୍ଟ୍ରରେ ଶପଥ ଉତ୍ସବ!



ମୁମ୍ବାଇ,୩୦।୧୧: ଆସନ୍ତା ଡିସେମ୍ବର ୫ ତାରିଖରେ ମହାରାଷ୍ଟ୍ରର ନୂଆ ମୁଖ୍ୟମନ୍ତ୍ରୀ ଶପଥ ନେବେ। ଏ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ୨ ତାରିଖରେ ବିଧାୟକଦଳ ବୈଠକ ପରେ ୫ ତାରିଖରେ ଶପଥ ସମାରୋହ ଅନୁଷ୍ଠିତ ହେବ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି। ତେବେ ମୁଖ୍ୟମନ୍ତ୍ରୀ ଭାବେ କିଏ ଶପଥ ନେବେ ସେ ନେଇ କିଛି ସୂଚନା ମିଳିପାରି ନାହିଁ। ମିଳିଥିବା ସୂଚନା ଅନୁଯାୟୀ ୨ରେ ମହାୟୁତିର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ସେଥିରେ କିଏ ବିଧାୟକଦଳ ନେତା ହେବେ ସେ ନେଇ ନିଷ୍ପତ୍ତି ନିଆଯିବ। ଏହାପରେ ୫ ତାରିଖ ଗୁରୁବାର ଦିନ ମୁମ୍ବାଇର ଆଜାଦ ମଇଦାନରେ ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଇତିମଧ୍ୟରେ ବିଜେପିର ଦେବେନ୍ଦ୍ର ଫଡନବୀଶ, ଶିବସେନାର ଏକନାଥ ସିନ୍ଦେ, ଏନସିପିର ଅଜିତ ପାୱାର ଦିଲ୍ଲୀରେ ଅମିତ ଶାହ ଏବଂ ଜେପି ନଡ୍ଡାଙ୍କୁ ଭେଟିବା ପରେ ମୁମ୍ବାଇ ଫେରି ଆସିଛନ୍ତି। • ପୃଷ୍ଠା ୫ ଦେଖନ୍ତୁ

## ପୁଣି ଏକ ମାଈ ହାତୀଛୁଆର ମୃତଦେହ ଠାବ

କେନ୍ଦୁଝର,୩୦।୧୧(ଭାସ୍କର ନ୍ୟୁଜ): ରାଜ୍ୟରେ ହାତୀ ମୃତ୍ୟୁରେ ରୋକ୍ ଲାଗିପାରୁନି। ବିଭିନ୍ନ କାରଣରୁ ଗୋଟିଏ ପରେ ଗୋଟିଏ ହାତୀଙ୍କ ମୃତ୍ୟୁ ଘଟୁଛି। ନିକଟରେ ବିଦ୍ୟୁତ ଆଘାତରେ ୩ ହାତୀଙ୍କ ମୃତ୍ୟୁ ନେଇ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏପରିକି ହାଇକୋର୍ଟ ନିଜଆଡ଼ୁ ଏକ ମାମଲା ରୁଜୁକରି ହାତୀ ମୃତ୍ୟୁରେ ରୋକ ଲଗାଇବା ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାକୁ ପିସିସିଏଫଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ବିଦ୍ୟୁତ ବିଭାଗ ସହ ବନ ବିଭାଗ ଆଲୋଚନା କରି କାର୍ଯ୍ୟପନ୍ଥା ସ୍ଥିର କରିବାକୁ ହାଇକୋର୍ଟ କହିଛନ୍ତି। ଏସବୁ ଭିତରେ ଶନିବାର ସକାଳେ କେନ୍ଦୁଝର ଜିଲ୍ଲା ତେଲକୋଇ ରେଞ୍ଜ ଅଞ୍ଚଳରୁ ଏକ ୧୦ବର୍ଷ ହାତୀର ମୃତଦେହ ଉଦ୍ଧାର କରାଯାଇଛି। କନ୍ତଲାଇ ଗ୍ରାମ ନିକଟରୁ ବନ ବିଭାଗ କର୍ମଚାରୀ ଏହାକୁ ଉଦ୍ଧାର କରିଛନ୍ତି। ପାରିପାର୍ଶ୍ୱିକ ଅବସ୍ଥା ଏବଂ ହାତୀ ଦେହରେ ଥିବା କ୍ଷତ ଚିହ୍ନ ଦେଖି ଏହା ହାତୀ-ହାତୀ ମଧ୍ୟରେ ଲଢେଇ ବୋଲି ଡିଏଫଓ ଧନରାଜ ଏଚ୍‌ଡି କହିଛନ୍ତି। ସୂଚନାଯୋଗ୍ୟ ଯେ ପ୍ରାୟ ୫୪ଟି ହାତୀ ଏହି ଅଞ୍ଚଳରେ ଦୁଇଟି ଦଳରେ ବୁଲୁଛନ୍ତି। ସେମାନେ ବ୍ୟାପକ କ୍ଷୟକ୍ଷତି ଘଟାଉଥିବାରୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଶନିବାର ସକାଳେ ହାତୀ ଛୁଆର ମୃତ୍ୟୁ ନେଇ ଖବର ପାଇବା ପରେ ବନ ବିଭାଗ ଟିମ୍ • ପୃଷ୍ଠା ୫ ଦେଖନ୍ତୁ

## ଭୁବନେଶ୍ୱର ସାଂସଦଙ୍କ ସୂଚନା

# ୨୦୨୭ ସୁଦ୍ଧା ସରିବ ପ୍ରଥମ ପର୍ଯ୍ୟାୟ ମେଟ୍ରୋ କାମ





ଭୁବନେଶ୍ୱର,୩୦।୧୧(ଭାସ୍କର ନ୍ୟୁଜ): ମେଟ୍ରୋ ପ୍ରକଳ୍ପକୁ ନେଇ ଶନିବାର ବଡ଼ ସୂଚନା ଦେଇଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ସେ କହିଛନ୍ତି ଯେ ୨୦୨୭ ଡିସେମ୍ବର ସୁଦ୍ଧା ମେଟ୍ରୋ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ ହେବ। ଶନିବାର ଏକ ସମୀକ୍ଷା ବୈଠକରେ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିବା ପରେ ଶ୍ରୀମତୀ ଷଡ଼ଙ୍ଗୀ ଏହି ସୂଚନା ଦେଇଛନ୍ତି। ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ୨୬ କିମିରେ ମେଟ୍ରୋ ଚଳାଚଳ ଆରମ୍ଭ କରାଯିବ। ୨୦ଟି ଷ୍ଟେସନରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ବାର୍ତ୍ତା ରହିବ। ପ୍ରଥମ ପର୍ଯ୍ୟାୟରେ ୧୩ଟି ଟ୍ରେନ୍ ଚାଲିବାକୁ ଥିବାବେଳେ ପ୍ରତ୍ୟେକ ଟ୍ରେନ୍‌ରେ • ପୃଷ୍ଠା ୫ ଦେଖନ୍ତୁ

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୪ ମୃତ

ବାରିପଦା,୩୦।୧୧(ଭାସ୍କର ନ୍ୟୁଜ): ଶନିବାର ସକାଳେ ମୟୂରଭଞ୍ଜ ଜିଲ୍ଲା ତିରିଂଥାନା ବଡ଼ଡାଳିମା ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୪ଜଣ ମୃତ୍ୟୁବରଣ କରିଛନ୍ତି। ୩ଜଣ ଗୁରୁତର ଆହତ ହୋଇଛନ୍ତି। ଗୋଟିଏ ଟ୍ରକ୍ ଦୁଇଟି ସ୍ଥାନରେ ଦୁର୍ଘଟଣା ଘଟାଇବାରୁ ଏହି ଅଘଟଣ ଘଟିଛି। ପ୍ରଥମ ଘଟଣାଟି ବଡ଼ଡାଳିମା ଛକରେ ଘଟିଛି। ୩ଜଣ ଲୋକ ମର୍ଣ୍ଣିଂୱାକ୍‌ରେ ଯାଉଥିବାବେଳେ ଏକ ଦ୍ରୁତଗାମୀ ଟ୍ରକ୍ ଧକ୍କା ଦେଇଥିଲା। ଏଥିରେ ଜଣକର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ହୋଇଥିଲେ। ଏହାପରେ ଟ୍ରକ୍‌ଟି ୫ କିମି ଯିବାପରେ ବହଳଦା ଥାନା ବାଗବେଡ଼ାରେ ଏକ ଅଟୋକୁ ଧକ୍କା ଦେଇଥିଲା। ଅଟୋରେ ଥିବା ୪ଜଣଙ୍କ ମଧ୍ୟରୁ ୩ ଜଣଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ଅଟୋ ଡ୍ରାଇଭର ରହିଥିବାବେଳେ ଅନ୍ୟ ଦୁଇଜଣ ଏକ ଦମ୍ପତି ରହିଛନ୍ତି। ଏଥିରେ ଦମ୍ପତିଙ୍କର ସଂପର୍କୀୟ ଗୁରୁତର ହୋଇଛନ୍ତି। ସମସ୍ତ ଗୁରୁତର ଆହତଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ସମସ୍ତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏପରିକି ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ କରିବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭରକୁ ଧରିବା ପାଇଁ ଉଦ୍ୟମ ଆରମ୍ଭ କରିଛି।


## ବରିଷ୍ଠ ସାମ୍ବାଦିକଙ୍କୁ ପନ୍ନୁର ଧମକପୂର୍ଣ୍ଣ ମେଲ୍


# କ୍ରାଇମବ୍ରାଞ୍ଚର ତନାଘନା

ଭୁବନେଶ୍ୱର,୩୦।୧୧(ଭାସ୍କର ନ୍ୟୁଜ): ଭୁବନେଶ୍ୱରରେ ଆରମ୍ଭ ହୋଇଛି ଡିଜିପି ସମ୍ମିଳନୀ। ଏଥିପାଇଁ ସାରା ରାଜଧାନୀ କଡ଼ା ସୁରକ୍ଷା ବଳୟରେ ରହିଛି। ଯେକୌଣସି ପ୍ରକାର ଚାଲେଞ୍ଜକୁ ସାମ୍ନା କରିବା ପାଇଁ ପୋଲିସ ପ୍ରସ୍ତୁତ ବୋଲି କହିଛନ୍ତି ଡିସିପି ପିନାକ ମିଶ୍ର। ତେବେ ଏସବୁ ଭିତରେ ଖଲିସ୍ତାନୀ ଆତଙ୍କବାଦୀ ଗୁରୁ ପତୱନ୍ତ ସିଂ ପନ୍ନୁ ନାମରେ ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁଙ୍କ ନିକଟକୁ ଆସିଛି ଏକ ଧମକପୂର୍ଣ୍ଣ ମେଲ୍। ଏଥିରେ ପୁନର୍ବାର ଡିଜିପି ସମ୍ମିଳନୀକୁ ଟାର୍ଗେଟ କରି ଧମକ ଦିଆଯାଇଛି। ଡିଜିପି ସମ୍ମିଳନୀରେ ଖଲିସ୍ତାନୀ ପତାକା ଉଡାଇଲେ ୨୫ଲକ୍ଷ ଟଙ୍କାର ପୁରସ୍କାର ଦେବାପାଇଁ ପନ୍ନୁ ଘୋଷଣା କରିଛି। ଅନ୍ୟପକ୍ଷରେ ଏହି ଘଟଣା ପରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି। ଶନିବାର ୯ଟା ୪ ମିନିଟ୍‌ରେ ଅକ୍ଷୟ ସାହୁଙ୍କ ନିକଟକୁ ଏହି ଧମକପୂର୍ଣ୍ଣ ମେଲ୍ ଆସିଥିଲା। ଏହି ମେଲ୍‌ଟି ଦେଖିବା ପରେ ସେ କମିଶନରେଟ୍ ପୋଲିସକୁ ଜଣାଇଥିଲେ। ଏହାପରେ କ୍ରାଇମବ୍ରାଞ୍ଚର ସାଇବର ସେଲ୍ ତନାଘନା ଆରମ୍ଭ କରିଥିଲା। ତେବେ ତନ୍ନୁ ଦେଇଥିବା ଧମକପୂର୍ଣ୍ଣ ମେସେଜ ଓଡ଼ିଆରେ ଲେଖାଯାଇଥିଲା, ଯାହାକୁ ନେଇ ସନ୍ଦେହ ବଢିଥିଲା। ପ୍ରଶ୍ନ ଉଠୁଛି, ଆତଙ୍କୀ ତନ୍ନୁପାଇଁ ଓଡ଼ିଶାରେ କିଏ କାମ କରୁଛି। ପନ୍ନୁ ନାଁରେ ଆସିଥିବା ଇ-ମେଲ ପ୍ରକୃତରେ ସିଏ ପଠାଇଛି ନା ଆଉ କିଏ ପଠାଇଛି। ରାଜ୍ୟରେ ଖଲିସ୍ତାନୀ ଆତଙ୍କୀଙ୍କ ସ୍ଲିପର ସେଲ୍ କିଛି କାଣ୍ଡ ଭିଆଇବାକୁ ଯୋଜନା କରୁଛି କି? ଏଭଳି ବିଭିନ୍ନ ଦିଗକୁ ନେଇ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଚଳାଇଛି। କ୍ରାଇମବ୍ରାଞ୍ଚର ଜଣେ ଅଧିକାରୀ କହିଛନ୍ତି ଯେ ମେଲ୍‌ଟି କେଉଁଠୁ ଆସିଥିଲା ତାହାର ସବିଶେଷ ତଥ୍ୟ ଜାଣିବା ପାଇଁ ଆସିଥିଲୁ। ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ଏ ନେଇ କିଛି ସ୍ପଷ୍ଟ ହେବ ବୋଲି ସେ କହିଥିଲେ। • ପୃଷ୍ଠା ୫ ଦେଖନ୍ତୁ

### ସନ୍ଦିଗ୍ଧ ବ୍ୟାଗ୍ ଯାତ୍ରୀଙ୍କର

ଭୁବନେଶ୍ୱର,୩୦।୧୧(ଭାସ୍କର ନ୍ୟୁଜ): ଶନିବାର ସକାଳେ ଭୁବନେଶ୍ୱର ବିମାନବନ୍ଦରରୁ ଏକ ସନ୍ଦିଗ୍ଧ ବ୍ୟାଗ୍ ଠାବ କରାଯାଇଥିଲା। ବିମାନବନ୍ଦରରେ ମୁତୟନ ଥିବା କେନ୍ଦ୍ରୀୟ ଶିଳ୍ପ ନିରାପତ୍ତାବାହିନୀ ପକ୍ଷରୁ ସନ୍ଧାନୀ କୁକୁର ସହାୟତାରେ ଏହାର ଅନୁସନ୍ଧାନ କରାଯାଇ ଏହା ଜଣେ ଯାତ୍ରୀଙ୍କର ବୋଲି ସୂଚନା ଦିଆଯାଇଛି। ଏ ନେଇ କମିଶନରେଟ୍ ପୋଲିସର ଏସିପି କହିଛନ୍ତି ଯେ ବ୍ୟାଗଟିକୁ ଜଣେ ଯାତ୍ରୀ ଛାଡ଼ିଦେଇ ଯାଇଥିଲେ। ଏଥିରେ କୌଣସି ସନ୍ଦିଗ୍ଧ ସାମଗ୍ରୀ ନଥିବାର ଜଣାପଡ଼ିଛି।




ବାରିପଦା(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲାରେ ପଶୁ ସମ୍ପଦ ଉନ୍ନୟନ କାର୍ଯ୍ୟକ୍ରମକୁ ଅଗ୍ରସର କରିବା ପାଇଁ ଓଡ଼ିଶା ମିନେରାଲ୍ ଏରିଆ ଡେଭଲପମେଣ୍ଟ କର୍ପୋରେସନ (ଓମବାଡିସି) ଏବଂ କୃଷି ବିଜ୍ଞାନ କେନ୍ଦ୍ରର ସମାୟୁକ୍ତ ଉଦ୍ୟମରେ ଏକ ଘୁଷୁରୀ ପାଳନ ସମ୍ବନ୍ଧୀୟ ତାଲିମ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିର ରାଜ୍ୟର ଚାଷୀମାନଙ୍କୁ ସୂଚିତ ଓ ପ୍ରାକ୍ତିକାଲ୍ ଜ୍ଞାନ ଦେବାର ଉଦ୍ଦେଶ୍ୟ ରଖି ଆୟୋଜନ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ୪ଟି ବ୍ଲକର ୨୦ ଜଣ ଅଗ୍ରଗାମୀ ଚାଷୀ ଅଂଶଗ୍ରହଣ କରିଥିଲେ। ଏହାର ଶୁଭ ଉଦ୍‌ଘାଟନ ଜିଲ୍ଲା ମୁଖ୍ୟ ପଶୁ ସମ୍ପଦ ଅଧିକାରୀଙ୍କ ଅନୁପସ୍ଥିତିରେ ହୋଇଥିଲା। ଚାଷୀମାନଙ୍କୁ ଦିଆଯାଇଥିବା ତାଲିମର ମୁଖ୍ୟ ମୋଟୋ ହେଉଛି ଘୁଷୁରୀ ପାଳନର ସଫଳତା ଓ ସମ୍ବଳ ସୃଷ୍ଟି କରିବା।ଏହି ଶିବିର ଶୁଳିଆପଦା ଥିବା ଘୁଷୁରୀ ୟୁନିଟ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ସହଯୋଗରେ ଆୟୋଜିତ ହୋଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ ମୁଖ୍ୟ ବିଶେଷଜ୍ଞ ଡଃ ସଂଘମିତ୍ରା ପଟ୍ଟନାୟକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଗତିଶୀଳ ହୋଇଥିଲା। ଜିଲ୍ଲା ପଶୁ ସମ୍ପଦ ବିଭାଗର ପଶୁ ସମ୍ପଦ ଅଧିକାରୀ ମାନଙ୍କ ସହଯୋଗରେ ଚାଷୀମାନଙ୍କୁ ମାନଦଣ୍ଡ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମର ସଫଳତା ପଛରେ କୃଷି ବିଜ୍ଞାନୀ ଡଃ ଝୁନିଲାତା ଭୂୟାଙ୍କ ସହଯୋଗ ଏବଂ ଓମବାଡିସିର ପ୍ରବନ୍ଧକ ଶ୍ରୀ ସିଦ୍ଧାର୍ଥ ସେଠୀଙ୍କ ମୁଖ୍ୟ ଭୂମିକା ଥିଲା। ସମାପନ ସମାରୋହରେ ସଭାପତିଙ୍କ ଉପସ୍ଥିତିରେ କୃଷି ତାଲିମ ଶିବିରର ସମ୍ପୂର୍ଣ୍ଣ ଉଦ୍‌ଘାଟନ କରାଯାଇଥିଲା।



# ବାରୋ ସମବାୟ ସମିତିରେ କୋଟି କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ

## ■ ତଦନ୍ତ କରିବେ ସହକାରୀ ନିବନ୍ଧକ

କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋ ପ୍ରାଥମିକ କୃଷି ସମବାୟ ସମିତିରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସେହିସବୁ ଅଭିଯୋଗ ତଦନ୍ତ କରିବେ ସମବାୟ ସମିତି ସମୂହର ସହକାରୀ ନିବନ୍ଧକ। ବାରୋ ଗ୍ରାମ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଭାଗିରଥୀ ଜେନା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ଯେ ବାରୋ ସେବା ସମବାୟ ସମିତିରେ ସମ୍ପାଦକ ଭାବରେ ଥିବା ଶ୍ରୀହର୍ଷ ମହାନ୍ତି ଦୀର୍ଘ ୩୦ବର୍ଷରୁ ଅଧିକ ସମୟ ଧରି ଗୋଟିଏ ସ୍ଥାନରେ ରହି କୋଟି କୋଟି ଟଙ୍କା ହଡପ କରିବା ସହିତ ଅଗଣତାନ୍ତ୍ରିକ ଓ ବେଆଇନ ଭାବେ କାର୍ଯ୍ୟ କରିଚାଲିଛନ୍ତି। ସମ୍ପାଦକ ସମିତିର ଅଂଶଧନ ହଡପ କରିବା ସହିତ ଏକାର୍ଣ୍ଣବର୍ତ୍ତୀ ପରିବାରର ସଦସ୍ୟମାନଙ୍କୁ ୭/୮ଟି ଋଣ ଦେବା, କୋଟିଏ ଟଙ୍କା ଆତ୍ମସାତ୍ କରିବା ନେଇ ଖବର କାଗଜରେ ସମ୍ପାଦକଙ୍କ ଫଟୋ ପ୍ରକାଶ ପାଇବା, ଜମାକାରୀଙ୍କୁ ଜମା ଟଙ୍କା ନ ମିଳିବା, ବିନା ସଭ୍ୟରେ ନୋଟ୍‌ବନ୍ଦୀ ସମୟରେ ଫେକ୍ ଆକାଉଣ୍ଟ ଖୋଲି କଳାଧନକୁ ଧଳା କରିବା, ଋଣ ଲଗାଣ ଓ ଋଣ ଜମା ବାବଦରେ ପ୍ରତି ଗ୍ରାମରେ ଦଲାଲ ନିଯୁକ୍ତି କରି ଲାଞ୍ଚ ଖାଇବା, ସାର ଓ ଔଷଧ ଚାଷୀମାନଙ୍କୁ ନ ଦେଇ ଚଢାଦରରେ ଖୋଲା ବଜାରରେ ବିକ୍ରୀ କରିବା, ହରିଲୁଟ୍ କରିଥିବା ତ୍ରିଲୋଚନପୁର ଗ୍ରାମର ବିଧବା ମହିଳାଙ୍କ ସ୍ଥାୟୀ ଜମା ୨୦ହଜାର ଟଙ୍କାର ମୂଳ ଓ ସୁଧ ଅର୍ଥକୁ ଡିଆର୍‌ସିଏସ୍‌ଙ୍କ ନିର୍ଦ୍ଦେଶନାମାକୁ ବେଖାତିର ଫେରସ୍ତ ନକରିବା, ୨୦୧୮ ମସିହା ଖରିଫ ଚାଷରେ ଗରିବ ଚାଷୀ ଦାଖଲ କରିଥିବା କୃଷି ବୀମା ବାବଦ ୪୯ ପ୍ରତିଶତ ଛାଡ ହୋଇଥିବା ୪୨୯ଜଣ ଚାଷୀଙ୍କ ପ୍ରାୟ ୮୦ଲକ୍ଷ ଟଙ୍କାକୁ ସମ୍ପାଦକ ଓ ତତ୍କାଳୀନ ସିସିବି ଶାଖା ପରିଚାଳକ ଚଲୁ କରିବା, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପତ୍ର ଅନୁସାରେ ମଣ୍ଡିରେ ଧାନ ଦେଉଥିବା ଚାଷୀଙ୍କୁ ଅଖା ନ ଫେରାଇବା, ଚାଷୀଙ୍କୁ ସମିତିରେ ଉଚିତ୍ ସମ୍ମାନ ପ୍ରଦାନ କରା ନଯିବା, ନୂତନ ସଭ୍ୟ ପାଇଁ ଆବେଦନ କଲେ ତାହା ଗ୍ରହଣ ନ କରିବା, ବାରୁଅ ପ୍ରାଥମିକ ସେବା ସମବାୟ ସମିତିର ସ୍ଥିତିବାନ ଜମି ହଡପ କେଶକୁ ସମ୍ପାଦକ ସମ୍ପୂର୍ଣ୍ଣ ସହଯୋଗ କରୁଥିବା ପ୍ରଭୃତି ଅଭିଯୋଗ ପତ୍ରରେ ଶ୍ରୀ ଜେନା ଦର୍ଶାଇଛନ୍ତି। ଏହି ଅଭିଯୋଗ ଉପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସମବାୟ ସମିତି ସମୂହର ଉପ ସହକାରୀ ନିବନ୍ଧକ ତଥା ତଦନ୍ତ ଅଧିକାରୀ ତଦନ୍ତ କରିବା ପାଇଁ ନୋଟିସ ପ୍ରଦାନ କରିଛନ୍ତି। ସେ ବାରୋ ସେବା ସମବାୟ ସମିତିର ଋଣଗ୍ରହୀତା ଚାଷୀ, ସଦସ୍ୟ, ଅଭିଯୋଗକାରୀ ଶ୍ରୀ ଜେନା, ସିସିବି କେନ୍ଦ୍ରାପଡା ଶାଖାର ପରିଚାଳକ, ସମବାୟ ସମିତି ସମୂହର ବରିଷ୍ଠ ସହକାରୀ ନିବନ୍ଧକ ପ୍ରମୁଖଙ୍କୁ ନୋଟିସ ମାଧ୍ୟମରେ ଜଣାଇଛନ୍ତି ଯେ ଆସନ୍ତା ଡିସେମ୍ବର ମାସ ୩ ତାରିଖ ପୂର୍ବାହ୍ନ ସାଢେ ୧୧ଟା ସମୟରେ ସମବାୟ ସମିତି ସମୂହର ବରିଷ୍ଠ ସହକାରୀ ନିବନ୍ଧଙ୍କ କାର୍ଯ୍ୟାଳୟରେ ଶ୍ରୀ ଜେନାଙ୍କ ଅଭିଯୋଗର ଶୁଣାଣି କରାଯିବ। କିନ୍ତୁ ଅଭିଯୋଗକାରୀ ଶ୍ରୀ ଜେନା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ଅର୍ଥ ଆତ୍ମସାତ୍ କରୁଥିବା ସଂସ୍ଥାରେ ଏହାର ତଦନ୍ତ କରାନଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ତଦନ୍ତ କରାଯିବାକୁ ସେ ଜିଲ୍ଲାପାଳଙ୍କୁ ବିନମ୍ର ନିବେଦନ କରିଛନ୍ତି।

# ମହାମହିମ ରାଷ୍ଟ୍ରପତିଙ୍କ ଦୁଇଦିନିଆ ମୟୂରଭଞ୍ଜ ଗସ୍ତ ପାଇଁ ଜିଲ୍ଲାପ୍ରଶାସନର ପ୍ରସ୍ତୁତି

ବାରିପଦା(ଭାସ୍କର ନ୍ୟୁଜ): ଆସନ୍ତା ଡିସେମ୍ବର ୬ ତାରିଖ ଦିନ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୟୂରଭଞ୍ଜ ଗସ୍ତରେ ଆସି ବହୁ ପ୍ରତିକ୍ଷିତ ଜିଲ୍ଲାରେ ତିନୋଟି ନୂତନ ରେଳ ପ୍ରକଳ୍ପ ଭିତିପ୍ରସ୍ତର ସ୍ଥାପନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ମହାମହିମଙ୍କ ଆସିବା ଏବଂ ତତ୍-ସଂଲଗ୍ନ ସମସ୍ତ କାର୍ଯ୍ୟକ୍ରମକୁ ସଠିକ ଭାବେ ପରିଚାଳନା ଏବଂ ସଂଚାଳନ ପାଇଁ ଜିଲ୍ଲା ପ୍ରଶାସନ ଖୁବ ତତ୍ପରତା ସହିତ କାର୍ଯ୍ୟକରିବା ଆରମ୍ଭ କରିଛି। ଗତ ସପ୍ତାହରେ ମୁଖ୍ୟ ପ୍ରଶାସକ ଶ୍ରୀ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବା ପରେ, ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପଲ୍ଲିଙ୍କ ତତ୍ୱାବଧାନରେ ସମସ୍ତ ବରିଷ୍ଠ ଅଧିକାରୀ ଓ ବିଭାଗୀୟ ଅଧିକାରୀଙ୍କ ସହିତ ଏହିନିମନ୍ତେ ଏକ କାର୍ଯ୍ୟକାରିଣୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୂଚନାନୁସାରେ, ମୟୂରଭଞ୍ଜ ଜିଲ୍ଲା ପାଇଁ ମହାମହିମ ରାଷ୍ଟ୍ରପତିଙ୍କ ୨ ଦିନିଆ ଗସ୍ତ ଥିବା ବେଳେ ୬ ତାରିଖରେ ସେ ରାଇରଙ୍ଗପୁର ଏବଂ ୭ ତାରିଖରେ ବାଙ୍ଗିରିପୋଷି ଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି, ରାଷ୍ଟ୍ରପତି ଭବନରୁ ନିର୍ଦ୍ଧାରିତ ହୋଇଛି। ମହାମହିମଙ୍କ ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ମହାମାନ୍ୟ ରାଜ୍ୟପାଳ, ଓଡିଶା, ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମାନ୍ୟବର କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଅନ୍ୟାନ୍ୟ ମାନ୍ୟବର କେନ୍ଦ୍ରମନ୍ତ୍ରୀ ଗଣ, ରାଜ୍ୟ କ୍ୟାବିନେଟ ମନ୍ତ୍ରୀଗଣ, ମାନ୍ୟବର ବିଧାୟକ ଓ ସମ୍ମାନନୀୟ ଅତିଥି ବୃନ୍ଦ ମଧ ଯୋଗଦେବାର ସୂଚନା ପ୍ରାପ୍ତ ହୋଇଛି। ଏହି ପରିପ୍ରେକ୍ଷୀରେ, ଭାରତର ପ୍ରଥମ ନାଗରିକ ମହାମହିମଙ୍କ ପାଇଁ ସୁରକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳଯୋଗାଣ, ବିଦ୍ୟୁତ ସପ୍ଲାଇ, ଜରୁରୀକାଳୀନ ଅଗ୍ନିଶମ ଯୋଗାଣ, ଅସ୍ଥାୟୀ ହେଲିପ୍ୟାଡ ନିର୍ମାଣ, ସଭାକାର୍ଯ୍ୟ ପାଇଁ ମଞ୍ଚ ପରିଚାଳନା, କାର୍ଯ୍ୟକ୍ରମ ପ୍ରସାରଣ ଓ ଲୋକସମ୍ପର୍କ ଇତ୍ୟାଦି ବ୍ୟବସ୍ଥାକୁ ସୁରୁଖୁରୁରେ ସମ୍ପାଦନ ପାଇଁ ଜିଲ୍ଲାପାଳ ଶ୍ରୀ ସୟ ସମସ୍ତ ଦାୟିତ୍ୱ ବିଭାଗୀୟ ଅଧିକାରୀଙ୍କ ଉପରେ ନ୍ୟସ୍ତ କରିଛନ୍ତି। ସୂଚନାନୁସାରେ ୬ ତାରିଖ ଦିନ ମହାମହିମ ଜନ୍ମମାଟି ଉପରବେଡା ଗ୍ରାମକୁ ଗସ୍ତ କରି ସେଠାରେ ରାଷ୍ଟ୍ରପତି ପାଠ ପଢୁଥିବା ଉପରବେଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ



ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିବେ। ପରେ ସଡ଼କ ପଥରେ ରାଇରଙ୍ଗପୁର ସ୍ଥିତ ବାସଭବନରେ ପହଞ୍ଚିବେ ଏବଂ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ଏସ୍‌ଏଲ୍‌ଏସ୍ ଟ୍ରଷ୍ଟ ପକ୍ଷରୁ ଏକ ଯାନର ଲୋକାର୍ପଣ କରିବେ। ଏଥିସହିତ ରାଇରଙ୍ଗପୁର ସ୍ଥିତ ମହିଳା ମହାବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ସହ ଆଲୋଚନା କରିବେ। ପରେ ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିରକୁ ଯାଇ ଦେବ ଦର୍ଶନ କରିବା ସହ ନୂତନ ଭାବେ ସ୍ଥାପିତ ଶ୍ରୀ ଗଣେଶ ପ୍ରତିମୂର୍ତ୍ତିଙ୍କୁ ଆରତୀ କରିବା ପରେ ରାଇରଙ୍ଗପୁର ସ୍ଥିତ ବାସଭବନରେ ରାତ୍ରିଯାପନ କରିବେ। ଏହାପରେ ରାଷ୍ଟ୍ରପତି ୭ ତାରିଖ ଦିନ ବାଙ୍ଗିରିପୋଷି ସ୍ଥିତ ଅସ୍ଥାୟୀ ହେଲିପ୍ୟାଡରେ ଦିନ ୧୦ଟା ରେ ପହଞ୍ଚି ତିନୋଟି ନୂତନ ରେଳପଥ ବାଙ୍ଗିରିପୋଷି-ଗୋରୁମହିଷାଣୀ, ବୁଢାମରା-ଚକୁଳିଆ ଓ ବାଦାମ ପାହାଡ-କେନ୍ଦୁଝରଗଡ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ଏହା ସହିତ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଟ୍ରାଇବାଲ ରିସୋର୍ସ ସେଣ୍ଟର, ଦାଣ୍ଡବୋଷ ଏୟାରଷ୍ଟ୍ରିପ ଓ ଉପଖଣ୍ଡ ଚିକିତ୍ସାଳୟର ପୁନରୁଦ୍ଧାର ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ କରିବେ। ସୁରକ୍ଷା ଦୃଷ୍ଟିରୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ୱାବଧାନରେ ପୋଲିସ ଅଧିକାରୀମାନେ ଆସି ଘଟଣାସ୍ଥଳ ବୁଲି ସ୍ଥିତିର ତର୍ଜମା କରିବା ସହିତ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପାଇଁ ଦାୟିତ୍ୱ ନେଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ଶେଷ ହେବା ପରେ ସେହିଦିନ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବାର ସୂଚନା ରହିଛି। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୂତି ଭୂଷଣ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ବିଜୟ କୁମାର ଦାଶ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶାନ୍ତନୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକାର, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଂଜନ ପ୍ରଧାନ ଏବଂ ବାମନଘାଟି ଓ ବାରିପଦା ଉପଖଣ୍ଡର ସମସ୍ତ ଲାଇନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ ଓ ମହାମହୀମଙ୍କ ଗସ୍ତ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସମ୍ପାଦନା ପାଇଁ ନିଜ ମତ ପୋଷଣ କରିଥିଲେ।

# ସମାଧାନ ହେଉନି ଟୋକନ୍ ସମସ୍ୟା




ବରଗଡ(ଭାସ୍କର ନ୍ୟୁଜ): ଟୋକନ ସମସ୍ୟାର ସମାଧାନକୁ ନେଇ ହାତ ଟେକି ଦେଲେ ଜିଲ୍ଲାପାଳ। ଆଜି ଟୋକନ ସମସ୍ୟା କୁ ନେଇ ଜୟ କିଷାନ ଆନ୍ଦୋଳନର ଏକ ପ୍ରତିନିଧି ମଣ୍ଡଳୀ ଏବଂ ଜିଲ୍ଲା ର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀମାନେ ବରଗଡ଼ ଜିଲ୍ଲାପାଳ ଙ୍କ ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ ଦେଇଥିଲେ। ଚାଷୀମାନେ ତାଙ୍କ ଧାନ ଅମଳ କରିସାରିଲେଣି, କିନ୍ତୁ ଏପର୍ଯ୍ୟନ୍ତ ଟୋକନ ଆସିନାହିଁ। ବହୁ ଚାଷୀଙ୍କ ଟୋକନ ଅତି କମ ପରିମାଣର ଆସିଛି। ଆହୁରି ଅନେକ୍ ଚାଷୀଙ୍କ ଟୋକନ ଜାନୁଆରୀ ଶେଷ କିମ୍ବା ଫେବୃଆରୀ ମାସରେ ଆସିଛି। ଏପରି ପରିସ୍ଥିତିରେ ଚାଷୀ ଧାନ ବିକ୍ରି କରିପାରୁନାହାନ୍ତି। ମଜୁରୀ, ଟ୍ରାକ୍ଟର ଭଡା ତଥା ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଘୋର ଅସୁବିଧା ର ସମ୍ମୁଖୀନ ହେଉଛି। ଏହି ସମୟରେ ରବି ଋତୁରେ ଧାନ ଚାଷ ପ୍ରଭାବିତ ହେବ ବୋଲି ଚାଷୀମାନେ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ ଦେଇଥିଲେ। କିନ୍ତୁ ଚାଷୀମାନଙ୍କ ସହ ଆଲୋଚନା କଲା ସମୟରେ ଜିଲ୍ଲାପାଳ ଟୋକନ ସମସ୍ୟାର ସମାଧାନ ରାଜ୍ୟ ସ୍ତରରେ ହୋଇପାରିବ, ଏହା ଜିଲ୍ଲାପାଳ ଙ୍କ କ୍ଷମତାର ବାହାରେ ବୋଲି କହିଥିଲେ। ଜିଲ୍ଲାପାଳ ଏହି ସମସ୍ୟା କୁ ରାଜ୍ୟ ସରକାରଙ୍କ ପାଖକୁ ପଠାଇଦେବେ ବୋଲି କହି ନିଜର ଅକ୍ଷମତା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୟ କିଷାନ ଆନ୍ଦୋଳନର ସାଧାରଣ ସଂପାଦକ ହର ବଣିଆଁ, ଅରୁଣ ପ୍ରଧାନ, ମିନିଷ୍ଟର୍ କରିବା, ବିଜୟ ପ୍ରଧାନ, ଜିତୁ ବେହେରା, ଗିରି ସାହୁ, ଅଶ୍ୱିନୀ ସାହୁ, ଘନଶ୍ୟାମ ସା ଆଦି ଚାଷୀ ପ୍ରତିନିଧି ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଥିଲେ।

# ଆଞ୍ଚଳିକ ବିଜ୍ଞାନ ମେଳାରେ ୬୦ ପ୍ରକଳ୍ପ ପ୍ରଦର୍ଶିତ



ବୋଲଗଡ(ଭାସ୍କର ନ୍ୟୁଜ): ଭାରତୀୟ ଶିକ୍ଷା ପରିଷଦ, ଓଡ଼ିଶା ଶାଖା ଅନୁବନ୍ଧିତ ଖୋର୍ଦ୍ଧା – ନୟାଗଡ଼ ଜୋନ ସ୍ତରୀୟ ବିଜ୍ଞାନମେଳା ବୋଲଗଡ଼ ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏହି ଜୋନ ଅନ୍ତର୍ଗତ ବୋଲଗଡ଼, ଭୀମପଡା, ଦଶପଲ୍ଲା, ମାଣିକଗୋଡା, ଢୋଲମରା,ହଜ ଓ ବନମାଳୀପୁର ର ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଏବଂ ସାନପଦର ସ୍ଥିତ ସାରସ୍ୱତ ସରସ୍ୱତୀ ବିଦ୍ୟାମନ୍ଦିର ଓ ବଙ୍କୋଇ ସ୍ଥିତ ବୀଣାପାଣି ଶିଶୁ ବିଦ୍ୟାମନ୍ଦିର ଆଦି ୯ ଗୋଟି ବିଦ୍ୟାଳୟରୁ ୨୦୦ରୁ ଉର୍ଦ୍ଧ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ୬୦ ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ।ମୁଖ୍ୟତଃ ଟ୍ରାଫିକ ନିୟନ୍ତ୍ରଣ,ସଡ଼କସୁରକ୍ଷା,କୀଟପତଙ୍ଗ ଦାଉରୁ ଫସଲରକ୍ଷା,ବିଶୁଦ୍ଧ ଜଳ, ବର୍ଷାଜଳ ସଂରକ୍ଷଣ,ଜଳ ଅମଳ,ସ୍ମାର୍ଟ ସିଟି,ଭାସମାନ ଘର,ଆଦର୍ଶଗ୍ରାମ,ଖାଦ୍ୟ ପ୍ରକ୍ରିୟାକରଣ,,ଜଳ ଚକ୍ର ସମେତ ଅନ୍ୟାନ୍ୟ ଅନେକ ବୈଜ୍ଞାନିକ ପ୍ରକଳ୍ପ ସବୁ ପ୍ରଦର୍ଶିତ ହୋଇଥିଲା।ଏହି ବିଜ୍ଞାନ ମେଳାକୁ ବ୍ଲକ ଘରୋଇ ବିଦ୍ୟାଳୟ ସଂଘ ସଭାପତି ଲଲାଟେନ୍ଦୁ କେଶରୀ ସିଂହ ଉଦ୍ଘାଟନ କରିଥିବା ବେଳେ ବିଭିନ୍ନ ବିଦ୍ୟାଳୟ ରୁ ଆସିଥିବା ପ୍ରଧାନ ଶିକ୍ଷୟତ୍ରୀ ଶିକ୍ଷକ,ସଭାପତି,ସମ୍ପାଦକମାନେ ଉପସ୍ଥିତ ଥିଲେ।ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଆୟୋଜକ ଅନୁଷ୍ଠାନ ସଭାପତି ଲଲାଟେନ୍ଦୁ କେଶରୀ ସିଂହଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ ପଦ୍ମଚରଣ ବେହେରା ଓ ସମ୍ମାନିତ ଅତିଥି ଭାବେ ଆୟୋଜକ ଅନୁଷ୍ଠାନ ସମ୍ପାଦକ ହରିହର ସାହୁ,ସହସମ୍ପାଦକ ସନାତନ ପାଇଁଶାଣୀ ପ୍ରମୁଖ ମଞ୍ଚାସୀନ ଥିଲେ।ଗୁରୁମା ସୀମା ଖୁଣ୍ଟିଆ ସ୍ୱାଗତ ସଙ୍ଗୀତ ଗାନ କରିବା ପରେ ପରିଷଦର ଜୋନାଲ ସଂଯୋଜକ ତଥା ପ୍ରଧାନଆଚାର୍ଯ୍ୟ ଶ୍ରୀବତ୍ସ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।ଏହି ଅବସରରେ ଜୁନିୟର ,ସବଜୁନିୟର ଓ ସିନିୟର୍ ବିଭାଗରେ ପ୍ରକଳ୍ପ ଗୁଡ଼ିକୁ ଚୟନ କରାଯାଇ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମସ୍ତ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥଲେ। ଶେଷରେ ଅନ୍ୟତମ ଜୋନ ସଂଯୋଜକ ସହଦେବ ସୁବୁଦ୍ଧି ଧନ୍ୟବାଦ ପ୍ରଦାନ କରିଥିଲେ।

# ଚାଳଗଡ଼କୁ ରାଜସ୍ୱ ଗ୍ରାମ ମାନ୍ୟତା ପାଇଁ ଦାବିପତ୍ର





ତାଳଚେର(ଭାସ୍କର ନ୍ୟୁଜ): ତାଳଚେର ବ୍ଲକ ଘଣ୍ଟପଡା ଗ୍ରାମପଂଚାୟତ ଅନ୍ତର୍ଗତ ପଡ଼ା ଗ୍ରାମ ଚାଳଗଡ଼କୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ ନିମନ୍ତେ ଆଜି ତାଳଚେର ଉପଜିଲ୍ଲାପାଳ ଏବଂ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ଅନୁସାରେ, ଚାଳଗଡ଼ ଗ୍ରାମ ତିନୋଟି ୱାର୍ଡକୁ ନେଇ ଗଠିତ ହୋଇଛି ଏବଂ ଏହି ଗ୍ରାମର ଲୋକସଂଖ୍ୟା ୩ ହଜାରରୁ ଅଧିକ ହୋଇଥିବା ବେଳେ ଭୋଟର ସଂଖ୍ୟା ପାଖାପାଖି ୧୫୦୦ ରହିଛି। କିନ୍ତୁ ସ୍ୱାଧୀନତା ପରେ ସରକାରଙ୍କ ଦ୍ୱାରା ପଡ଼ା ଗ୍ରାମଗୁଡିକ ରାଜସ୍ୱ ଗ୍ରାମ ଭାବେ ମାନ୍ୟତା ପାଇଥିବା ବେଳେ ରାଜରାଜୁଡା ଅମଳରୁ ଗଡ଼ ଗ୍ରାମ ଭାବେ ପରିଚୟ ପାଇଥିବା ଚାଳଗଡ଼ ସମସ୍ତ ମାପଦଣ୍ଡ ରଖି ମଧ ସେ ସମୟରେ ରାଜସ୍ୱ ଗ୍ରାମ ମାନ୍ୟତା ପାଇବାରୁ ବଂଚିତ ହୋଇଥିଲା। ଏ ପ୍ରସଙ୍ଗକୁ ନେଇ ଚାଳଗଡ଼ ଗ୍ରାମବାସୀ ବିଭିନ୍ନ ସମୟରେ ସ୍ଥାନୀୟ ପ୍ରଶାସନ ଏବଂ ସରକାରଙ୍କ ଦ୍ୱାରସ୍ଥ ହୋଇଛନ୍ତି କିନ୍ତୁ କାର୍ଯ୍ୟ ବ୍ୟସ୍ତତା ଭିତରେ ସଠିକ ସମୟରେ ତହସିଲ ଆବଶ୍ୟକ କାଗଜପତ୍ର ସରକାରଙ୍କ ପାଖରେ ଦାଖଲ କରିବାରେ ବିଫଳ ହୋଇଛନ୍ତି। ଯଦ୍ୱାରା ୩ ହଜାର ଜନସଂଖ୍ୟା ବିଶିଷ୍ଟ ଚାଳଗଡ଼ ଗ୍ରାମ ୧୫୦୦ ଭୋଟର ସହିତ ସମସ୍ତ ମାପଦଣ୍ଡ ରଖି ମଧ ଚାଳଗଡ଼ ରାଜସ୍ୱ ଗ୍ରାମରୁ ବଂଚିତ ହୋଇଅଛି। ତେବେ ରାଜ୍ୟ ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ୨୮ଜୁଲାଇ, ୨୦୨୧ ରେ ଜାରି ଚିଠି ଅନୁସାରେ ୩୦୦ ରୁ ଅଧିକ ଲୋକ ସଂଖ୍ୟା ରହିଥିବା ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ଦିଆଯାଇପାରିବ। କିନ୍ତୁ ସ୍ଥାନୀୟ ପ୍ରଶାସନର ଉଦାସୀନତା ମନୋଭାବ ଯୋଗୁଁ ଚାଳଗଡ଼ ଏବେ ସୁଦ୍ଧା ରାଜସ୍ୱ ଗ୍ରାମର ମାନ୍ୟତା ଲାଭ କରି ପାରିନାହିଁ। ଏହି ପରିପ୍ରେକ୍ଷୀରେ ଗ୍ରାମବାସୀ ପୁନର୍ବାର ଅନୁରୋଧ କରିଛନ୍ତି ଯେ, ଏବେ ସରକାର ନୂଆ ନିୟମ ସହିତ ନୂତନ ରାଜସ୍ୱ ଗ୍ରାମ ଘୋଷଣା କରିବାକୁ ସରକାରୀ ସ୍ତରରେ ବିଜ୍ଞାପନ ଜାରି କରିଛନ୍ତି। ଏଣୁ ତାଳଚେର ଉପଜିଲ୍ଲାପାଳ ଏ ପ୍ରସଙ୍ଗରେ ପ୍ରତ୍ୟେକ୍ଷ ଭାବେ ହସ୍ତକ୍ଷେପ କରି ଏ ସମ୍ପର୍କିତ ଆବଶ୍ୟକୀୟ କାଗଜପତ୍ର ସରକାରଙ୍କ ପାଖରେ ପ୍ରଦାନ କରିବାକୁ ବିଭାଗୀୟ କର୍ତୃପକ୍ଷ ଅବା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଲେ କ୍ଷତ୍ରୀୟ ମଉଜା ଚାଳଗଡ଼ ଗ୍ରାମ ତାର ପରିଚୟ ଫେରିପାଇବା ସହିତ ଗ୍ରାମବାସୀ ଉପକୃତ ହୋଇପାରିବେ। ତେବେ ଚଳିତ ଥର ପୁର୍ନବାର ପ୍ରଦାନ କରାଯାଇଥିବା ଦାବୀପତ୍ର ସମ୍ପର୍କରେ ଯଦି ସରକାର ସୁବିଚାର ନକରନ୍ତି ତେବେ ଗ୍ରାମବାସୀ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପ୍ରକାଶ କରିଛନ୍ତି। ଆଜିର ଏହି ଦାବୀପତ୍ର ପ୍ରଦାନ ସମୟରେ ଘଣ୍ଟପଡା ଗ୍ରାମପଂଚାୟତର ନାଏବ ସରପଂଚ ରାଜୀବ ଦାସ,ପୂର୍ବତନ ସଭାପତି କାର୍ତିକ ଚନ୍ଦ୍ର ପଟ୍ଟନାୟକ, ପୂର୍ବତନ ସମ୍ପାଦକ ଶିବାନନ୍ଦ ଥମ୍ବ,ୱାର୍ଡ଼ ମେମ୍ବର ସସ୍ମିତା ଭୁକ୍ତା,ଶିଶିର ରାଉତ,ନିତ୍ୟାନନ୍ଦ ରାଉତ,ରଞ୍ଜିତ ଦାସ,କିଶୋର ପଟ୍ଟନାୟକ, ମିନତୀ ଥମ୍ବ ଏବଂ ଜିଲୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଚତୁର୍ଭୁଜପୁର ବିଦ୍ୟାଳୟ ମଧାହ୍ନଭୋଜନ ବନ୍ଦ ଘଟଣା: କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷା ବିଭାଗ ଅନ୍ତର୍ଗତ ମାଳଦା ପଞ୍ଚାୟତ ଚତୁର୍ଭୁଜପୁର ପ୍ରାଥମିକ ବିଦ୍ୟାଳୟରେ ଗତ ଗୁରୁବାର ମଧ୍ୟାହ୍ନ ଭୋଜନ ବନ୍ଦ ଘଟଣାରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ଶିକ୍ଷାଧିକାରୀ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ଛୁଟିରେ ଥିବା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗଣେଶ କୁମାର ରାଉତଙ୍କୁ ମଧ୍ୟାହ୍ନଭୋଜନ କୁପରିଚାଳନା ପାଇଁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରିହୋଇଛି। ପ୍ରଶିକ୍ଷଣ ପାଇଁ ୩ ଦିନ ଅନୁପସ୍ଥିତ ରହିବା ସମୟରେ ସହକାରୀ ଶିକ୍ଷୟତ୍ରୀଙ୍କୁ ମଧାନହ୍ନଭୋଜନ ଦାୟିତ୍ୱ ନଦେବା କାରଣ ଜଣାଇବାକୁ ନୋଟିସ ଜାରି କରାଯାଇଛି ବୋଲି ବିଇଓ ଅଧିର କୁମାର ତରାଇ ସୂଚନା ଦେଇଛନ୍ତି। ଏଥିସହ ସଂପୃକ୍ତ ଶିକ୍ଷାସଂଯୋଜକ ତ୍ରିଲୋଚନ ନାୟକ ଘଟଣାର ଉପଯୁକ୍ତ ତଦାରଖ ନକରିବା ଓ ମଧ୍ୟାହ୍ନ ଭୋଜନ ବନ୍ଦ ହେବା ଘଟଣା ଶିକ୍ଷା କାର୍ଯ୍ୟାଳୟକୁ ନଜଣାଇବା ପାଇଁ ସହକାରୀ ଶିକ୍ଷୟତ୍ରୀ ସୁମିତ୍ରା ସାମଲଙ୍କୁ ମଧ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି ଶ୍ରୀ ତରାଇ ପ୍ରକାଶ କରିଛନ୍ତି। ହେଲେ ଆଜି ଜାରି ହୋଇଥିବା କାରଣ ଦର୍ଶାଅ ନୋଟିସ ପ୍ରତି ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ସମାନ କାରଣ ପାଇଁ ସଂପୃକ୍ତ ପ୍ରଧାନଶିକ୍ଷକଙ୍କୁ ଗତ ୧୨ ତାରିଖରେ ହୋଇଥିଲା କାରଣ ଦର୍ଶାଅ ନୋଟିସ। ୧୨ ତାରିଖ କାରଣ ଦର୍ଶାଅ ନୋଟିସର ଫଳାଫଳ ଯାହା ହୋଇଥିଲା ଏବେ ତାହାର ପୁନରାବୃତ୍ତି ହେବ ବୋଲି ମତପ୍ରକାଶ ପାଇବା ସହ ବିଇଓଙ୍କ ପ୍ରଶାସନିକ ଦକ୍ଷତା ଓ ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି। ଏହି ବିଦ୍ୟାଳୟର ନିୟମିତ ପ୍ରଧାନଶିକ୍ଷୟତ୍ରୀଙ୍କୁ ଡେପୁଟେସନରେ ଅନ୍ୟତ୍ର ପଠାଯାଇ ବିଦ୍ୟାଳୟକୁ ଅବ୍ୟବସ୍ଥା ଭିତରକୁ କାହିଁକି ଠେଲିଦିଆଯାଇଛି ତାହାର ଉତ୍ତର ଲୋଡିଛନ୍ତି ଗ୍ରାମବାସୀ। ଗୋଷ୍ଠୀ ଶିକ୍ଷା ସଂଯୋଜକ ଅକ୍ଷୟ କୁମାର ଜେନାଙ୍କ ନିର୍ଦ୍ଦେଶ ଅନୁଯାୟୀ ସହକାରୀ ଶିକ୍ଷୟତ୍ରୀ ଶୁକ୍ରବାର ମଧ୍ୟାହ୍ନ ଭୋଜନ ଦାୟିତ୍ୱ ତୁଲାଇଥିବା ଜଣାଯାଇଛି।

# ପ୍ରଧାନଶିକ୍ଷକ ଦାୟିତ୍ୱ ବିବାଦକୁ ନେଇ ବିଇଓଙ୍କୁ ଘେରିଲେ ମହିଳା

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ଅରେଇକଣା ଉପ୍ରା ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଦାୟିତ୍ୱ ବିବାଦକୁ ନେଇ ଗ୍ରାମର ମହିଳାମାନେ ଶୁକ୍ରବାର ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଘେରିଥିବା ଜଣାଯାଇଛି। ଗ୍ରାମର ଜନୈକ ମହିଳା ଏହି ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ଏହାପୂର୍ବରୁ ଅନ୍ୟତମ ଗ୍ରାମବାସୀ ତଥା ବିଦ୍ୟାଳୟର ଜଣେ ବରିଷ୍ଠ ଶିକ୍ଷକ ଶିକ୍ଷା ସଂଯୋଜକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବା ପାଇଁ ବିଦ୍ୟାଳୟ ଛାଡିଥିଲେ। ହେଲେ ଏହି ବିଦ୍ୟାଳୟରୁ ବେତନ ପାଉଥିଲେ। ଶିକ୍ଷାସଂଯୋଜକ ଦାୟିତ୍ୱ ସମାପ୍ତ ପରେ ବିଦ୍ୟାଳୟକୁ ଫେରି ଅନୁରୋଧ ସତ୍ତ୍ୱେ ପ୍ରଧାନଶିକ୍ଷକ ଦାୟିତ୍ୱ ନେବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ମାତ୍ର ଏବେ ମତ ପରିବର୍ତ୍ତନ କରି ପ୍ରଧାନଶିକ୍ଷକ ଦାଇତ୍ୱ ପାଇଁ ଅଡି ବସିବାରୁ ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇ ବରିଷ୍ଠତା ଥିବାରୁ ପ୍ରଧାନଶିକ୍ଷକ ଦାୟିତ୍ୱ ହସ୍ତାନ୍ତର କରିବାକୁ କାମଚଳା ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଚିଠି ଦେଇଥିଲେ। ଏହାକୁ ଗ୍ରାମବାସୀ, ବିଦ୍ୟାଳୟ ପରିଚାଳନା ପରିଷଦ, ସ୍ଥାନୀୟ ସରପଞ୍ଚ ବିରୋଧ କରିଥିଲେ। ବରିଷ୍ଠତା ଥିଲେ ବି ବିବାଦୀୟ ହୋଇ ପଡିଥିବାରୁ ତାଙ୍କୁ ପ୍ରଧାନଶିକ୍ଷକ ଦାୟିତ୍ୱ ହସ୍ତାନ୍ତର କରାନଯିବାକୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଲିଖିତ ଜଣାଇଥିଲେ। ଏହାକୁ ଏଡାଇ ଯିବାରୁ ଗ୍ରାମର ବହୁ ସଂଖ୍ୟକ ମହିଳା ଶୁକ୍ରବାର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟକୁ ଆସି ବିଇଓଙ୍କୁ ଘେରିଥିଲେ। ସତ୍ୟଭାମା ବେହେରା, ମୀନାକ୍ଷୀ ବାରିକ, ଶାନ୍ତିଲତା ଶଙ୍ଖୁଆ, ସ୍ନେହଲତା ଦାସ, ସନ୍ଧ୍ୟାରାଣୀ ଯେନା ପ୍ରମୁଖ ବହୁ ମହିଳା ବିଇଓ ଶ୍ରୀ ତରାଇଙ୍କୁ ପ୍ରଧାନଶିକ୍ଷକ ପରିବର୍ତ୍ତନ ନକରିବାକୁ ଦାବି କରିଥିଲେ। ଏହି ସମସ୍ୟାର ସମାଧାନ ପାଇଁ ବିଇଓ ଶ୍ରୀ ତରାଇ ୩ ଦିନ ସମୟ ନେଇଥିବା ଜଣାଯାଇଛି।




# ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ




ଭୁବନ (ଭାସ୍କର ନ୍ୟୁଜ): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ବିଜୁ ଜନତା ଦଳ ତରଫରୁ ସ୍ଥାନୀୟ ବିଷ୍ଣୁପ୍ରିୟା ଗାଲାକ୍ସି ପରିସରରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୯ ନମ୍ବର ୱାର୍ଡ କାଉନସିଲର ପପୁ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀ ରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ,ବିଜେପି ମିଛ ପ୍ରତିଶ୍ରୁତି ଦେଇ ,ଲୋକଙ୍କୁ ଭୁଆଁ ବୁଲାଇ କ୍ଷମତାକୁ ଆସିଛି। ମହିଳାଙ୍କୁ ୫୦ ହଜାର ଟଙ୍କା ଦେବାକୁ କହି ଏବେ ମାତ୍ର ୫ ହଜାର ଟଙ୍କା ପ୍ରଦାନ କରାଯାଉଛି। ଯେତିକି ଦେଉଛନ୍ତି,ତାଠାରୁ ଢେର୍ ଅଧିକ ପ୍ରଚାର କରୁଛନ୍ତି। ୩୦୦ ୟୁନିଟ ବିଜୁଳି ଫ୍ରି,୩୦୦୦ ଟଙ୍କା ଭତ୍ତା କୁଆଡେ ଗଲା ବୋଲି ଗାଁ ଗାଁ ରେ ଲୋକମାନେ ପ୍ରଶ୍ନ କରୁଛନ୍ତି। ବିଜେଡି ସରକାରଙ୍କର ୨୦ ରୁ ଉର୍ଦ୍ଧ୍ୱ ଯୋଜନାର ନାମ ପରିବର୍ତ୍ତନ କରିଥିବା ବେଳେ ସ୍କୁଲ,କଲେଜ ଓ ପିଲାଙ୍କ ପୋଷାକ ରଙ୍ଗ ପରିବର୍ତ୍ତନରେ ମାତିଛନ୍ତି। ନାମ ବଦଳ ଓ ରଙ୍ଗ ବଦଳ ପାଇଁ ଲୋକେ ରଙ୍ଗମରା ସରକାର ବୋଲି କହିଲେଣି। ଦୀର୍ଘ ୨୪ ବର୍ଷ ଶାସନ ପରେ ବିଜେଡି ପ୍ରଥମ ଥର ପାଇଁ ବିରୋଧୀ ଦଳରେ ରହିଛି। 'ପ୍ରତ୍ୟେକ କଥାରେ ବିରୋଧ କରିବା ନୁହେଁ,ବିକାଶ ବିରୋଧୀ ଙ୍କୁ ବିରୋଧ କରିବା ହେଉଛି ବିରୋଧୀ ଦଳର କାର୍ଯ୍ୟ '। ଆପଣ ମାନେ ହେଉଛନ୍ତି ବିଜୁ ଜନତା ଦଳର ଯୋଦ୍ଧା। ତେଣୁ ଆପଣ ମାନେ ମଧ ଗାଁ ଗାଁ ରେ ବିକାଶ ବିରୋଧୀ ଙ୍କୁ ବିରୋଧ କରନ୍ତୁ,ମା' ମାଟି ପାଇଁ କାର୍ଯ୍ୟ କରନ୍ତୁ। ଆମେ ଲୋକଙ୍କ ସାଙ୍ଗରେ ରହିଲେ ଲୋକ ଆମ ସାଙ୍ଗରେ ରହିବେ। ବିଜେପି ସରକାର ଯେତେ ଯାହା କଲେବି ଲୋକଙ୍କ ହୃଦୟରୁ ନବୀନ ପଟ୍ଟନାୟକଙ୍କୁ ହଟାଇ ପାରିବେ ନାହିଁ ବୋଲି ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ମଲ୍ଲିକ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ନଗରପାଳ ଶୁଭେନ୍ଦୁ ସାହୁ ଯୋଗଦେଇ କହିଥିଲେ ଯେ, ୨୦୧୪ ମସିହାରେ ବିଜେପି ଅଚ୍ଛେ ଦିନର ସ୍ୱପ୍ନ ଦେଖାଇ ବିଦେଶରୁ କଳା ଧନ ଆସିବ,ପ୍ରତ୍ୟେକଙ୍କ ଆକାଉଣ୍ଟ ରେ ୧୫ ଲକ୍ଷ ଟଙ୍କା ଜମା ହେବ ବୋଲି ମିଛ କଥା କହି ସରକାର ଗଠନ କରିଥିଲା। ମୋଦି ସିନା ଠକି ଦେଲେ କିନ୍ତୁ ନବୀନ ବାବୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପୁରୁଷଙ୍କୁ ୫ ଲକ୍ଷ ଏବଂ ମହିଳାଙ୍କୁ ୧୦ ଲକ୍ଷ ମୋଟ ୧୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ। ବର୍ତ୍ତମାନର ବିଜେପି ସରକାର ଏହି ଯୋଜନାକୁ ବନ୍ଦ କରିବାକୁ ଷଡ଼ଯନ୍ତ୍ର କରି ଆୟୁଷ୍ମାନ ଯୋଜନା ଲାଗୁ କରିବାକୁ ଚାହୁଁଛି। ଏଥିରେ କେବଳ ୭୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଲୋକ ଚିକିତ୍ସା ସହାୟତା ପାଇବେ। ରୋଗୀ ପ୍ରଥମେ ହାତରୁ ଖର୍ଚ୍ଚ କରିବେ ପରେ କ୍ଲେମ୍ କଲେ ବୀମା ପାଇବେ। ଏଥିପାଇଁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଲୋକମାନେ ଏବେ ବିଜେଡି ଓ ବିଜେପି ସରକାର ମଧ୍ୟରେ ତୁଳନା କରୁଛନ୍ତି। ଭୁବନ ଏନ୍‌ଏସି ରେ ବିଗତ ୨୦ ବର୍ଷ ଓ ଗତ ୨ ବର୍ଷ ମଧ୍ୟରେ କଣ ବିକାଶ ହୋଇଛି ଆପଣ ମାନେ ତୁଳନା କରନ୍ତୁ ବୋଲି ନଗରପାଳ ଶ୍ରୀଯୁକ୍ତ ସାହୁ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ୧ ନମ୍ବର ୱାର୍ଡ କାଉନସିଲର ଗିରିଧାରୀ ସାହୁ ଓ ଦଳିତ ନେତା ହୃଦାନନ୍ଦ ମଲ୍ଲିକ ଉପସ୍ଥିତ ରହି ବକ୍ତବ୍ୟ ଦେଇଥିଲେ। ଏହି କର୍ମୀ ସମ୍ମିଳନୀ ରେ ଅଧିକରୁ ଅଧିକ ଯୁବକ ମାନଙ୍କୁ ବିଜେଡି ସଦସ୍ୟ କରିବାକୁ ଜୋର୍ ଦିଆଯାଇଥିଲା। ସୁଶାନ୍ତ କୁମାର ପୃଷ୍ଟି,ରାକେଶ କୁମାର ପୃଷ୍ଟି,ସନ୍ତୋଷ କୁମାର ବେହେରା ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଏହି କର୍ମୀ ସମ୍ମିଳନୀ ରେ ପ୍ରାୟ ୨୦୦ ରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଯୋଗଦେଇଥିଲେ।

# ଲକ୍ଷ ଲକ୍ଷ ଟଙ୍କାର ସ୍କୁଲ୍ ପୋଷାକ ବଣ୍ଟନରେ ଚଞ୍ଚକତା ଅଭିଯୋଗ






ବିଇଓଙ୍କ ସମ୍ପୃକ୍ତି ନେଇ ସନ୍ଦେହ

ଆଳି(ଭାସ୍କର ନ୍ୟୁଜ): ମହିଳାମାନଙ୍କୁ ସଶକ୍ତ କରାଗଲେ କୁଆଡେ ଆମୂଳ ଚୂଳ ଦୁର୍ନୀତି ହଟିବ। କିନ୍ତୁ, କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକରେ ପୁରା ଓଲଟା ହେଇଛି। ଏଥିରେ ସମ୍ପୃକ୍ତ ଥିବା ଆଳି ମଣ୍ଡଳ ଶିକ୍ଷା ଅଧିକାରୀ ଓ ଅନ୍ୟ ଅଧିକାରୀମାନେ ଜାଲ୍ ଦସ୍ତଖତ କରିବା ସହିତ ମୋଟା ଅଙ୍କର ଅର୍ଥ ଖାଇ ଲକ୍ଷ ଲକ୍ଷ ଟଙ୍କାର ପୋଷାକକୁ ଦଳୀୟ ଭିତ୍ତିରେ ଦିଆଯାଇଥିବା ନେଇ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ। ସ୍କୁଲ ପୋଷାକ ବଣ୍ଟନ ପ୍ରକ୍ରିୟାରେ ରାଜ୍ୟ ସରକାର ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ମାଗଣାରେ ସ୍କୁଲ ୟୁନିଫର୍ମ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। ଏ ନେଇ ବ୍ଲକସ୍ତରରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ସ୍କୁଲଡ୍ରେସ ଯୋଗାଇ ଦେବାର ବ୍ୟବସ୍ଥା ଥିବାବେଳେ ମହିଳାମାନଙ୍କୁ ମୁଖ୍ୟ ଭୂମିକା ଦିଆଯିବା କଥା କିନ୍ତୁ ଏହି ପୋଷାକ ବିତରଣ ପ୍ରକ୍ରିୟାରେ ଚଞ୍ଚକତା ଅଭିଯୋଗ କରିବା ସହିତ ପାତର ଅନ୍ତର କରାଯାଇ ଥିବା ସଙ୍ଗୀନ ଅଭିଯୋଗ ଆଣିଛନ୍ତି ବ୍ଲକ୍‌ରେ ଥିବା ମେଣ୍ଡପୁର ଗ୍ରାମର ଶାନ୍, ହମିରା ସ୍ୱୟଂ ସହାୟିକା ଗୋଷ୍ଠୀର ଏବଂ କଳସପୁର ଗ୍ରାମର ନନ୍ଦିଘୋଷ ଉପଦିକା ଗୋଷ୍ଠୀର ମହିଳା ମାନେ। ଏ ନେଇ ମହିଳାମାନେ ଅଭିଯୋଗ କରିଛନ୍ତି ଚଳିତ ବର୍ଷ ସେମାନେ ସ୍କୁଲ ପୋଷାକ ଯୋଗାଇ ଦେବାକୁ ଆବେଦନ କରିଥିବା ବେଳେ ସେମାନଙ୍କୁ ହାତ ଗଣତି କେତୋଟି ସ୍କୁଲକୁ ଡ୍ରେସ ଯୋଗାଉ ଦେବା ନିମନ୍ତେ ନିର୍ଦ୍ଦେଶ ଦିଆ ଯାଇଥିବାବେଳେ ନିର୍ଦ୍ଦିଷ୍ଟ ଏକ ସଂସ୍ଥାକୁ ମୋଟା ଅଙ୍କର ଟଙ୍କା ଖାଇ ଅଧିକ ସ୍କୁଲକୁ ଡ୍ରେସ ଯୋଗାଇ ଦେବା ନିମନ୍ତେ ଚୟନ କରିଛନ୍ତି। ଯାହାକୁ ନେଇ ସେମାନେ ଆଜି ବି.ଇ.ଓ ଙ୍କ କାର୍ଯ୍ୟାଳୟ ଘେରାଉ କରି ବିଇଓଙ୍କ ନିକଟରେ ଅଭିଯୋଗ କରିଛନ୍ତି ଗୋଷ୍ଠୀର ମହିଳାମାନେ। ଏ ବାବଦରେ ବ୍ଲକ୍ ମଣ୍ଡଳ ଶିକ୍ଷା ଅଧିକାରୀ ନଳିନି ରଞ୍ଜନ ରାଉତରାୟକୁ ପଚାରିବାରୁ ତାଙ୍କ ପାଖରୁ ଆମକୁ କୌଣସି ସନ୍ତୋଷଜନକ ଉତ୍ତର ମିଳି ନଥିବାବେଳେ। ଗତ ବୁଧବାର ଦିନ ବ୍ଲକ୍ ପରିଦର୍ଶନରେ ଆସିଥିବା କେନ୍ଦ୍ରାପଡାର ଜିଲ୍ଲାପାଳ ସ୍ମୃତିରଂଜନ ପ୍ରଧାନଙ୍କୁ ପଚାରିବାରୁ ସେ ଗଣମାଧ୍ୟମକୁ କହିଛନ୍ତି ଅଭିଯୋଗ ଅଧାରେ ତଦନ୍ତ କରିବେ। ଯଦି ସତ୍ୟତା ଥାଏ ଦୃଢ଼ କାର୍ଯ୍ୟନୁଷ୍ଠାନ ନେବେ।ଏଠି ପ୍ରଶ୍ନ ଉଠିଛି ଯଦି ସରକାର ମହିଳାମାନଙ୍କୁ ଗୁରୁତ୍ୱ ଦେଉଛନ୍ତି ତେବେ ଏପରି ଚଞ୍ଚକତା କିପରି ହୋଇପାରିଲା ? ଦେଖିବାର ବାକି ରହିଲା ଜିଲ୍ଲାପାଳ ଏହାର ତଦନ୍ତ କରି କ'ଣ ସମାଧାନ କରୁଛନ୍ତି ନା ନିଜ ପ୍ରଶାସନିକ ଅଧିକାରୀ କୁ ସୁରକ୍ଷା ପ୍ରଦାନ କରୁଛନ୍ତି।

# ୨୧ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ବିସର୍ଜନ ଉତ୍ସବ

ଭଞ୍ଜନଗର(ଭାସ୍କର ନ୍ୟୁଜ): ୨୧ କୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର ଶେଷ ହେବାପରେ ଶୁକ୍ରବାର ଜଳ କଳସ ଓ ଯଜ୍ଞ ନାରାୟଣ ମୂର୍ତ୍ତି ବିସର୍ଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞ ଆରମ୍ଭ ପୂର୍ବରୁ ସ୍ଥାନୀୟ ଲୋହରାଖଣ୍ଡି ନଦୀରୁ ପୂଣ୍ୟ ଜଳ ସଂଗ୍ରହ କରାଯାଇ ୧୦୦୮ କଳସରେ ମହିଳାମାନଙ୍କ ଦ୍ୱାରା ଏକ ସାଦୃଶ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଆଉ ଯଜ୍ଞ ଶେଷ ପରେ ଏହି ପୂଣ୍ୟ କଳସ ସହ ଯଜ୍ଞ ବେଦୀରେ ସ୍ଥାପିତ ସମସ୍ତ ଯଜ୍ଞ ନାରାୟଣ ମୂର୍ତ୍ତି, ଗଣେଷ ଓ ଦୁର୍ଗାମୂର୍ତ୍ତି ସବୁକୁ ଶୁକ୍ରବାର ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା କରି ବିସର୍ଜନ କରାଯାଇଛି। ଶୁକ୍ରବାର ସକାଳ ୧୧ଟାରେ ଏହି ବିସର୍ଜନ ଶୋଭାଯାତ୍ରା ଆରଏମସି ପରିସରରୁ ବାହାରି ପରେ ମୁଖ୍ୟରାସ୍ତା, ରେଡକ୍ରସ ରୋଡ, ଷ୍ଟେଟବ୍ୟାଙ୍କ ଛକ ହୋଇ ବ୍ଲକ ରୋଡସ୍ଥିତ ଗାନ୍ଧୀ ଛକକୁ ବାହାରି ସେଠାରୁ ବରଙ୍ଗ ନାଳ ଅଭିମୁଖେ ଯାଇଥିଲା। ସେଠାରେ ଏସବୁକୁ ବିସର୍ଜନ କରାଯିବା ସହ ଏହି ୨୧ କୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞ ପ୍ରକ୍ରିୟା ସଂପୂର୍ଣ୍ଣ ହୋଇଯାଇଛି। ଏହି ଶୋଭାଯାତ୍ରାବେଳେ ଶ୍ରଦ୍ଧାଳୁ ଭକ୍ତଜନମାନେ ବାଜା ବଜାଇ ବାଣ ଫୁଟାଇ ନଗର ପରିକ୍ରମା କରିଥିଲେ। ଏଥିରେ ପୁରୀର ମଣିରାମ ମଠାଧୀଶ ସନ୍ଥ ଅଭିରାମ ଦାସଜୀ ମହାରାଜା ଏକ ସୁସଜ୍ଜିତ ବିମାନରେ ବସି ନଗର ପରିକ୍ରମା କରିଥିଲେ। ସୂଚନାଯୋଗ୍ୟଯେ ଚଳିତ ମାସ ୨୧ ତାରିଖ ଠାରୁ ଭଞ୍ଜନଗର ସହରରେ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଅଙ୍କୁରାରୋପଣ ଆରମ୍ଭ ହୋଇଥିଲା। ପରେ କଳସ ଯାତ୍ରା ଓ ୨୩ ତାରିଖରୁ ଏଠାରେ ବିଶ୍ୱଶାନ୍ତି ମହା। ଯଜ୍ଞ, ଜ୍ଞାନଯଜ୍ଞ, ନାମ ଯଜ୍ଞ, ଗୋ ଯଜ୍ଞ ଓ ଅନ୍ନ ଯଜ୍ଞ ଆଦି ୨୭ ତାରିଖ ଯାଏଁ ନିରବଚ୍ଛିନ୍ନ ଭାବେ ଚାଲିଥିଲା। ୨୭ ତାରିଖରେ ଏହାର ପୂର୍ଣ୍ଣାହୂତି ହୋଇଥିବାବେଳେ ୨୯ ତାରିଖରେ ବିସର୍ଜନ ଶୋଭାଯାତ୍ରା ସହ ଏହି ପ୍ରକ୍ରିୟା ସଂପୂର୍ଣ୍ଣ ହୋଇଛି। ଏହି ବିସର୍ଜନ ଶୋଭାଯାତ୍ରାରେ କମିଟିର ସଂପାଦକ ତଥା ନଗରପାଳ ଗୋପବନ୍ଧୁ ମହାପାତ୍ର, ପୂର୍ବତନ ନଗରପାଳ ସୁଧୀର ରଂଜନ ବେହେରା, ପ୍ରଶନ୍ନ କୁମାର ନାୟକ, ସୁବାସ ଚନ୍ଦ୍ର ବରାଡ, ପ୍ରମୋଦ ପାତ୍ରଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ।





କଟକ(ଭାସ୍କର ନ୍ୟୁଜ): ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଅବସରରେ ଆଜି ଜିଲ୍ଲାପାଳ ଦ ।ତ୍ରୟ ଭାଉସାହେବ ସିନ୍ଦେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ଅଧୀନରେ ପୀକୃତ ହିତାଧିକାରୀମାନଙ୍କୁ ସହାୟତା ରାଶି ପ୍ରଦାନ କରିଛନ୍ତି । ଏହି କ୍ରମରେ ଆଜି ୬୫ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ଆକାରରେ ୧କୋଟି ୩୨ ଲକ୍ଷ ଟଙ୍କା, ୬୬ଜଣଙ୍କୁ ଅନ୍ତେଷ୍ଟିକ୍ରିୟା ନିମନ୍ତେ ସହାୟତା ଆକାରରେ ୩ଲକ୍ଷ ୩୦ହଜାର ଟଙ୍କା, ୨୮୪ଜଣଙ୍କୁ ବିବାହ ନିମନ୍ତେ ପ୍ରୋତ୍ସାହନ ସହାୟତା ଆକରରେ ୧କୋଟି ୪୦ଲକ୍ଷ ୨୫ହଜାର ଟଙ୍କା, ୩୨ଜଣଙ୍କୁ ପ୍ରସୂତି କାଳୀନ ସହାୟତା ଆକାରରେ ୩ଲକ୍ଷ ୨୦ହଜାର ଟଙ୍କା ଏବଂ ୩୫ ଜଣଙ୍କୁ ଶିକ୍ଷା ସହାୟତା ଆକାରରେ ୭ଲକ୍ଷ ୯୩ହଜାର ୬୦୦ଟଙ୍କା ହିସାବରେ ସମୁଦାୟ ୪୮୨ଜଣଙ୍କୁ ୨କୋଟି ୮୬ଲକ୍ଷ ୬୮ହଜାର ୬୦୦ଟଙ୍କାର ସହାୟତା ଅର୍ଥ ରାଶି ସେମାନଙ୍କ ସଂଚୟ ଖାତାକୁ ଅନଲାଇନ ଯୋଗେ ହସ୍ତାନ୍ତର କରାଯାଇଛି । ଏହି କାର୍ଯ୍ୟକ୍ରମରେ ଶ୍ରମ ଆୟୁକ୍ତ ହରପ୍ରିୟା ନାୟକ, ଜିଲ୍ଲା ଶ୍ରମ ଅଧିକାରୀ ପ୍ରୀତିବନ୍ଧନ ଘଡ଼ାଇ, ସହକାରୀ ଶ୍ରମ ଅଧିକାରୀ ଡାକ୍ତର ସୀମାନ୍ତ କୁମାର ସାହୁ, ସହକାରୀ ଶ୍ରମ ଅଧିକାରୀ ତୃପ୍ତିମୟୀ ଖଟୁଆ, କଲ୍ୟାଣ ସଂଯୋଜକ ଚନ୍ଦନ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

### ସରିଲା ରାଜ୍ୟସ୍ତରୀୟ ଶିଶୁ କ୍ରୀଡା ମହୋତ୍ସବ ‘ଉତ୍ସାହ’

## ପୁରସ୍କୃତ ହେଲେ ଶିଶୁ ଯତ୍ନ ଅନୁଷ୍ଠାନ ଅନ୍ତେବାସୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମହିଳା ଓ ଶିଶୁ ବିକାଶ ବିଭାଗ ଅଧିନସ୍ଥ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ଠାରେ ‘ଉତ୍ସାହ’(କ୍ରୀଡା ପ୍ରତିଯୋଗିତା) କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ୟୁନିସେଫ ଓଡ଼ିଶା ମୁଖ୍ୟ ୱିଲିୟମ ହାନଲେନ ଜୁନିଅର, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଓଡ଼ିଶା ମୁଖ୍ୟ ହିମାଂଶୁ ବଳ, ଭାରତୀୟ ଧାବିକା ଶ୍ରାବଣୀ ନନ୍ଦ, ଧାବକ ଅନିମେଶ କୁଜୁର ଓ ପ୍ରତିଷ୍ଠିତ ପ୍ରଚ୍ଛଦପଟ ଗାୟିକା ଅନ୍ତରା ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇ ରାଜ୍ୟସ୍ତରୀୟ କ୍ରୀଡା ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ । ଶିଶୁ ଯତ୍ନ ପ୍ରତିଷ୍ଠାନର ଅନ୍ତେବାସୀମାନଙ୍କର ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନ ନିମନ୍ତେ ମହକ ଓ ଉତ୍ସାହ ଏକ ପ୍ରକୃଷ୍ଟ ମଞ୍ଚ ବୋଲି ଭାରତୀୟ ଧାବିକା ମିସ ଶ୍ରାବଣୀ ନନ୍ଦ ଉଲ୍ଲେଖ କରିଥିଲେ । ପରିଶ୍ରମ ହିଁ ସଫଳତାର ଚାବି କାଠି ବୋଲି କହି ସେ ପିଲାମାନଙ୍କୁ ପ୍ରୋତ୍ସାହନ ଦେଇଥିଲେ । ସେହି ଭାବରେ ଧାବକ ଅନିମେଶ କୁଜୁର ଆତ୍ମବିଶ୍ୱାସ ସହ ନିଜ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ପିଲାମାନଙ୍କୁ ଉପଦେଶ ଦେଇଥିଲେ । କ୍ରୀଡା କ୍ଷେତ୍ରରେ ଖେଳୁଆଡ ମନୋଭାବ ଉପରେ ଜୋର ଦେଇ ୟୁନିସେଫ ଓଡ଼ିଶା ମୁଖ୍ୟ ଶ୍ରୀ ୱିଲିୟମ ହାନଲେନ ଜୁନିଅର ପିଲାମାନଙ୍କ ସୁନ୍ଦର ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଥିଲେ । ଗାୟିକା ଅନ୍ତରା ଚକ୍ରବର୍ତ୍ତୀ ନିଜ ସଙ୍ଗୀତର ତାଳେ ତାଳେ ପିଲାମାନଙ୍କର ମନୋରଞ୍ଜନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଅତିରିକ୍ତ ନିର୍ଦ୍ଦେଶକ ତଥା ବିଭାଗୀୟ ଅତିରିକ୍ତ ସଚିବ ସମ୍ବିତ ନାୟକ ପରିଚାଳନା କରିଥିଲେ ଓ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ପ୍ରବନ୍ଧକ ପ୍ରୀତିକାନ୍ତ ପଣ୍ଡା ସଂଯୋଜନା କରିଥିଲେ ।

## ଅତିରିକ୍ତ ଏସ୍‌ପି ପଦବୀକୁ ଉନ୍ନୀତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟର ବିଭିନ୍ନ ସ୍ଥାନରେ ଅତିରିକ୍ତ ଏସ୍‌ପି ଭାବେ କାର୍ଯ୍ୟରତ ବରିଷ୍ଠ ଓପିଏସ୍ ଅଫିସରଙ୍କୁ ଏସ୍‌ପି ପଦବୀକୁ ପଦୋନ୍ନତି ଦିଆଯାଇଛି । ଏନେଇ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି । ବିଜ୍ଞପ୍ତି ଅନୁଯାୟୀ ବରଗଡ଼ର ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତିଙ୍କୁ ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସର ଡିସିପି ଭାବେ ନିଯୁକ୍ତି ଦିଆଯାଇଛି । ସେହିପରି ସମ୍ବଲପୁରର ଅତିରିକ୍ତ ଏସ୍‌ପି ଥିବା ହରିଶ୍ଚନ୍ଦ୍ର ପାଣ୍ଡେଙ୍କୁ ଭିଜିଲାନ୍ସର ଏସ୍‌ପି, ରାଜ୍ୟ ପୋଲିସ ମୁଖ୍ୟାଳୟରେ ଥିବା ଅତିରିକ୍ତ ଏସ୍‌ପି ମଧୁସୂଦନ ବେହେରାଙ୍କୁ କଟକ ପୋଲିସ ମୁଖ୍ୟାଳୟର ଏସ୍‌ପି ଭାବେ, ନୂଆପଡ଼ାର ଅତିରିକ୍ତ ଏସ୍‌ପି ଇନ୍ଦ୍ରମଣି ବେହେରାଙ୍କୁ ପୋଲିସ ମୁଖ୍ୟାଳୟର ଏସ୍‌ପି ଭାବେ, ବଲାଙ୍ଗିର ଅତିରିକ୍ତ ଏସ୍‌ପି ହେମନ୍ତ କୁମାର ପାଢ଼ୀଙ୍କୁ ଶ୍ରୀଜଗନ୍ନାଥ ମନ୍ଦିରର ବରିଷ୍ଠ ପ୍ରଶାସନିକ ସୁରକ୍ଷା ଅଧିକାରୀ ଭାବେ, କନ୍ଧମାଳର ଅତିରିକ୍ତ ଏସ୍‌ପି ବଳଭଦ୍ର ଦ୍ୱୀପଙ୍କୁ ପୋଲିସ ରିକ୍ରୁଟମେଣ୍ଟ ବୋର୍ଡର ଏସ୍‌ପି ଭାବେ, ଭିଜିଲାନ୍ସର ଅତିରିକ୍ତ ଏସ୍‌ପି ଥିବା ବିମଳେନ୍ଦୁ ଶତପଥୀଙ୍କୁ ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସର ଡିସିପି ଭାବେ, ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ଥିବା ରମେଶ ଚନ୍ଦ୍ର ସେଠୀଙ୍କୁ କମ୍ପ୍ୟୁଟର ଏସ୍‌ପି ଭାବେ, ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସର ଅତିରିକ୍ତ ଡିସିପି ଥିବା ସେକ୍ ସଫିଉଦ୍ଦିନଙ୍କୁ ଅନୁଗୁଳ ପୋଲିସ ଟ୍ରେନିଂ କଲେଜର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି । ଅନୁରୂପ ଭାବେ ଅନ୍ୟ ୧୫ଜଣଙ୍କୁ ଏସ୍‌ପି ପଦବୀକୁ ପଦୋନ୍ନତି ଦିଆଯାଇଥିବା ବିଜ୍ଞପ୍ତି ପ୍ରକାଶ ପାଇଛି ।

### ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟସ୍ତରୀୟ ସାଙ୍ଗଠନିକ ନିର୍ବାଚନ କର୍ମଶାଳା

## ଆଭ୍ୟନ୍ତରୀଣ ଗଣତାନ୍ତ୍ରିକ ପ୍ରକ୍ରିୟା ବିଜେପିକୁ ଅନ୍ୟ ଦଳଠାରୁ ଭିନ୍ନ କରିଛି: ଡ. ଯତୀନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତୀୟ ଜନତା ପାର୍ଟି ହେଉଛି ଏକମାତ୍ର ପାର୍ଟି ଯେଉଁଥିରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ରହିଛି । ପ୍ରତି ୬ ବର୍ଷରେ ଥରେ ଏହି ଦଳର ସଦସ୍ୟମାନେ ପୁନର୍ବାର ସଦସ୍ୟତା ଗ୍ରହଣ କରନ୍ତି । ପ୍ରତି ୩ ବର୍ଷରେ ଦଳର ସଂଗଠନଗୁଡ଼ିକୁ ନୂତନ ଭାବେ ରଚନା କରାଯାଇ ଏହାର ନେତୃତ୍ୱରେ ପୁନର୍ବିଚାର କରାଯାଏ । ଏହି ପ୍ରକ୍ରିୟା ବିଜେପିକୁ ଅନ୍ୟ ଦଳଠାରୁ ଭିନ୍ନ ପରିଚୟ ଦେଇଛି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତୀନ ମହାନ୍ତି ରାଜ୍ୟ କାର୍ଯ୍ୟାଳୟରେ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାଙ୍ଗଠନିକ କର୍ମଶାଳା ପ୍ରସଙ୍ଗରେ ସୂଚନା ଦେଇ ଡ.ମହାନ୍ତି କହିଛନ୍ତି ଯେ, ଭାରତୀୟ ଜନତାପାର୍ଟିରେ ଏବେ ସାଙ୍ଗଠାନିକ ପର୍ବ ଚାଲିଛି । ଏହି ଅନୁସାରେ ପ୍ରାଥମିକ ସଦସ୍ୟତା ଓ ସକ୍ରିୟ ସଦସ୍ୟତା ପ୍ରକ୍ରିୟା ପରେ ଏବେ ତୃଣମୂଳସ୍ତରରେ ବୁଥ୍ କମିଟି ଗଠନ କରାଯିବ । ଏହାପରେ ମଣ୍ଡଳ ଓ ଜିଲ୍ଲା ଓ ରାଜ୍ୟ କମିଟି ଗଠନ ହେବ । ଏହି କ୍ରମରେ ଆଜି ରାଜ୍ୟ କାର୍ଯ୍ୟାଳୟରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଯେଉଁମାନେ ବୁଥ୍ ଗଠନରେ ସକ୍ରିୟ ଭୂମିକା ଗ୍ରହଣ କରିବେ ସେମାନଙ୍କୁ ନେଇ ଏହି କର୍ମଶାଳା ଆୟୋଜନ କରାଯାଇଥିଲା । ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଷ୍ଟ୍ରୀୟ ସାଧାରଣ ସଂପାଦକ ତଥା ସଂଗଠନ ପର୍ବ ରାଷ୍ଟ୍ରୀୟ ପ୍ରଭାରୀ ଦୁଷ୍ମନ୍ତ ଗୌତମ, ରାଜ୍ୟ ପଭାରୀ ବିଜୟପାଲ ସିଂ ତୋମାର, ଉପ ମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ନିର୍ବାଚନ ଅଧିକାରୀ ତଥା ସାଂସଦ ପ୍ରତାପ ଷଡଙ୍ଗୀ, ରାଷ୍ଟ୍ରୀୟ ମୁଖପାତ୍ର ଡ. ସମ୍ବିତ ପାତ୍ର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ରାଜ୍ୟ ସଦସ୍ୟତା ପ୍ରଭାରୀ ଅଶୋକ ମିଶ୍ର, ରାଜ୍ୟ ସାଧାରଣ ସଂପାଦକ ଶାରଦା ଶତପଥୀ ଓ ସୀମାଞ୍ଚଳ ଖଟେଇ ପ୍ରମୁଖ ଉପସ୍ଥିତ ରହି ସଂଗଠନ ପର୍ବ ପରିଚାଳନା ପ୍ରସଙ୍ଗରେ ଆଲୋକପାତ କରିଥିଲେ ।

## ରୁଟ୍ ୩୧ ଦେଇ ଚଳାଚଳ କରିବ ‘ମୋ ବସ’

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଅପ୍ରେଲ ୨୦୨୩ରୁ ତୋଷାଳି ଭବନରେ କାର୍ଯ୍ୟ କରିଆସୁଛି । ଏହି ରୁଟରେ କୌଣସି ସାର୍ବଜନୀନ ବାହନର ଚଳାଚଳ ନଥିବାରୁ କାର୍ଯ୍ୟାଳୟକୁ ଆସୁଥିବା ଭିନ୍ନକ୍ଷମ ବ୍ୟକ୍ତି ସୁବିଧାର ସମ୍ମୁଖୀନ ହେଉଥିଲେ । ଏହାକୁ ଦୃଷ୍ଟିରେ ରଖି ଭିନ୍ନକ୍ଷମ ଆୟୋଗ କ୍ରୁଟ୍, ଭୁବନେଶ୍ୱରର ପରିଚାଳନ ନିର୍ଦ୍ଦେଶକ ଓ ସାଧାରଣ ସଂପାକଙ୍କୁ ପତ୍ର ଲେଖି ତୋଷାଳି ଭବନ ଦେଇ ‘ମୋ ବସ୍’ ଚଳାଚଳ ପାଇଁ ଅନୁରୋଧ କରିଥିଲେ । ଭିନ୍ନକ୍ଷମଙ୍କ ଅସୁବିଧା ପ୍ରତି ଦୃଷ୍ଟି ଦେଇ କ୍ରୁଟ୍ର ସଂପାଦକ ଏହି ରୁଟରେ ‘ମୋ ବସ୍’ ଚଳାଚଳ ପାଇଁ ସମ୍ମତି ପ୍ରଦାନ କରିଛନ୍ତି । ଏଣିକି ଏହି ବାଟ ଦେଇ (ରୁଟ୍-୩୧) ‘ମୋ ବସ୍’ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍‌ରୁ ବାହାରି ପ୍ରତିଦିନ ସକାଳ ୬ଟା ୩୦ ମିନିଟହଭ ସଂଧ୍ୟା ୩ଟା ୫୫ ମିନିଟ୍ ପର୍ଯ୍ୟନ୍ତ ପ୍ରାୟ ଅଧ ଘଣ୍ଟାଏ ଅନ୍ତରରେ ବାହାରି ୨୩ଟି ସ୍ଥାନରେ ରହି ହାଇଟେକ୍ ହସ୍ପିଟାଲ୍ ପର୍ଯ୍ୟନ୍ତ ଗମନାଗମନ କରୁଛି । ଏହା ଦ୍ୱାରା ତୋଷାଳି ଭବନରେ କାର୍ଯ୍ୟ କରୁଥିବା ଅନ୍ୟାନ୍ୟ କାର୍ଯ୍ୟାଳୟକୁ ଆସୁଥିବା ଅଭିଯୋଗକାରୀ, କର୍ମଚାରୀ ଓ ଜନସାଧାରଣ ଉପକୃତ ହେବେ । ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ଏହି ବସସେବା ପାଇଁ କ୍ରୁଟ୍ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଛନ୍ତି ।

## ଜିଲ୍ଲା ସୂଚନା ଓ ପ୍ରଯୁକ୍ତି ବିଜ୍ଞାନ ଅଧିକାରୀଙ୍କୁ ବଦଳି କାଳୀନ ସମ୍ବର୍ଦ୍ଧନା



କଟକ(ଭାସ୍କର ନ୍ୟୁଜ): ଜିଲ୍ଲା ସୂଚନା ଓ ପ୍ରଯୁକ୍ତି ବିଜ୍ଞାନ ଅଧିକାରୀ ତଥା ବୈଜ୍ଞାନିକ ଇତିଶ୍ରୀ ନନ୍ଦ ପଦୋନ୍ନତି ପାଇ ନିର୍ଦ୍ଦେଶିକା ଭାବେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାକେନ୍ଦ୍ର ରାଜ୍ୟ ମୁଖ୍ୟାଳୟକୁ ବଦଳି ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହ ଠାରେ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ବଦଳିକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଦିବ୍ୟଲୋଚନ ମହାନ୍ତଙ୍କ ସଭାପତିତ୍ୱରେ ଏହି ସଭା ଆୟୋଜନ ହୋଇଥିଲା । କାର୍ଯ୍ୟକ୍ରମରେ ଅଧିକାରୀ ଓ କର୍ମଚାରୀମାନେ ଶ୍ରୀମତୀ ନନ୍ଦଙ୍କ କାର୍ଯ୍ୟଶୈଳୀ, ବ୍ୟବହାର, ଆଚରଣ ଏବଂ ବ୍ୟକ୍ତିତ୍ୱ ବିଷୟରେ ଗୁଣଗାନ କରିବା ସହ ଜିଲ୍ଲାରେ ଦୀର୍ଘଦିନ ଧରି ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ କାର୍ଯ୍ୟରତ ରହି ବିଭିନ୍ନ ଉପଲବ୍ଧି ସଂପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା ୱେବସାଇଟରେ ଉପଯୁକ୍ତ ତଥ୍ୟ ଉପଲବ୍ଧ କରାଇବାରେ ତଥା ନିର୍ବାଚନ ଏବଂ ବାଲିଯାତ୍ରା ସମୟରେ ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ତାଙ୍କର କାର୍ଯ୍ୟଦକ୍ଷତା ସଂପର୍କରେ ମଧ୍ୟ ମତବ୍ୟକ୍ତ କରିଥିଲେ । ଜଣେ ଉଚ୍ଚକୋଟୀର ଯୋଗ ଶିକ୍ଷୟିତ୍ରୀ ଭାବେ ନିଜକୁ ପ୍ରତିପାଦିତ କରି ବହୁ ଯୋଗ ପ୍ରଶିକ୍ଷଣ ଶିବିରର ସଫଳ ଆୟୋଜନରେ ନିଜକୁ ସାମିଲ କରିପାରିଛନ୍ତି । ଶ୍ରୀମତୀ ନନ୍ଦଙ୍କ ସ୍ଥାନରେ ମୃତ୍ୟୁଞ୍ଜୟ ନାୟକ ନୂତନ ଜିଲ୍ଲା ସୂଚନା ଓ ପ୍ରଯୁକ୍ତି ଅଧିକାରୀ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ନେଇ ତାଙ୍କୁ ମଧ୍ୟ ଏହି ସଭାରେ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା । ଏହି ଅବସରରେ ସମସ୍ତ ଡେପୁଟି କଲେକ୍ଟର, ବିଭାଗୀୟ ଅଧିକାରୀ, ଷ୍ଟାଫ କମିଟି କର୍ମକର୍ତ୍ତା ଓ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ରଙ୍ଗ ବଦଳାଇବାରେ ଓସ୍ତାଦ ହେଉଛି ବିଜେଡି: ସୁରେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆମର ରଙ୍ଗ କେବେହେଲେ ବଦଳି ନାହିଁ । କିନ୍ତୁ ରଙ୍ଗ ବଦଳାଇବାରେ ଓସ୍ତାଦ ହେଉଛି ବିଜେଡି । ରଙ୍ଗ ବଦଳାଇ ବିଜେଡି ୧୯୯୮ରେ ଆମ ସହ ମେଂଟ କରିଥିଲା । ନିଜ ଆବଶ୍ୟକତା ପୂର୍ତ୍ତି ହୋଇଯିବା ପରେ ଏବଂ ନିଜ ସ୍ୱାର୍ଥ ଦୃଷ୍ଟିକୋଣରୁ ବିଜେଡି ୨୦୦୯ରେ ପୁଣି ଥରେ ବିଜେପି ସହ ସଂପର୍କ ଛିନ୍ନ କରିଥିଲା ଏବଂ କଂଗ୍ରେସ ସହ ସାଲିସ କରି ସଂପର୍କ ସ୍ଥାପନା କରିଥିଲା । ବର୍ତ୍ତମାନ ବି କଂଗ୍ରେସ ସହ ନିବିଡ ସଂପର୍କ ରହିଛି । ବିଧାନସଭା ଭିତରେ ଓ ବାହାରେ ସାଲିସ ଜାରୀ ରଖିଛି ଏବଂ ଦୁଇ ଦଳର ଭାଷା ମଧ୍ୟ ସମାନ ରହିଛି ବୋଲି ବରିଷ୍ଠ ନେତା ତଥା ମାନ୍ୟବର ମନ୍ତ୍ରୀ ସୁରେଶ ପୁଜାରୀ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟଠାରେ ଶ୍ରୀ ପୁଜାରୀ କହିଛନ୍ତି ଯେ, ଚାପରେ ପଡି ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ନିଜ ଇଚ୍ଛା ବିରୁଦ୍ଧରେ ଅନେକ କଥା କହିଥାନ୍ତି । ଆଜି ମଧ୍ୟ ଶ୍ରୀ ଆଚାର୍ଯ୍ୟଙ୍କ ମୁହଁରୁ ମିଛ କୁହାଇବାର ପ୍ରୟାସ କରିଛି ବିଜେଡି । ୨୦୧୬ ପୂର୍ବରୁ ଖଣିଜ ସଂପଦର ସମସ୍ତ ଲାଭ କେନ୍ଦ୍ର ନେଉଥିଲା । ଖଣିବହୁଳ ରାଜ୍ୟମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ମୋଦି ସରକାର ୨୦୧୬ ରେ ଏମଏମଡିଆର ଆଇନରେ ସଂଶୋଧନ ଆଣି ପ୍ରଧାନମନ୍ତ୍ରୀ ଖଣିଜ ପଦାର୍ଥ କ୍ଷେତ୍ର କଲ୍ୟାଣ ଯୋଜନା (ପିଏମକେକେକେୱାଇ) ପ୍ରଚଳନ କଲେ । ଏହା ଦ୍ୱାରା ଖଣି ସଂପତି ଲାଭାଂଶର ସର୍ବନିମ୍ନ ୨ ପ୍ରତିଶତ ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ପାଣ୍ଠି ଗଠନ ହେଲା । ପରବର୍ତ୍ତୀ ସମୟରେ କଂପାନୀ ଆଇନରେ ସଂଶୋଧନ ଆଣି ସିଏସଆର ପାଣ୍ଠି ଜରିଆରେ ଓଡିଶାକୁ ପର୍ଯ୍ୟାପ୍ତ ପରିମାଣ ଟଙ୍କା କେନ୍ଦ୍ରରୁ ଆସିଛି । ଓଡିଶା ସର୍ବାଧିକ ଲାଭାନ୍ୱିତ ହେଲା । ଏହି ଆଇନ ବଳରେ ବିଜେଡି ସରକାରରେ ମଧ୍ୟ ପର୍ଯ୍ୟାପ୍ତ ଟଙ୍କା ଆସିଛି । ବିଜେଡି ଲାଭାନ୍ୱିତ ହେଲା, କିନ୍ତୁ ଓଡିଶାବାସୀ ଲାଭାନ୍ୱିତ ହେଲେ ନାହିଁ । ଲୋକଙ୍କ ସ୍ୱାର୍ଥରେ ଖର୍ଚ୍ଚ ନକରି ମୁଳତଃ ଠିକାଦାରମାନଙ୍କୁ ପୋଷିବା ପାଇଁ ଖର୍ଚ୍ଚ କରିଛନ୍ତି ବୋଲି ଶ୍ରୀ ପୁଜାରୀ ଅଭିଯୋଗ କରିଛନ୍ତି । ଏହି ଅବସରରେ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ ଉପସ୍ଥିତ ଥିଲେ ।

## କଂଗ୍ରେସ ଏବେ ପକ୍ଷାଘାତର ଶିକାର ହୋଇଛି: ପୃଥ୍ୱୀରାଜ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କଂଗ୍ରେସ ଦଳର ସତା ଏବେ ହଜିବାରେ ଲାଗିଛି । ସମଗ୍ର ଦେଶରେ କଂଗ୍ରେସ ଏବେ ପକ୍ଷାଘାତର ଶିକାର ହୋଇଛି । ଏପରିକି ନିଜେ ଚାଲିବାର କ୍ଷମତା ହରାଇ ସାରିଛି । ଏବେ ଛୋଟ ଛୋଟ ଆଞ୍ଚଳିକ ଦଳର ଆଶାବାଡିକୁ ଧରି କଂଗ୍ରେସ ଚାଲିବାକୁ ଉଦ୍ୟମ କରୁଛି । ତଥାପି ପ୍ରକୃତି ଛାଡୁନାହିଁ । କଥାରେ ଅଛି ମଣିଷ ପକୃତି ମଲେ ତୁଟେ । ସେହିପରି କଂଗ୍ରେସ ଦଳ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହେବାପରେ ଯାଇ ଏହି ପ୍ରକୃତି ଛାଡ଼ିବ ବୋଲି ଆଶା କରାଯାଉଛି । କଂଗ୍ରେସ ଏବେ ଯେଉଁ ଅବସ୍ଥାରେ ଅଛି ଏଭଳିସ୍ଥିତିରେ ଦଳ ତଳକୁ ତଳ ଯିବ ସିନା ଉପରକୁ ଉଠିପାରିବ ନାହିଁ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ତଥା ଆଇନ୍ ଓ ପୂର୍ତ୍ତବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଦେଶ ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଓଡ଼ିଶାରେ ଡିଜି ସମ୍ମିଳନୀ ଅନୁଷ୍ଠିତ ହେଉଛି । ଏହା ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହାଙ୍କଠାରୁ ଆରମ୍ଭ କରି ଦେଶର ବରିଷ୍ଠ ନେତୃତ୍ୱ, ବିଭିନ୍ନ ପ୍ରଦେଶର ଡିଜି, ଆଇଜି, ବିଭିନ୍ନ ସୁରକ୍ଷା ବାହିନୀର ମୁଖ୍ୟମାନେ ଯୋଗଦେଇଛନ୍ତି । ବୈଠକରେ ଦେଶର ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଆହୁରି ଅଧିକ କିପରି ଉନ୍ନତ କରାଯାଇପାରିବ, ଅପରାଧ କିପରି ନିୟନ୍ତ୍ରଣ କରାଯାଇପାରିବ ସେ ବିଷୟରେ ଆଲୋଚନା ଚାଲିଛି । ଏନେଇ ସମଗ୍ର ଦେଶର ନଜର ଏବେ ଓଡ଼ିଶା ଉପରେ ରହିଛି । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ କଂଗ୍ରେସ ଓ ତାର ଛାମୁଆ ସଙ୍ଗଠନଗୁଡ଼ିକର ବାଚାଳାମି ଆରମ୍ଭ ହୋଇଛି । ଏଥରୁ ଅନୁମାନ ହେଉଛି କି କଂଗ୍ରେସ ଦଳର ଜିନ୍‌ରେ ଖରାପ ଗୁଣବତା ପଶିବା ଆରମ୍ଭ କରିଛି । ଜଣେ ଲୋକର ଚରିତ୍ର ପରବର୍ତ୍ତନ ହେଲେ ଯେପରି ବିଲକ୍ଷଣ ଦେଖିବାକୁ ମିଳେ, ଠିକ୍ ସେଭଳି ପରିବର୍ତ୍ତନ ଏବେ କଂଗ୍ରେସରେ ଦେଖିବାକୁ ମିଳୁଛି । ସାରା ଦେଶ ଯେତେବେଳେ ଓଡ଼ିଶା ଉପରେ ଦୃଷ୍ଟି ନିକ୍ଷେପ କରିଛି ଏଭଳି ସମୟରେ ପ୍ରଧାନମନ୍ତ୍ରୀ, ଗୃହ ମନ୍ତ୍ରୀଙ୍କ ବିରୋଧରେ ଖରାପ ମନ୍ତବ୍ୟ ଦେଇ ନିଜଦଳକୁ ଧ୍ୱଂସ ଅଭିମୁଖେ ଟାଣି ନେଉଛି । ଶ୍ରୀ ହରିଚନ୍ଦନ କଂଗ୍ରେସକୁ ପରାମର୍ଶ ଦେଇଛନ୍ତି ଯେ, ବଳିଦାନକୁ ଆଧାର କରି ଦେଶ ସ୍ୱାଧୀନତା ପାଇଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱରେ ଦେଶ ଆଜି ବିକାଶର ପଥରେ ଆଗେଇ ଚାଲିଛି । ୧୯୪୭ରୁ ଏପର୍ଯ୍ୟନ୍ତ ଏକ ଲମ୍ବା ଯାତ୍ରା ପରେ ଦେଶ ଆଜି ବିକାଶର ଯାତ୍ରାକୁ ଯିବା ଆରମ୍ଭ କରିଛି । ୨୦୪୭ ସୁଦ୍ଧା ଦେଶକୁ ସମ୍ପୂର୍ଣ୍ଣ ବିକଶିତ କରିବା ପାଇଁ ମୋଦିଜୀଙ୍କ ସରକାର ପ୍ରୟାସ ଜାରି ରଖିଛନ୍ତି । ଓଡ଼ିଶାରେ ମୋହନ ମାଝିଙ୍କ ସରକାର ମଧ୍ୟ ଏନେଇ ପ୍ରଚେଷ୍ଟା ଜାରି ରଖିଛନ୍ତି । ଏଭଳିସ୍ଥିତିରେ ଅସହିଷ୍ଣୁତା ଦେଖାଇଲେ ଚଳିବ ନାହିଁ । ଏଥିପାଇଁ ଆମେ ସମସ୍ତ ଜନସାଧାରଣଙ୍କ ସହଭାଗିତା ମାଗିଛୁ । ଏଥିପାଇଁ ସୁଧିରିଯିବାର ଆବଶ୍ୟକତା ଅଛି । ବହୁ ଲୋକଙ୍କ ବଳିଦାନରେ ତିଆରି ହୋଇଥିବା ଦେଶକୁ ଅପନିନ୍ଦିତ କରିବାକୁ କାହାରିକୁ ସୁଯୋଗ ଦିଆଯିବ ନାହିଁ । କଂଗ୍ରେସ ଦଳର ଯେଉଁ ଛାମୁଆ ସଂଗଠନ ଏଭଳି କାର୍ଯ୍ୟ କରୁଛନ୍ତି ତାଙ୍କ ଦଳର ଶୀର୍ଷ ନେତୃତ୍ୱ ଏଥିପ୍ରତି ନଜର ଦିଅନ୍ତୁ । କଂଗ୍ରେସ ନିଜକୁ ଆହୁରି ଧ୍ୱଂସ ଆଡ଼କୁ ନନେଇ ଅନ୍ତତଃ ବଂଚିବାର ପ୍ରୟାସ କେମିତି ହେବ ସେ ବାବଦରେ ଚିନ୍ତା କରିବା ଜରୁରୀ । ଏହି ସାମ୍ବାଦିକ ସମ୍ମିଳନୀ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ ଉପସ୍ଥିତ ଥିଲେ ।

## ଅବସରପ୍ରାପ୍ତ ଟ୍ୟାକ୍ସ କଲେକ୍ଟରଙ୍କୁ ଜେଲ ଓ ଜୋରିମାନା

କଟକ(ଭାସ୍କର ନ୍ୟୁଜ): ସରକାରୀ ଅର୍ଥ ତୋଷାରପାତ ଅଭିଯୋଗ ମାମଲାର ବିଚାର କରି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ କଟକ ମହାନଗର ନିଗମର ଅବସରପ୍ରାପ୍ତ ଆଇନ ମୋହରୀର ତଥା ଟ୍ୟାକ୍ସ କଲେକ୍ଟର ଉସମାନ ଖାଁକୁ ଦୋଷୀ ସାବ୍ୟସ୍ତ କରି ଜେଲ ଓ ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । କଟକ ମହାନଗର ନିଗମ ଦେୟ ଅବହେଳାକାରୀଙ୍କଠାରୁ ଜୋରିମାନା ଅର୍ଥକୁ ଉସମାନ ତୋଷାରପାତ କରିଥିଲେ । ଏନେଇ ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯାଇ ଚାର୍ଜସିଟ କରାଯାଇଥିଲା । ଉକ୍ତ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୪ ବର୍ଷ କାରାବାସ ଓ ଆର୍ଥିକ ଦଣ୍ଡରେ ଦଣ୍ଡିତ କରି ଜେଲକୁ ପଠାଇ ଦିଆଯାଇଛି ।




## କିମ୍ସରେ ହେଲ୍‌ଥ ନ୍ୟାସ୍‌ନାଲ୍ କନ୍‌କ୍ଲେଭ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କିମ୍ସରେ ହେଲ୍‌ଥ ନ୍ୟାସ୍‌ନାଲ୍ କନ୍‌କ୍ଲେଭ୍ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଥର ଲାଗି କିମ୍ସରେ ଏଭଳି ଏକ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କନ୍‌କ୍ଲେଭରେ ଦେଶ ବିଭିନ୍ନ ଖ୍ୟାତି ସମ୍ପନ୍ନ ଚିକିତ୍ସା ପ୍ରତିଷ୍ଠାନ ତଥା ଅନ୍ୟାନ୍ୟ ଅନୁଷ୍ଠାନରୁ ହଜାରେରୁ ଅଧିକ ଡାକ୍ତର, ବିଶେଷଜ୍ଞ, ଚିକିତ୍ସାବିତ୍, ଜୈବପ୍ରଯୁକ୍ତି ବିଶେଷଜ୍ଞ, ଆଧ୍ୟାମିକ ଗୁରୁ, ଡାକ୍ତରୀ ଶିକ୍ଷା କ୍ଷେତ୍ରରୁ ବିଶେଷଜ୍ଞ, ସ୍ୱାସ୍ଥ୍ୟସେବା ପ୍ରଶାସକ ଓ ଉଦ୍ୟୋଗୀ ଯୋଗଦେଇ ଭାରତରେ ଔଷଧ ଓ ସ୍ୱାସ୍ଥ୍ୟସେବା ଉପରେ ସେମାନଙ୍କ ଉପାଦେୟ ମତାମତ ରଖିଥିଲେ । ଏହି ଅବସରରେ ମୁଖ୍ୟ ଅତିଥିଭାବେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଗ୍ୟାଷ୍ଟ୍ରୋଏଣ୍ଟେରୋଲଜିଷ୍ଟ ତଥା ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିର ମୁଖ୍ୟ ପଦ୍ମ ଭୂଷଣ ପ୍ରଫେସର ଡି. ନାଗେଶ୍ୱର ରେଡ୍ଡୀ ଯୋଗଦେଇଥିଲେ । କିଟ୍, କିସ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ସ୍ୱାସ୍ଥ୍ୟ ହିଁ ସମ୍ପଦ । ଆମ ପାଖରେ ଯେତେ ସମ୍ପତ୍ତି ଥାଉ ନା କାହିଁକି ସ୍ୱାସ୍ଥ୍ୟ ଠିକ୍ ନ ରହିଲେ ଶାନ୍ତିରେ ରହି ପାରିବା ନାହିଁ । ସ୍ୱାସ୍ଥ୍ୟ ସେବା ସହ ଆଧ୍ୟାତ୍ମିକତାର ମଧ୍ୟ ସଂଯୋଗ ରହିଛି । ଏହି ସମ୍ମିଳନୀ ନିଶ୍ଚିତ ଭାବେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଫଳପ୍ରଦ ସମ୍ମିଳନୀ ହେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ହାଇଦ୍ରାବାଦସ୍ଥିତ ଡ. ମୋହନ୍‌ସ ଡାୟାବେଟିସ୍ ସ୍ପେଶିଆଲିଷ୍ଟ କେନ୍ଦ୍ରର ଅଧ୍ୟକ୍ଷ ପଦ୍ମଶ୍ରୀ ଡା. ଭି ମୋହନ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ପଦ୍ମଶ୍ରୀ ପ୍ରଫେସର ସୁବ୍ରତ ଆଚାର୍ଯ୍ୟ, ଉପକୁଳପତି ପ୍ରଫେସର ସିବିକେ ମହାନ୍ତି, କିମ୍ସ ପ୍ରଫେସର ଏମେରିଟସ୍ ପଦ୍ମଶ୍ରୀ ଡା. ଯୋଗେଶ ଚାୱଲା, କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ଡା. ଆର ସି ଦାସ ପ୍ରମୁଖ ଯୋଗଦେଇ କିମ୍ସ ନ୍ୟାସନାଲ୍ କନ୍‌କ୍ଲେଭ ଉପରେ ନିଜ ମତ ଦେଇଥିଲେ ।

## ପଶ୍ଚିମବଙ୍ଗକୁ ଆଉ ଆଳୁ ମାଗିବେନି ରାଜ୍ୟ ସରକାର: ଖାଦ୍ୟ ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପଶ୍ଚିମବଙ୍ଗକୁ ଆଉ ଆଳୁ ମାଗିବେନି ରାଜ୍ୟ ସରକାର । ପଶ୍ଚିମବଙ୍ଗ ଯଦି ନିଜ ଆଡୁ ଆଳୁ ପଠାଏ ରାଜ୍ୟ ସରକାର ରଖିବେ । ଓଡ଼ିଶା ନିଜ ଆଡୁ ମାଗିବେନି ବୋଲି ସ୍ପଷ୍ଟ କଲେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ଓଡ଼ିଶାରେ ଆଳୁ ସଙ୍କଟ ନାହିଁ । ଉତ୍ତରପ୍ରଦେଶରୁ ଆଳୁ ଆସିବା ଆରମ୍ଭ ହୋଇଛି । ଆବଶ୍ୟକ ତୁଳନାରେ ଓଡ଼ିଶାରେ ଆଳୁ ମହଜୁଦ ଅଛି । ପଞ୍ଜାବ ସରକାରଙ୍କ ସହ ବି ରାଜ୍ୟ ସରକାର ଯୋଗାଯୋଗରେ ଅଛନ୍ତି । ବଜାରରେ ଦର ବୃଦ୍ଧି ହୋଇନି । ଆଜି ମୁଁ ଆଳୁ କିଣିଛି ୩୦ ଟଙ୍କାରେ । କେଉଁଠି ଚଢା ଦରରେ ବିକ୍ରି କଲେ ଚଢ଼ାଉ କରାଯିବ । ପରିବହନ ଖର୍ଚ୍ଚ ପାଇଁ ଯେମିତି ଦର ରହିବା କଥା ରହିଛି । ଆଗାମୀ ଦେଢ଼ ବର୍ଷ ମଧ୍ୟରେ ଓଡ଼ିଶା ସ୍ୱାବଲମ୍ବୀ ହେବ । କୌଣସି ରାଜ୍ୟ ଉପରେ ଓଡ଼ିଶା ନିର୍ଭରଶୀଳ ହେବ ନାହିଁ ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ ।



ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ

# ଭାରତୀୟ କାଗଜମୁଦ୍ରାର ଯାତ୍ରା



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

ଦ୍ରବ୍ୟ ବିନିମୟ ବ୍ୟବସ୍ଥାରୁ ଆଜିର ଟିପଅଗରେ ଜିନିଷ କିଣାବିକା - ହଜାରହଜାର ବର୍ଷ ବିତି ଯାଇଛି। ମଣିଷ ସବୁବେଳେ ଚାହିଁଛି ଦେଣନେଣ ପାଇଁ ସହଜ-ସରଳ ମାଧ୍ୟମ। ମୁଦ୍ରା ସେ ମାଧ୍ୟମ ଭାବେ ଦୀର୍ଘପଥ ଯାତ୍ରା କରିଛି। ଗୋଟିଏ ଦେଶର ମୁଦ୍ରା ତା'ର ପରିଚୟ। କେବଳ ଦେଶର ଅର୍ଥ ବ୍ୟବସ୍ଥା ନୁହେଁ, ଏହା ଗୋଟିଏ ଦେଶର ଐତିହାସିକ, ସାମାଜିକ, ସାଂସ୍କୃତିକ ଏବଂ ରାଜନୈତିକ ଅବସ୍ଥାକୁ ପ୍ରଦର୍ଶିତ ତଥା ପ୍ରଭାବିତ କରିଥାଏ। ଜିନିଷ କିଣାବିକାର ଆଦିମ ପଦ୍ଧତି ଦ୍ରବ୍ୟ ବିନିମୟ ଠାରୁ କଉଡ଼ି, ଚମଡ଼ା ଏବଂ ସୁନା, ରୂପା, ତମ୍ବା, ସୀସା, ନିକେଲ୍ ଆଦି ଧାତୁମୁଣ୍ଡା ଠାରୁ ଆରମ୍ଭ କରି ଖୋଦେଇ ମୁଦ୍ରା ପର୍ଯ୍ୟନ୍ତ ମୁଦ୍ରାର କେତେ ବିବର୍ତ୍ତନ ହୋଇଛି। କିନ୍ତୁ ମଣିଷ ଯେତେବେଳେ ଧନଶାଳୀ ହେବାକୁ ଲାଗିଲା, ଧାତୁମୁଦ୍ରାର ପରିମାଣ ଏବଂ ଓଜନ ଅଧିକ ହେବାରୁ ମନୁଷ୍ୟକୁ ନେବାଆଣିବା ଏବଂ ଗଚ୍ଛିତ ରଖିବାକୁ ଅସୁବିଧା ହେଲା। କାଗଜ ଉପରେ ଲିଖିତ ଚିଠି ଆଧାରରେ ଦେଣନେଣକୁ ଦେଖି ଅନ୍ୟ ବିକଳ୍ପ ଭାବରେ କାଗଜମୁଦ୍ରା ଆରମ୍ଭ କରିବାର ବିଚାର ମୁଣ୍ଡକୁ ଆସିଲା।

ଆଜିର ଭାରତର ମୁଦ୍ରା 'ରୁପିୟା' ସଂସ୍କୃତ ଶବ୍ଦ 'ରୌପ୍ୟ'ରୁ ଆସିଛି। ରୌପ୍ୟ ଅର୍ଥ ରୂପା। ପ୍ରଥମେ ଷୋଡ଼ଶ ଶତାବ୍ଦୀରେ ଶେର୍ ଶାହ ସୁରୀ ବହୁଳ ପରିମାଣରେ ପ୍ରଚଳିତ ରୂପାମୁଦ୍ରାକୁ 'ରୂପିୟା' ନାମ ଦେଲେ। ଇଂରେଜ ଯେତେବେଳେ ଭାରତରେ ପ୍ରବେଶ କଲେ, ସେତେବେଳକୁ ରୂପାର ମୂଲ୍ୟ ବଢ଼ି ତାହା ଏକ ମୂଲ୍ୟବାନ ଧାତୁ ହୋଇ ସାରିଥିଲା। ଇଂରେଜଙ୍କ ପୂର୍ବରୁ ଡଚ୍, ପର୍ତ୍ତୁଗୀଜ୍ ମଧ୍ୟ ଭାରତକୁ ଆସି ସାରିଥିଲେ। ଦେଣନେଣର ପ୍ରକାର ଏବଂ ବ୍ୟାପକତା ବଢ଼ିବା ସହିତ ସେମାନେ ଭାରତରୁ ନଗଦ ଟଙ୍କା ବୋହିବା ଆରମ୍ଭ କଲେ। ନିଜର ମୁଦ୍ରା ଚଳେଇ ଉପନିବେଶବାଦୀ ଶାସନ ଜାହିର କରିବାର ଇଚ୍ଛା ବଳବତ୍ତର ଥିଲା। ସେତେବେଳେ ଭାରତରେ ବିଭିନ୍ନ ସ୍ଥାନରେ ଭିନ୍ନଭିନ୍ନ ମୁଦ୍ରା ପ୍ରଚଳନ ଥିଲା।

ଅନେକ ଅଞ୍ଚଳକୁ ଏକୀକୃତ କରି ସୁରୁଖୁରୁରେ ବାଣିଜ୍ୟ ଓ ଶାସନ କରିବା ଉଦ୍ଦେଶ୍ୟରେ ୟୁରୋପୀୟ କମ୍ ଖର୍ଚ୍ଚରେ ସହଜରେ ପରିବାହିତ ହୋଇ ପାରୁଥିବା ବିନିମୟର ମାଧ୍ୟମ ପ୍ରଚଳନ କରିବାକୁ ସ୍ଥିର କଲେ। ଆଗରୁ ଇଂଲଣ୍ଡରେ କାଗଜ ମୁଦ୍ରା ପ୍ରଚଳନ ହୋଇ ସାରିଥିଲା। ୟୁରୋପୀୟମାନେ ଦେଶରେ ବେସରକାରୀ ବ୍ୟାଙ୍କ୍ ସ୍ଥାପନ କଲେ। କାଗଜମୁଦ୍ରା ପ୍ରଚଳନ ଆରମ୍ଭ ହେଲା। ପ୍ରଥମ କାଗଜମୁଦ୍ରା ୧୭୭୦ ମସିହାରେ କଲିକତାସ୍ଥିତ ବ୍ୟାଙ୍କ୍ ଅଫ୍ ହିନ୍ଦୁସ୍ଥାନ ଦ୍ୱାରା ପ୍ରଚଳିତ ହୋଇଥିଲା। ଏକାନବେ ବର୍ଷ ଚାଲିବା ପରେ ୧୮୬୧ ମସିହାରେ ଇଂରେଜ ସରକାର ବିଧିବଦ୍ଧ ଭାବେ କାଗଜ ମୁଦ୍ରା ନିୟମ ତିଆରି କଲେ। ଦଶ, କୋଡ଼ିଏ, ପଚାଶ, ଶହେ ଓ ଏକହଜାର ମୂଲ୍ୟର କାଗଜମୁଦ୍ରା ପ୍ରଚଳନ ଆରମ୍ଭ ହେଲା। ଏସବୁ ମୁଦ୍ରା ଉପରେ ମହାରାଣୀ ଭିକ୍ଟୋରିଆଙ୍କ ଛବି ଅଙ୍କିତ ହୋଇଥିଲା।

ଇଂରେଜ ସରକାରଙ୍କ ଦ୍ୱାରା ପ୍ରଚଳିତ ଏହି ମୁଦ୍ରା ଯଦିଓ ଦେଶର ଅନେକ ଜାଗାରେ ଚାଲୁଥିଲା, ଗୋଆ-ଦାମନ୍-ଦିଉ, ଆଣ୍ଡାମାନ ଏବଂ ହାଇଦ୍ରାବାଦ ପରି ବଡ଼ ସ୍ୱାଧୀନ ଦେଶୀୟରାଜ୍ୟରେ ଏହା ଚାଲୁ ନଥିଲା। ଗୋଆ-ଦାମନ୍-ଦିଉରେ ବ୍ୟାଙ୍କ୍ ଅଲଟ୍ରାମାରିନୋ ଦ୍ୱାରା ପ୍ରଚଳିତ ପର୍ତ୍ତୁଗୀଜ୍ ନୋଟ୍ ଚାଲୁଥିଲା ବେଳେ କେରଳ, ପଣ୍ଡିଚେରୀ, ତାମିଲନାଡୁର କିଛି ଅଂଶ ଏବଂ ବଙ୍ଗଳାର ୟମନ୍ ଆଦି ସ୍ଥାନରେ ଫ୍ରେଞ୍ଚ୍ ଶାସନ ଚାଲୁଥିଲା। ସେଠାରେ ବ୍ୟାଙ୍କ୍ ଅଫ୍ ଇଣ୍ଡୋସିନ୍ ଛାପୁଥିବା ଫ୍ରେଞ୍ଚ୍ କାଗଜମୁଦ୍ରା ଚାଲୁଥିଲା। ଭାରତରେ ଫରାସୀ ସାମ୍ରାଜ୍ୟ ସ୍ଥାପନ କର୍ତ୍ତା ମରିସ୍ ଡ୍ୟୁପ୍ଲେଙ୍କ ଛବି ଏଥିରେ ଥିଲା। ନିଜକୁ କେବେ ବି ଭାରତର ଅଂଶ ଭାବୁ ନଥିବା ସ୍ୱାଧୀନ ରାଜ୍ୟ ହାଇଦ୍ରାବାଦ ତା' ନିଜର କାଗଜମୁଦ୍ରା ପ୍ରଚଳନ କରିଥିଲା। ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଧାତୁ କମ୍ ଉପଲବ୍ଧ ହେବା ସହିତ ତା'ର ମୂଲ୍ୟ ବି ବଢ଼ିଲା। ତେଣୁ କାଗଜ ନୋଟ୍ ପ୍ରଚଳନ ଏକପ୍ରକାର ସ୍ଥାୟୀବ୍ୟବସ୍ଥା ହୋଇଗଲା। ବଡ଼ବଡ଼ ସ୍ୱାଧୀନରାଜ୍ୟ ନିଜର ନୋଟ୍ ଆଣିଲେ।

## ମୁଦ୍ରା କାହାଣୀ

ବିଶ୍ୱ ବ୍ୟବସ୍ଥା ଏବଂ ଭାରତର ରାଜନୈତିକ ପରିବେଶ ଭିତରେ ଭାରତରେ କେନ୍ଦ୍ରୀୟ ବ୍ୟାଙ୍କ୍ ସ୍ଥାପନର ଆବଶ୍ୟକତା ଅନୁଭୂତ ହେଲା। ଭାରତୀୟ ରିଜର୍ଭ୍ ବ୍ୟାଙ୍କ୍ ନିୟମ, ୧୯୩୪ ଆଧାରରେ ୧୯୩୫ ମସିହା ଏପ୍ରିଲ୍ ମାସ ପହିଲାରୁ ଭାରତୀୟ ରିଜର୍ଭ ବ୍ୟାଙ୍କ କାର୍ଯ୍ୟକ୍ଷମ ହେଲା ଏବଂ ସମଗ୍ର ଦେଶ ପାଇଁ କାଗଜମୁଦ୍ରା ଆରମ୍ଭ କରିବାର ଦାୟିତ୍ୱ ବ୍ୟାଙ୍କ୍ ହାତରେ ନ୍ୟସ୍ତ କରାଗଲା। ପ୍ରଥମ ନୋଟ୍ ପାଞ୍ଚ ଟଙ୍କା ମୂଲ୍ୟର ଥିଲା। ଇଂଲଣ୍ଡର ରାଜା ଷଷ୍ଠ ଜର୍ଜଙ୍କ ଫଟୋ ଏଥିରେ ଛପା ଯାଇଥିଲା। ଇଂରେଜ ସରକାରଙ୍କୁ ଆମ୍ବାରୁ ବିରୋଧ କରୁଥିବା ନେତାଜୀ ୧୯୪୩ ମସିହାରେ ନିଜର ମୁଦ୍ରା ପ୍ରଚଳନ କରିଥିଲେ। ଆଜାଦ୍ ହିନ୍ଦ୍ ଫୌଜ୍ ବ୍ୟାଙ୍କ୍ ଏହା ଛପେଇଥିଲେ। କିନ୍ତୁ ଭାରତରେ ସମର୍ଥନ ଓ ସମ୍ମାନ ପାଇ ନଥିବା ସୁବାସ ବୋଷଙ୍କ ଏହି ମୁଦ୍ରା ଦେଶରେ ଚାଲି ନଥିଲା। ଭାରତ ସ୍ୱାଧୀନ ହେବା ପରେ ପ୍ରଥମ ନୋଟ୍ ଏକଟଙ୍କା ବିଶିଷ୍ଟ ଥିଲା। ଅନେକ ଆଲୋଚନା ପରେ ସେଥିରେ ମହାନ୍ ସମ୍ରାଟ ଅଶୋକ ଖ୍ରୀ.ପୂ. ପ୍ରାୟ ୨୫୦ ରେ ସାରନାଥ ଠାରେ ନିର୍ମାଣ କରିଥିବା ଅଶୋକ ସ୍ତମ୍ଭ ସ୍ଥାନ ପାଇଲା। ଅଶୋକ ସ୍ତମ୍ଭ ତଳେ ମୁଣ୍ଡକ ଉପନିଷଦର ବାକ୍ୟ 'ସତ୍ୟମେବ ଜୟତେ' ଖୋଦିତ ହେଲା। ୧୯୪୯ ମସିହାରେ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଜାତୀୟକରଣ କରାଗଲା ଏବଂ ମୁଦ୍ରା ଛାପିବାର ଦାୟିତ୍ୱ ଦିଆଗଲା। ଭାରତୀୟ ମୁଦ୍ରା ପ୍ରାୟ କୋଡ଼ିଏଟି ଦେଶରେ ପ୍ରଚଳିତ ଥିଲା। ସେତିକି ନୁହେଁ। ମଧ୍ୟପ୍ରାଚ୍ୟ ଦେଶ କାତାର, ଓମାନ, ବାହାରିନ ଓ କୁଏତ୍ ଇତ୍ୟାଦିରେ ଏହା ଆଧିକାରିକ ମୁଦ୍ରା ଭାବରେ ପ୍ରଚଳିତ ଥିଲା।

ମହାନ୍ ଭାରତୀୟ ପରମ୍ପରାରେ ପ୍ରକୃତି ସବୁବେଳେ ପ୍ରଥମ ପୂଜ୍ୟ। ତେଣୁ ନୋଟ୍ ଉପରେ ପଶୁପକ୍ଷୀ, ପବିତ୍ର ଗଛ କିମ୍ବା ପ୍ରସିଦ୍ଧ ସ୍ମାରକୀକୁ ଅଙ୍କିତ କରଗଲା। ୧୯୫୦ ମସିହାରେ ଟଙ୍କିକିଆ ନୋଟ୍‌କୁ ଛାଡ଼ି ଦୁଇ ଟଙ୍କିଆ, ପାଞ୍ଚ ଟଙ୍କିଆ, ଦଶ ଟଙ୍କିଆ ଓ ଶହେ ଟଙ୍କିଆ ନୋଟ୍‌ରେ ପୂର୍ବଟଙ୍କାର ଢାଞ୍ଚା ରହିବା ସହିତ ସେସବୁର ପଛ ପଟେ ହରିଣ, ବାଘ, ସମ୍ବର ଆଦି ବିଭିନ୍ନ ପଶୁଙ୍କର ଚିତ୍ର ରଖାଗଲା। କୃଷିର ଭୂମିକାକୁ ଉପଲବ୍ଧି କରି କ୍ଷେତ ଓ ଧାନକେଣ୍ଡା ଇତ୍ୟାଦିକୁ ମୁଦ୍ରାରେ ଅଙ୍କିତ କରାଗଲା। ବିଜ୍ଞାନ ଓ ଔଦ୍ୟୋଗିକ ଅଗ୍ରଗତି ଦେଶର ମୁଦ୍ରାରେ ପ୍ରତିଫଳିତ ହେଲା। ତା' ସହିତ ଦେଶର ଅନନ୍ୟ ଚାରୁକଳା ମୁଦ୍ରାରେ ସ୍ଥାନ ପାଇଲେ। ବିଶ୍ୱବିଖ୍ୟାତ କୋଣାର୍କ ଚକ୍ର କୋଡ଼ିଏଟଙ୍କିଆ ନୋଟ୍‌ରେ ପ୍ରଦର୍ଶିତ ହେଲା। ଇଂଲଣ୍ଡର ରାଜାଙ୍କ ସ୍ଥାନରେ ୧୯୪୯ ମସିହାରେ ମୁଦ୍ରାରେ ମହାତ୍ମା ଗାନ୍ଧୀଙ୍କ ଚିତ୍ର ରହିବାର ପ୍ରସ୍ତାବ ଥିଲେ ମଧ୍ୟ ତାହା ତତ୍କାଳ କାର୍ଯ୍ୟକାରୀ ହୋଇ ନଥିଲା। ଭାରତୀୟ ରିଜର୍ଭ୍ ବ୍ୟାଙ୍କ୍ ପ୍ରଥମେ ୧୯୮୭ ମସିହାରେ ପାଞ୍ଚଶହ ନୋଟ୍ ଉପରେ ଏହା ଛପା ଯାଇଥିଲା। ୧୯୯୬ ମସିହାରୁ ମହାତ୍ମା ଗାନ୍ଧୀଙ୍କର ହସହସମୁହଁକୁ ଏକଟଙ୍କିଆ ନୋଟ୍‌କୁ ଛାଡ଼ି ଦେଶରେ ପ୍ରଚଳିତ ଅନ୍ୟ ସବୁନୋଟ୍‌ରେ ଛାପିବା ପାଇଁ ସ୍ଥିର କଲେ। ଗାନ୍ଧୀଜୀ ଫ୍ରେଡେରିକ୍ ୱିଲିୟମ୍ ପେଥିକ୍‌ଙ୍କ ସହିତ ରାଷ୍ଟ୍ରପତି ଭବନରେ ଥିବାବେଳେ ୧୯୪୬ ମସିହାରେ ଉଠା ଯାଇଥିବା ଫଟୋରୁ ଏହି ଚିତ୍ରଟି ନିଆ ଯାଇଛି।

ଭାରତରେ ପ୍ରଚଳିତ ବିଭିନ୍ନ ମୂଲ୍ୟର କାଗଜମୁଦ୍ରା ଭିତରେ ଏକଟଙ୍କା ନୋଟ୍‌କୁ ଛାଡ଼ି ଅନ୍ୟସମସ୍ତ ମୂଲ୍ୟର ଟଙ୍କାରେ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଗଭର୍ଣ୍ଣରଙ୍କ ସ୍ୱାକ୍ଷର ରହିଥିବା ବେଳେ ପନ୍ଦରଟି ଭାରତୀୟ ଭାଷାରେ ନୋଟ୍‌ର ମୂଲ୍ୟ ଲିଖିତ। ଏକ ଟଙ୍କିଆ ନୋଟ୍ ଭାରତ ସରକାରଙ୍କ ଦ୍ୱାରା ଛପା ଯାଇଥାଏ। ତା' ଉପରେ ଭାରତର ଅର୍ଥ ସଚିବଙ୍କ ସ୍ୱାକ୍ଷର ରହିଥାଏ। ଯଦିଓ ଏକ ଟଙ୍କିଆକୁ ଛାଡ଼ି ଅନ୍ୟ ସମସ୍ତ ନୋଟ୍ ଛାପିବାର ଅଧିକାର କେନ୍ଦ୍ରୀୟ ବ୍ୟାଙ୍କ୍ ପାଖରେ ଅଛି, ତଥାପି ସେ ଅଧିକାର ନିରଙ୍କୁଶ ନୁହେଁ। ଯେତେବେଳେ ସେତେବେଳେ ଚାହିଁଲେ ଯେତେ ପରିମାଣର ଟଙ୍କା ରିଜର୍ଭ୍ ବ୍ୟାଙ୍କ୍ ଛାପି ପାରିବେନି। ଦେଶର ମୁଦ୍ରା ବ୍ୟବସ୍ଥାରେ କେତେ ଟଙ୍କା ଅଛି, ଦେଶର ମୋଟ ଘରୋଇ ଉତ୍ପାଦ, ଆନୁମାନିକ ବୈଦ୍ୟୁତିକ ଦେଣନେଣ ଏବଂ ମୁଦ୍ରାସ୍ଫୀତିକୁ ବିଚାରକୁ ନିଆଯାଇ ସରକାରଙ୍କ ଅନୁମୋଦନ କ୍ରମେ ଟଙ୍କା ଛପାଯାଏ। ମହାରାଷ୍ଟ୍ରର ନାସିକ, ମଧ୍ୟପ୍ରଦେଶର ଦେବାସ୍, ପଶ୍ଚିମବଙ୍ଗର ଶାଳବଣି ଏବଂ କର୍ଣ୍ଣାଟକର ମହୀଶୂର - ଏହି ଚାରିଟି ଜାଗାରେ କାଗଜମୁଦ୍ରା ଛପାଯାଏ। ଏଥିପାଇଁ କାଗଜ ଏବଂ ଡିଜାଇନ୍ ମଧ୍ୟପ୍ରଦେଶର ହୋସାଙ୍ଗାବାଦ ଏବଂ କର୍ଣ୍ଣାଟକର ମହୀଶୂରରେ ଥିବା ମିଲ୍‌ରୁ ଆସିଥାଏ।

ସ୍କାନିଂ, ଡିଜିଟାଲ୍ ପ୍ରିଣ୍ଟିଂ ଏବଂ ଫଟୋଗ୍ରାଫି ପରି ଆଧୁନିକପ୍ରଣାଳୀ ବ୍ୟବହାର କରି ଉଚ୍ଚମୂଲ୍ୟର ମୁଦ୍ରାକୁ ନକଲିକରଣରୁ ସୁରକ୍ଷା ଦେବା ପାଇଁ ୱିଣ୍ଡୋ ସିକ୍ୟୁରିଟି ଥ୍ରେଡ୍, ଲାଟେଣ୍ଟ ଇମେଜ୍, ନାନୋ ଚିପ୍ ପରି ଆଧୁନିକ ବ୍ୟବସ୍ଥା ରଖାଯାଇଛି। ତଥାପି ନକଲିକରଣକୁ ରୋକା ଯାଇପାରିନି। ୨୦୧୬ ମସିହା ନଭେମ୍ବର ମାସ ୮ ତାରିଖରେ ରାତିଆଧିଆ ବିମୁଦ୍ରାୟନ ପଦକ୍ଷେପରେ ତତ୍କାଳୀନ ପ୍ରଚଳିତ ପାଞ୍ଚଶହ ଓ ହଜାର ଟଙ୍କିଆ ନୋଟ୍‌କୁ ବନ୍ଦ କରାଯାଇ ଦୁଇହଜାର ଟଙ୍କିଆ ପ୍ରଚଳନ କରାଗଲା। ବ୍ୟାପକ ନକଲିକରଣ ଏବଂ କଳାଧନ ହିସାବରେ ଗଚ୍ଛିତ ହେବା ଯୋଗୁ ସରକାର ତାକୁ ୨୦୨୩ ମସିହା ଅକ୍ଟୋବର ମାସ ସାତ ତାରିଖରୁ ବନ୍ଦ କରିଦେଲେ। ବର୍ତ୍ତମାନ ଡିଜିଟାଲ ଦେଣନେଣରେ ଭାରତ ବିଶ୍ୱର ଏକ ଅଗ୍ରଣୀ ଦେଶ। ତଥାପି କାଗଜମୁଦ୍ରା ଲୋକଙ୍କ ପାଇଁ ଅଧିକ ସୁରକ୍ଷିତ ଓ ବିଶ୍ୱାସଯୋଗ୍ୟ।

# ଏଡ୍‌ସମୁକ୍ତ ଭାରତ ଆମର ମୂଳ ଲକ୍ଷ୍ୟ



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ: ୯୪୩୭୭୨୯୩୮୪

କିଛି ବର୍ଷ ପୂର୍ବରୁ ଏଡ୍‌ସ ମାନବ ସମାଜ ପାଇଁ ଆତଙ୍କ ପାଲଟି ଥିଲା। ବର୍ତ୍ତମାନ ସେ ପରିସ୍ଥିତି ଆଉ ନାହିଁ। ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଏଡ୍‌ସ ଜନିତ ମୃତ୍ୟୁହାରକୁ ସଂପୂର୍ଣ୍ଣ ଭାବରେ ନିୟନ୍ତ୍ରଣ କରିବା ପାଇଁ ସାରା ବିଶ୍ୱରେ ଚାଲିଥିବା ଅଭିଯାନ ଦ୍ୱାରା ଏଡ୍‌ସର ପ୍ରକୋପ ଅନେକ ପରିମାଣରେ ହ୍ରାସ ପାଇଛି। ଏଡ୍‌ସ ଏକ ଭୂତାଣୁ ଜନିତ ରୋଗ। ମୁଖ୍ୟତଃ ତିନୋଟି ମାଧ୍ୟମ ଯଥା : ଅସୁରକ୍ଷିତ ଯୌନ ସମ୍ପର୍କ, ଅଶୋଧିତ ରକ୍ତ ଗ୍ରହଣ, ନିଶା ଇଞ୍ଜେକସନ୍ ନେବା ଦ୍ୱାରା ଅଶୋଧିତ ଛୁଞ୍ଚି ବ୍ୟବହାର ଯୋଗୁଁ ଏହା ବ୍ୟାପିଥାଏ। ବିଶେଷ କରି ୧୫ରୁ ୪୪ ବର୍ଷର ଯୁବକ ଯୁବତୀ ଏହି ରୋଗରେ ଅଧିକ ସଂକ୍ରମିତ ହୁଅନ୍ତି। ଏଡ୍‌ସକୁ ଆଜି ସମଗ୍ର ପୃଥିବୀ ଏକ ଗଭୀର ସାମାଜିକ ବ୍ୟାଧି ବୋଲି ସ୍ୱୀକାର କରିଛନ୍ତି। ୧୯୮୧ ମସିହାରେ ସର୍ବପ୍ରଥମେ ଯୁକ୍ତରାଷ୍ଟ୍ର ଆମେରିକାର ଲସ୍‌ଏଞ୍ଜେଲସ୍ ସହରରେ ଏଚ.ଆଇ.ଭି ଭୂତାଣୁ ଚିହ୍ନଟ କରାଯାଇଥିଲା। ଆମ ଦେଶରେ ୧୯୮୬ ମସିହାରେ ଏଡ୍‌ସ ରୋଗୀକୁ ସର୍ବପ୍ରଥମେ ତାମିଲ୍‌ନାଡୁ ରାଜ୍ୟରେ ଆବିଷ୍କାର କରାଯାଇଥିଲା। ଏଚ.ଆଇ.ଭି ଭୂତାଣୁ ମଣିଷ ଶରୀରର ରୋଗ ପ୍ରତିରୋଧକ କ୍ଷମତାକୁ ଧୀରେଧୀରେ ନଷ୍ଟ କରିଦେଇଥାଏ। ମଣିଷକୁ ଯେଉଁ ରୋଗ ହୁଏ ତାହା ସହଜରେ ଆରୋଗ୍ୟ ହୁଏନାହିଁ। ମଣିଷର ରକ୍ତ, ବୀର୍ଯ୍ୟ ଭଳି ତରଳ ପଦାର୍ଥରେ ଏହି ଭୂତାଣୁ ବଞ୍ଚି ରହନ୍ତି। ସାହାରା ମରୁଭୂମି ସନ୍ନିକଟ ଆଫ୍ରିକୀୟ ଦେଶମାନଙ୍କରେ ପ୍ରତି ପାଞ୍ଚଜଣ ପ୍ରାପ୍ତ ବୟସ୍କ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ଏଡ୍‌ସ୍ ଆକ୍ରାନ୍ତ। ଜନସଂଖ୍ୟାର ଅନୁପାତକୁ ଦେଖିଲେ ଦକ୍ଷିଣ ଆଫ୍ରିକାର ଜନସଂଖ୍ୟାର ଏକ ପଞ୍ଚମାଂଶ ଏଡ୍‌ସ୍ ଭୂତାଣୁ ଦ୍ୱାରା ସଂକ୍ରମିତ। ଆମେରିକା ମଧ୍ୟ ଏ ମହାମାରି କବଳରୁ ମୁକ୍ତି ପାଇନାହିଁ। ଆମେରିକାର



ସଂଖ୍ୟାଲଘୁ ଆଫ୍ରିକୀୟ ଆମେରିକୀୟ ସଂପ୍ରଦାୟ ମଧ୍ୟରେ ଏଡ୍‌ସ ପ୍ରାଦୁର୍ଭାବ ଅତ୍ୟଧିକ ବୋଲି ଜଣାପଡିଛି। ଚୀନ୍, ଭାରତ, ଇଣ୍ଡୋନେସିଆ, ଏବଂ ଋଷରେ ମଧ୍ୟ ଏଡ୍‌ସର ପ୍ରାଦୁର୍ଭାବ କ୍ରମଶଃ ବୃଦ୍ଧି ପାଇଛି। ପୃଥିବୀରେ ପାଖାପାଖି ୪କୋଟି ଏଡ୍‌ସ ରୋଗୀ ରହିଥିବା ଜଣାଯାଇଛି। ବିଗତ ୨୦ବର୍ଷ ମଧ୍ୟରେ ଏଚ.ଆଇ.ଭି ସଂକ୍ରମିତ ହୋଇଥିବା ୬୦ନିୟୁତ ବ୍ୟକ୍ତି ପ୍ରାୟ ୧୫ରୁ ୨୫ବର୍ଷ ମଧ୍ୟରେ।

ଦେଶକୁ ୨୦୩୦ ମସିହା ସୁଦ୍ଧା ଏଡ୍‌ସମୁକ୍ତ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି। ଗତ ୨୦୧୧ମସିହା ଠାରୁ ଏଚ.ଆଇ.ଭି ସଂକ୍ରମଣକୁ ଶୂନସ୍ତରରେ ପହଞ୍ଚାଇବା ସହ ଏଡ୍‌ସ ମୃତ୍ୟୁ ସଂଖ୍ୟାକୁ ସଂପୂର୍ଣ୍ଣ ଭାବରେ ପ୍ରତିରୋଧ କରିବା ପାଇଁ ବିଶ୍ୱସ୍ତରରେ ଅଭିଯାନ ଆରମ୍ଭ କରାଯାଇଛି। ସରକାରୀ ଓ ବେସରକାରୀ ସ୍ତରରେ ଏଡ୍‌ସ୍ ସଚେତନତା ଅଭିଯାନ ଜାରି ରହିଛି। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଂସ୍ଥା (ନାକୋ) ଜରିଆରେ ପ୍ରତ୍ୟେକ ରାଜ୍ୟରେ ଏଡ୍‌ସ୍‌ର ନିରାକରଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ସାମାଜିକ ଯତ୍ନ, ସହାୟତା ଓ ଚିକିତ୍ସା, ସୂଚନାର ସଂପ୍ରସାରଣ, ଶିକ୍ଷା ଓ ଯୋଗାଯୋଗ, ବ୍ୟାବହାରିକ ପରିବର୍ତ୍ତନ ଜରିଆରେ ସମଗ୍ର ଦେଶରେ ଏହି ଯୋଜନାର ରୂପାନ୍ତରଣ କରାଯାଇଛି। ୧୯୯୨ ମସିହା ଠାରୁ ଆମ ରାଜ୍ୟରେ ଜାତୀୟ ଏଡ୍‌ସ ନିୟନ୍ତ୍ରଣ କାର୍ଯ୍ୟକ୍ରମ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜାରି ରହିଛି। ସରକାର ଏଚ.ଆଇ.ଭି ସଂକ୍ରମିତ ବ୍ୟକ୍ତି ଓ ସେମାନଙ୍କ ପରବାରବର୍ଗଙ୍କ ପାଇଁ ବହୁ ଗଠନ ମୂଳକ ପଦକ୍ଷେପ ନେଇଛନ୍ତି। ପ୍ରତ୍ୟେକ ସରକାରୀ ଡାକ୍ତରଖାନାରେ ଆଇଟିସି ଜରିଆରେ ବିନାମୂଲ୍ୟରେ ଏଚ୍.ଆଇ.ଭି ପରୀକ୍ଷା କରାଯାଉଛି। ଏହି ପରୀକ୍ଷା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ୨୦ଟି କମ୍ପାନୀ ସହ ଓସାକ୍ସ ରାଜିନାମା ସ୍ୱାକ୍ଷରିତ କରିଛି। ସମସ୍ତ ସଂକ୍ରମିତ ବ୍ୟକ୍ତିମାନଙ୍କୁ 'ମଧୁବାବୁ ପେନ୍‌ସନ୍ ଯୋଜନା' ମାଧ୍ୟମରେ ମାସିକ ଭତ୍ତା 'ମୋ କୁଡିଆ' ଯୋଜନାରେ ମାଗଣା ବାସଗୃହ ଓ 'ଅନ୍ତୋଦୟ' ଯୋଜନାରେ ମାଗଣା ଚାଉଳ ଯୋଗାଇ ଦେଉଛନ୍ତି।

ଆଜିର ସମାଜରେ ଏଡ୍‌ସ ଏକ ସାମାଜିକ ସଂକଟ ଅଟେ। ଆମର ସଂସ୍କୃତି ଓ ପରମ୍ପରା ଏଚ.ଆଇ.ଭି ସଂକ୍ରମିତ ବ୍ୟକ୍ତିକୁ ସହଜରେ ଗ୍ରହଣ କରିପାରେ ନାହିଁ। ଏଡ୍‌ସ ଡିଆଁ ରୋଗ ନୁହେଁ ବୋଲି କୁହାଯାଉଥିଲେ ମଧ୍ୟ ବହୁରୋଗୀ ସାମାଜିକ ବାସନ୍ଦର ଶିକାର ହେଉଛନ୍ତି। ସଂଖ୍ୟାଧିକ ଆକ୍ରାନ୍ତ ନିଜ ରୋଗ ସଂପର୍କରେ ଅନ୍ୟମାନେ କିପରି ନଜାଣିବେ ସେଥିପାଇଁ ଚେଷ୍ଟା କରନ୍ତି। ଯେ କୌଣସି ଉପାୟରେ ଏଡ୍‌ସ ଆକ୍ରାନ୍ତ ହୋଇଥିଲେ ମଧ୍ୟ ସାମାଜିକ ନିରାପତ୍ତା ଦୃଷ୍ଟିରୁ ରୋଗଟିଏ ଗୋପନ ରଖିବାକୁ ବାଧ୍ୟ ହୁଏ ବା ମାନସିକ ସନ୍ତୁଳନ ହରାଇ ବସେ। ଏକ ଏଡ୍‌ସ ରୋଗୀକୁ ଛୁଇଁବା, ଆଲିଙ୍ଗନ କରିବା କରମର୍ଦ୍ଦନ କରିବା ରୋଗୀର ବ୍ୟବହୃତ ଖାଦ୍ୟ, ବାସନ, ପୋଷାକ, ଶୌଚାଳୟ ବ୍ୟବହାର କରିବା ବା ରୋଗୀର ଛିଙ୍କ, କାଶ କିମ୍ବା ମଶା ଦ୍ୱାରା ଏଡ୍‌ସ ରୋଗ ବ୍ୟାପେ ନାହିଁ। କେବଳ ସଂକ୍ରମିତ ବ୍ୟକ୍ତିର ରକ୍ତ, ବୀର୍ଯ୍ୟ, ଯୌନସ୍ରାବ ଯଦି ସୁସ୍ଥ ଲୋକର ଶରୀରରେ ମିଶେ ତେବେ ଏ ରୋଗ ହେବାର ସମ୍ଭାବନା ଅଧିକ ଥାଏ। ଏ ସମ୍ପର୍କରେ କେବଳ ନିଜେ ନୁହେଁ, ନିଜର ପରିବାର ବନ୍ଧୁବାନ୍ଧବ ସର୍ବୋପରି ଅନ୍ୟମାନଙ୍କୁ ଏ ସମ୍ପର୍କରେ ସଚେତନ କରିବା ଜରୁରି। ଏଡ୍‌ସ ନିୟନ୍ତ୍ରଣ ପାଇଁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସଚେତନତା। ସାମାନ୍ୟ ଭୁଲରୁ ମୁକ୍ତି ଆଉ ଟିକିଏ ସଚେତନତାରୁ ସୁରକ୍ଷିତ ଜୀବନ। ସଂକ୍ରମଣ ବ୍ୟାପିବାର ୪୦ବର୍ଷ ବିତିଯାଇଥିଲେ ମଧ୍ୟ ଏହାର ସ୍ଥାୟୀ ନିରାକରଣ ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ଔଷଧ ଉପଲବ୍ଧ ହୋଇପାରିନାହିଁ। କେବଳ ଏଚ.ଆଇ.ଭି ସଂକ୍ରମିତ ବ୍ୟକ୍ତିର ଜୀବନ ଅବଧି ବଢାଇବା ପାଇଁ ବର୍ତ୍ତମାନ ଏ.ଆର୍.ଟି ଔଷଧ ଉପଲବ୍ଧ ହୋଇପାରିଛି। ସୁରକ୍ଷିତ ଯୌନ ସମ୍ପର୍କ ଉପରେ ପ୍ରଚାର ପ୍ରସାର, ଏଡ୍‌ସର ଭୟାବହତା ଏବଂ ସଚେତନତା ଉପରେ ଗୁରୁତ୍ୱ, ପ୍ରତିଷେଧକ ବ୍ୟବସ୍ଥା, ସୂଚନାର ସଂପ୍ରସାରଣ, ଜୀବନ କୌଶଳ ଶିକ୍ଷା ଜରିଆରେ ଏଡ୍‌ସ ଭଳି ମାରାତ୍ମକ ରୋଗର ନିୟନ୍ତ୍ରଣ କରାଯାଇ ପାରିବ।

# ସନ୍ତାନର ପ୍ରଥମ ଶିକ୍ଷକ ମା'

ରବିନାରାୟଣ ପଟ୍ଟନାୟକ
ପଟିଆ, ଭୁବନେଶ୍ୱର
ମୋ: ୯୯୩୮୧୧୩୨୨୬

ଜୀବନରେ ଯେତେ ଦୁଃଖ କଷ୍ଟ ଆସିଲେ ବି ମାଆ ଆଗରେ ସବୁ ତୁଚ୍ଛ ହେଇଯାଏ। ମାଆର ପ୍ରାର୍ଥନାରେ ଏତେ ଶକ୍ତି ଯେ ତା'ର ସନ୍ତାନ ନିକଟରେ ମୃତ୍ୟୁ ବି ଆସିବାକୁ ଭୟ କରେ। ଏହି ଦୁଇ ଅକ୍ଷରରୁ ହିଁ ଜୀବନର ଆରମ୍ଭ। ମାଆ ଥିଲେ ସଂସାରରେ ସବୁକିଛି ଥିଲା ପରି ଲାଗେ। କୁହାଯାଏ ଦୁନିଆରେ ସଭିଙ୍କ ଋଣ ସୁଝି ହେବ। କିନ୍ତୁ ମାଆର ଋଣ ମରିବା ଯାଏ କେବେ କେହି ଶୁଝି ପାରିବେ ନାହିଁ। ସେ ସ୍ନେହମୟୀ, କରୁଣାମୟୀ ଓ ଦୟାମୟୀ ମା'କୁ ପୃଥିବୀ ସହିତ ବି ତୁଳନା କରାଯାଇଥାଏ। ମା' ଶବ୍ଦର ତୁଳନା ନାହିଁ କି ବିକଳ୍ପ ନାହିଁ। ପ୍ରତିଦିନ ଆମକୁ ଯିଏ ପ୍ରେରଣା ଦିଏ। କେଉଁଟା ଠିକ୍ ? କେଉଁଟା ଭୁଲ ଯିଏ ବାଟ ଦେଖାଏ ସେ ହେଉଛି ମା'। ଚିର ବନ୍ଦିତା ସେ। ପରିବାର ପ୍ରତି ମା'ଙ୍କ ଅବଦାନ କ'ଣ ତାହା ସମସ୍ତେ ଜାଣିଛନ୍ତି। ଏହା କାହାକୁ ଆଉ ବୁଝାଇବାକୁ ପଡ଼ିବନି। ମା' ଅତୁଳନୀୟ। ମା'ର ସ୍ନେହ ମମତାରେ ସବୁ ଦୁଃଖକଷ୍ଟ ଭୁଲି ହୋଇଯାଏ। ମା' ଥରେ ମୁଣ୍ଡରେ ହାତ ରଖିଦେଲେ ଦୁନିଆର କୌଣସି ଶକ୍ତି ଆପଣଙ୍କୁ ହରାଇ ପାରେନା।

ସଂସାର ଓ ସଂସ୍କୃତିକୁ ହାତରେ ଧରି ଆଗକୁ ଚାଲେ ମା'। ମା'ର ଭଲ ପାଇବାରେ କୌଣସି ସର୍ତ୍ତ ନଥାଏ। ଆକଟ ବି କରେ, ଆଦର ବି କରେ, ହେଲେ କୌଣସି ପରିସ୍ଥିତିରେ ସନ୍ତାନର ହାତ ଛାଡ଼ିନଥାଏ। ମାଆ ଯିଏ ପିଲାଙ୍କ ପାଇଁ ଦରକାର ପଡିଲେ ଦୁନିଆ ଆଗରେ ନଇଁପାରେ, ପୁଣି ଆବଶ୍ୟକ ସ୍ଥଳରେ ତା'ର ସନ୍ତାନ ପାଇଁ ସାରା ଦୁନିଆକୁ ନୁଆଁଇ ଦେଇପାରେ। ମା'ର ମମତାର ତୁଳନା ନାହିଁ। ସନ୍ତାନଟିକୁ ମଣିଷ କରି ଗଢ଼ି ତୋଳିବାରେ ରହିଛି ଯେ, ଜଣେ ମା'ର ଅସୀମ ତ୍ୟାଗ। ଏହି କଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ସେଥିପାଇଁ ମନୁଷ୍ୟ ଜୀବନର ସବୁଠୁ ବଡ଼ ଋଣ ହେଉଛି ମାତୃ ଋଣ। ଯାହାକୁ ଜୀବନ କାଳରେ କେହି ଶୁଝିପାରନ୍ତି ନାହିଁ। ମା'ଙ୍କ ଠାରୁ ହିଁ ସୃଷ୍ଟି ପୂରା ସଂସାର। ମାଆ ନିଜ ପିଲାର ଜନ୍ମଠୁ ଆରମ୍ଭ କରି ବଡ଼ ହେବା ପର୍ଯ୍ୟନ୍ତ ସମସ୍ତ ଅଳିଅଝଟ ଶୁଣିବା ସହ ଦାୟିତ୍ୱ ମଧ୍ୟ ତୁଲାଇଥାନ୍ତି। ମା' ସନ୍ତାନର ପ୍ରଥମ କୁଆଁ କୁଆଁ କାନ୍ଦରେ ନିଜ ଆତ୍ମାକୁ ଶୀତଳ କରାଇ ଥାଏ। ନିଜେ କଷ୍ଟରେ ରହି ଛୁଆ ଓଠରେ ହସ ଦେବାକୁ ଚେଷ୍ଟା କରେ। ଗୋଟିଏ ଶିଶୁଟିକୁ ଲାଳନ ପାଳନ କରି ସଂସ୍କାର ଦେଇ ଦୁନିଆରେ ଗୋଟିଏ ଭଲ ମଣିଷ କରି ଠିଆ କରିବାରେ ଗୋଟିଏ ମା'ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ।

ଶାସ୍ତ୍ରରେ ମଧ୍ୟ କୁହାଯାଇଛି "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ" ଅର୍ଥାତ୍ ମାଆ ଏବଂ ମାତୃଭୂମି ସ୍ୱର୍ଗଠାରୁ ବଡ଼। ଏ ଧରା ପୃଷ୍ଠରେ ଜୀବନକୁ ମାଆର ଭୂମିକା ଗୁରୁତ୍ୱପୂର୍ଣ୍ଣ। କେବଳ ଜନ୍ମ ନୁହେଁ, ବାତ୍ସଲ୍ୟ ମମତା, ତ୍ୟାଗ, ବଳିଦାନ ଢାଳି ଦେଇଥାଏ ମାଆ। 'ମା'ରୁ ମାଟି... 'ଆ'ରୁ ଆକାଶ। ମାଟିରୁ ଆକାଶ ଯାଏ ଶୁଭେ ତା'ର ପ୍ରତିଧ୍ୱନି। ଏହି ଡାକରେ ଭରି ରହିଛି ସ୍ନେହ, ଶ୍ରଦ୍ଧା ଓ ଅନାବିଳ ପ୍ରେମ। ତା'ର ମନରେ ନଥାଏ ଛଳନା, ମମତାର ନାହିଁ କଳନା, ସ୍ନେହ ବିନା ସେ କିଛି ଜାଣେନା। ସମୁଦ୍ରଠୁ ଗଭୀର ତା' ପ୍ରେମ। ଆକାଶଠାରୁ ବଡ଼ ତା'ର ହୃଦୟ। ମାଆ ଶବ୍ଦ ସିନା ଛୋଟ କିନ୍ତୁ ଓଜନ ଏହାର ଅଧିକ। ସନ୍ତାନର ପ୍ରଥମ ଶିକ୍ଷକ ମା'। ସେ ଶିଖାଏ ଚାଲି, ଚଳନ, ଆଚାର ବ୍ୟବହାର, ଶିଷ୍ଟାଚାର, ଭଦ୍ରତା, ନମନୀୟତା, ଶାଷଣା ଆଉ ଜୀବନ ଜିଇଁବାର କୌଶଳ। ସେ ବିନା ଶିକ୍ଷାରେ ବି ପିଲାକୁ ପଢାଏ ମଣିଷ ଭଳି ମଣିଷ ହେବାର ପାଠ। ତା' ନାମ କେବଳ ମାଆ ହୋଇଥାଇ ପାରେ ହେଲେ ତା' ପରିଚୟ ଅନେକ।

# ସତ୍‌ସଙ୍ଗରୁ ଶିକ୍ଷାଲାଭ...



ମନୋଜ କୁମାର ବେହେରା
ପ୍ଲଟନଂ-୨୧୭/ପି, ୟୁନିଟ୍-୯(ଫ୍ଲାଟ)
ବାୟାବାବା ମଠ ଲେନ୍, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

ଗୋଟିଏ ଗାଁରେ ସତ୍‌ସଙ୍ଗ ଚାଲିଥିଲା। ଜଣେ ବ୍ୟକ୍ତି ସନ୍ଥଙ୍କୁ ପଚାରିଲେ ମହାରାଜ ! ରାମାୟଣକୁ ସମସ୍ତେ ପଢି ପାରିବେନି। ଏହି ଗ୍ରନ୍ଥରେ ଥିବା କିଛି ମୂଲ୍ୟବାନ ଶିକ୍ଷା ସଂକ୍ଷେପରେ କହିପାରିବେ, ଯାହା ଆମ ସମସ୍ତଙ୍କ କାମରେ ଆସିବ। ସନ୍ଥ ଏହା ଶୁଣିକରି କହିଲେ- ରାମାୟଣରେ ତିନୋଟି ମୂଲ୍ୟବାନ ଶିକ୍ଷା ଅଛି। ତାହା ମୁଁ ତୁମମାନଙ୍କ ନିକଟରେ ଆଜି କହୁଛି। ପ୍ରଥମ ହେଲା- ଧର୍ମ ଆଉ କର୍ତ୍ତବ୍ୟର ପାଳନ। ଭଗବାନ ରାମ ପିତାଙ୍କର ବଚନର ସମ୍ମାନ କରିକି ବନବାସକୁ ସ୍ୱୀକାର କରିଥିଲେ। ଏହା ଆମକୁ ଶିଖାଇଉଛି କି ଜୀବନରେ ଧର୍ମ ଆଉ କର୍ତ୍ତବ୍ୟକୁ ସବୁବେଳେ ପ୍ରାଥମିକତା ଦେବା ଜରୁରି। 'ରଘୁକୂଳ ରୀତ ସଦା ଚଲି ଆଇ, ପ୍ରାଣ ଯାଏ ପର ବଚନ ନ ଜାଇ'। ଦ୍ୱିତୀୟରେ- ପ୍ରକୃତ ଭକ୍ତି ଆଉ ସେବାର। ହନୁମାନଙ୍କର ନିଃସ୍ୱାର୍ଥ ଭକ୍ତି ଏହା ଶିଖାଉଛି କି ପ୍ରକୃତ ସମର୍ପଣ ଆଉ ସେବାରେ ଭଗବାନଙ୍କୁ ମଧ୍ୟ ପ୍ରସନ୍ନ କରାଯାଇ ପାରିବ। 'ରାମ କାଜ କରିବେ କୋ ଆତୁର'। ତୃତୀୟରେ- ଏକତା ଆଉ ସାମୂହିକ ପ୍ରୟାସ। ବାନର ସେନାଙ୍କ ସହଯୋଗରେ ରାବଣ ଉପରେ ବିଜୟ ସମ୍ଭବ ହେଲା। ଏହା ଶିକ୍ଷା ଦେଉଛି କି ଏକତା ଆଉ ସାମୂହିକ ପ୍ରୟାସରୁ ବଡ଼ରୁ ବଡ଼ ବାଧାକୁ ପାର କରାଯାଇ ପାରିବ। 'ସଂଗଠନ ମେ ଶକ୍ତି ହେ'। ରାମାୟଣ ଆମକୁ ଧର୍ମ, ଭକ୍ତି ଆଉ କର୍ମର ପ୍ରକୃତ ପଥ ଦେଖାଇ ଥାଏ। ସେଠାରେ ଉପସ୍ଥିତ ଥିବା ଜଣେ ଯୁବକ ଠିଆ ହୋଇ ପଚାରିଲେ ମହାରାଜ ! ଜୀବନର ଅନୁଭବ କେମିତି କରାଯାଇ ପାରିବ। ସନ୍ଥ କହିଲେ- ଜୀବନର ଅନୁଭବ ଆମକୁ ଜୀବନର ସତ୍ୟତା ଆଉ ମୂଲ୍ୟକୁ ଶିଖେଇ ଥାଏ। ଏହି ଅନୁଭବ ଆମକୁ ଶକ୍ତିଶାଳୀ ବନେଇ ଥାଏ। ଆଉ ଆମକୁ ଶିଖିବା ଆଉ ଆଗକୁ ବଢିବାରେ ସାହାଯ୍ୟ କରିଥାଏ। ଜୀବନର ଅନୁଭବ ଆମକୁ ଏହା ଶିଖେଇ ଥାଏ କି ଜୀବନରେ ଉତ୍ଥାନ-ପତନ ତ ଲାଗି ରହିଥାଏ, କିନ୍ତୁ ଆମକୁ ଏଥିରେ ହାର ମାନିବାର ନାହିଁ। ଆମର ନିଷ୍ପତ୍ତି ଆମର ଜୀବନକୁ ଆକାର ଦେଇଥାଏ। ସମ୍ବନ୍ଧ ଆଉ ପ୍ରେମ ଜୀବନକୁ ଅର୍ଥପୂର୍ଣ୍ଣ ବନେଇ ଥାଏ। ଜୀବନରେ ଶିଖିବା ଆଉ ବିକାଶର କୌଣସି ସୀମା ହୋଇ ନଥାଏ। ଆଉ ଜୀବନର ଛୋଟ-ଛୋଟ ଖୁସିର ଆନନ୍ଦ ନେବା ଜରୁରି।

# ଅର୍ଥନୈତିକ ଅଭିବୃଦ୍ଧି ଓ ନିଯୁକ୍ତି ସୁଯୋଗ



ବାଦଲ ଭୂୟାଁ
ପୁରୁଣା ସୋନାରୀ, ଜାମସେଦପୁର,
ମୋ: ୭୪୮୮୯୯୮୫୩୨

ଓଡ଼ିଶା ରାଜ୍ୟ ସ୍ଥାପନର ଶହେ ବର୍ଷ ପୂର୍ତ୍ତି ୨୦୩୬ରେ ପୂରଣ ହେବାକୁ ଯାଉଥିବା ବେଳେ ରାଜ୍ୟକୁ ସମଗ୍ର ଦେଶରେ ଏକ ସମୃଦ୍ଧ, ସଶକ୍ତ ଓ ଦ୍ରୁତ ଅଗ୍ରସର ପଥରେ ନେବାକୁ ସରକାର ଗୁରୁତ୍ୱ ପ୍ରଦାନ କରିଛନ୍ତି। ପୂର୍ବ ଭାରତର ବିକାଶ ଇଞ୍ଜିନ ଭାବେ ଓଡ଼ିଶା କାର୍ଯ୍ୟ କରିବା ସହ ଗତବର୍ଷ ତୁଳନାରେ ଏ ବର୍ଷ କେନ୍ଦ୍ର ସରକାର ଓଡ଼ିଶାକୁ ଅଧିକ ୩୦ ପ୍ରତିଶତ ଅଧିକ ବଜେଟ ଦେଇଛନ୍ତି। ନିକଟରେ ଓଡ଼ିଶା ସରକାର ୧୩୨ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ଏହି ଅନୁମୋଦନ ମିଳିଛି। ଏହା ଫଳରେ ୪୬୩୭ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ନୂତନ ଭାବେ ଅନୁମୋଦିତ ପ୍ରକଳ୍ପଗୁଡ଼ିକର ଅଧିକ ପ୍ରଭାବୀ ବିଭିନ୍ନ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରାଯାଇଛି, ଯାହା ଏକ ବିବିଧ ଶିଳ୍ପ ଇକୋସିଷ୍ଟମ ସୃଷ୍ଟି ପାଇଁ ଓଡ଼ିଶାର ପ୍ରତିବଦ୍ଧତାକୁ ଦର୍ଶାଉଛି। ରାସାୟନିକ ତଥା ନବୀକରଣଯୋଗ୍ୟ ଶକ୍ତି, ଇସ୍ପାତ ଡାଉନଷ୍ଟ୍ରିମ, ଆଲୁମିନିୟମଷ୍ଟ୍ରିମ, ଖାଦ୍ୟ ପ୍ରକ୍ରିୟାକରଣ, ମାନୁଫକ୍‌ଚରିଂ, ଟେକ୍ସଟାଇଲ ଏବଂ ଆପେରେଲ, ପର୍ଯ୍ୟଟନ, ଫାର୍ମାସ୍ୟୁଟିକାଲ୍ସ ଏବଂ ସିମେଣ୍ଟ କ୍ଷେତ୍ରରେ ପୁଞ୍ଜିନିବେଶ କରି ଓଡ଼ିଶା ଶିଳ୍ପ ଅଭିବୃଦ୍ଧି ପାଇଁ ଏକ ପ୍ରମୁଖ ଲକ୍ଷ୍ୟସ୍ଥଳ ଭାବେ ନିଜକୁ ପ୍ରତିଷ୍ଠିତ କରୁଛି। ଅନୁମୋଦନ ଲାଭ କରିଥିବା ଏହି ସମସ୍ତ ପ୍ରକଳ୍ପ କୋରାପୁଟ, ଖୋର୍ଦ୍ଧା, ବରଗଡ଼, ପୁରୀ, କଟକ ଓ ଝାରସୁଗୁଡ଼ା ସମେତ ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକାରୀ ହେବ। ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟରେ ଅର୍ଥନୈତିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି ସଙ୍ଗେ ସଙ୍ଗେ ଏକ ସୁଦୃଢ଼ ଶିଳ୍ପ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଦିଗରେ ଓଡ଼ିଶାର ନିରନ୍ତର ଧ୍ୟାନ ରହିଥିବା ପ୍ରତିଫଳିତ କରୁଛି।

ରାସାୟନିକ ତଥା ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ରିଲାଏନ୍ସ ବାୟୋ ଏନର୍ଜି ଲିମିଟେଡ ପୁରୀରେ କମ୍ପ୍ରେସ୍ଡ ବାୟୋ ଗ୍ୟାସ ଓ ଫର୍ମେଣ୍ଟେଡ ଜୈବିକ ସାର କାରଖାନା ସ୍ଥାପନ କରିବ। ୧୨୧.୨୧ କୋଟି ଟଙ୍କା ପୁଞ୍ଜିନିବେଶ ବିଶିଷ୍ଟ ଏହି କ୍ଷେତ୍ରରେ ୬୯ ନିଯୁକ୍ତି ସୃଷ୍ଟି ହେବା ସହିତ ଏଥିରେ ରାଜ୍ୟର ନିରନ୍ତର ଏବଂ ଅକ୍ଷୟ ଶକ୍ତି ଉତ୍ସ ଉପରେ ଗୁରୁତ୍ୱ ରହିଛି। ଇସ୍ପାତ କ୍ଷେତ୍ରରେ କଟକରେ ବିକେ ଷ୍ଟିଲ ଇଣ୍ଡଷ୍ଟ୍ରିଜ ଲିମିଟେଡ ଏହାର ପ୍ରକଳ୍ପକୁ ଅଧିକ ସମ୍ପ୍ରସାରଣ କରିବ, ଯେଉଁଥିରେ ସ୍ପଞ୍ଜ ଆଇରନ, ଫେରୋଆଲଏଜ, ସିଣ୍ଟର ପ୍ଲାଣ୍ଟ ଏବଂ କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ ସମେତ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ୪୫୦ କୋଟି ଟଙ୍କା ବିନିଯୋଗ କରିବ। କେବଳ ଏହି ପ୍ରକଳ୍ପ ୮୦୦ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବ ବୋଲି ଆକଳନ କରାଯାଇଛି, ଯାହା ଓଡ଼ିଶାର ଇସ୍ପାତ ଉତ୍ପାଦନ କ୍ଷମତାରେ ଉଲ୍ଲେଖନୀୟ ଉନ୍ନତି ଆଣିବ।

ଏଚ୍‌ଏମ୍ ପାୱାର ଆଣ୍ଡ କେବଲ୍ସ ପ୍ରାଇଭେଟ ଲିମିଟେଡ ଝାରସୁଗୁଡ଼ାରେ ଏକ ଆଲୁମିନିୟମ କଣ୍ଡକ୍ଟର, ପାୱାର କେବୁଲ ଏବଂ ତାର ଉତ୍ପାଦନ କାରଖାନା ପ୍ରତିଷ୍ଠା କରୁଥିବାରୁ ଡାଉନଷ୍ଟ୍ରିମ ଆଲୁମିନିୟମ କ୍ଷେତ୍ରକୁ ମଧ୍ୟ ପ୍ରୋତ୍ସାହନ ମିଳୁଛି। ୫୫.୭୨ କୋଟି ଟଙ୍କାର ଏହି ପ୍ରକଳ୍ପ ୨୦୫ ଜଣ ନିଯୁକ୍ତି ପାଇବେ ବୋଲି ଆଶା କରାଯାଉଥିବା ବେଳେ ଓଡ଼ିଶାର ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦନ ବୃଦ୍ଧି ଏବଂ ଓଡ଼ିଶାର ସମୃଦ୍ଧ ଖଣିଜ ସମ୍ପଦ ଉପରେ ନିର୍ଭର କରୁଥିବା ଶିଳ୍ପଗୁଡ଼ିକୁ ସହାୟତା କରିବା ପାଇଁ ଏହା ଓଡ଼ିଶାର ରଣନୀତି ସହ ଯୋଡ଼ି ହୋଇଛି। ଏହା ବ୍ୟତୀତ ଖୋର୍ଦ୍ଧାରେ ନେକ୍ସଟ ଥର୍ମାଲ ଏସିଆ ପ୍ରାଇଭେଟ ଲିମିଟେଡ ୫୫.୮୧ କୋଟି ଟଙ୍କା ବିନିଯୋଗରେ ୧୩୨ ନିଯୁକ୍ତି ସୁଯୋଗ ସୃଷ୍ଟି କରି ଏକ ହିଟିଂ ଏଲିମେଣ୍ଟସ ଉତ୍ପାଦନ ୟୁନିଟ ସ୍ଥାପନ କରିବ, ଯାହାକି ଇସ୍ପାତ ଶିଳ୍ପ ଉପରେ ନିର୍ଭରଶୀଳ ଆନୁସଙ୍ଗିକ ଇସ୍ପାତ ଶିଳ୍ପକୁ ଅତ୍ୟାବଶ୍ୟକ ଉପାଦାନ ଯୋଗାଇଦେବ। ଭୁବନେଶ୍ୱରୀ ଫୁଡ୍ସ ଆଣ୍ଡ ବିଭରେଜ ପ୍ରାଇଭେଟ ଲିମିଟେଡ ଅବନ ବିଭରେଜ ପ୍ରାଇଭେଟ ଲିମିଟେଡ, ଜିଓଫାଷ୍ଟ କଞ୍ଜ୍ୟୁମର ପ୍ରଡକ୍ଟସ ପ୍ରାଇଭେଟ ଲିମିଟେଡ ଏବଂ ଆଭିରା ଡିଷ୍ଟିଲେରୀ ପ୍ରାଇଭେଟ ଲିମିଟେଡର ପ୍ରକଳ୍ପ ସହ ଓଡ଼ିଶାର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ପୁଞ୍ଜିନିବେଶ ଆକୃଷ୍ଟ ହେବାରେ ଲାଗିଛି। ଖୋର୍ଦ୍ଧା, ବରଗଡ଼ ଓ କଟକରେ ଥିବା ଏହି ପ୍ରକଳ୍ପଗୁଡ଼ିକରେ ପ୍ରାୟ ୧୫୪୨.୦୪ କୋଟି ଟଙ୍କା ପୁଞ୍ଜିନିବେଶରେ ୧୩୫୮ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ଏହି ଖାଦ୍ୟ ଓ ପାନୀୟ ଉତ୍ପାଦନ ୟୁନିଟର ସ୍ଥାପନ ଗ୍ରାମୀଣ ବିକାଶ ଏବଂ ନିଯୁକ୍ତି ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ଖାଦ୍ୟ ପ୍ରକ୍ରିୟାକରଣର ଏକ କେନ୍ଦ୍ର ଭାବରେ ଓଡ଼ିଶାର ଖ୍ୟାତିକୁ ସୁଦୃଢ଼ କରିବ। ଟେକ୍ସଟାଇଲ ଆଣ୍ଡ ଆପେରେଲ କ୍ଷେତ୍ରରେ ଓଡ଼ିଶା ଟେକ୍ସଟାଇଲର ମ୍ୟାନୁଫାକଚରିଂ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଖୋର୍ଦ୍ଧାରେ ଟେକ୍ସଟାଇଲର ବର୍ଜ୍ୟବସ୍ତୁରୁ ପୁନଃ ବ୍ୟବହାରକ୍ଷମ ସୂତା ଉତ୍ପାଦନ ପାଇଁ ଏକ କାରଖାନା ସ୍ଥାପନ କରାଯାଉଛି। ୫୧.୮୦ କୋଟି ଟଙ୍କାର ଏହି ପଦକ୍ଷେପ ଏବଂ ୫୩୫ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଥିବାବେଳେ ବୟନ ଶିଳ୍ପ କ୍ଷେତ୍ରରେ ପ୍ରତି ରାଜ୍ୟର ଏହା ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି। ପର୍ଯ୍ୟଟନ କ୍ଷେତ୍ରରେ ଆଇଟିସି ଲିମିଟେଡ ୧୧୯.୧୪ କୋଟି ଟଙ୍କା ବିନିଯୋଗରେ ଭୁବନେଶ୍ୱରରେ ନିଜର ପଞ୍ଚତାରକା ହୋଟେଲ ୱେଲକମ ହୋଟେଲର ସମ୍ପ୍ରସାରଣ କରିବ ଏବଂ ଅତିରିକ୍ତ ୨୪୦ ନିଯୁକ୍ତି ପ୍ରଦାନ କରିବ। ଏସଜେ ଜେଆରଜି ଭେଞ୍ଚର୍ସ ଏଲଏଲପି କ୍ରାକର୍ସ ଇଣ୍ଡିଆ ଇନଫ୍ରାଷ୍ଟ୍ରକଚର୍ସ ଲିମିଟେଡ ଦ୍ୱାରା ପର୍ଯ୍ୟଟନ ସମ୍ବନ୍ଧୀୟ ଅତିରିକ୍ତ ପ୍ରକଳ୍ପ, ପୁରୀ ଏବଂ କୋରାପୁଟରେ ନୂତନ ଆତିଥେୟତା ସୁବିଧା ଆଣିବ ଏବଂ ଏଥିପାଇଁ ମୋଟ ୧୫୪ କୋଟି ଟଙ୍କାର ପୁଞ୍ଜିନିବେଶ ଏବଂ ୩୮୦ ନିଯୁକ୍ତି ସୃଷ୍ଟି କରିବ। ଏହା ବିକାଶ ଓଡ଼ିଶାର ଅର୍ଥନୈତିକ ଓ ସାଂସ୍କୃତିକ ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ସହ ପର୍ଯ୍ୟଟନସ୍ଥଳୀ ଭାବେ ଓଡ଼ିଶାର ଆକର୍ଷଣ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଫାର୍ମାସ୍ୟୁଟିକାଲ୍ସରେ ଇପଫୁନେକ୍ସ ହେଲଥକେୟାର ପ୍ରାଇଭେଟ ଲିମିଟେଡ ୫୯.୪୩ କୋଟି ଟଙ୍କା ନିବେଶରେ କଟକରେ ଇଣ୍ଟ୍ରାଭେନସ ଫ୍ଲୁଇଡ ଉତ୍ପାଦନ ପାଇଁ ଦ୍ୱିତୀୟ ୟୁନିଟ ସ୍ଥାପନ କରିବ ଏବଂ ଏହାଦ୍ୱାରା ୧୮୨ ଅତିରିକ୍ତ ନିଯୁକ୍ତି ସୃଷ୍ଟି କରିବ। ଅଲ୍ଟ୍ରା ଟେକ ସିମେଣ୍ଟ ଲିମିଟେଡର ପ୍ରକଳ୍ପ ଅନୁମୋଦନ ମିଳିବା ପରେ ଓଡ଼ିଶାର ସିମେଣ୍ଟ ଉତ୍ପାଦନ କ୍ଷମତା ବୃଦ୍ଧି ପାଇ କଟକରେ ଏହାର ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ ୩ ଏମଟିପିଏରୁ ୬ ଏମଟିପିଏକୁ ବୃଦ୍ଧି ପାଇବ। ୩୭୨ କୋଟି ଟଙ୍କାର ଏହି ସମ୍ପ୍ରସାରଣ ପ୍ରକଳ୍ପ ୫୮୧ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି ଏବଂ ଏହା ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ଦର୍ଶାଉଛି।

ଏହି ପ୍ରକଳ୍ପ ଗୁଡ଼ିକ ସମଗ୍ର ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକାରୀ କରାଯିବା ପାଇଁ ପ୍ରତିବଦ୍ଧତ, ଯାହାର ସାମୂହିକ ପୁଞ୍ଜିନିବେଶ ମୂଲ୍ୟ ୩୩୫୩.୧୫ କୋଟି ଟଙ୍କା ଏବଂ ଏଥିରେ ୪୬୩୭ ନିଯୁକ୍ତି ସୃଷ୍ଟି ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ଓଡ଼ିଶାରେ ରାଜ୍ୟବ୍ୟାପୀ ଅର୍ଥନୈତିକ ଅଭିବୃଦ୍ଧି ଓ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ଏକାଧିକ କ୍ଷେତ୍ରରେ ବିପୁଳ ପୁଞ୍ଜିନିବେଶ ସୁବିଧା କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ସହ ରାଜ୍ୟକୁ ବିଶ୍ୱର ଏକ ପସନ୍ଦର ନିବେଶ ସ୍ଥଳ ଭାବରେ ପରିଣତ ପାଇଁ ଲକ୍ଷ୍ୟ ରଖିଛନ୍ତି।



ପାରାଦୀପ(ଭାସ୍କର ନ୍ୟୁଜ): ଜାତୀୟ ରାଜପଥ-୫୩ର ଚଣ୍ଡିଖୋଲ-ପାରାଦୀପ ସେକ୍ସନର ବିସ୍ତାର ସକାଶେ ଏକ ବିକଳ୍ପ ରାସ୍ତା ପାଇଁ ଜଗତସିଂହପୁର ବିଜେପି ସାଂସଦ ବିଭୂ ପ୍ରସାଦ ତରାଇ ବୁଧବାର ଦିନ ଲୋକସଭାରେ ପ୍ରସ୍ତାବ ଦେଇଛନ୍ତି । ଏହି ପ୍ରସଙ୍ଗ ଗୃହରେ ଉଠାଇ ସେ କହିଥିଲେ ଯେ ଜାତୀୟ ରାଜପଥ ନିର୍ମାଣ ଗତ ୧୧ ବର୍ଷ ମଧ୍ୟରେ ୬୦ ପ୍ରତିଶତ ବୃଦ୍ଧିପାଇଛି । ପ୍ରତିଦିନ ୩୦ କିଲୋମିଟର ଜାତୀୟ ରାଜପଥ ନିର୍ମାଣ କରାଯାଉଛି । ଏଥିରୁ ଓଡ଼ିଶାକୁ ମଧ୍ୟ ଲାଭ ମିଳିଛି । ନିକଟରେ ଜାତୀୟ ରାଜପଥ-୫୩ ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦୀପ ସେକ୍ସନକୁ ୪ ରୁ ୮ ଲେନ୍ ?କୁ ବିସ୍ତାର କରିବା ପାଇଁ କାର୍ଯ୍ୟ ଅନୁମୋଦନ କରାଯାଇଛି । ଏହା ଖୁବ୍‌ଶୀଘ୍ର ଶେଷ ହେବାର ସମ୍ଭାବନା ରହିଛି । ଏହି ବିସ୍ତାର ସକାଶେ ଜାତୀୟ ରାଜପଥ ପ୍ରକଳ୍ପ ବିଜୟଚନ୍ଦ୍ରପୁର ଓ ଉଦୟବିହାର ପାଖାପାଖି ୨.୫ କିଲୋମିଟର ଦୂରତା ଦୁଇ ଗାଁକୁ ଅଧିଗ୍ରହଣ କରିବାକୁ ଯାଉଛି । ଏହାଦ୍ୱାରା ଏହି ଦୁଇ ଗାଁର ବାସିନ୍ଦାଙ୍କୁ ବାସହୀନ ହେବାକୁ ପଡ଼ିବ । ଫଳରେ ଲୋକମାନେ ସେମାନଙ୍କ ଘର, ଦୋକାନ ହରାଇବେ । ଯଦି ଏହି ୨.୫ କିଲୋମିଟର ସେକ୍ସନ ବଦଳରେ ଏକ ବିକଳ୍ପ ପଥ ଉପଲବ୍ଧ କରାଯାଏ, ତେବେ ଏହି ଦୁଇ ଗ୍ରାମର ଲୋକଙ୍କୁ ସେମାନଙ୍କ ଗାଁରୁ ହଟାଇବା ଆବଶ୍ୟକ ପଡ଼ିବନି । ଏହି ପ୍ରସ୍ତାବକୁ ବିଚାର କରିବା ପାଇଁ ଶ୍ରୀ ତରାଇ କେନ୍ଦ୍ର ସଡକ ପରିବହନ ତଥା ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ନିକଟରେ ନିବେଦନ କରିଛନ୍ତି



**'ଓଡିଶା ଭାସ୍କର' ମହାପ୍ରଭାବ**

# ଥାନାବାବୁ ରହଣି ପାଇଁ ନିର୍ମାଣ କ୍ୱାର୍ଟରରେ ନିୟମ ଉଲ୍ଲଘଂନ: ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ୍



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପେଟ ପାଇଁ ଶ୍ରମିକ ତାର ଜୀବନକୁ ବାଜି ଲଗାଇ କାମ କରୁଛି । କୌଣସି ଶ୍ରମଜୀବିଙ୍କୁ ଅସୁରକ୍ଷିତ ଭାବେ କାମ କରାଇବା ଶ୍ରମ ଆଇନି ବିରୋଧ । ଏହା ସତ୍ୱେ ପୁରୀ ଜିଲ୍ଲା ଅସ୍ତରଙ୍ଗ ନୂତନ ଥାନା ପରିସରରେ ନିର୍ମାଣ ହେଉଥିବା ଥାନାବାବୁଙ୍କ ରହଣି ପାଇଁ ନିର୍ମିତ ଷ୍ଟାଫ କ୍ୱାର୍ଟର କାର୍ଯ୍ୟ ଚାଲୁଥିବା ବେଳେ କାମ କରୁଥିବା ଶ୍ରମିକ ନିଜ ଜୀବନକୁ ବାଜିରେ ଲଗାଇଛନ୍ତି । ଷ୍ଟାଫ କ୍ୱାର୍ଟର ନିର୍ମାଣ ଅନେକ ଅନିୟମିତତା ପୂର୍ବରୁ ଆସିଥିବା ବେଳେ ଯାହାକି କିଛି ଦିନ ପୂର୍ବେ ଶ୍ରମିକଙ୍କ ସହ ଗଣ୍ଡଗୋଳ ହୋଇଥିବା ଘଟଣା ଥାନାରେ ଅଭିଯୋଗ ହୋଇଥିଲା । ସରକାରୀ କ୍ୱାର୍ଟର କାମ ହେଉଥିଲେ ମଧ୍ୟ କାମ ହାତେଇବା ଠିକାଦାରଙ୍କ ବେପରୁଆ ନିତୀ ଯୋଗୁଁ ଭୂମିଠାରୁ ବାଉଁଶ ନିର୍ମିତ ସୁରକ୍ଷା ବାଉଁଶରେ ୪୦ଫୁଟ ଉଚ୍ଚରେ ଶ୍ରମିକ ବିନା ସୁରକ୍ଷା ସମାଗ୍ରୀ ପରିଧାନରେ କାମ କରାଯାଉଥିବା ଦେଖିବାକୁ ମିଳିଛି । ଯାହାକି ପାଦେ ପାଦେରେ ବିପଦ ରହିଛି । ଶ୍ରମିକଙ୍କୁ ସୁରକ୍ଷା ବେଲ୍ଟ, ହେଲମେଟ ଓ ଗ୍ଲୋବ ଆଦି ସମାଗ୍ରୀ ଯୋଗାଇ ଦିଆଯାଉନାହିଁ । ଶ୍ରମିକମାନେ ବାଉଁଶ ଉପରେ ୪୦ ଫୁଟରୁ ଉର୍ଦ୍ଧ୍ୱ ଉପରେ ଝୁଲି ଝୁଲି ରହି ବିପଦ ସଂକୁଳ ଅବସ୍ଥାରେ କାମ କରୁଛନ୍ତି । ଯାହାକୁ ନେଇ 'ଓଡିଶା ଭାସ୍କର'ରେ ଗତ ୨୧ତାରିଖରେ ଖବର ପ୍ରସାରଣ ପରେ ଉଚ୍ଚପଦସ୍ତ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଶ୍ରମ ବିଭାଗର ୩ ଜଣିଆ ତଦନ୍ତକାରୀ ଟିମ୍ ଶନିବାର ଅପରାହ୍ନ ସମୟରେ ନିର୍ମାଣ ଜାରିରହିଥିବା ପୋଲିସ କ୍ୱାର୍ଟର ପାଖରେ ପହଞ୍ଚିଥିଲେ । ତଦନ୍ତକାରୀ ଅଧିକାରୀଙ୍କୁ ଦେଖି ଠିକାଦାର ହେଉ ଅବା କାମ ବୁଝାବୁଝି କରୁଥିବା ବ୍ୟକ୍ତିବିଶେଷ ଘଟଣା ସ୍ଥଳରୁ ପଳାଇ ଯାଇଥିଲେ । ୩ ଜଣିଆ ତଦନ୍ତ କାରୀ ଟିମ୍ ମଧ୍ୟରେ ପୁରୀ ସହକାରୀ ଶ୍ରମ ଅଧିକାରୀ ଚିନ୍ମୟ ପ୍ରିୟଦର୍ଶୀଙ୍କ ସହ ଶ୍ରମ ବିଭାଗ କର୍ମଚାରୀ ଦେବବ୍ରତ ପଲାଇ, ଶୈଳେନ୍ଦ୍ର ପ୍ରଧାନ ଉପସ୍ଥିତ ରହି କାର୍ଯ୍ୟରତ ଥିବା ଶ୍ରମିକଙ୍କ ସହ ଆଲୋଚନା କରିଥିଲେ । ପ୍ରଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟରୁ ଉକ୍ତ ଠିକାଦାରଙ୍କୁ ଚିଠି ମାଧ୍ୟମରେ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଠିକାଦାର ସମସ୍ତ ରେକର୍ଡ, ରେଜିଷ୍ଟର, ସହାୟକ ଦଲିଲ ଏବଂ ସମ୍ପୃକ୍ତ ଶ୍ରମ ଲାଇସେନ୍ସ ସହିତ ବିଭାଗୀୟ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟରେ ୧୦ଦିନ ମଧ୍ୟରେ ଉପସ୍ଥାପନ ହେବାକୁ ନୋଟିସ ମାଧ୍ୟମରେ କୁହାଯାଇଛି ବୋଲି ତଦନ୍ତ କାରୀ ଅଧିକାରୀ ତଥା ପ୍ରଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟର ସହକାରୀ ଶ୍ରମ ଅଧିକାରୀ ଚିନ୍ମୟ ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି । ଏହା ସହ ଆଗାମୀ ଦିନରେ ଶ୍ରମିକଙ୍କୁ ସୁରକ୍ଷା ଉପକରଣ ଯେପରିକି ପୋଷାକ, ହେଲମେଟ ସହ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପରିବାର ଚଳାଇବାକୁ ଆବଶ୍ୟକ ତାଙ୍କ ପାଇଁ ମୂଳ ଲାଗୁଥିବା ଶ୍ରମିକଙ୍କୁ ଠିକାଦାର ବିପଦ ମୁହଁକୁ ଠେଲି ଦେଲା ଭଳି ଅଭିଯୋଗ କରାଯାଉଛି ।

# ବାମଝାଟିପାଟଣା ନୂତନ ମୌଜାକୁ ନେଇ ଆଶା ଓ ଆଶଙ୍କାରେ ଗ୍ରାମବାସୀ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ପାଟପୁର ରାଜସ୍ୱ ସର୍କଲ ଅରିଷଣ୍ଡ ଗ୍ରାମ ପଞ୍ଚାୟତ ବାମଝାଟିପାଟଣାକୁ ରାଜସ୍ୱ ମୌଜା ଘୋଷଣା କରିବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ବାମଝାଟିପାଟଣା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା । ଜିଲ୍ଲାପାଳ ଏହି ଅଭିଯୋଗକୁ ଗ୍ରହଣ କରି ତହସିଲଦାର ନିମାପଡ଼ାଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମାତ୍ର ଏହି ଘଟଣା ଏବେ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି । ବାମଦେଇପୁର ମୌଜାରେ ସ୍ୱଚ୍ଛ ସରକାରୀ ଜମି ଥିବା ବେଳେ ବାମଝାଟିପାଟଣା ମୌଜା ହେଲେ ବାମଦେଇପୁର ଗ୍ରାମ ମୌଜାରେ ଆଉ ସରକାରୀ ଜମି ରହିବ ନାହିଁ । ଲୋକମାନେ ଶବ ସଂସ୍କାର କରିବାକୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି କହିଛନ୍ତି । ଏହି ଘଟଣା ଉପରେ ଜିଲ୍ଲାପାଳ ପୁନଃବିଚାର କରିବାକୁ ମଧ୍ୟ ବାମଦେଇପୁର ଗ୍ରାମବାସୀ ନିବେଦନ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ତହସିଲ ବାମଦେଇପୁର ରେଭିନ୍ୟୁ ମୌଜାରେ ବାମଝାଟିପାଟଣା ରହିଥିବା ବେଳେ ବାମଝାଟିପାଟଣାକୁ ଏକ ସ୍ୱତନ୍ତ୍ର ମୌଜା କରିବା ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତହସିଲଦାର ବାମଦେଇପୁର ଓ ବାମଝାଟିପାଟଣାକୁ ଯାଇ ଜନସାଧାରଣଙ୍କ ସହିତ ଆଲୋଚନା କରିଛନ୍ତି । ବାମଝାଟିପାଟଣା ନୂତନ ମୌଜା ପାଇଁ ସ୍କେଚ୍ ମ୍ୟାପ୍ ଦିଆଯାଇଥିବା ବେଳେ ବାମଦେଇପୁର ଶ୍ମଶାନଟି ବାମଝାଟିପାଟଣା ମୌଜାରେ ଅନ୍ତର୍ଭୁକ୍ତ ହେବାକୁ ଯାଉଛି । ଯାହାଦ୍ୱାରା ଏଠାରେ ଶବ ପୋଡ଼ିବାକୁ ନେଇ ବିବାଦ ଦେଖା ଦେଇପାରେ ବୋଲି ଆଶଙ୍କା ରହିଛି । ବାମଝାଟିପାଟଣା ଗ୍ରାମରେ ସ୍ୱଚ୍ଛ ସଂପତି ଥିବା ବେଳେ କେଉଁ ପଦ୍ଧତିରେ ନୂତନ ମୌଜା ହେବାକୁ ଯାଉଛି ଭବିଷ୍ୟତରେ ସମାଧାନ କରି ସରକାର ପଦକ୍ଷେପ ନେବା ପାଇଁ ଦାବୀ ହୋଇଛି । ତହସିଲଦାରଙ୍କ ତଦନ୍ତ ସମୟରେ ଅରିଷଣ୍ଡ ସରପଂଚ ପ୍ରତିନିଧି ସୁଶାନ୍ତ ସେଠୀ, ସମିତି ସଭ୍ୟ ପ୍ରତିନିଧି ତ୍ରିଲୋଚନ ବେହେରା, ପୂର୍ବତନ ସମିତି ସଭ୍ୟ ରାହୁଲ ନାୟକ, ପୂର୍ବତନ ସରପଞ୍ଚ ଜୟନ୍ତ ପାଟଶାଣି ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ମଧୁବନ କ୍ୟାବିନ୍ ମାର୍କେଟ୍ ନୂଆ ରାସ୍ତା ନିଶାମାଫିଆଙ୍କ ଅଡ୍ଡାସ୍ଥଳୀ



ପାରାଦୀପ(ଭାସ୍କର ନ୍ୟୁଜ): ବନ୍ଦର ସହର ପାରାଦୀପରେ ନିଶା କାରବାର ଓ ନିଶାଡି ମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ସେହିପରି ପାରାଦୀପ ବନ୍ଦରର କିଛି ପରିତ୍ୟକ୍ତ ବାସଗୃହ, ଜଙ୍ଗଲ ଓ ଗଛ ମୂଳେ ନିଶା କାରବାର ସହିତ ଅସାମାଜିକ ବ୍ୟକ୍ତିମାନେ ନିଶାସେବନ କରୁଥିବା ଅଭିଯୋଗ ହୋଇଆସୁଛି । ତେବେ ମଧୁବନ କେବିନ ମାର୍କେଟ ଛକରୁ ସବଷ୍ଟେସନ ଛକ ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ନୂତନ ରାସ୍ତାର ପାର୍ଶ୍ୱରେ ଥିବା ଏକ ନିଛାଟିଆ ବରଗଛ ମୂଳରେ ସାଧାରଣରେ ଭୁଆଁ ବୁଲାଇବା ପାଇଁ ଠାକୁରଙ୍କ ଫଟୋ ରଖି ରାତ୍ରି ସମୟରେ ନିଶା ମାଫିଆ ମାନେ ନିଶା କାରବାର କରୁଥିବା ନେଇ ଅଭିଯୋଗ ହେଉଛି । ଦ୍ୱିତୀୟତଃ ଏହି ରାସ୍ତା ନିଛାଟିଆ ଥିବାରୁ ଜରୁରି ପରିସ୍ଥିତିରେ ରାତିରେ ଯାତାୟାତ କରୁଥିବା ଲୋକମାନେ ରାହାଜାନିର ଶିକାର ହେବାର ସମ୍ଭାବନା ଓ ଆଶଙ୍କା ସୃଷ୍ଟି ହୋଇଛି । ସୂଚନାଥାଉ କି ଏହି ରାସ୍ତା ଦେଇ ସ୍କୁଲ ଛାତ୍ରଛାତ୍ରୀ ଯିବାଆସିବା କରିଥାନ୍ତି । ତେଣୁ ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ରାସ୍ତାକଡ଼ରୁ ଗଛ ସମେତ ଅନ୍ୟାନ୍ୟ ବେଆଇନ ଦଖଲ ଉଚ୍ଛେଦ କରିବାକୁ ସାଧାରଣରେ ଦାବି ହେଉଛି ।

# ମଞ୍ଚରୁ ପଡି ଶ୍ରମିକ ମୃତ

ଟାଙ୍ଗୀ(ଭାସ୍କର ନ୍ୟୁଜ): ମଞ୍ଚରୁ ପଡି ଶ୍ରମିକର ମୃତ୍ୟୁ । ଏଭଳି ଏକ ଅଭାବନୀୟ ଘଟଣା ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ନିକଟସ୍ଥ ସୋରଣ-ମାନସିଂହପୁର ଗ୍ରାମରେ ଘଟିଛି । ସୋରଣ ଗ୍ରାମରେ ଥିବା ସତ୍ୟ ଟେଷ୍ଟ ହାଉସରେ କାର୍ଯ୍ୟ କରୁଥିଲେ ପଠାଣି ବେହେରା । ପଠାଣିକୁ ଶ୍ରମିକ ଭାବରେ ନିୟୋଜିତ କରିଥିଲେ ସତ୍ୟ ଟେଷ୍ଟ ହାଉସ । ଟେଷ୍ଟ ହାଉସର ମଞ୍ଚ କାର୍ଯ୍ୟ କରୁଥିବା ବେଳେ ମଞ୍ଚରୁ ଗଳିପଡି ଥିଲେ ପଠାଣି ବେହେରା । ଚିକିତ୍ସା ପାଇଁ ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ମାତ୍ର ବିଳମ୍ବ ହୋଇଗଲା କହି ଡାକ୍ତର ପଠାଣି ବେହେରାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ପଠାଣି ବେହେରାର ମୃତ୍ୟୁ ଖବର ପାଇବା ପରେ ପରିବାର ଲୋକେ ମେଡିକାଲରେ ବୁକୁଫଟା କ୍ରନ୍ଦନ କରୁଛନ୍ତି ।

# ନିମାପଡ଼ାରେ କଟକଣା ଜାରି
## ରାସ୍ତା ଉପରେ ଗାଡ଼ି ରଖିଲେ କାର୍ଯ୍ୟାନୁଷ୍ଠାନ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ବୁଲା ଗୋରୁ ଆତଙ୍କ ରଚିଥିବା ବେଳେ କେତେକ କାର, ଅଟୋ, ବାଇକ୍ ରାସ୍ତା ଉପରେ ଥୋଇବା ଦ୍ୱାରା ରାସ୍ତା ସଂକୁଚିତ ହେଉଥିବାରୁ ଦୁର୍ଘଟଣା ଘଟୁଛି । ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ୍ ହେଉଛି । ଲୋକମାନେ ଜରୁରୀ କାର୍ଯ୍ୟରେ ଯିବା ବିଳମ୍ବ ହେଉଛି । ଏ ସଂପର୍କରେ ବାରମ୍ବାର ଗଣମାଧ୍ୟମରେ ଖବର ବାଜିବା ପରେ ନିମାପଡ଼ା ବିଜ୍ଞାପିତ ପରିଷଦ ଅଞ୍ଚଳ ଓ ପୋଲିସ ପକ୍ଷରୁ ଲୋକଙ୍କୁ ସତର୍କତା କରାଇ ଦିଆଯାଇଛି । ଉଠା ଦୋକାନୀ ମଧ୍ୟ ରାସ୍ତାକୁ ମଡ଼ାଇ ବ୍ୟବସାୟ କରୁଥିଲେ ରାସ୍ତାରୁ ଅପସରି ଯିବା ପାଇଁ ପ୍ରଶାସନ ଚେତାବନୀ ଦେଇଛି । ଅପସରି ନଗଲେ ଉଚ୍ଛେଦ କରାଯିବ ବୋଲି କୁହାଯାଇଛି । 'ରାସ୍ତା ସଂକୁଚିତ ଜବର ଦଖଲ ବଢୁଛି' ଶୀର୍ଷକ ଖବର 'ଓଡ଼ିଶା ଭାସ୍କର'ରେ ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ବେଳକୁ ବେଳ ନିମାପଡ଼ାରେ ଥିବା ରାସ୍ତା ଦାଡ଼ରେ ଜବର ଦଖଲ ବଢ଼ି ଚାଲିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଦୋଳବେଦୀ ଛକଠାରୁ ତଳଅଣ୍ଡିଆ ପର୍ଯ୍ୟନ୍ତ, ତଳଅଣ୍ଡିଆ ଠାରୁ ହରିପୁର ପର୍ଯ୍ୟନ୍ତ ଚାରି ଟିକିଆ ରାସ୍ତା ନିର୍ମାଣ ଚାଲିଥିବା ବେଳେ ଅନେକ ବ୍ୟବସାୟୀ ରାସ୍ତା ଉପରକୁ ମାଡ଼ି ବ୍ୟବସାୟ କରୁଛନ୍ତି । ଝୁମ୍ପୁଡ଼ି ଦୋକାନ ସହରର ସୌନ୍ଦର୍ଯ୍ୟ ନଷ୍ଟ କରିବା ସହ ରାସ୍ତା ସଂକୁଚିତ ହେଉଛି । ଅନେକ ଅମାନିଆ କାର ଠାରୁ ଆରମ୍ଭ କରି ଅଟୋ, ବାଇକ୍ ରାସ୍ତା ଉପରେ ରଖୁଛନ୍ତି । ଗୋରୁ ରଖୁଆଳମାନେ ନିଜ ଗୋରୁଙ୍କୁ ଟାଉନ୍ ଭିତରକୁ ଛାଡ଼ି ଦେବା ଦ୍ୱାରା ଗୋରୁମାନେ ରାସ୍ତା ଅବରୋଧ କରୁଛନ୍ତି । ଦୁର୍ଘଟଣା ଘଟୁଥିବା ବେଳେ ବାଇକରୁ ରାସନ୍ ସାମଗ୍ରୀ ଓ ପରିବା ଭିଡ଼ି ଖାଇ ଯାଉଛନ୍ତି । ଅନେକ ବ୍ୟକ୍ତି ଗୋରୁ ଷଣ୍ଢଙ୍କ ଆକ୍ରମଣରେ ଆହତ ହୋଇଥିବା ଖବର 'ଓଡ଼ିଶା ଭାସ୍କର'ରେ ପ୍ରସାରଣ ପରେ ଏନ୍‌ଏସି ପକ୍ଷରୁ ପ୍ରଚାର ଗାଡ଼ି ଓ ନିମାପଡ଼ା ଥାନା ପକ୍ଷରୁ ସଚେତନ କରାଯାଇଛି । ନିମାପଡ଼ା ଥାନାଧିକାରୀ ବାମଦେବ ସ୍ୱାଇଁ ରାସ୍ତା ଅବରୋଧ ନ କରିବା ପାଇଁ ଜନସାଧାରଣଙ୍କୁ ଅପିଲ କରିଛନ୍ତି । କୌଣସି ଅମାନିଆ ବ୍ୟକ୍ତି ଝୋପଡ଼ି ଦୋକାନ କିମ୍ବା ରାସ୍ତା ଉପରେ ଯାନ, ଗୋରୁମାନଙ୍କୁ ସହରକୁ ଛାଡ଼ିଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପକ୍ଷରୁ ଚେତାବନୀ ଦିଆଯାଇଛି ।

# ପାଣି ପାଇଁ ଡହଳବିକଳ: ଧାରଣାରେ ୪୦ରୁ ଉର୍ଦ୍ଧ୍ୱ ପରିବାର



ବାରିପଦା(ଭାସ୍କର ନ୍ୟୁଜ): ଜଳ ହିଁ ଜୀବନ, ଜଳବିନା ସୃଷ୍ଟିର ସ୍ଥିତି ଅସମ୍ଭବ । ଏହା କାହାକୁ ଅଛପା ନାହିଁ । ଯୋଉଥିପାଇଁ ଉଭୟ ସରକାର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ଅଗ୍ରାଧିକାର ପ୍ରଦାନ କରି ସ୍ୱତନ୍ତ୍ର ଅନୁଦାନ ଯୋଗାଇ ଆସୁଛନ୍ତି । ମାତ୍ର ପାନୀୟ ଜଳ ସମସ୍ୟା ସମ୍ପର୍କରେ ଅବଗତ ଥାଇ ମଧ୍ୟ ସମାଧାନ ପ୍ରତି ଗୁରୁତ୍ୱ ନ ଦେଇ ଜଳ ସମସ୍ୟାରେ ଘାଣ୍ଟି ହୋଇ ଡହଳବିକଳ ହେବାକୁ ଛାଡ଼ିଦେଇ ତାଙ୍କର କାର୍ଯ୍ୟଦକ୍ଷତାର ପ୍ରମାଣ ଦେଇଛନ୍ତି । ଆଉ ଏହି ସମସ୍ୟାର ସମ୍ମୁଖୀନ ହୋଇ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ପିଇବା ପାଣି ପାଇଁ ଡହଳବିକଳ ୪୦ରୁ ଉର୍ଦ୍ଧ୍ୱ ପରିବାର ବାଧହୋଇ ଶେଷରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଥିବା ଦେଖିବାକୁ ମିଳିଛି । ଏଭଳି ଘଟଣା ସାମ୍ନାକୁ ଆସିଛି ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ନୂଆଗାଁ ପଞ୍ଚାୟତ ନୂଆଗାଁ ଗ୍ରାମରେ । ତେବେ ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଦୀର୍ଘ ୨ ବର୍ଷରୁ ଉର୍ଦ୍ଧ୍ୱେ ହେବ ପିଇବାପାଣି ନ ପାଇବାରୁ ବିଭିନ୍ନ ସମୟରେ ବାରମ୍ବାର ସରପଞ୍ଚ ଏବଂ ବ୍ଲକ ପ୍ରଶାସନକୁ ଜଣାଇ ଆସୁଥିଲେ ମଧ୍ୟ ପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନ ତରଫରୁ ପାଣି ସମସ୍ୟାର ସମାଧାନ ଦିଗରେ କୌଣସି ପଦକ୍ଷେପ ନେଇନଥିଲେ । ପାନୀୟଜଳ ସମସ୍ୟାରେ ଜର୍ଜରିତ ହୋଇ ଅତିଷ୍ଠ ଗ୍ରାମବାସୀ ଶେଷରେ ବାଧ ହୋଇ ଆଜି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗଗରା, ବାଲ୍ଟି ଧରି ଚାରିଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧାରଣା ଦେବା ପରେ ଖବରପାଇ ଯୁବସମାଜ ସେବୀ ଦିଲ୍ଲୀପ ତୁଙ୍ଗ ଧାରଣାରେ ସ୍ଥଳରେ ପହଞ୍ଚି ଥିଲେ । ପରେ ସ୍ଥାନୀୟ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ବିରେନ୍ଦ୍ର ମହାନ୍ତ ଓ ଛୋଟରାୟ ମୁର୍ମୁ ପହଞ୍ଚି ଥିଲେ । ଧାରଣାରେ ବସିଥିବା ଲୋକଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିବା ଦେଖିବାକୁ ମିଳିଥିଲା । ପରେ ଚତୁରତାର ସହ ପମ୍ପ ଡ୍ରାଇଭରଙ୍କ ଉପରେ ଦୋଷ ଲଦିଦେଇ ଖସିଯିବାକୁ ଚେଷ୍ଟା କରିଥିଲେ ଉଭୟ ଅଧିକାରୀ । ହେଲେ ତାଙ୍କର ଏହି କୌଶଳ ମଧ୍ୟ ସଫଳ ହେଇନଥିଲା । ମାତ୍ର ଧାରଣାକାରୀଙ୍କ ଜିଦ୍ ଆଗରେ ମୁଣ୍ଡ ନୁଆଁଇ ଗ୍ରାମବାସୀଙ୍କୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଓହରି ଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ୨ବର୍ଷ ହେବ ଗ୍ରାମବାସୀଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ କିଭଳି ଭାବରେ ଜଳ ଓ ପରିମଳ ବିଭାଗର ସ୍ଥାନୀୟ ଅଧିକାରୀମାନେ ପଦକ୍ଷେପ ନେଉନଥିଲେ ନା ଜାଣିଶୁଣି ଗ୍ରାମବାସୀଙ୍କୁ ଜଳକଷ୍ଟରେ ରଖି ହନ୍ତସନ୍ତ କରାଉଥିଲେ ତାହା ଏବେ ବଡ ପ୍ରଶ୍ନ ହୋଇ ମୁଣ୍ଡ ଟେକିଛି । ଅନ୍ୟପଟେ ବିଭାଗୀୟ ଅଧିକାରୀଙ୍କ ଲିଖିତ ପ୍ରତିଶୃତି ପରେ ଧାରଣା ପ୍ରତ୍ୟାହୃତ ହୋଇଛି ସିନା ତେବେ ଆଗକୁ ଜଳ ସମସ୍ୟାର ସମାଧାନ ଦିଗରେ ଉଭୟ କନିଷ୍ଠ ଯନ୍ତ୍ରୀ କି ପଦକ୍ଷେପ ନେଉଛନ୍ତି କି ଭଣ୍ଡାଉଛନ୍ତି ଦେଖିବାକୁ ବାକି ରହିଲା ।

# ବିନାୟକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଖାଦ୍ୟ ପ୍ରଦର୍ଶନୀ



ଭୁବନ(ଭାସ୍କର ନ୍ୟୁଜ): ଭୁବନ ବିନାୟକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ବାର୍ଷିକ ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ କାମାକ୍ଷା ପ୍ରସାଦ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହୋମିଓପାଥି ଡ଼ଃ ଅମିତ୍ କୁମାର ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସସ୍ମିତା ବେହେରା ଓ ପରିଚାଳନା କମିଟି ସଦସ୍ୟ ନରହରି ସାହୁ, ସନ୍ତୋଷ ପଟ୍ଟନାୟକ, ସନ୍ତୋଷ ପୋଥାଳ ଯୋଗଦେଇ ଖାଦ୍ୟ ମୂଲ୍ୟାୟନ କରିଥିଲେ । ଏଥିରେ ୨୬ ଜଣ ଅଭିଭାବକ ୪୦ ପ୍ରକାର ଖାଦ୍ୟ ନେଇ ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ ।

# ଅନ୍ଧକାରରେ ରାଜପୁର ରେଳ ଓଭରବ୍ରିଜ୍: ଲୋକେ ଅସୁରକ୍ଷିତ

ବ୍ରଜରାଜନଗର(ଭାସ୍କର ନ୍ୟୁଜ): ଝାରସୁଗୁଡ଼ା-ସରଡେଗା ରେଳପଥର ରାଜପୁର ରେଳ ଓଭରବ୍ରିଜରେ ଥିବା ଅଲୋକୀକରଣ ବ୍ୟବସ୍ଥା ବ୍ୟାଘାତ ହୋଇଛି । କେବଳ ରାଜପୁର ମଦଭାଟି ସମ୍ମୁଖରେ ଥିବା ଏକ ମାତ୍ର ଲାଇଟ ଜଳୁଛି । ଗାନ୍ଧିଛକ ରାଜପୁର ରାସ୍ତାର ରାଜପୁର ରେଳ ଓଭରବ୍ରିଜ ଦେଇ ଚାରୋଟି ପଞ୍ଚାୟତ ସମେତ ସୀମାନ୍ତବର୍ତ୍ତୀ ସୁନ୍ଦରଗଡ ଜିଲ୍ଲାର ଗ୍ରାମବାସୀ ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷା,



ଦୋକାନ ବଜାର ଆଦି ପାଇଁ ନିର୍ଭର କରୁଥିବାରୁ ଏହା ଅଞ୍ଚଳର ଏକ ବ୍ୟସ୍ତ ବହୁଳ ରାସ୍ତାରେ ପରିଣତ ହୋଇଛି । ଦୈନିକ ଶହ ଶହ ଗାଡି ମୋଟର ଏହି ରେଳ ଓଭର ବ୍ରିଜ ଦେଇ ଯାତାୟାତ କରିଥାନ୍ତି । ହେଲେ ଓଭର ବ୍ରିଜରେ ଲାଗିଥିବା ଲାଇଟ ଗୁଡିକ କିଛି ଦିନରୁ ଜଳୁ ନଥିବାରୁ ରାତିର ଅନ୍ଧକାରରେ ଉଭୟ ପଟରୁ ଯାତାୟାତ କରୁଥିବା ଗାଡି ଗୁଡିକ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏପରି କି ଅନେକ ସମୟରେ ଛୋଟ ବଡ଼ ସଡକ ଦୁର୍ଘଟଣା ଘଟି ଲୋକେ ଲହୁ ଲୁହାଣ ହେଉଥିବାର ଅଭିଯୋଗ ହେଉଛି । ତାସହିତ ରାତି ଅନ୍ଧକାରରେ ଦୁର୍ବୃତ୍ତମାନେ ଲୁଟପାଟ କରିବାର ଅନକେ ସମ୍ଭାବନା ଥିବା ଲୋକେ ପ୍ରକାଶ କରିଛନ୍ତି । ବିଗତ ଦିନରେ ଅନେକଥର ଏହି ସମସ୍ୟା ଲାଗି ରହିଛି । ତେଣୁ ଏହି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ସ୍ଥାନୀୟ ଲୋକମାନେ ଅନୁରୋଧ କରିଛନ୍ତି ।

# ପୁରୀରେ ଏଡ୍ସ ସଚେତନତା ଶୋଭାଯାତ୍ରା



ପୁରୀ (ଭାସ୍କର ନ୍ୟୁଜ): ଅସଂଯତ ଜୀବନ ଶୈଳୀ ଓ ଅପ୍ରାକୃତିକ ଯୌନ ସଂପର୍କରୁ ଦୂରରେ ରହି, ଏକ ଶୃଙ୍ଖଳିତ ଜୀବନଯାପନ ଭାରତବର୍ଷକୁ ୨୦୩୦ ମସିହା ସୁଦ୍ଧା ଏଡ଼ସ ମୁକ୍ତ କରିପାରେ ବୋଲି ମତପ୍ରକାଶ ପାଇଛି । ଡିସେମ୍ବର ପହିଲା ବଦଳରେ ମହାମହିମ ରାଷ୍ଟ୍ରପତିଙ୍କ ପୁରୀ ଗସ୍ତକୁ ଦୃଷ୍ଟିରେ ରଖି, ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ବିଶ୍ୱ ଏଡସ୍ ଦିବସର ଏକଦିନ ପୂର୍ବରୁ ପାଳନ ହୋଇଛି ବିଶ୍ୱ ଏଡସ୍ ଦିବସ । ଏଥିପାଇଁ ସକାଳୁ ଗୁଣ୍ଡିଚା ମନ୍ଦିରରେ ଡାକ୍ତର ବିରଜା ଶଂକର ରଥ ସଚେତନ ଶୋଭାଯାତ୍ରାକୁ ଉଦଘାଟନ କରିବା ପରେ ଶୋଭାଯାତ୍ରା ବାହାରି ପୁରୀ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲା । ପରେ ଡାକ୍ତର ଲଲାଟେନ୍ଦୁ ମିଶ୍ରଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ସୁଦର୍ଶନ ପୋଥାଳ, ଡାକ୍ତର ଅଶୋକ ମିଶ୍ର, ଯକ୍ଷ୍ମା ଓ ଏଡ଼ସ କମିଟିର ବରିଷ୍ଠ ସଦସ୍ୟ ବଦ୍ରି ମିଶ୍ର, ମିନତୀ ପରିଡ଼ା, ଅଲିଭା ସାହୁ, ଟି.ନାରାୟଣ ରାଓ, ବାବୁଲା ପ୍ରସାଦ, ଦୀପା ସାହୁ, ଦେବକୀ ମାଆ, ଅଶୋକ ସାହୁ, କେ.ଲକ୍ଷ୍ମୀ, ପ୍ରିୟଙ୍କା ନର୍ସିଂ କଲେଜର ଡକ୍ଟର ବାବୁଲା ବେହେରା ଅତିଥି ଭାବେ ଯୋଗଦେଇ ଭାରତବର୍ଷରେ ୨୪ଲକ୍ଷ, ଓଡ଼ିଶାରେ ୪୬ହଜାର, ଗଞ୍ଜାମରେ ୧୫ହଜାର ଏଡ଼ସ ରୋଗୀ ଥିବାବେଳେ ପୁରୀରେ ସଂଖ୍ୟା ନଗଣ୍ୟ ଅର୍ଥାତ୍ ମାତ୍ର ୭ଶହ ହୋଇଥିଲେ ହେଁ ଧର୍ମ ଓ ପର୍ଯ୍ୟଟନ କ୍ଷେତ୍ର ପୁରୀକୁ ପ୍ରତ୍ୟହ ବିଭିନ୍ନ ଦେଶବିଦେଶର ଭକ୍ତ ଓ ପର୍ଯ୍ୟଟକ ଆସୁଥିବାରୁ ଏଡସ୍ ସଂକ୍ରମଣର ପ୍ରତିରୋଧ କରିବାକୁ ସମସ୍ତ ଜନସାଧାରଣ ସଚେତନ ରହିବା ପ୍ରଧାନ ଆବଶ୍ୟକତା ବୋଲି କହିଥିଲେ । ସଂଯୋଜକ ସୁଦର୍ଶନ ଜେନା, ଦୁଃଖିଶ୍ୟାମ ପଟ୍ଟନାୟକ, ଦୈତ୍ୟାରି ପଟ୍ଟନାୟକ ଓ ଦେବାଶିଷ ମର୍ଦ୍ଦରାଜଙ୍କ ପରିଚାଳନାରେ ସ୍ୱିଗ୍ଧା ପଟ୍ଟନାୟକ, ନିବେଦିତା ଦାସ, ରଶ୍ମୀତା ମହାନ୍ତି ଓ ଶୈଳବାଳା ମିଶ୍ର ସହଯୋଗ କରିଥିଲେ ।

# ଶିବ ମନ୍ଦିର ପାର୍ଶ୍ୱରେ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର ଦାବି



କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ଥାନା ଅନ୍ତର୍ଗତ ବାଘମୁଣ୍ଡା ଗ୍ରାମରେ ଅବସ୍ଥିତ ଶିବମନ୍ଦିର ପାର୍ଶ୍ୱରେ ଦୀର୍ଘଦିନଧରି ଏକ ବିଦ୍ୟୁତ ଖୁଣ୍ଟ ବିପଦ ସଂକୁଳ ଅବସ୍ଥାରେ ରହିଛି । ଏହି ମନ୍ଦିର ରାସ୍ତାଟି କାକଟପୁର, ଅସ୍ତରଙ୍ଗର ମୁଖ୍ୟ ରାସ୍ତା ହୋଇଥିବା ବେଳେ ଦୈନିକ ଗାଡିମଟର ସାଙ୍ଗକୁ ବାଟୋଇମାନେ ଯିବାଆସିବା କରିଥାନ୍ତି । ମନ୍ଦିରର ପୂଜକ ମନ୍ଦିର ଚତୃପାର୍ଶ୍ୱରେ ବୁଲି ପୂଜା କରିବା ଓ ଗ୍ରାମର ମହିଳାମାନେ ମନ୍ଦିରକୁ ପୂଜା କରିବାକୁ ଆସିବା ପାଇଁ ଭୟ ଓ ଆଶଙ୍କା ପ୍ରକାଶ କରୁଛନ୍ତି । ତୁରନ୍ତ ସ୍ଥାନୀୟ ବିଦ୍ୟୁତ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ଖୁଣ୍ଟକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ମନୋଜ ବାରିକ, ଶିବ ବେହେରା, ସତ୍ୟବ୍ରତ ସାହୁ, ଦିଲ୍ଲୀପ ସାହୁ, ମଙ୍ଗୁଳି ସାହୁ, ଜ୍ୟୋତିରଞ୍ଜନ ସାହୁ, ଦେବେନ୍ଦ୍ର ସାହୁଙ୍କ ସମେତ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି ।

# ସୀମାନ୍ତର ବିଭିନ୍ନ ସ୍ଥାନରୁ ୧୬ ମାଓବାଦୀ ଗିରଫ



ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ବିଜାପୁର ଏବଂ ସୁକମା ଜିଲ୍ଲାରେ ମାଓ ବିରୋଧୀ ଅଭିଯାନରେ ସୁରକ୍ଷା ବାହିନୀକୁ ତଲାସି ଅଭିଯାନ ବେଳେ ଏକ ବଡ଼ ସଫଳତା ମିଳିଛି । ବିଭିନ୍ନ ସ୍ଥାନରେ କରାଯାଇଥିବା ଅପରେସନରେ ଜଣେ ୨ ଲକ୍ଷ ଇନାମି ନକ୍ସଲଙ୍କ ସମେତ ମୋଟ ୧୬ ନକ୍ସଲଙ୍କୁ ଗିରଫ କରାଯାଇଛି । ଗିରଫ ନକ୍ସଲଙ୍କ ଠାରୁ ବିସ୍ଫୋରକ ସାମଗ୍ରୀ, ଟିଫିନ୍ ବୋମା, କାର୍ଡେକ୍ସ ତାର ଏବଂ ମାଓ ସାହିତ୍ୟ ଜବତ କରାଯାଇଛି । ସୂଚନା ଅନୁଯାୟୀ ବିଜାପୁର ଜିଲ୍ଲାର ତିନି ଥାନା ଅଞ୍ଚଳରୁ ୧୩ ନକ୍ସଲଙ୍କୁ ସୁରକ୍ଷା ବାହିନୀ ଦ୍ୱାରା ଗିରଫ କରାଯାଇଥିବା ବେଳେ ସୁକମା ଜିଲ୍ଲାରୁ ୩ ନକ୍ସଲଙ୍କୁ ମଧ୍ୟ ଗିରଫ କରାଯାଇଛି । ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିବା ସହ ଅଞ୍ଚଳରେ ତଲାସି ଅଭିଯାନକୁ ଜୋରଦାର କରାଯାଇଛି ।

# ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ

ଭୁବନ(ଭାସ୍କର ନ୍ୟୁଜ): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ବିଜୁ ଜନତା ଦଳ ତରଫରୁ ସ୍ଥାନୀୟ ବିଷ୍ଣୁପ୍ରିୟା ଗାଲାକ୍ସି ପରିସରରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ୯ ନମ୍ବର ୱାର୍ଡ କାଉନସିଲର ପପୁ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ବିଜେପି ମିଛ ପ୍ରତିଶ୍ରୁତି ଦେଇ, ଲୋକଙ୍କୁ ଭୁଆଁ ବୁଲାଇ କ୍ଷମତାକୁ ଆସିଛି । ମହିଳାଙ୍କୁ ୫୦ ହଜାର ଟଙ୍କା ଦେବାକୁ କହି ଏବେ ମାତ୍ର ୫ ହଜାର ଟଙ୍କା ପ୍ରଦାନ କରାଯାଉଛି । ଯେତିକି ଦେଉଛନ୍ତି, ତାଠାରୁ ଢେର୍ ଅଧିକ ପ୍ରଚାର କରୁଛନ୍ତି । ୩୦୦ ୟୁନିଟ ବିଜୁଳି ଫ୍ରି, ୩୦୦୦ ଟଙ୍କା ଭତ୍ତା କୁଆଡେ ଗଲା ବୋଲି ଗାଁ ଗାଁ ରେ ଲୋକମାନେ ପ୍ରଶ୍ନ କରୁଛନ୍ତି । ବିଜେଡି ସରକାରଙ୍କର ୨୦ରୁ ଉର୍ଦ୍ଧ୍ୱ ଯୋଜନାର ନାମ ପରିବର୍ତ୍ତନ କରିଥିବା ବେଳେ ସ୍କୁଲ, କଲେଜ ଓ ପିଲାଙ୍କ ପୋଷାକ ରଙ୍ଗ ପରିବର୍ତ୍ତନରେ ମାତିଛନ୍ତି । ନାମ ବଦଳ ଓ ରଙ୍ଗ ବଦଳ ପାଇଁ ଲୋକେ ରଙ୍ଗମରା ସରକାର ବୋଲି କହିଲେଣି । ଦୀର୍ଘ ୨୪ ବର୍ଷ ଶାସନ ପରେ ବିଜେଡି ପ୍ରଥମ ଥର ପାଇଁ ବିରୋଧୀ ଦଳରେ ରହିଛି । ପ୍ରତ୍ୟେକ କଥାରେ ବିରୋଧ କରିବା ନୁହେଁ, ବିକାଶ ବିରୋଧୀଙ୍କୁ ବିରୋଧ କରିବା ହେଉଛି ବିରୋଧୀ ଦଳର କାର୍ଯ୍ୟ । ଆପଣ ମାନେ ହେଉଛନ୍ତି ବିଜୁ ଜନତା ଦଳର ଯୋଦ୍ଧା । ତେଣୁ ଆପଣମାନେ ମଧ୍ୟ ଗାଁ ଗାଁରେ ବିକାଶ ବିରୋଧୀଙ୍କୁ ବିରୋଧ କରନ୍ତୁ, ମା' ମାଟି ପାଇଁ କାର୍ଯ୍ୟ କରନ୍ତୁ । ଆମେ ଲୋକଙ୍କ ସାଙ୍ଗରେ ରହିଲେ ଲୋକ ଆମ ସାଙ୍ଗରେ ରହିବେ । ବିଜେପି ସରକାର ଯେତେ ଯାହା କଲେବି ଲୋକଙ୍କ ହୃଦୟରୁ ନବୀନଙ୍କୁ ହଟାଇ ପାରିବେ ନାହିଁ ବୋଲି ପୂର୍ବତନ ମନ୍ତ୍ରୀ ଶ୍ରୀ ମଲ୍ଲିକ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ନଗରପାଳ ଶୁଭେନ୍ଦୁ ସାହୁ ଯୋଗଦେଇ କହିଥିଲେ ଯେ, ୨୦୧୪ ମସିହାରେ ବିଜେପି ଅଛେ ଦିନର ସ୍ୱପ୍ନ ଦେଖାଇ ବିଦେଶରୁ କଳା ଧନ ଆସିବ, ପ୍ରତ୍ୟେକଙ୍କ ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଜମା ହେବ ବୋଲି ମିଛ କଥା କହି ସରକାର ଗଠନ କରିଥିଲା । ମୋଦି ସିନା ଠକି ଦେଲେ କିନ୍ତୁ ନବୀନବାବୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପୁରୁଷଙ୍କୁ ୫ ଲକ୍ଷ ଏବଂ ମହିଳାଙ୍କୁ ୧୦ ଲକ୍ଷ ମୋଟ ୧୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ୧ ନଂ ୱାର୍ଡ କାଉନସିଲର ଗିରିଧାରୀ ସାହୁ ଓ ଦଳିତ ନେତା ହୃଦାନନ୍ଦ ମଲ୍ଲିକ ଉପସ୍ଥିତ ରହି ବକ୍ତବ୍ୟ ଦେଇଥିଲେ । ସମ୍ମିଳନୀରେ ଅଧିକରୁ ଅଧିକ ଯୁବକଙ୍କୁ ବିଜେଡି ସଦସ୍ୟ କରିବାକୁ ଜୋର୍ ଦିଆଯାଇଥିଲା । ସୁଶାନ୍ତ କୁମାର ପୃଷ୍ଟି, ରାକେଶ କୁମାର ପୃଷ୍ଟି, ସନ୍ତୋଷ କୁମାର ବେହେରା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସମ୍ମିଳନୀରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଯୋଗ ଦେଇଥିଲେ ।

# ପୌରପାଳିକା କର୍ମଚାରୀଙ୍କ ଉପସ୍ଥିତିରେ ମିନି ଟ୍ରକ୍ ଡାଲା ଲୁଟ୍



ପଟ୍ଟାମୁଣ୍ଡାଇ(ଭାସ୍କର ନ୍ୟୁଜ): ପଟ୍ଟାମୁଣ୍ଡାଇ ବ୍ଲକ କଲୋନୀରେ ଥିବା ପୌରପରିଷଦ ଅଳିଆ ବୁହା ଗାଡ଼ିରୁ ଡାଲା କାଟି ବିକି ଦେଲେ ଦୁର୍ବୃର୍ତ୍ତ । ପୌରପରିଷଦ ସ୍ୱଚ୍ଛତା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଉପସ୍ଥିତିରେ ଚୋରି ହୋଇଥିବା ନେଇ ସୂଚନା । ଏତଲା ନଦେଇ ନୀରବ ବସିଥିବାରୁ ପୌର ନିର୍ବାହୀ ଅଧିକାରୀଙ୍କ ଭୂମିକା ସନ୍ଦେହ ଘେରରେ । ଗାଡ଼ି ଡାଲା କଟରରେ କାଟି ନେଇଯିବାରେ ଜଣେ ସରପଞ୍ଚ ଓ ଦୁଇଜଣ କଟାଳି ସଂପୃକ୍ତ ଥିବା ସୂଚନା ପାଇ ପଟ୍ଟାମୁଣ୍ଡାଇ ପୌରପାଳିକା ଅଧିକାରୀ ଏତଲା ନଦେଇ ବର୍ତ୍ତମାନ ପର୍ଯ୍ୟନ୍ତ ଚୁପ୍ ବସିଛନ୍ତି କଣ ପାଇଁ ପଟ୍ଟାମୁଣ୍ଡାଇବାସୀ ବିଚାର କରନ୍ତୁ । ସରକାରୀ ଜିନିଷକୁ ଯଦି ଏମାନେ ଲୁଟିବେ କଣ କରିବା ବଜାରରେ ଛକ ଛକରେ ଆଲୋଚନା ହେଉଛି । ଯାହା ସୂଚନା ଆସିଛି ଏକ ପୁରୁଣା ଅଳିହା ଉଠା ଗାଡ଼ି ଖରାପ ହୋଇ ପଟ୍ଟାମୁଣ୍ଡାଇ ବ୍ଲକ୍ କଲୋନୀରେ ଥୁଆ ହୋଇଥିଲା । କିଛି ଦୁର୍ବୃର୍ତ୍ତ କଟର କଟାଳିକୁ ଡାକି ଗାଡ଼ିର ଡାଲା କାଟିବା ବେଳେ ପୌରପାଳିକାର ଜଣେ କର୍ମଚାରୀ ଖବର ପାଇ ସେଥି ପହଞ୍ଚି ପଚାରିଲେ କ'ଣ ପାଇଁ ଏହି ଗାଡ଼ିର ଡାଲା କାଟୁଛ, ସେମାନେ ଉତ୍ତର ଦେଲେ ଆମକୁ ବଡ ନେତା କହିଛନ୍ତି ଏହି ଡାଲା କାଟି ନବା ପାଇଁ । ଶେଷରେ ପୌରପାଳିକାର କର୍ମଚାରୀ ବଡ ନେତାଙ୍କୁ ପଚାରିଲେ ଆପଣ ଏହି ଦୁର୍ବୃତ୍ତଙ୍କୁ କହୁଛନ୍ତି ଡାଲା କାଟିବା ପାଇଁ ସେ କହିଲେ ପଟ୍ଟାମୁଣ୍ଡାଇ ବ୍ଲକ କଲୋନୀର ଯିଏ ବଡ ନେତା ସିଏ କହିଲେ ଏହି ଡାଲାକୁ କାଟି ବିକି ଦିଅ । ଶେଷରେ ପୌରପାଳିକା କର୍ମଚାରୀ ନିରୁପାୟ ହୋଇ ଚୁପ୍ ରହି ପୌରପାଳିକା ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ଅଧିକାରୀ ବଡନେତାଙ୍କୁ ଉତ୍ତର ନାହିଁ , ଭାବି ଚୁପ୍ ବସିଲେ । କିଛି ଦିନ ତଳେ ଏହି ବ୍ଲକ୍ କଲୋନୀରେ ଏକ ଶିଶୁ ଗଛ ଚୋରି ହୋଇଥିଲା । କିନ୍ତୁ ଜଣେ ବଡ ରାଜନେତାଙ୍କ ଇଙ୍ଗିତରେ ପଟ୍ଟାମୁଣ୍ଡାଇ ପ୍ରଶାସନ ଚୁପ୍ ରହିଥିଲା । ସେଇ ଶିଶୁ ଗଛର ଦାମ ମାର୍କେଟରେ ପ୍ରାୟ ଲକ୍ଷ ଲକ୍ଷ ଟଙ୍କା କିନ୍ତୁ ସେଇ ମୂଲ୍ୟବାନ ଶିଶୁଗଛକୁ କିଏ ଚୋରି କରି ନେଲା ପଟ୍ଟାମୁଣ୍ଡାଇର ସମସ୍ତ ଜନସାଧାରଣ ଜାଣିଥିଲେ ବି ବଡ ନେତାଙ୍କ ନାଲି ଆଖିରେ ଚୁପ୍ ରହି ବସିଛନ୍ତି । ଏଥି ଗୋଟେ ପ୍ରଶ୍ନ ଆସିଛି ଦିନ ଦ୍ୱିପହରରେ ଜଣେ ପ୍ରଭାବଶାଳୀ ସରପଞ୍ଚଙ୍କ ଉପସ୍ଥିତିରେ ଏକ ମିନି ଟ୍ରକ୍ ଡାଲାକୁ କାଟି ନେଇ କୋଉଠି ରଖିଲେ ମଧ୍ୟ ପୌରପାଳିକାର କର୍ମଚାରୀ ଦେଖିଲେ ମଧ୍ୟ କାହା ସାହସ ରେ କର୍ମଚାରୀଙ୍କୁ ଧମକ ଦେଲେ ସେଇ ବାହୁ ବଳି ନେତା କିଏ ବର୍ତ୍ତମାନ ପର୍ଯ୍ୟନ୍ତ ପଟ୍ଟାମୁଣ୍ଡାଇବାସୀ ଜାଣି ସୁଦ୍ଧା ଚୁପ୍ ବସି ଦେଖୁଛନ୍ତି । କିନ୍ତୁ କର୍ମଚାରୀ ଜଣଙ୍କ ନିଜ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରି ଥିଲେ ମଧ୍ୟ ଅଧିକାରୀ କାହା ଚାପରେ ପଟ୍ଟାମୁଣ୍ଡାଇ ପୋଲିସ ଅଧିକାରୀଙ୍କ ପାଖରେ ଅଭିଯୋଗ କରିନାହାନ୍ତି ତାହା ପଟ୍ଟାମୁଣ୍ଡାଇବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି । ସରକାରୀ ଗାଡ଼ିକୁ ଯଦି ନେତା ଦିନ ଦିପହରରେ କାଟି କି ବାହୁବଳି ଦୃର୍ବୃତ୍ତ ବିକି ଦେଇପାରେ । ଛୋଟିଆ କର୍ମଚାରୀ ସବୁ ଦେଖି ଅଧିକାରୀଙ୍କୁ କହିଲା ପରେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ପଟ୍ଟାମୁଣ୍ଡାଇ ପ୍ରଶାସନ ଚୁପ୍ ବସିଛି ତାହାର ବିଚାର ଆଗାମୀ ଦିନରେ ପଟ୍ଟାମୁଣ୍ଡାଇ ବାସୀ କରିବେ ଏଥିରେ ସନ୍ଦେହ ନାହିଁ । ଏବେ ବାକି ରହିଲା କେବେ ଅଧିକାରୀ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ କରୁଛି, କି ଅଭିଯୋଗ ପରେ ପ୍ରଶାସନ ଏହି କଥାକୁ ଚାପିଦେଇ କୋଉ ଅନାମ ନାମଧାରି ଲୋକକୁ ଧରି ଜେଲ୍ ପଠାଇ ନେତାଙ୍କୁ ଖସାଇ ଦେବାରେ ସଫଳ ହେଉଛି ଦେଖିବାକୁ ବାକି ରହିଲା ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସର୍ଭେ ପାଇଁ ବୁଲିଲା ସଚେତନତା ରଥ



ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ଚିହ୍ନଟ ପାଇଁ ସରକାର ନୂଆ ନିୟମ ପ୍ରଣୟନ କରିଛନ୍ତି । ଏହି ନିୟମ ଅନୁସାରେ ହିତାଧିକାରୀମାନେ ନିଜେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟ କି ନୁହେଁ ସେ ଚିହ୍ନଟ ହୋଇ ପାରିବେ । ଏ ନେଇ ବ୍ଲକର ୩୧ ପଞ୍ଚାୟତରେ ବିଭିନ୍ନ ତାରିଖରେ ଲୋକମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ତାଲିମ ଦିଆଯିବ । ଏଥିପାଇଁ ଶନିବାର ସକାଳେ ବ୍ଲକ ପରିସରରୁ ଏକ ସଚେତନତା ରଥ ବାହାରି ବ୍ଲକର ସମସ୍ତ ପଞ୍ଚାୟତ ପରିକ୍ରମା କରିବ ବୋଲି ଜଣାପଡ଼ିଛି । ତେବେ ଏହି ସଚେତନତା ରଥକୁ ବିଡିଓ ଜ୍ୟୋତିର୍ମୟ କର ଶୁଭାରମ୍ଭ କରିଥିଲେ । ସଚେତନତା ରଥର ଶୁଭାରମ୍ଭ ବେଳେ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଂଜନ ରାଉତ, ଜିପିଇଓ ପ୍ଲାବନ ପଣ୍ଡା, ବିପିସ କୌଶିକ ଗିରି, ମନୋଜ ଓଝା, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ସଂଜୀବ ବେହେରା, ନିହାରିକା ବିଶ୍ୱାଳ, ପ୍ରଦୀପ ବଳ, ବିଜେପି ନେତା ଦେବେନ୍ଦ୍ର ପୁହାଣ, ଭରତ ଚନ୍ଦ୍ର ସାହୁ, ପ୍ରବୋଧ ବଳ, କେଶବ ବେହେରା, ଜୀବନ ନାୟକ, ଦେବେନ୍ଦ୍ର ଦାସ, ଦେବବ୍ରତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସର୍ଭେ କାର୍ଯ୍ୟକ୍ରମ ପୂର୍ବରୁ ପ୍ରତି ପଞ୍ଚାୟତରେ ଜନସାଧାରଣ ମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଜିଆରଏସମାନେ ତାଲିମ ଦେବେ । ଜନସାଧାରଣମାନେ ନିଜେ କିପରି ନିଜର ସର୍ଭେ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରିବେ ସେ ନେଇ ତାଲିମ ଦିଆଯିବ । ବ୍ଲକ ପ୍ରଶାସନ ପକ୍ଷରୁ ଡିସେମ୍ବର ୨, ୩ ଓ ୪ ତାରିଖରେ ପଞ୍ଚାୟତ ମାନଙ୍କରେ ତାଲିମ ଦିଆଯିବାକୁ ନିଷ୍ପତ୍ତି କାଯାଇଥିବା ଜଣାପଡ଼ିଛି ।



କେନ୍ଦୁଝର, (ଭାସ୍କର ନ୍ୟୁଜ): ଧରଣୀଧର ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲ ପରିସରସ୍ଥ ଅଡିଟୋରିୟମରେ ରୋଗୀ ସୁରକ୍ଷା, ମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସଂକ୍ରମଣ ନିୟନ୍ତ୍ରଣ ଉପରେ ଏକ ୪ଦିନିଆ କର୍ମଶାଳା ଶୁକ୍ରବାର ଦିନ ଉଦ୍‌ଯାପିତ ହୋଇଯାଇଛି । ୪ଦିନ ଧରି ଅନୁଷ୍ଠିତ କର୍ମଶାଳାରେ ଡାକ୍ତର, ନର୍ସିଂ ଅଫିସର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ସଫେଇ କର୍ମଚାରୀ, ଅଫିସ୍ କର୍ମଚାରୀ, ସିକ୍ୟୁରିଟି ଗାର୍ଡ ଏବଂ ଅନ୍ୟ କର୍ମଚାରୀଙ୍କ ସୁରକ୍ଷା ଉପରେ ଅତିଥିମାନେ ଆଲୋକପାତ କରିଥିଲେ । ଧରଣୀଧର ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲର ଅଧିକ୍ଷକ ପ୍ରଫେସର ମହେନ୍ଦ୍ର କୁମାର ନାୟକ ଡାକ୍ତରଖାନାରେ ସଂକ୍ରମଣ ବିସ୍ତାର ରୋକିବା ପାଇଁ କ'ଣ ପଦକ୍ଷେପ ନେବା ଜରୁରୀ, ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ରୋଗୀ ଚିକିତ୍ସା ହୋଇ ଭଲ ହୋଇ ଯିବା ପରେ କୌଣସି ସଂକ୍ରମଣରେ ଯେପରି ଆକ୍ରାନ୍ତ ନ ହୁଅନ୍ତି ସେଥିପ୍ରତି ଯତ୍ନବାନ ହେବା ଜରୁରୀ ବୋଲି କହିଥିଲେ । ମୁଖ୍ୟ ଅତିଥିଭାବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଆଞ୍ଚଳିକ କାର୍ଯ୍ୟାଳୟ କେନ୍ଦୁଝରର ସହକାରୀ ପରିବେଶ ବିଜ୍ଞାନୀ ଇପ୍‌ସି ଗିରି ବର୍ଜ୍ୟବସ୍ତୁ ଏବଂ ବର୍ଜ୍ୟ ଜଳ ପରିଚାଳନା ସଠିକ୍ ପ୍ଲାନ ଅନୁଯାୟୀ କରାଯିବ ଉଚିତ୍ ବୋଲି କହିଥିଲେ । ମେଡିକାଲ ବର୍ଜ୍ୟବସ୍ତୁ ସଠିକ୍ ପରିଚାଳନ ନ କରାଗଲେ ଜରିମାନା ସହ ଜେଲ ଦଣ୍ଡ ବ୍ୟବସ୍ଥା ରହିଥିବା କହିଥିଲେ। ମେଡିକାଲକୁ ସଫାସୁତୁରା ରଖିବା ଏବଂ ସଠିକ ଭାବରେ ବର୍ଜବସ୍ତୁ ପରିଚାଳନା କରିବା ଉପରେ ଗୁରୁତ୍ୱରୋପ କରିବା ସହ ରୋଗୀ ଚିକତ୍ସା ବେଳେ ସମସ୍ତେ ସଚେତନ ହୋଇ କାର୍ଯ୍ୟ କରିବା ଜରୁରୀ ।



## ୨ ବେଆଇନ କରତକଳ ଉପରେ ଚଢ଼ାଉ

# ୧୫ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଓ ଟ୍ରାକ୍ଟର ଜବତ

ଗୋପ, (ଭାସ୍କର ନ୍ୟୁଜ): ଶୁକ୍ରବାର ସକାଳୁ ପୁରୀ ଜିଲ୍ଲା ବାଲୁଖଣ୍ଡ ବନ ବିଭାଗ ପକ୍ଷରୁ ଗୋପ-ବାଲିଘାଇ ରାସ୍ତାର ମଦରଙ୍ଗ ବଜାର ନିକଟରେ ଥିବା ୨ଟି ବେଆଇନ କରତକଳ ଉପରେ ଚଢ଼ାଉ କରାଯାଇ ପ୍ରାୟ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଯନ୍ତ୍ରାଂଶ ସମେତ ବିଭିନ୍ନ ନାମୀଦାମୀ କାଠଗଣ୍ଡି ଓ ଏକ କାଠ ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି । ଏନେଇ ବନବିଭାଗ ପକ୍ଷରୁ ପୃଥକ ପୃଥକ ୨ ଟି ମାମଲା ରୁଜୁ କରାଯାଇଛି । ଗୋପ ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳରେ ମାଳମାଳ ବେଆଇନ କରତକଳ ଚାଲିଥିବା ନେଇ ପୁରୀ ଜିଲ୍ଲା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ବିବେକ କୁମାରଙ୍କ ନିକଟରେ ବାରମ୍ବାର ଅଭିଯୋଗ ହୋଇଆସୁଥିଲା । ଏହାକୁ ଗୁରୁତର ସହ ନେଇ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶରେ ବାଲୁଖଣ୍ଡ ବନ ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଶୁକ୍ରବାର ସକାଳୁ ମଦରଙ୍ଗ ବଜାର ନିକଟରେ ଥିବା ଦୁଇ ଭାଇଙ୍କ ଦୁଇ ବେଆଇନ କରତକଳ ଉପରେ ଚଢାଉ କରାଯାଇ ପ୍ରାୟ ୧୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ଯନ୍ତ୍ରାଂଶ, କାଠଗଣ୍ଡି, ପଟା ସମେତ ଏକ କାଠ ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି । ଏନେଇ ୨ କରତକଳ ମାଲିକ ଅଭୟ କୁମାର ରାଉତ ଏବଂ ବିକେଦାର ନାଥ ରାଉତଙ୍କ ନାମରେ ବନବିଭାଗ ପକ୍ଷରୁ ବନବିଭାଗ ଆକ୍ଟ ଓଆର କେସ୍ ନଂ ୨୪ ବିକେ-୧୧/୨୪ ଏବଂ ୨୫ବିକେ ୧୧/୨୪ ରେ ଦୁଇଟି ମାମଲା ରୁଜୁ କରାଯାଇଛି । ହେଲେ କୌଣସି ବେଆଇନ କରତକଳ ମାଲିକଙ୍କୁ ଗିରଫ କରାଯାଇନଥିବା ବେଳେ ଜବତ ଯନ୍ତ୍ରାଂଶଗୁଡିକୁ ବାଲୁଖଣ୍ଡ ବନାଞ୍ଚଳ କାର୍ଯ୍ୟାଳୟକୁ ନିଆଯାଇଛି । ସୂଚନାଯୋଗ୍ୟ-ଗୋପ, କୋଣାର୍କ, ବାଲୁଖଣ୍ଡ ବନବିଭାଗ ଅଧୀନରେ ୨୮ଟି କରତକଳ ଜନବସତି ମଧ୍ୟରେ, ସ୍କୁଲ ନିକଟରେ, ରାସ୍ତା ପାର୍ଶ୍ୱରେ ଚାଲୁଥିବାରୁ ଏଥିରୁ ନିର୍ଗତ ହେଉଥିବା କାଠ ଗୁଣ୍ଡରେ ଜନସାରାରଣ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି । ସେହିପରି ନିମାପଡା-କାକଟପୁର ମୁଖ୍ୟ ରାସ୍ତା ପାର୍ଶ୍ୱ ସମେତ ଚାରିଛକ ତୁଳସୀପୁର ନିକଟରେ ୨୦ରୁ ଉର୍ଦ୍ଧ୍ୱ ବେଆଇନ କରତକଳ ବର୍ଷ ବର୍ଷ ଧରି କରତକଳ ମାଲିକମାନେ ବେଧଡକ ଭାବେ ଦିନରାତି କାଠ ଚିରାଟ କରୁଥିବାବେଳେ ବନବିଭାଗ ପକ୍ଷରୁ ସେପରି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉନଥିବାରୁ ଏହା ଏକ ପ୍ରକାର କୁଟୀରଶିଳ୍ପ ପାଲଟିଛି । ଏପରିକି ଅନେକ ସମୟରେ ବନବିଭାଗ ଓ ଭିଜିଲାନ୍ସ ପକ୍ଷରୁ କେତେକ କରତକଳ ଉପରେ ଚଢ଼ାଉ କରାଯାଉଥିଲେ ମଧ ପୂର୍ବ ସୂଚନା ପାଇ ଚଢାଉ ପୂର୍ବରୁ କରତକଳ ମାଲିକମାନେ ଯନ୍ତ୍ରାଂଶଗୁଡ଼ିକୁ ଖୋଲି ଗାଏବ କରିଦେଇଥାନ୍ତି । ଫଳରେ ଚଢାଉ କରିବାକୁ ଆସିଥିବା ଅଧିକାରୀମାନେ ଶିଶୁପାଳ ହୋଇ ଫେରିଥାନ୍ତି । ହେଲେ ଏହି ବେଆଇନ କରତକଳ ଚାଲୁଥିବା ନେଇ ପୁରୀ ଜିଲ୍ଲା ବନାଞ୍ଚଳ ବନଖଣ୍ଡ ଅଧିକାରୀଙ୍କ ସମେତ ବିଭିନ୍ନ ଦପ୍ତରରେ ବାରମ୍ବାର ଅଭିଯୋଗ ହୋଇଆସୁଥିଲା । ଏହାକୁ ନେଇ ଜିଲ୍ଲା ବନଖଣ୍ଡ ଅଧିକାରୀ ବିବେକ କୁମାରଙ୍କ ନିର୍ଦ୍ଦେଶରେ ଶୁକ୍ରବାର ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି । ଏହି ଚଢାଉ ସମୟରେ ଗୋପ ବନବିଭାଗ ଦାୟିତ୍ୱରେ ଥିବା ବନାଧିକାରୀ ସୁଦର୍ଶନ ଦେହୁରୀ, କୋଣାର୍କ ଫରେଷ୍ଟର କୈଳାସ ଚନ୍ଦ୍ର ନାୟକ, ବାଲିଘାଇ ଫରେଷ୍ଟର ସଞ୍ଜୀୟ କୁମାର ମଲ୍ଲିକ, ବାଲୁଖଣ୍ଡ ରେଞ୍ଜ ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ବ୍ରହ୍ମଗିରି ରେଞ୍ଜ ଅଧିକାରୀ ଚନ୍ଦ୍ର ଶେଖର ସାହୁଙ୍କ ସମେତ ସମସ୍ତ ରେଞ୍ଜର କର୍ମଚାରୀ ଓ ଏକ ପ୍ଲାଟୁନ୍ ଫୋର୍ସ ସାମିଲ ଥିଲେ ।



# ୩ରୁ ବେଆଇନ ଉଚ୍ଛେଦ

ବାଲୁଗାଁ, (ଭାସ୍କର ନ୍ୟୁଜ): ବାଲୁଗାଁ ସହରର ମୁଖ୍ୟ ରାସ୍ତା ସମ୍ପ୍ରସାରଣ ନେଇ ଉଭୟ ପାର୍ଶ୍ୱରେ ଥିବା ବେଆଇନ ନିର୍ମାଣ ଉଚ୍ଛେଦ ପ୍ରକ୍ରିୟା ଆସନ୍ତା ୩ରୁ ଆରମ୍ଭ ହେବା ନେଇ ତହସିଲଦାର କାହ୍ନୁଚରଣ ଘଡେଇ ସୂଚନା ଦେଇଛନ୍ତି । ଖବର ମୁତାବକ ବାଲୁଗାଁ ସହରର ମୁଖ୍ୟ ରାସ୍ତା ବାଲୁଗାଁ ଅନ୍ତର୍ଗତ ଭଗବତୀ ପାଟଣା ଠାରୁ ଇଂଜନପୁର ପର୍ଯ୍ୟନ୍ତ ଦୀର୍ଘ ୪ କିମି ରାସ୍ତା ୪ ଲେନ ବିଶିଷ୍ଟ ସମ୍ପ୍ରସାରଣ ନିମନ୍ତେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ କାର୍ଯ୍ୟାଦେଶ ପାଇଁ ନିର୍ଦ୍ଦେଶ ରହିଥିଲା । ଏନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସରକାରୀ ଜାଗା ଚିହ୍ନଟ କରି ଅବରୋଧକାରୀଙ୍କୁ ସୂଚିତ କରାଯାଇଥିଲା । ମୁଖ୍ୟ ରାସ୍ତା ସମ୍ପ୍ରସାରଣ ନେଇ ଉଭୟ ପାର୍ଶ୍ୱରେ ଥିବା ସ୍ଥାୟୀ ଓ ଅସ୍ଥାୟୀ ଜବରଦଖଲକାରୀଙ୍କୁ ଅବରୋଧ ମୁକ୍ତ କରିବାକୁ ଚିଲିକା ତହସିଲ କାର୍ଯ୍ୟାଳୟ ପକ୍ଷରୁ ଦୁଇଥର ବିଜ୍ଞପ୍ତି ଜାରି କରାଯାଇଥିଲା । ସୂଚନା ପାଇବା ପରେ କିଛି ଲୋକ ନିଜ ତରଫରୁ ଚିହ୍ନଟ ଦିଆଯାଇଥିବା ଜାଗା ପର୍ଯ୍ୟନ୍ତ ଭଙ୍ଗାରୁଜା ଆରମ୍ଭ କରିଥିବା ବେଳେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଅକ୍ଟୋବର ୪ରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ମାତ୍ର କିଛି ଅନିର୍ବାଯ୍ୟ କାରଣ ଯୋଗୁଁ ଉଚ୍ଛେଦ ପ୍ରକ୍ରିୟା ସ୍ଥଗିତ ରହିଥିବା ବେଳେ ପରବର୍ତ୍ତୀ ସମୟରେ ତାରିଖ ଘୋଷଣା କରାଯିବ ବୋଲି ତହସିଲ ପକ୍ଷରୁ କୁହାଯାଇଥିଲା । ତେବେ ନୂତନ ତହସିଲଦାର ଶ୍ରୀ ଘଡେଇ କାର୍ଯ୍ୟରେ ଯୋଗଦେବା ପରେ ସ୍ଥଗିତ ଥିବା ଉଚ୍ଛେଦ ପ୍ରକ୍ରିୟା ଆସନ୍ତା ୩ ତାରିଖକୁ ଧାର୍ଯ୍ୟ କରି ଆଇନ ଶୃଙ୍ଖଳା ଦୃଷ୍ଟିକୋଣରୁ ଅଧିକ ସଂଖ୍ୟାରେ ପୋଲିସ ଫୋର୍ସ ମୁତୟନ ନିମନ୍ତେ ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇଥିବା କହିଛନ୍ତି । ଏନେଇ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଜନସାଧାରଣଙ୍କୁ ସୂଚିତ କରାଯାଇଛି । ଦୀର୍ଘଦିନ ଦିନ ଧରି ଏହି ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଅଧାପନ୍ତରିଆ ରହିବା ସହ ବିଭିନ୍ନ ସ୍ଥାନରେ ବ୍ରିଜ ନିର୍ମାଣ କାର୍ଯ୍ୟ ଜାରି ରହିଥିବାରୁ ଯାତାୟାତରେ ଗାଡି ମୋଟର ସାଙ୍ଗକୁ ପଥଚାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ଏଭଳି ସ୍ଥିତିରେ ତୁରନ୍ତ ଏହି ସମ୍ପ୍ରସାରଣ କାର୍ଯ୍ୟ ସମାପ୍ତି କରିବାକୁ ସାଧାରଣ ଜନତା ଅନୁରୋଧ କରିଛନ୍ତି ।

## ଗଞ୍ଜେଇ ଜବତ ଡ୍ରାଇଭର ଗିରଫ

କୋରାପୁଟ, (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ପୋଲିସ ଏକ ଭ୍ୟାନରୁ ୨କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରିଛି । ଗିରଫ ଡ୍ରାଇଭର ଜଣକ ହେଲେ ସେମିଳିଗୁଡ଼ା ବ୍ଲକ କଲୋନିର ଆଦିତ୍ୟ ରାଉତ । ସୂଚନା ଅନୁଯାୟୀ, ସେମିଳିଗୁଡ଼ା ପୋଲିସର ଏକ ଟିମ୍ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ବିଲେଇଗୁଡା ନିକଟରେ ପୋଲିସକୁ ଦେଖିବା ପରେ ଏକ ଭ୍ୟାନ (ଓଡି୦୭ଏମ୍ ୧୨୦୯)ର ଚକା ପଙ୍କଚର ହେବା ସତ୍ତ୍ୱେ ଡ୍ରାଇଭର ଦ୍ରୁତଗତିରେ ଗାଡ଼ି ଚଳାଉଥିଲେ । ପୋଲିସକୁ ସନ୍ଦେହ ହେବାରୁ ଭ୍ୟାନକୁ ଅଟକାଇବାକୁ ଉଦ୍ୟମ କରିଥିଲେ । କିନ୍ତୁ ଡ୍ରାଇଭର ଗାଡ଼ି ଛାଡ଼ି ଦୌଡ଼ିବା ସମୟରେ ପୋଲିସ ତାଙ୍କୁ କାବୁ କରି ନେଇଥିଲେ । ପରେ ପୋଲିସ ଭ୍ୟାନ ଯାଞ୍ଚ କରିବାରୁ ଗାଡି ଭିତରେ ଗଞ୍ଜେଇ ଥିବା ଜଣାପଡିଥିଲା । ପରେ ପୋଲିସ ଭ୍ୟାନ ଓ ଗଞ୍ଜେଇ ଜବତ କରିବା ସହ ଡ୍ରାଇଭରଙ୍କୁ ଥାନାକୁ ନେଇଥିଲେ । ଓଜନ କରାଯିବା ପରେ ଜବତ ଗଞ୍ଜେଇ ୧କ୍ୱିଣ୍ଟାଲ ବୋଲି ଜଣାପଡିଛି । ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଭ୍ୟାନ ଡ୍ରାଇଭରଙ୍କୁ ଗିରଫ କରାଯାଇଥିବା ଜଣାପଡିଛି ।

## ବ୍ଲକସ୍ତରୀୟ ଗ୍ରାମ୍ୟ ଜଳ ଓ ପରିମଳ ସମିତି କର୍ମଶାଳା




କରଞ୍ଜିଆ,(ଭାସ୍କର ନ୍ୟୁଜ): ଜିଲ୍ଲା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଦିବସୀୟ ବ୍ଲକସ୍ତରୀୟ ଗ୍ରାମ୍ୟ ଜଳ ଓ ପରିମଳ ସମିତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷା ସୁଭଦ୍ରା ମାର୍ଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ବିଡିଓ ପ୍ରଦ୍ୟୁମ୍ନ କୁମାର ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିର୍ବାହୀଯନ୍ତ୍ରୀ ସାୟଦ ଅମଜଦ ଅଲ୍ଲୀ, ଉପାଧକ୍ଷ ଛତିଶ ଚନ୍ଦ୍ର ମହାନ୍ତ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଦେବାଶିଷ ସାହୁ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର କନିଷ୍ଠଯନ୍ତ୍ରୀ ରମେଶ କୁମାର ସିଂ ଓ ସୀତା ହେମ୍ବ୍ରମ ଯୋଗ ଦେଇଥିଲେ । ଜଳ ଓ ପରିମଳ ବିଭାଗ ପକ୍ଷରୁ ବ୍ଲକର ୧୫ ପଞ୍ଚାୟତରେ ନିର୍ମାଣ ହୋଇଥିବା ଓଭରହେଡ୍ ଟାଙ୍କିରୁ ପାଇପ ଯୋଗେ ପ୍ରତ୍ୟେକ ଘରକୁ ପାଣି ଯୋଗାଇବା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପ୍ରତି ପଞ୍ଚାୟତରେ ଜଳ ଓ ପରିମଳ ସମିତି ଗଠନ ହୋଇଥିଲା । ପ୍ରତ୍ୟେକ ଘରକୁ ଜଳ ଯୋଗାଣ ସମ୍ବନ୍ଧିତ ପରିଚାଳନା, ବାହ୍ୟ ମଳମୁକ୍ତ ପରିଚାଳନା ପ୍ରଭୃତି ଉପରେ ଉପସ୍ଥିତ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠଯନ୍ତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାନୀୟଜଳ ଯୋଗାଣ ବାବଦରେ ହିତାଧିକାରୀ ମାସିକ ୬୦ଟଙ୍କା ପୈଠ ପାଇଁ ସରକାରୀ ଧାର୍ଯ୍ୟ ହୋଇଥିବା ବେଳେ ସମିତି ପକ୍ଷରୁ ଏହାର ମୂଲ୍ୟ ନିର୍ଦ୍ଧାରଣ ପରେ ଆଦାୟ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ଜଳ ଯୋଗାଣ କ୍ଷେତ୍ରରେ ଆବଶ୍ୟକ ସ୍ଥଳେ ସାମାନ୍ୟ ମରାମତି କାର୍ଯ୍ୟ ପଞ୍ଚାୟତ କରିବ ଏବଂ ଗୁରୁତର ମରାମତି କ୍ଷେତ୍ରରେ ଜଳ ଓ ପରିମଳ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା । ଆଗାମୀ ଦିନରେ ପଞ୍ଚାୟତସ୍ତରୀୟ ଗଠିତ ସମିତି ସଭ୍ୟମାନଙ୍କୁ ଏ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯିବ ବୋଲି ବିଡ଼ିଓ ପ୍ରକାଶ କରିଥିଲେ ।

## ଦେଶୀମଦ ଜବତ ୪ ଗିରଫ

ତିହିଡ଼ି,(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୭୫ଲିଟର ଆସ୍କାଫଟି ମଦ ଜବତ କରାଯିବା ସହିତ ୪ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି । ଜିଲ୍ଲା ଅବକାରୀ ବିଭାଗ ସୁପରିଟେଣ୍ଡେଣ୍ଟ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ତିହିଡ଼ି ଥାନା ଅଧୀନ ବାଂବାଗ, ସାଠିବାଟି, ବାହାବଳପୁର ଓ ଚନ୍ଦ୍ରକାଟବିନ୍ଧା ଗ୍ରାମରେ ଚଢ଼ଉ କରାଯାଇ ବାବୁରାମ ସେଠୀ, ପ୍ରଣବ ଦାସ, କେଶବ ଜେନା ଓ ସୁକାନ୍ତ ମହାଳିକଙ୍କୁ ଅବକାରୀ ପୋଲିସ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ୭୫ଲିଟିର ଅସ୍କାଫଟି ଦେଶୀମଦ ଜବତ କରିଛି । ଏ ସମ୍ପର୍କରେ ଅବକାରୀ ଥାନା ପକ୍ଷରୁ ୧୦୪, ୧୦୫, ୧୦୬ ଓ ୧୦୭/୨୪ରେ ପୃଥକ ପୃଥକ ମମାଲା ରୁଜୁ କରାଯାଇଛି। ଏହି ଚଢ଼ାଉରେ ତିହିଡ଼ି ଅବକାରୀ ଥାନା ଅଧିକାରିଣୀ ସୁମିତ୍ରା ହେମ୍ବ୍ରମ, ଏଏସ୍‌ଆଇ କ୍ଷୀରୋଦ ପାତ୍ର, କନେଷ୍ଟବଳ ପରେଶ ଚନ୍ଦ୍ର ଟୁଡୁ, ଅଜିତ୍ କୁମାର ଶିର୍କା, ପ୍ରଶାନ୍ତୀ ସିଂ, ରୁଦ୍ରନାରାୟଣ ଦାସ ପ୍ରମୁଖ ସାମିଲ ଥିଲେ।

## ଚିନି ସମବାୟ ଶିଳ୍ପରେ ଜଳସେଚନ ପାଇଁ ସମନ୍ୱୟ ବୈଠକ

ଆସିକା, (ଭାସ୍କର ନ୍ୟୁଜ): ଆସିକା ସମବାୟ ଚିନିଶିଳ୍ପ ଲିଃର ସଭାଗୃହ ଠାରେ ଚିନି କାରଖାନାର ପରିଚାଳନା ପରିଷଦର ସଭାପତି ରବୀନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆଖୁଚାଷକୁ ଜଳସେଚନ ସୁନିଶ୍ଚିତ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ବୈଠକରେ ପରିଚାଳନା ନିର୍ଦ୍ଦେଶକ ଡ଼. ସୁଶାନ୍ତ କୁମାର ପଣ୍ଡା, ଛତ୍ରପୁର କୃଷି ଜିଲ୍ଲା ଅଧିକାରୀ କୁଳମଣି ବାରିକ, ଭଞ୍ଜନଗର କୃଷି ଜିଲ୍ଲା ଅଧିକାରୀ ବ୍ୟୋମକେଶ ମିଶ୍ର, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ପଟ୍ଟନାୟକ, ଉଠା ଜଳସେଚନର ଅଧିକ୍ଷଣ ଯନ୍ତ୍ରୀ ଇ. ଶିବରାମ ପଣ୍ଡା, ଓଡ଼ିଶା କୃଷି ଶିଳ୍ପ ନିଗମର ଯନ୍ତ୍ରୀ ଇ. ଗୁପ୍ତ ପ୍ରସାଦ ନାୟକ, କୃଷି ବିଭାଗର ନିର୍ବାହୀ ଯନ୍ତ୍ରୀ ଇ. ଶଙ୍କର୍ଷଣ ମଲ୍ଲିକ, କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସନ୍ତୋଷ କୁମାର ରାଉତରାୟ ଏଥି ସହିତ ଜଳସେଚନ ଭଞ୍ଜନଗର, ବ୍ରହ୍ମପୁର, ଚିକିଟି ଓ ହର ଭଙ୍ଗୀ ପ୍ରକଳ୍ପର ଯନ୍ତ୍ରୀମାନେ ଯୋଗ ଦେଇଥିଲେ । ଏହି ବୈଠକରେ ଆଖୁଚାଷ ନିମନ୍ତେ ବିଭିନ୍ନ ଜଳ ଉତ୍ସ ଯଥା ବୃହତ୍, ମଧ୍ୟମ ଓ କ୍ଷୁଦ୍ରଜଳସେଚନ ପ୍ରକଳ୍ପ କିମ୍ବା ଅଗଭୀର ନଳକୂପ, ଗଭୀର ନଳକୂପ, ଉଠା ଜଳସେଚନ ପଏଣ୍ଟ, କୂପ ଇତ୍ୟାଦିରୁ ଜଳଯୋଗାଣ ସମ୍ପର୍କରେ ଆଲୋଚନା ହୋଇଥିଲା । ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ଉପରେ ନିର୍ଭର ନକରି ଅନ୍ୟ ଜଳ ଉତ୍ସ ଯଥା ଗଭୀର ନଳକୂପ, ଅଗଭୀର ନଳକୂପ, ଉଠା ଜଳସେଚନ ପଏଣ୍ଟ ଥିବା ଅଞ୍ଚଳରେ ଆଗାମୀ ଦିନରେ ଆଖୁଚାଷର ସମ୍ପ୍ରସାରଣ ଆଖୁ ପାଇଁ ଜଳସେଚନର ଅସୁବିଧା ନହେବା ପାଇଁ ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି ହୋଇଥିଲା । ଏହି ଆଲୋଚନାରେ ପରିଚାଳନା କମିଟିର ଉପାଧକ୍ଷ ସ୍ନେହଲତା ଚଣ୍ଡ, ପୂର୍ଣ୍ଣଚନ୍ଦ୍ର ବରାଡ଼, ଉଦୟ ପ୍ରଧାନ, ବସନ୍ତ ଦଳେଇ, ସନ୍ତୋଷ ପ୍ରଧାନ, ନିରଞ୍ଜନ ପ୍ରଧାନ, ସଇତ ପ୍ରଧାନ, ଧର୍ମୁ ପ୍ରଧାନ ସମେତ ଶିଳ୍ପର କ୍ଷେତ୍ର କର୍ମଚାରୀ ଯୋଗ ଦେଇଥିଲେ । ପରିଶେଷରେ ଆଖୁ ପରିଚାଳକ, ପ୍ରଶାନ୍ତ କୁମାର ପାଢୀ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ ଜଣାଇଥିଲେ ।



## ସମବାୟ ସମିତିରେ ଧାନ ମଣ୍ଡି କର୍ମଶାଳା

ଟାଙ୍ଗୀ, (ଭାସ୍କର ନ୍ୟୁଜ): ସରକାର ଚାଷୀଙ୍କ ଠାରୁ ସମବାୟ ସମିତି ମାଧ୍ୟମରେ ସିଧାସଳଖ ଧାନ କିଣିବା ପାଇଁ ବ୍ୟବସ୍ଥା କରିଛନ୍ତି ଏବଂ ଧାନର ସହାୟକ ମୂଲ୍ୟ ମଧ୍ୟ ସରକାର ନିର୍ଦ୍ଧାରିତ କରିଛନ୍ତି । ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସେବା ସମବାୟ ସମିତି ମାଧ୍ୟମରେ ଚାଷୀଙ୍କ ଠାରୁ ଧାନ କିଣିବା ପାଇଁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଛି। ଧାନ କିଣିବା ପୂର୍ବରୁ ରାଜ୍ୟ ସରକାର ଚାଷୀଙ୍କ ପାଇଁ ଧାନର ମାନ ନିର୍ଦ୍ଧାରଣ କରିବା ସହିତ ରାଜ୍ୟର ପ୍ରତ୍ୟକ ସମବାୟ ସମିତି ରେ ଏକ ଚାଷୀ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜସ୍ୱ ନିରୀକ୍ଷକ, ନିୟନ୍ତ୍ରିତ ବଜାର କମିଟି ଅଧିକାରୀ, ସମବାୟ ସମିତିର ପର୍ଚେଜିଂ ଅଧିକାରୀ, ସମବାୟ ସମିତିର ସଭାପତି, ଚାଷୀ କମିଟି ଏବଂ କୃଷକ ସାଥି ସହିତ ଚାଷୀକୂଳମାନଙ୍କୁ ନେଇ ଏକ କର୍ମଶାଳା ସହିତ ସଚେତନତାମୂଳକ ଆଲୋଚନାଚକ୍ର ବିଭିନ୍ନ ସମବାୟ ସମିତିରେ ଅନୁଷ୍ଠିତ ହୋଇଯାଇଛି । ଧାନ ମଣ୍ଡି ଖୋଲିବା ପରେ ସୋସାଇଟି କିଭଳି ଧାନ କ୍ରୟ କରିବ, ଧାନର ମାନ କିଭଳି ନିର୍ଦ୍ଧାରଣ କରାଯିବ, ପଞ୍ଜିକୃତ ଚାଷୀମାନେ କିଭଳି ନିଜ ନିଜର ବଳକା ଧାନକୁ ବିକ୍ରୀ କରିପାରିବେ ସେନେଇ କର୍ମଶାଳାରେ ଆଲୋଚନା କରାଯାଇଥିଲା । ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ସୋସାଇଟିରେ ଅନୁଷ୍ଠିତ କର୍ମଶାଳାରେ ଟାଙ୍ଗୀ ସମବାୟ ସମିତିର ପର୍ଚେଜିଂ ଅଧିକାରୀ ଚନ୍ଦ୍ର ଶେଖର ସାହୁ, ସଭାପତି ମହେନ୍ଦ୍ର କୁମାର ସାହୁ, ଏକ୍ସ ସଭାପତି ମିଟନ କୁମାର ରାଉତ, ଚାଷୀ କମିଟି ପକ୍ଷରୁ ଧୁଶାସନ ବିଶ୍ୱାଳ, ଭାସ୍କର ପ୍ରସାଦ ମହାନ୍ତି, କୃଷ୍ଣଚନ୍ଦ୍ର ରାଉତ ପ୍ରମୁଖ ଏବଂ ସୁନ୍ଦରପୁର ସୋସାଇଟିରେ ସମବାୟ ସମିତିର ପର୍ଚେଜିଂ ଅଧିକାରୀ ବାଙ୍କନିଧି ପ୍ରଧାନ, ସଭାପତି ପୂର୍ଣ୍ଣଚନ୍ଦ୍ର କଳସ, ସରପଞ୍ଚ ସୁଜିତ ହାଲଦାର ଓ ବିକାଶ ସାମନ୍ତରାୟ, ପଞ୍ଚାୟତ ଏକ୍ସକ୍ୟୁଟିଭ୍ ଅଫିସର ମଦନ ମୋହନ ସାହୁ, ଚାଷୀ କମିଟି ପକ୍ଷରୁ କୃଷ୍ଣ ମୋହନ ବଳିଆରସିଂ, ପ୍ରଫୁଲ୍ଲ କୁମାର ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ । ଚାଷୀମାନେ କିପରି ତାଙ୍କର ପ୍ରାପ୍ୟ ନିର୍ଦ୍ଧାରିତ ସମୟରେ ପାଇପାରିବେ, ମିଲର ମାନଙ୍କ ମନମାନି ଓ କଟନି-ଛଟନି ଉପରେ କିପରି ରୋକ୍ ଲାଗିପାରିବ ସେଥିପାଇଁ ନିର୍ଦ୍ଦିଷ୍ଟ ଭାବେ ଆଲୋଚନା ହୋଇଥିଲା । ସେହିପରି ଭାବେ ଖୋର୍ଦ୍ଧା ଜିଲ୍ଲାର ପ୍ରତ୍ୟେକ ସୋସାଇଟିମାନଙ୍କରେ ଏହିଭଳି କର୍ମଶାଳା ଅନୁଷ୍ଠିତ କରାଯାଉଛି ।




## ଆକ୍ରମଣ ମାମଲାରେ ବସ୍ ମାଲିକ ଗିରଫ

କୋରାପୁଟ, (ଭାସ୍କର ନ୍ୟୁଜ): ବସ୍ ଚଳାଚଳ ସମୟକୁ କେନ୍ଦ୍ର କରି କୋରାପୁଟ ଘରୋଇ ବସ୍ ମାଲିକ ସଂଘ ସଭାପତି ଶେକ କାସିମ୍‌ଙ୍କ ଉପରେ ଆକ୍ରମଣ ହୋଇଥିଲା । ଏହି ଘଟଣାରେ ପୋଲିସ ଘରୋଇ ବସ୍ ମାଲିକ ଶରତ ଗୌଡଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି । ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢଉ ଆରମ୍ଭ କରିଥିବା ପ୍ରକାଶ କରିଛନ୍ତି । ଅପରପକ୍ଷରେ ଘରୋଇ ବସ୍ ମାଲିକ ସଂଘ ଓ ଘରୋଇ ବସ୍ କର୍ମଚାରୀ ସଂଘ ପକ୍ଷରୁ ପୃଥକ ପୃଥକ ଭାବେ ଏହି ଘଟଣାକୁ ନେଇ ବୈଠକ କରାଯାଇଛି । ଗତ ୧୯ ତାରିଖରେ କୋରାପୁଟରୁ ଜୟପୁର ଅଭିମୁଖେ ବାହାରିଥିବା ଆଶିଷ ବସ୍‌ର କଣ୍ଡକ୍ଟରଙ୍କୁ ଏମଏସ୍‌ବି ବସ୍ ମାଲିକ ଶରତ ଗୌଡ ଫୋନ କରିଥିଲେ । ୨ଟା ୨୦ମିନିଟ ପରିବର୍ତ୍ତେ ୨ଟା୧୫ ମିନିଟରେ ବସ୍ ଛାଡିବାକୁ ଧମକ ଦେଇଥିଲେ । ଏନେଇ ଆଶିଷ ବସ୍ ମାଲିକ ଜାଣିବା ପରେ ଘରୋଇ ବସ୍ ମାଲିକ ସଂଘକୁ ଜଣାଇଥିଲେ। ତେଣୁ ଘରୋଇ ବସ୍ ମାଲିକ ସଂଘ ସଭାପତି ଶେକ୍ କାସିମ, ସଂପାଦକ ଫିରୋଜ ତୁରୁକ ଓ ସଂପୃକ୍ତ ଘରୋଇ ବସ୍ ମାଲିକ ବସ୍‌ଷ୍ଟାଣ୍ଡକୁ ଆସିଥିଲେ। ଏହି ଖବର ପାଇ ଶରତ କିଛି ସମର୍ଥକଙ୍କୁ ନେଇ ପହଞ୍ଚି ସେଠାରେ ପାଟିତୁଣ୍ଡ କରିଥିଲେ । ଉତ୍ତେଜନା ମଧ୍ୟରେ କେହି ଜଣେ କାସିମ୍‌କୁ ଛୁରିରେ ଆକ୍ରମଣ କରିଥିବା ଥାନାରେ ଏତଲା ଦିଆଯାଇଥିଲା । ଶରତ ଗିରଫ ହୋଇଥିଲା ବେଳେ ସଂପୃକ୍ତ ଅନ୍ୟ ଜଣେ ବସ୍ ମାଲିକ ଗିରଫ ହୋଇନଥିବା ଜଣାପଡିଛି । ଘଟଣାରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତ ଫେରାର ରହିଛନ୍ତି । ଘଟଣାର ତଦନ୍ତ ଏସ୍‌ଆଇ ବିଷ୍ଣୁଚରଣ ବେହେରା କରୁଛନ୍ତି ।

## ୫୨ଏକର ଗଞ୍ଜେଇ ଚାଷ ନଷ୍ଟ

କୋରାପୁଟ, (ଭାସ୍କର ନ୍ୟୁଜ): ଲମତାପୁଟ ବ୍ଲକର ମାଛକୁଣ୍ଡ ଥାନା ଅନ୍ତର୍ଗତ ରାଇପଡ଼ା ଗ୍ରାମରେ ବେଆଇନ ଭାବରେ ଗଞ୍ଜେଇ ଚାଷ କରାଯାଇଥିଲା । ଖବରପାଇ ମାଛକୁଣ୍ଡ ଥାନା, ଅବକାରୀ ବିଭାଗ ମିଳିତ ଭାବରେ ଗାଁରେ ଚଢଉ କରି ଚାଷ ହୋଇଥିବା ସମସ୍ତ ଗଞ୍ଜେଇ ଗଛଗୁଡିକୁ ନଷ୍ଟ କରିଥିଲେ । ଏଥିପାଇଁ ପ୍ରାୟ ୩୦ଜଣ ନିୟୋଜିତ ହୋଇ ବେଆଇନ ଭାବରେ ଲଗାଯାଇଥିବା ୫୨ଏକର ଜମିରେ ଗଞ୍ଜେଇ ଗଛଗୁଡିକ ନଷ୍ଟ କରିଥିଲେ । ପୋଲିସ ସୂଚନା ଅନୁଯାୟୀ ଗତ କିଛି ଦିନ ହେଲା ବେଆଇନ ଭାବରେ ଲଗାଯାଇଥିବା ଗଞ୍ଜେଇ ଚାଷକୁ ଡ୍ରୋନ୍ ସାହାଯ୍ୟରେ ଚିହ୍ନଟ କରାଯାଇଥିଲା । ଏହାପରେ ଅବକାରୀ ବିଭାଗ, ମାଛକୁଣ୍ଡ ଏବଂ ଲମତାପୁଟ ଫାଣ୍ଡି କର୍ମଚାରୀ, ରାଜସ୍ୱ ବିଭାଗ ଓ ବନ ବିଭାଗ ମିଳିତ ଭାବରେ ମାଛକୁଣ୍ଡ ତହସିଲଦାର ତଥା ମାଜିଷ୍ଟ୍ରେଟ ଉପସ୍ଥିତିରେ ଅପରେସନ ଗ୍ରିନ୍ କ୍ଲିନି ଆରମ୍ଭ କରିଥିଲେ । ରାଜସ୍ୱ ବିଭାଗ ୫୨ଏକର ଜମିରେ ଗଞ୍ଜେଇ ଚାଷ କରାଯାଇଥିବା ରିପୋର୍ଟ ଦେଇଥିବାବେଳେ ୪୯ ହଜାର ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ଜଣାଯାଇଛି । ଏନେଇ ମାଛକୁଣ୍ଡ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ତଦନ୍ତ ଜାରି ରହିଥିବା କୁହାଯାଇଛି ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର

ମାଲକାନଗିରି,(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ତରଫରୁ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ୧୯୯୮ରୁ କେନ୍ଦ୍ର ସରକାର ଓ ଅନ୍ୟ ସବୁ ରାଜ୍ୟର ସରକାର ସେମାନଙ୍କ ପେନ୍‌ସନଧାରୀଙ୍କୁ କେନ୍ଦ୍ର ଅନୁରୂପ ଚିକିତ୍ସା ଭତ୍ତା ଦେଇ ଆସୁଛନ୍ତି । ହେଲେ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ୧୮ ବର୍ଷର ଧାରାବାହିକ ଭାବେ ସ୍ମାରକପତ୍ର ପ୍ରଦାନ କରି ଆସୁଥିବା ସତ୍ତ୍ୱେ ସରକାର ଉଦାସୀନ ମନୋଭାବ ପୋଷଣ କରି ଚାଲୁଛନ୍ତି । ରାଜ୍ୟର ୩ ଲକ୍ଷ୍ୟ ୫୦,୦୦୦ ପେନ୍‌ସନ୍‌ଧାରୀଙ୍କ ଅବଦାନକୁ ଭୁଲି ୩୫/୪୦ ବର୍ଷ ପରେ କେବଳ ପେନ୍‌ସନ ଦେଇ ବାର୍ଦ୍ଧକ୍ୟରେ ରୋଗ ବ୍ୟାଧି ପାଇଁ ଚିକିତ୍ସା, ଔଷଧ ଓ ଯନ୍ତ୍ରଣା ପାଇଁ ଜରୁରୀ ଆବଶ୍ୟକ ଦିଗ ପ୍ରତିଦୃଷ୍ଟି ନଦେଇ ଚୁପ୍ ହୋଇବସିଛନ୍ତି । ସେହିପରି ୧୯୯୦ରୁ ପେନ୍‌ସନ ଓ ସାଧାରଣ ଅଭିଯୋଗ ସମସ୍ୟାର ଆଶୁ ସମାଧାନ ପାଇଁ ଗଠନ ହୋଇଥିବା ସ୍ୱତନ୍ତ୍ର ବିଭାଗ ସାଧାରଣ ଅଭିଯୋଗ ଓ ପେନ୍‌ସନ ପ୍ରଶାସନ ବିଭାଗକୁ ଅଚାନକ ଭାବେ ୨୦୧୭ ଅପ୍ରେଲ ରେ ଉଚ୍ଛେଦ କରିଥିଲେ । ଫଳରେ ପେନ୍‌ସନଧାରୀଙ୍କ ସମସ୍ୟା ବଢ଼ିଚାଲିଛି । ତେଣୁ ପେନ୍‌ସନ ବିଭାଗ ପୁନଃ ସ୍ଥାପନ କରାଗଲେ ଉପୁଜୁଥିବା ସମସ୍ୟାର ଆଶୁ ସମାଧାନ ହୋଇପାରିବ । କେନ୍ଦ୍ର ଅନୁରୂପେ ମାଟ୍ରିକ୍ସ ଆଧାରରେ ପେନ୍‌ସନ ନିର୍ଦ୍ଧାରଣ, ସର୍ବନିମ୍ନ ପେନ୍‌ସନ, କ୍ୱାଲିଫାଇଂ ସର୍ଭିସ୍ ୨୦ ବର୍ଷକୁ ପୁଣି ହ୍ରାସ, ପୁରୁଣା ପନ୍‌ସନ ପୁନଃ ପ୍ରଚଳନ କରାଯିବା, କୋଭିଡ୍ ସମୟରେ ବକେୟା ଥିବା ୧୮ ମାସର ଡିଆର୍ ପ୍ରଦାନ କରିବା, କୋଭିଡ୍ ସମୟରୁ ବନ୍ଦ ଥିବା ରେଳଯାତ୍ରାରେ ବରିଷ୍ଠ ନାଗରିକଙ୍କୁ ମିଳୁଥିବା ରିହାତିର ପୁନଃ ପ୍ରଚଳନ, ରାଜ୍ୟର ମୋ ବସ୍ ଭଳି ସରକାରୀ ଓ ବେସରକାରୀ ବସ୍‌ରେ ବରିଷ୍ଠ ନାଗରିକଙ୍କୁ ରିହାତି ପ୍ରଦାନ କରିବା ଇତ୍ୟାଦି ଦାବି ଉଲ୍ଲେଖ ରହିଛି । ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ବାଲାରାଜୁ ପାଢ଼ୀ, ସମ୍ପାଦକ ଅଶୋକ ସାମଲ, ପୂର୍ବତନ ସମ୍ପାଦକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ସହ ୧୦ ରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।

## ବରିଷ୍ଠ ବ୍ଲକସ୍ତରୀୟ ନାଗରିକ ସମ୍ମିଳନୀ



ତିହିଡ଼ି,(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ପକ୍ଷରୁ ବ୍ଲକସ୍ତରୀୟ ବରିଷ୍ଠ ନାଗରିକ ସମ୍ମିଳନୀ ଶୁକ୍ରବାର ପୂର୍ବାହ୍ନରେ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବରିଷ୍ଠ ନାଗରିକ ସଂଘ ବ୍ଲକ ସଭାପତି ସୋମନାଥ ପାଢ଼ୀ, ସମ୍ପାଦକ ବିଭୂତି ଭୂଷଣ ସେନାପତି, ଉପସଭାପତି ଇଂ ମହେଶ ଦାସ, ତିହିଡ଼ି ଜୋନ ସଭାପତି ନିତ୍ୟାନନ୍ଦ ମଲ୍ଲିକ, ସମ୍ପାଦକ ପି. ହୃଷିକେଶ ପ୍ରମୁଖ ଯୋଗ ଦେଇ ବରିଷ୍ଠ ନାଗରିକମାନେ ସୁସ୍ଥ ସମାଜ ଗଠନରେ ସହଭାଗୀ ହୁଅନ୍ତୁ ବୋଲି ପରାମର୍ଶ ଦେଇଥିଲେ । ଏହି ଅବସରରେ ବ୍ଲକର ବିଭିନ୍ନ ଅଞ୍ଚଳର ୯୬ଜଣ ବରିଷ୍ଠ ନାଗରିକଙ୍କୁ ବରିଷ୍ଠ ନାଗରିକ ପରିଚୟପତ୍ର ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଆଇ ପ୍ରକାଶ ନାୟକ, ଏଏସ୍‌ଆଇ କମଳକାନ୍ତ ଶତପଥି, ପାର୍ଥ ବେହେରା, ଲକ୍ଷ୍ମଣ ମାରାଣ୍ଡି, କୁମୁଦିନୀ ବେହେରା, ଚିତ୍ତରଂଜନ ବରିକ, ହାବିଲଦାର ନକୁଳ ସେନାପତି, ହରେକୃଷ୍ଣ ଦୀକ୍ଷିତ, ବିଦ୍ୟାଧର ସୂତାର ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ଦେଇଥିଲେ । ଶେଷରେ ଏସ୍‌ଆଇ ଅରୁନ୍ଧତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସନ୍ନ୍ୟାସୀ ବ୍ରହ୍ମ, ପ୍ରତାପ କୁମାର ଆଚାର୍ଯ୍ୟ, ଜଗନ୍ନାଥ ନାୟକ, ଭାଗିରଥି ସାହୁ, ରତିକାନ୍ତ ସାହୁ, କୃତିବାସ ଜେନା, ଧନେଶ୍ୱର ବୈୟାରୀ, ରଙ୍ଗାଧର ତ୍ରିପାଠୀ, ବଳରାମ ପଣ୍ଡା, ଭାଗିରଥି ଦତ୍ତ, ଗଙ୍ଗାଧର ଦତ୍ତ, ରବିନ୍ଦ୍ର ଦାସ, ନରହରି ନାୟକ, ନିରଞ୍ଜନ ଦାସ, ବିଶ୍ୱମୈତ୍ରୀ ନାୟକ, ଜିତେନ୍ଦ୍ର ବେହେରା, ରମାକାନ୍ତ ନାଥ, ଭରତ ନାୟକ, ମନମୋହନ ଦାସ, ଚକ୍ରଧର ଓଝା, ଶଙ୍କର୍ଷଣ ଦାସଙ୍କ ସହିତ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## ୬୦ଗରିବ ପରିବାରଙ୍କୁ ନୂଆ ରାସନକାର୍ଡ ବଣ୍ଟନ

ବୋଲଗଡ,(ଭାସ୍କର ନ୍ୟୁଜ): ବୋଲଗଡ଼ ବ୍ଲକ ସାନପଦର ପଞ୍ଚାୟତରେ ଶୁକ୍ରବାର ଯୋଗ୍ୟ ଗରିବ ପରିବାରଙ୍କୁ ନୂତନ ରାସନକାର୍ଡ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ପଞ୍ଚାୟତ ସମସ୍ତ ୱାର୍ଡ଼ ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ । ବହୁ ବର୍ଷ ଧରି ଗରିବ ପରିବାର ରାସନ୍ ସାମଗ୍ରୀ ଓ ମାଗଣା ସ୍ୱାସ୍ଥ୍ୟସେବା ବଞ୍ଚିତ ହେଉଥିଲେ। ଏନେଇ ବିଧାୟକ ଓ ସରପଞ୍ଚ ମାଧ୍ୟମରେ ଆବେଦନ କରିଥିଲେ। ବିଧାୟକ ପ୍ରଦୀପ କୁମାର ସାହୁଙ୍କ ସହଯୋଗ କ୍ରମେ ସ୍ଥାନୀୟ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ ଓ ସମିତିସଭ୍ୟ ଦିଲ୍ଲୀପ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ନୂତନ ରାସନକାର୍ଡ ବଣ୍ଟନ କରାଯାଇଛି । ଗ୍ରାମପଞ୍ଚାୟତର ୪ଟି ଗ୍ରାମ ରାସୋଳ, ବୟାପଲ୍ଲୀ, କୃଷ୍ଣସରଣପୁର ଓ ସାନପଦରର ହିତାଧିକାରୀମାନେ ରାସନକାର୍ଡ ପାଇ ତୁରନ୍ତ ତିନି ମାସର ଚାଉଳ ନେଇଥିଲେ । ସମସ୍ତ ଗରିବ ହିତାଧିକାରୀମାନେ ରାସନକର୍ଡ ପାଇ ସବୁ ସମସ୍ୟାର ସମାଧାନ ହୋଇପାରିଛି ବୋଲି କହି ଅତ୍ୟନ୍ତ ଖୁସି ପ୍ରକାଶ କରି ସରପଞ୍ଚ ଶ୍ରୀ ସ୍ୱାଇଁଙ୍କୁ ଧନ୍ୟବାଦ ଦେଇଥିଲେ ।

# ବାଇକ୍ ଚୋରି ଅଭିଯୋଗ

ବାଲିଚନ୍ଦ୍ରପୁର,(ଭାସ୍କର ନ୍ୟୁଜ): ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ରାହାଜାନି ବୃଦ୍ଧି ପାଇବାରେ ଲାଗିଛି । କିଛିଦିନ ତଳେ ତାଲୁଆବାଲିକୁଦା ଅଞ୍ଚଳର ବିଭିନ୍ନ ଗ୍ରାମରୁ ଦୋକାନ ଘର, ମନ୍ଦିର ଓ କେତେକ ଲୋକଙ୍କ ଘରୁ ଲଗାତର ଭାବେ ଚୋରି ହୋଇଥିଲା । ଦୈନିକ ଚୋରି ହେବା ନେଇ ଥାନାରେ ରିପୋର୍ଟ ପହଞ୍ଚିବା ପରେ ବାଲିଚନ୍ଦ୍ରପୁର ପୋଲିସ ଉକ୍ତ ଚୋରମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଏବେ ପୁଣି ଲୁଟେରା ସକ୍ରିୟ ହୋଇ ଉଠିଛନ୍ତି । ଗାଁ ଗଣ୍ଡାରେ ପଶି ବାଇକ୍ ଚୋରି କରିବା ଘଟଣା ଥାନା ଅଞ୍ଚଳରେ ବିରଳ ହୋଇଥିବା ବେଳେ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଗାଁ ଭିତରୁ ଏକ ପଲସର ମଟରସାଇକେଲ ଚୋରି କରି ନେଇଛନ୍ତି । ଘଟଣାରୁ ପ୍ରକାଶ ଏହି ଥାନା ଅନ୍ତର୍ଗତ ଚାରିନଙ୍ଗଳ ଗ୍ରାମର ସେକ୍ ଇକବାଲ ହୁସେନ୍ ଯିଏ କି ସାମ୍ବାଦିକ ଭାବେ ବାଲିଚନ୍ଦ୍ରପୁର ଅଞ୍ଚଳରେ କାର୍ଯ୍ୟରତ ଅଛନ୍ତି, ଗୁରୁବାର ବିଳମ୍ବିତ ରାତିରେ ତାଙ୍କ ପଲସର ମଟରସାଇକେଲ (ଓ ଡ଼ି ୦୪ କେ ୦୧୫୯) ତାଙ୍କ ଘରେ ରଖି ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଲକ୍ ଭାଙ୍ଗି ବାଇକ୍‌ଟିକୁ ଚୋରାଇ ନେଇଛନ୍ତି । ଚୋରି ହୋଇଥିବା ନେଇ ସକାଳୁ ଜାଣିବା ପରେ ସେ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ଥାନା ପକ୍ଷରୁ ୪୧୫/୨୪ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ତଦନ୍ତ ଅଧିକାରୀ ହରିଶ୍ଚନ୍ଦ୍ର ସିଂହ ସୂଚନା ଦେଇଛନ୍ତି।




ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍) : ଲକ୍ଷ୍ମୀପୁର ମହାବିଦ୍ୟାଳୟ ପରିସରରେ ଯୁକ୍ତଦୁଇ ଓ ଯୁକ୍ତତିନି ବିଭାଗର ଯୁବ ରେଡକ୍ରସ ୟୁନିଟ୍, ରେଡ ରିବନ କ୍ଲବ ଏବଂ ଜାତୀୟ ସେବା ଯୋଜନା ୟୁନିଟ୍ ତରଫରୁ ଏଡ୍ସ ସମ୍ବନ୍ଧିତ ବିଭିନ୍ନ ପ୍ରକାରର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପେକ୍ଷୀରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କୁଇଜ୍, ରଚନା ଓ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରାଯିବା ସହ ଏଡ୍ସ ସମ୍ବନ୍ଧିତ ଏକ ସଚେତନତା ରାଲି କରାଯାଇଥିଲା। ଏହା ବ୍ୟତୀତ ଏକ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଯୁକ୍ତ ତିନି ଅଧ୍ୟକ୍ଷ ବିଜୁ ମୁଦୁଲି ସଭାପତିତ୍ୱ କରି ଏଡ୍ସ ରୋଗର ଚିକିତ୍ସା କେବଳ ସଚେତନତା ଓ ସଞ୍ଜମତା ଦ୍ୱାରା ହିଁ ସମ୍ଭବ ବୋଲି ପ୍ରକାଶ କରିଥିଲେ। ଏହାସହିତ ଜୀବ ବିଜ୍ଞାନ ଅଧ୍ୟାପକ ଯଶୋବନ୍ତ ଗରଡା ଏଡ୍ସ ରୋଗ କେବେ, କେଉଁଠାରୁ ଆଉ କେମିତି ଆରମ୍ଭ ହୋଇଥିଲା, ତଥା ଭାରତରେ ପ୍ରଥମ ଏଡ୍ସ ରୋଗୀର ଚିହ୍ନଟ ଓ ବର୍ତ୍ତମାନ ଓଡିଶାରେ ଏଡ୍ସ ସଂକ୍ରମିତ ଲୋକଙ୍କ ସ୍ଥିତି ବିଷୟରେ ଆଲୋକପାତ କରିଥିଲେ। ସେହିପରି ଅର୍ଥନୀତି ବିଭାଗର ଅଧ୍ୟାପକ ଜଗନ୍ନାଥ ରଥ ଏଡ୍ସ ରୋଗ ବିଷୟରେ ସବିଶେଷ ସୂଚନା ଦେବା ସହ ଛାତ୍ରଛାତ୍ରୀଙ୍କୁ ଏହି ରୋଗର ଲକ୍ଷଣ ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପିକା ଜୟଶ୍ରୀ ପଟ୍ଟନାୟକ, ମହିମା ରାଣୀ ରାଜୁ, ହେଲେନା ପ୍ରିୟଦର୍ଶିନୀ ସିଂ ଓ ଅଧ୍ୟାପକ ପବିତ୍ର ମଣ୍ଡଳ, କାହ୍ନୁ ଚରଣ ବିଶୋୟୀ ଓ ଲକ୍ଷ୍ମୀକାନ୍ତ ଟାକ୍ରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଯୁକ୍ତ ତିନି ଜାତୀୟ ସେବା ଯୋଜନା ଅଧିକାରୀ ଦୁର୍ଯ୍ୟୋଧନ ସାହୁ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସନ୍ତୋଷିନୀ ଦାସ ସହଯୋଗ କରିଥିଲେ।



# ବିନା ବାତ୍ୟାରେ କ୍ଷୟକ୍ଷତି ଅନୁଦାନ ମଞ୍ଜୁର

ଧାମନଗର, (ଭାସ୍କର ନ୍ୟୁଜ୍) : ଚଳିତ ବର୍ଷ ଅକ୍ଟୋବର ମାସ ବାତ୍ୟା ଦାନା ପ୍ରଭାବରେ ଧାମନଗର ବ୍ଲକର ବିଭିନ୍ନ ବିଦ୍ୟାଳୟ, ରାସ୍ତାଘାଟ, ପଞ୍ଚାୟତ କାର୍ଯ୍ୟାଳୟ ଅଙ୍ଗନବାଡ଼ି କେନ୍ଦ୍ର, କମ୍ୟୁନିଟି ସେଣ୍ଟର ବ୍ୟାପକ କ୍ଷୟକ୍ଷତି ହୋଇଥିବା ଏବଂ ସେହି କ୍ଷୟକ୍ଷତିର ପୁନଃ ମରାମତି ନିମନ୍ତେ ମୋଟ ୧୯ କୋଟି ୩୮ ଲକ୍ଷ ୫୦ ହଜାର ଟଙ୍କା ଅର୍ଥ ବ୍ୟୟ ବରାଦ ହୋଇଥିବା ଜଣାପଡିଛି। କ୍ଷୟକ୍ଷତି ମଧ୍ୟରେ ଧାମନଗର ବ୍ଲକ ଥିବା ର ୪୬୮ଟି ରାସ୍ତା ମରାମତି ନିମନ୍ତେ ୯ କୋଟି ୩୬ ଲକ୍ଷ ଟଙ୍କା, ୧୮୬ଟି କମ୍ୟୁନିଟି ସେଣ୍ଟରର ମରାମତି ନିମନ୍ତେ ୨ କୋଟି ୭୯ ଲକ୍ଷ ଟଙ୍କା, ପଞ୍ଚାୟତ କାର୍ଯ୍ୟାଳୟ ଏବଂ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଇତ୍ୟାଦି ୫୬ଟି ଘରର ମରାମତି ନିମନ୍ତେ ୧ କୋଟି ୧୨ ଲକ୍ଷ ଟଙ୍କା, ୧୦୫ଟି ଅଙ୍ଗନବାଡ଼ି କେନ୍ଦ୍ରର ମରାମତି ପାଇଁ ୧ କୋଟି ୫୭ ଲକ୍ଷ ୫୦ ହଜାର ଟଙ୍କା ଏବଂ ୨୨ଟି ପ୍ରାଥମିକ ବିଦ୍ୟାଳୟ ଇତ୍ୟାଦିର ମରାମତି କାର୍ଯ୍ୟ କରିବା ପାଇଁ ୪ କୋଟି ୫୪ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। କିନ୍ତୁ ପ୍ରକୃତରେ ଧାମନଗର ଅଞ୍ଚଳରେ ବାତ୍ୟା ଦାନାର ପ୍ରଭାବ ପଡ଼ି ନାହିଁ ଏବଂ ଯେଉଁ ପବନ ହୋଇଥିଲା ସେଥିରେ ମରାମତି ନିମନ୍ତେ ତାଲିକା ହୋଇଥିବା ବିଦ୍ୟାଳୟ, କମ୍ୟୁନିଟି ସେଣ୍ଟର, ଅଙ୍ଗନବାଡି କେନ୍ଦ୍ର କିମ୍ବା ପଞ୍ଚାୟତ କାର୍ଯ୍ୟାଳୟ ଇତ୍ୟାଦିର କୌଣସି କ୍ଷୟକ୍ଷତି ତଥା ଚୂନ ଟିକିଏ ବି ଝଡି ନାହିଁ। ସେହିପରି କେତକ ପଞ୍ଚାୟତରେ ସରପଞ୍ଚ, ସମିତି ସଭ୍ୟ ଏବଂ ଅଙ୍ଗନବାଡି କର୍ମୀଙ୍କୁ ପଚାରିବାରୁ ଏଥର ବାତ୍ୟାରେ ନିଜ ପଞ୍ଚାୟତରେ କୌଣସି କ୍ଷୟକ୍ଷତି ହୋଇନଥିବା କହିଛନ୍ତି ଏବଂ କ୍ଷୟକ୍ଷତି ସମ୍ପର୍କରେ ସେମାନେ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ନାହାନ୍ତି ବୋଲି କହିଛନ୍ତି। ପ୍ରକୃତ ପକ୍ଷେ ଦେଖିବାକୁ ଗଲେ ବାତ୍ୟା ପ୍ରଭାବରେ ଯେଉଁ ପ୍ରବଳ ବର୍ଷା ହୋଇ ଥିଲା ସେଥିରେ ରେବ, କପାଳି ଏବଂ ନାଳିଆ ନଦୀରେ ବନ୍ୟା ଆସି ବନ୍ୟାରେ ଅସୁରାଳି ଅଞ୍ଚଳରେ କେତେକ ପଞ୍ଚାୟତ ଚାଷଜମି ପ୍ରଭାବିତ ହୋଇଥିଲା। ବ୍ଲକର ଅବଶିଷ୍ଟ ଧୁଷୁରୀ, ଧାମନଗର ଏବଂ ଦୋବଲ ଜୋନ ସମେତ ଧାମନଗର ସହରାଞ୍ଚଳରେ ବନ୍ୟା କିମ୍ବା ବାତ୍ୟାର କୌଣସି ପ୍ରଭାବ ନଥିଲା। ଏବେ ସମଗ୍ର ବ୍ଲକ ଏବଂ ସହରାଞ୍ଚଳରେ ବାତ୍ୟା ଓ ବନ୍ୟାରେ କ୍ଷୟକ୍ଷତି ହୋଇଥିବା ଦର୍ଶାଇ ତାହା ମରାମତି କରିବା ଆଳରେ ମିଛ ପ୍ରକଳ୍ପ ପ୍ରସ୍ତୁତ କରି ସେ ବାବଦରେ କୋଟି କୋଟି ଟଙ୍କା ସରକାରୀ ଅର୍ଥ ତୋଷରପାତ କରିନେବାକୁ ଉଦ୍ୟମ ହେଉଥିବା ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ପ୍ରକଳ୍ପ ଅନୁମୋଦନ ଏବଂ ଅନୁଦାନ ମଞ୍ଜୁର ହୋଇଥିବା ସମ୍ପର୍କରେ ବ୍ଲକ ଏବଂ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀଙ୍କ କଥାରେ କୌଣସି ତାଳମେଳ ରହୁନାହିଁ। ବାତ୍ୟାରେ ଧାମନଗର ଅଞ୍ଚଳରେ ହୋଇଥିବା କ୍ଷୟକ୍ଷତି ଏବଂ ତାହାର ପୁନଃ ମରାମତି ପାଇଁ ବ୍ୟୟବରାଦ ହୋଇଥିବା ଅର୍ଥର ପରିମାଣ କେତେ ? ଇତ୍ୟାଦି ସମ୍ପର୍କରେ ଧାମନଗର ବଡ଼ିଓଙ୍କୁ ପଚାରିବାରୁ ତାଙ୍କ ପାଖରେ କୌଣସି ତଥ୍ୟ ନଥିବା ସେ ମନା କରିଛନ୍ତି। ବିଡ଼ିଓଙ୍କ ପାଖରେ ତଥ୍ୟ ନାହିଁ । ହେଲେ ପ୍ରକଳ୍ପ ଅନୁମୋଦନ ହୋଇ ଅର୍ଥ ମଞ୍ଜୁର ହୋଇ ସାରଲାଣି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ବଡ଼ିଓଙ୍କ ମନ୍ତବ୍ୟ ସନ୍ଦେହ ଘେରରେ ଥିବା ବେଳେ ଏ ବାବଦରେ ବ୍ଲକ ସହକାରୀ ଯନ୍ତ୍ରୀ ବାତ୍ୟାରେ ଧାମନଗର ଅଞ୍ଚଳର ହୋଇଥିବା କ୍ଷୟକ୍ଷତି ଏବଂ ତାହାର ପୁନଃ ମରାମତି ନିମନ୍ତେ ଉପରୋକ୍ତ ପରିମାଣ ଅର୍ଥ ବ୍ୟୟ ବରାଦ ହୋଇଥିବା ସ୍ପଷ୍ଟ କରାଇଛନ୍ତି। ବ୍ଲକରେ ଥିବା ଯନ୍ତ୍ରୀମାନେ ବାତ୍ୟା କ୍ଷୟକ୍ଷତିର ବିବରଣୀ ଦେଇଥିବା ସହକାରୀ ଯନ୍ତ୍ରୀ କହିଛନ୍ତି। ବାତ୍ୟା କ୍ଷୟକ୍ଷତି ତାଲିକା ପ୍ରଦାନ ସମ୍ପର୍କରେ ଯନ୍ତ୍ରୀଙ୍କୁ ପଚାରିବାରୁ ସେମାନେ ନିଜର ନାମ ଗୋପନ ରଖି କହିଛନ୍ତି ଯେ କ୍ଷୟକ୍ଷତିର ତାଲିକା ଆମେ ଦେଇନାହୁଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ୨୦୨୩ ମସିହା ଅଗଷ୍ଟ ମାସରେ ଧାମନଗରରେ ହୋଇଥିବା ବନ୍ୟା କ୍ଷୟକ୍ଷତିର ପୁନଃ ନିର୍ମାଣ ପାଇଁ ଆସିଥିବା ଅନୁଦାନର କାର୍ଯ୍ୟ ଏଯାଏଁ ଶେଷ ହୋଇନାହିଁ । ପୁଣି ବାତ୍ୟା ଦାନା କ୍ଷୟକ୍ଷତିର ପୁନଃ ମରାମତି ପାଇଁ ଅର୍ଥ ମଞ୍ଜୁର କରାଯାଇଛି। ଏଭଳି ସ୍ଥିତିରେ କୋଟି କୋଟି ଟଙ୍କା ସରକାରୀ ଅର୍ଥ ବାଟ ମାରଣା ହେବା ଆଗରୁ କ୍ଷୟକ୍ଷତିର ନିରପେକ୍ଷ ଭାବେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ମତପ୍ରକାଶ ପାଇଛି।



**ବିଡିଓଙ୍କ ପାଖରେ ତଥ୍ୟ ନାହିଁ**

# ସହକାରୀ ଶିକ୍ଷକଙ୍କ ବଦଳି ବାତିଲ ଦାବି

ଏରସମା, (ଭାସ୍କର ନ୍ୟୁଜ୍) : ସହକାରୀ ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଲେ। ଏଭଳି ଘଟଣା ଘଟିଛି ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ ବଳେଇପୁର ପଞ୍ଚାୟତର ପତିତପାବନ ହାଇସ୍କୁଲ ସିଂହପୁରର ସହକାରୀ ଶିକ୍ଷକ ତାପସ ଜେନାଙ୍କର ଚଟୁଆ ସରକାରୀ ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଛି। ସେହିପରି ତାଙ୍କ ସ୍ଥାନରେ ଚଟୁଆ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସ୍ୱପ୍ନା ମହାପାତ୍ରଙ୍କୁ ପତିତପାବନ ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଛି। ତେବେ ପତିତପାବନ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ଶ୍ରୀ ଜେନାଙ୍କର ବଦଳିର ପ୍ରତିବାଦରେ ଆଜି ସକାଳେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ବିଦ୍ୟାଳୟରେ ପହଞ୍ଚି ଫାଟକରେ ତାଲା ପକାଇବା ସହିତ ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ଧାରଣାରେ ବସିଥିଲେ। ସହକାରୀ ଶିକ୍ଷକ ଶ୍ରୀ ଜେନା ଗଣିତ ପାଠ ଛାତ୍ରଛାତ୍ରୀମାନଙ୍କୁ ଭଲ ଭାବରେ ବୁଝାଇ ପଢାଉଥିବାରୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟରୁ ଛାଡିବେ ନାହିଁ ବୋଲି ଧାରଣାରେ ବସିଥିବା କହିଥିଲେ। ଛାତ୍ରଛାତ୍ରୀଙ୍କ ଧାରଣା ଚାଲିଥିବା ବେଳେ, ଚଟୁଆ ଉଚ୍ଚ ବିଦ୍ୟାଳୟରୁ ବଦଳି ହୋଇଥିବା ଶିକ୍ଷୟିତ୍ରୀ ଶ୍ରୀମତୀ ମହାପାତ୍ର ପତିତପାବନ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରେ ଯୋଗ ଦେବା ପାଇଁ ପହଞ୍ଚି ଥିଲେ। ମାତ୍ର ଧାରଣାରତ ଛାତ୍ରଛାତ୍ରୀମାନେ ସମ୍ପୃକ୍ତ ସହକାରୀ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟକୁ ଯିବାକୁ ଦେଇନଥିଲେ। ବିଦ୍ୟାଳୟ ଫାଟକ ନିକଟରେ ଦୀର୍ଘ ସମୟ ଅପେକ୍ଷା କରି, କାର୍ଯ୍ୟରେ ଯୋଗ ଦେବାକୁ ଆସିଥିବା ସମ୍ପୃକ୍ତ ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ମହାପାତ୍ର ବାଧ୍ୟ ହୋଇ ଫେରିଥିଲେ। ଧାରଣାରତ ଛାତ୍ରଛାତ୍ରୀ ମାନେ ଶାଢେ ବାରଟା ପରେ ଘରକୁ ଫେରିଛନ୍ତି। ତେବେ ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନଙ୍କ ପକ୍ଷରୁ ଏ ସମ୍ପର୍କରେ ଜଗତସିଂହପୁର ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ଓ ଏରସମା ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରାଯାଇଥିବା ଜଣାପଡିଛି।




## ଲଘୁଚାପ ଜନିତ ଲଗାଣ ବର୍ଷା, ଚିନ୍ତାରେ ଚାଷୀ

ଆସିକା, (ଭାସ୍କର ନ୍ୟୁଜ୍) : ଆସିକା ବ୍ଲକରେ ଚାଷୀ ଏବେ ଚିନ୍ତାରେ। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ବାତ୍ୟା ପେଙ୍ଗଲ ସୃଷ୍ଟି ହୋଇଛି। ଏହା ତାମିଲନାଡୁ ଉପକୂଳ ମୁହାଁ ହୋଇଛି । ଏହାର ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ଆକାଶ ଶୁକ୍ରବାର ସକାଳୁ ମେଘାଚ୍ଛନ୍ନ ରହି ଝିପିଝିପି ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଧାନ ଅମଳ ସମୟ ହୋଇଥିବାରୁ ଚାଷୀ ବିଲରେ କେଉଁଠି କଳେଇ ପକେଇଛି ତ କେଉଁଠି ଖଳାରେ ଧାନ ଗଦା କରିଛି। ଲଗାଣ ବର୍ଷାରେ ଧାନ ଗଦା, କଳେଇ, ବେଙ୍ଗଳା ଭିଜିଯିବା ଫଳରେ ବର୍ଷକର ଫସଲ ଉଜୁଡ଼ି ଯିବାକୁ ବସିଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ବିଲରେ ଖଳାରେ ଧାନ ଓଦା ହୋଇଯିବା କାରଣରୁ ଧାନ ଖତ ହୋଇଯିବାର ଆଶଙ୍କା ଥିବାରୁ ଚାଷୀ ଚିନ୍ତାରେ ପଡ଼ିଛି। ବର୍ଷକର ଅମଳ କେଉଁଠି ବିଲରେ ତ କେଉଁଠି ଖଳାରେ ଥିବା ଧାନ ଗଦାକୁ ପାଳ ଓ ପାଲ ଘୋଡାଇ ରଖୁଥିବା ବେଳେ କେତେକ ଚାଷୀ ତରତରରେ ମେସିନ ଦ୍ୱାରା ଅମଳ କରୁଥିବା ଦେଖା ଯାଉଛି। ଏହିପରି ସମୟରେ ସରକାରଙ୍କ ଯୋଗାଣ ବିଭାଗ ତରଫରୁ କେବଳ ଏଫଏକିୟୁ ମାନର ଧାନ କିଣିବା ପାଇଁ ନିଷ୍ପତି ନିଆଯାଇଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଏଣୁ ସରକାରଙ୍କ ତରଫରୁ ନିଷ୍ପତି କୋହଳ କରିବା ସହ ତୁରନ୍ତ ମଣ୍ଡି ଖୋଲିବା ପାଇଁ ଚାଷୀମାନେ ଦାବି କରିଛନ୍ତି।

# କାଉପଡ଼ା ସମବାୟ ସମିତିର ବାର୍ଷିକ ସାଧାରଣ ସଭା


ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ କାଉପଡ଼ା ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଆଜି ସମିତିର ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ପ୍ରଶାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭା ପ୍ରାରମ୍ଭରେ ସମ୍ପାଦିକା ସୁମନ ସଙ୍ଗୀତା ଦାସ ଗତ ବର୍ଷର ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ, ୨୦୨୩-୨୪ ବର୍ଷର ଅଡିଟ୍ ରିପୋର୍ଟ ପଠନ କରିଥିଲେ। ଏଥିସହିତ ସମିତି ପକ୍ଷରୁ ଚାଷୀମାନଙ୍କୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ, ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶତକଡ଼ା ୨ ପ୍ରତିଶତ ସୁଧ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଯୋଗାଇ ଦେବାର ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଏଥିସହିତ ଏହି ସମବାୟ ସମିତିରେ ରହିଥିବା ମିନିବ୍ୟାଙ୍କ ଅନ୍ୟ ବ୍ୟାଙ୍କ ତୁଳନାରେ ଅଧିକ ସୁଧ ପ୍ରଦାନ କରୁଥିବା ମଧ୍ୟ ପ୍ରକାଶ କରିଥିଲେ। ଏହି ସଭାରେ ଅତିଥିଭାବେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଚାନ୍ଦୋଳ ଶାଖା ପରିଚାଳିକା ଜୟନ୍ତି ପତି ବ୍ୟାଙ୍କର ବିଭିନ୍ନ ଋଣ ଯୋଜନା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ବିମ୍ବାଧର ମୁଦୁଲି, ସମାଜସେବୀ ହଳଧର ଦାଶ, ଲକ୍ଷ୍ମୀଧର ମହାପାତ୍ର ଚାଟରାଚକଡ଼ା ସରପଞ୍ଚ ମମତା ରାଉତ, କାଉପଡ଼ା ସମିତିସଭ୍ୟ ମିଳନପ୍ରଭା ମଳିକ, ଗୋଲରାହାଟ ସମିତିସଭ୍ୟ କରୁଣାକର କାଣ୍ଡି, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ, ବିପିନ ବିହାରୀ ସାହୁ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ପରିଚାଳନା ପରିଷଦ ସଭ୍ୟ ବିପିନ ବିହାରୀ ପାଲ, ସଭ୍ୟା ପ୍ରମିଳା ଦାଶ, ମଧୁସୂଦନ ରାଉତ, ଭାଗ୍ୟଧର ସ୍ୱାଇଁ, ରଶ୍ମିବାଳା ଜେନା, ସୁରେନ୍ଦ୍ର ବେହେରା ଏବଂ କାଶିନାଥ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଅଗ୍ରଣୀ ଚାଷୀ ଭାବଗ୍ରାହୀ ଭୋଇଙ୍କୁ ସମ୍ମାନିତ କରାଯାଇଥିଲା। ସମିତିର କର୍ମଚାରୀ ସୌମ୍ୟରଞ୍ଜନ ରାଉତ, ରମାକାନ୍ତ ମଳିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସୌଭାଗ୍ୟ ରଞ୍ଜନ ଭୋଇ ଧନ୍ୟବାଦ ଦେଇଥିଲେ।



# ଜାତୀୟ ପ୍ରତିଷ୍ଠାନ ଆଇଜର୍‌କୁ ଆଲୋକିତ କଲା ଟିପିଏସ୍‌ଓଡିଏଲ୍

## ଶିକ୍ଷା ଓ ଗବେଷଣାର ବିକାଶରେ ହେବ ସହାୟକ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ବ୍ରହ୍ମପୁର ସ୍ଥିତ ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ(ଆଇଜର୍)କୁ ସ୍ୱତନ୍ତ୍ର ଭାବେ ୩୩ କେଭି ବିଦ୍ୟୁତ ଲାଇନ୍ ସଂଯୋଗ କରାଯାଇଛି। ଏହି ପଦକ୍ଷେପ ଦ୍ୱାରା ଭାରତର ଶିକ୍ଷା ଏବଂ ଗବେଷଣାକୁ ସୁଦୃଢ଼ କରିବା ଦିଗରେ କମ୍ପାନୀ ଭାଗୀଦାର ହୋଇପାରିଛି। ଏହା ବିଜ୍ଞାନ ଏବଂ ଗବେଷଣା କ୍ଷେତ୍ରରେ ଭାରତର ଭବିଷ୍ୟତ ନିର୍ମାଣ କରୁଥିବା ଆଇଜର୍ ଭଳି ଜାତୀୟ ସଂସ୍ଥାକୁ ଭରସାଯୋଗ୍ୟ ବିଦ୍ୟୁତ ସେବା ଯୋଗାଇବା ଦିଗରେ ଟିପିଏସ୍‌ଓଡିଏଲ୍‌ର ପ୍ରତିବଦ୍ଧତାକୁ ଦର୍ଶାଉଛି। ବଙ୍ଗୋପସାଗର କୂଳରେ ଗାରମପେଟା ବେଳାଭୂମି ଠାରୁ ମାତ୍ର ୧ କିମି ଦୂରରେ ଓଡ଼ିଶାର ଏହି ଏକମାତ୍ର ଆଇଜର୍ ରହିଛି। ଶିକ୍ଷା ମନ୍ତ୍ରାଳୟ ଅଧିନରେ ସାରା ଭାରତରେ ଥିବା ମୋଟ ୭ଟି ଆଇଜର୍ ମଧ୍ୟରେ ବ୍ରହ୍ମପୁର ଆଇଜର୍ ଅନ୍ୟତମ। ଗଞ୍ଜାମ ଜିଲ୍ଲାର ଲଉଡ଼ିଗାଁ ଠାରେ ପ୍ରାୟ ୨୦୦ ଏକର ପରିମିତ ଅଞ୍ଚଳରେ ଏହାର ସ୍ଥାୟୀ କ୍ୟାମ୍ପସ ତିଆରି ହୋଇଛି। ଆଇଜର୍ ବ୍ରହ୍ମପୁରରେ ବିଭିନ୍ନ ରାଜ୍ୟର ୮୦୦ରୁ ଅଧିକ ଛାତ୍ରଛାତ୍ରୀ ଏବଂ ୨୫୦ରୁ ଅଧିକ ରିସର୍ଚ୍ଚ ସ୍କଲାର ଅଧ୍ୟୟନ କରୁଛନ୍ତି, ଯାହାଫଳରେ ଏହି ଅନୁଷ୍ଠାନ ଶିକ୍ଷା ଏବଂ ସାଂସ୍କୃତିକ ବିନିମୟର ଏକ କେନ୍ଦ୍ରସ୍ଥଳୀ ପାଲଟିଛି। ନୂତନ ଭାବେ କାର୍ଯ୍ୟକ୍ଷମ ହୋଇଥିବା ୩୩ କେଭି ବିଦ୍ୟୁତ ଲାଇନ୍ ୨୧ କିମି ବ୍ୟାପ୍ତ, ଯେଉଁଥିରେ ୧୬.୬ କିମି ଭୂତଳ ଲାଇନ୍ (ଅଣ୍ଡର ଗ୍ରାଉଣ୍ଡ) ଏବଂ ୪.୮ କିମି ଓଭରହେଡ୍ ଲାଇନ୍ ରହିଛି। ଏହି ଅତ୍ୟାଧୁନିକ ବିଦ୍ୟୁତ ଭିତ୍ତିଭୂମି ଆଇଜର୍ ଭଳି ଶୈକ୍ଷିକ ଓ ଗବେଷଣା କେନ୍ଦ୍ରକୁ ଭରସାଯୋଗ୍ୟ ବିଜୁଳି ଯୋଗାଣ ସୁନିଶ୍ଚିତ କରେ। ଆଇଜର୍ ବ୍ରହ୍ମପୁର ଭଳି ଉପକୂଳବର୍ତ୍ତୀ ଅନୁଷ୍ଠାନ ପାଇଁ ଭୂତଳ ବିଦ୍ୟୁତ ଲାଇନ୍ ବ୍ୟବସ୍ଥା ବିଶେଷ ଭାବରେ ଲାଭଦାୟକ। ଜଳବାୟୁ ପ୍ରତିରୋଧୀ ବୈଶିଷ୍ଟ୍ୟ, କମ୍ ରକ୍ଷଣାବେକ୍ଷଣ ଏବଂ ଉନ୍ନତ ସୁରକ୍ଷା ଯୋଗୁଁ ଭୂତଳ ଲାଇନ୍ ବେଶ୍ ଉପଯୋଗୀ। ଟିପିଏସ୍‌ଓଡିଏଲ୍ ସମଗ୍ର ପ୍ରକଳ୍ପରେ ନିରାପତ୍ତା ଏବଂ ପରିଚାଳନାଗତ ବିଶ୍ୱସନୀୟତା ଉପରେ ପ୍ରାଧାନ୍ୟ ଦେଇଛି। ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସହ ବୈଶ୍ୱିକ ସ୍ତରର ସର୍ବୋତ୍ତମ ଅଭ୍ୟାସଗୁଡ଼ିକର ଅନୁପାଳନ ସୁନିଶ୍ଚିତ କରିବା ପାଇଁ କମ୍ପାନୀ ଅନେକ ପଦକ୍ଷେପ ନେଇଛି। ଅତିରିକ୍ତ ସୁରକ୍ଷା ପାଇଁ ଟିପିଏସ୍‌ଓଡିଏଲ୍ ନିକଟରେ ଏହି ୩୩ କେଭି ଲାଇନରେ 'ବାର୍ଡ଼ ଗାର୍ଡ଼' ସ୍ଥାପନ କରିଛି। ଯାହା ଦ୍ୱାରା ପକ୍ଷୀମାନେ ବିଦ୍ୟୁତ ଲାଇନ୍ ସଂସ୍ପର୍ଶରେ ଆସିବାକୁ ରୋକା ଯାଇପାରିବ। ଏଭଳି ଅଭିନବ ପଦକ୍ଷେପ ମାଧ୍ୟମରେ ବିଦ୍ୟୁତ ଭିତ୍ତିଭୂମିରେ ସ୍ଥାୟୀତା, ନିରାପତ୍ତା ଏବଂ ବିଶ୍ୱସନୀୟତା ଆଣିବା ଦିଗରେ ଟିପିଏସ୍‌ଓଡିଏଲ୍ ପ୍ରତିବଦ୍ଧ ରହିଆସିଛି। ଏ ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଭାରତର ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଆଇଜର୍ ବ୍ରହ୍ମପୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଏଭଳି ଅନୁଷ୍ଠାନକୁ ଭରସାଯୋଗ୍ୟ ତଥା ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ କରିଥିବାରୁ ଆମେ ଗର୍ବିତ। ଭବିଷ୍ୟତରେ ଏକ ସୁଦୃଢ଼ ଶକ୍ତି କ୍ଷେତ୍ରକୁ ନେଇ ଭାରତର ଭିଜନ୍ ଆଧାରରେ ସଷ୍ଟେନେବଲ୍ ଶକ୍ତି ସମାଧାନ ବିକାଶ କରିବା ଦିଗରେ ଆମେ ପ୍ରତିବଦ୍ଧ।' ଆଇଜର୍ ବ୍ରହ୍ମପୁରର ଉନ୍ନତ ବିଦ୍ୟୁତ ଭିତ୍ତିଭୂମି ଅତ୍ୟାଧୁନିକ ଗବେଷଣା ଓ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ସହ ଉଚ୍ଚ ମାନର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବ। ଏହି ପଦକ୍ଷେପ ଆଞ୍ଚଳିକ ଏବଂ ଜାତୀୟ ବିକାଶକୁ ପ୍ରୋତ୍ସାହିତ କରିବା ଉପରେ ଟିପିଏସ୍‌ଓଡିଏଲର ଗୁରୁତ୍ୱକୁ ପ୍ରତିଫଳିତ କରୁଛି। ଏହି ପ୍ରକଳ୍ପ ମାଧ୍ୟମରେ ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ଅତ୍ୟାଧୁନିକ ସ୍ଥାୟୀ ଶକ୍ତି ସମାଧାନ ଯୋଗାଇ ଭାରତର ବିକାଶ ଯାତ୍ରାକୁ ତ୍ୱରାନ୍ୱିତ କରିବା ଦିଗରେ ଟିପିଏସ୍‌ଓଡିଏଲ୍ ସଂକଳ୍ପବଦ୍ଧ। ଆଇଜର୍ ବ୍ରହ୍ମପୁର ଭଳି ଅନୁଷ୍ଠାନକୁ ଉତ୍ତମ ବିଦ୍ୟୁତ ସେବା ଯୋଗାଣ କରିବା ପରେ ବିଜ୍ଞାନ, ଶିକ୍ଷା ଏବଂ ନିରନ୍ତର ବିକାଶ କ୍ଷେତ୍ରରେ ବିଶ୍ୱସ୍ତରରେ ଭାରତର ସ୍ଥିତି ସୁଦୃଢ଼ କରିବାରେ ଟିପିଏସ୍‌ଓଡିଏଲ୍ ଭାଗୀଦାର ହୋଇପାରିଛି।



# ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲାର ରଚିକା ସମାଜ ସେବା ସଂଗଠନ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ ନିମନ୍ତେ ଦିବା ୧୦ ଘଟିକା ସମୟରେ ଜଗତସିଂହପୁର ଜିଲ୍ଲାର ଶ୍ରୀକୃଷ୍ଣ ଏକାଡେମୀ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟ ଜଗତସିଂହପୁର ଠାରେ ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ନିମନ୍ତେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଗହଣରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁଚରଣ ରାଉତ, ମିଶନ ଶକ୍ତିର କାର୍ତ୍ତିକ ସ୍ୱାଇଁ ଓ ଆକ୍ସନଏଡ୍ ଇଣ୍ଡିଆର ଡିସି ତପନ ବାବୁ ଓ ରଚିକା ସମାଜସେବା ସଂଗଠନର ନିର୍ଦ୍ଦେଶକ ରାମେଶ୍ୱର ପ୍ରସାଦ ଦ୍ୱିବେଦୀ, ଜିଲ୍ଲା ସଂଯୋଜକ ବଟକୃଷ୍ଣ ସାହୁ ଉପସ୍ଥିତ ରହି ବାଲ୍ୟ ବିବାହ ବନ୍ଦ କରିବା ନିମନ୍ତେ ଏକ ଶପଥ ପାଠର କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ଅପରାହ୍ନ ୫ ଘଣ୍ଟିକା ସମୟରେ ଶତାଧିକ ମହିଳାମାନଙ୍କୁ ନେଇ ଏକ ମହାମବତୀ ଲାଇଟ ଶୋଭାଯାତ୍ରା ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରୁ ବାହାରି ଟାଉନହଲ ଓ ମେଡ଼ିକାଲ ଛକ ଦେଇ ବଜାର ପରିକ୍ରମା କରି ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଶେଷ ହୋଇଥିଲା। ଏହି ମହାମବତୀ ରାଲିକୁ ଡିଏସ୍‌ଡବ୍ଲୁଓ ଏବଂ ଡିସିପିଓ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମସ୍ତ ସରକାରୀ କର୍ମଚାରୀ, ପୋଲିସ କର୍ମଚାରୀ ଓ ରଚିକା ସମାଜ ସେବା ସଂଗଠନର ସମସ୍ତ କର୍ମକର୍ତ୍ତା ସାହାଯ୍ୟ ଓ ସହଯୋଗ ପ୍ରଦାନ କରିଥିଲେ।




# ୪୨ ମୌଜାରେ ବହୁ ଦେବସ୍ୱ ଜମି ହଡ଼ପ ଯୋଜନା ଅଭିଯୋଗ

ଫୁଲନଖରା, (ଭାସ୍କର ନ୍ୟୁଜ୍) : ୪୨ ମୌଜା ଅନ୍ତର୍ଗତ ପ୍ରାୟ ସବୁ ଗ୍ରାମରେ ଅଧିଷ୍ଠାତା ଦେବୀ ଦେବତା ଓ ମନ୍ଦିର ନାମରେ ବହୁ ମୂଲ୍ୟବାନ ଜମି ସବୁକୁ କିଛି ପ୍ରତିପତଶାଳୀ ତଥା ଜମି ମାଫିଆ ଅସାଧୁ ଉପାୟରେ ହସ୍ତାନ୍ତର, ଜବରଦଖଲ ଓ ହଡ଼ପ କରିବା ଯୋଜନା କରୁଥିବା ସମ୍ବନ୍ଧରେ ଶ୍ରୀ ମହାବୀର ଯୁବ ପରିଷଦ ପକ୍ଷରୁ ଦେବୋତ୍ତର କମିଶନ ଓ ସଦର ତହସିଲଦାରଙ୍କୁ ଅଭିଯୋଗ କରାଯାଇଥିଲା। ବିଶେଷ କରି ଶ୍ରୀରାମ କାଉଡ଼ି ଗ୍ରାମର ଶ୍ରୀ ଗୋପୀନାଥଙ୍କ ନାମରେ ୪୨ ମୌଜା ମୁଖ୍ୟ ରାସ୍ତା ପାର୍ଶ୍ୱରେ ପ୍ରାୟ ୨୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟବାନ ଚାଷ ଜମି ରହିଛି । ଯାହାକୁ ହଡ଼ପ କରିବା ପାଇଁ କିଛି ମୁଷ୍ଟିମେୟ ଗୋଷ୍ଠି ଗୁପ୍ତ କଙ୍ଗାରୁ କୋର୍ଟ ମାଧ୍ୟମରେ ଛକାପଞ୍ଝାରେ ବିକ୍ରି ଚୁକ୍ତିପତ୍ର ମଧ୍ୟ କରୁଥିବାର ପ୍ରମାଣ ଦିଆଯାଇଥିଲା। କଟକ ସଦର ତହସିଲ ପକ୍ଷରୁ ଏହି ଅଭିଯୋଗକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଗ୍ରହଣ କରି ଅତିରିକ୍ତ ତହସିଲଦାର ସୋମେନ ବିଶ୍ୱାଳ ଓ ବେଣ୍ଟକାର ରାଜସ୍ୱ ସର୍କଲ ରାଜସ୍ୱ ନୀରିକ୍ଷକ ରଞ୍ଜିତ ବେହେରା ପରିଷଦର ସମ୍ପାଦକଙ୍କ ଉପସ୍ଥିତିରେ ବିବାଦୀୟ ଜମି ତଦନ୍ତ କରିଛନ୍ତି । ରାଜ୍ୟ ଦେବୋତ୍ତର କମିଶନ ଏହି ସମସ୍ୟାକୁ ଗୁରୁତ୍ୱ ଦେବା ସହିତ ୪୨ ମୌଜାର ସମସ୍ତ ମଠ ଓ ମନ୍ଦିର ଜମି ସୁରକ୍ଷିତ ରଖିବା ପାଇଁ ତଦନ୍ତ କରି ଦେବୋତ୍ତର କମିଶନ ଅନ୍ତର୍ଭୁକ୍ତ କରିବାକୁ ଶ୍ରୀ ମହାବୀର ଯୁବ ପରିଷଦ ସଭାପତି ଆଇନଜୀବୀ କେଶବ ଚନ୍ଦ୍ର କର, ସାଧାରଣ ସମ୍ପାଦକ ବସନ୍ତ ପଣ୍ଡା, ଚିନ୍ତାମଣି କର, ମାନସ ପଣ୍ଡା, କେଦାର ଚନ୍ଦ୍ର କର, ରିତିକ୍ ନାୟକ, ସୁରେନ୍ଦ୍ର ନାୟକ ଓ ପ୍ରକୃତି ବନ୍ଧୁ ନବକିଶୋର ପଣ୍ଡା ଦାବି କରିଛନ୍ତି।


# ଗାଁରେ ଦଲାଲ ସକ୍ରିୟ, ଶାଗମାଛ ଦରରେ କିଣୁଛନ୍ତି ଧାନ


କୋରେଇ, (ଭାସ୍କର ନ୍ୟୁଜ୍) : ଓଡିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବା ବେଳେ ଏଠି ପ୍ରାୟତଃ ୮୦ ପ୍ରତିଶତ ପରିବାର ଧାନ ଚାଷ ଉପରେ ନିର୍ଭର କରି ସେମାନଙ୍କ ପରିବାର ଚଳାନ୍ତି। ସେଥିପାଇଁ ବର୍ତ୍ତମାନର ସରକାର ଚାଷୀଙ୍କ ଭାବାବେଗକୁ ଲକ୍ଷ୍ୟ କରି ଧାନ କ୍ୱିଣ୍ଟାଲ ୩୧୦୦ ଟଙ୍କା ଘୋଷଣା କରିଥିଲା । ଏହାକୁ ଅସ୍ତ୍ର କରି ନିର୍ବାଚନରେ ବିଜୟୀ ମଧ୍ୟ ହୋଇ ସରକାର ମଧ୍ୟ କରିଛି। ଧାନର ସେହି ଦାମ କାର୍ଯ୍ୟକାରୀ କରିବାକୁ ଘୋଷଣା ମଧ୍ୟ କରିଛି। କିନ୍ତୁ ଏହା କିପରି କାର୍ଯ୍ୟକାରୀ ହେବ ଏବଂ ଚାଷୀମାନେ କିପରି ଏହାର ସୁଫଳ ପାଇବେ ସେଥିପାଇଁ ସରକାରୀ କର୍ମଚାରୀଙ୍କର ଆନ୍ତରିକତା ଥିବାଭଳି ମନେ ହେଉନାହିଁ। ବର୍ତ୍ତମାନ ରାଜ୍ୟରେ ଚାଷୀ ମାନେ ଚଳିତ ଖରିଫ ଋତୁରେ କରିଥିବା ଫସଲ ଧାନ ଅମଳରେ ଲାଗି ପଡିଛନ୍ତି। ଚାଷୀମାନେ ଏଥିରେ ବର୍ଷକର ଗୁଜୁରାଣ ମେଣ୍ଟାଉ ଥିବାରୁ ଏବଂ ହାତ ଉଧାରୀ କରି ଚାଷ କରିଥିବାରୁ ସେମାନଙ୍କର ଅର୍ଥ ଆବଶ୍ୟକ ଥିବାରୁ ବର୍ତ୍ତମାନ ଧାନକୁ ୧୭୦୦ରୁ ୧୮୦୦ ଟଙ୍କାରେ ବିକୁଛନ୍ତି। ବର୍ତ୍ତମାନ ସାରା ଯାଜପୁରରେ କେବେ ଧାନ କିଣା ପାଇଁ ତାରିଖ ସ୍ଥିର ହୋଇନଥିବା ବେଳେ ଚାଷୀମାନେ କେତେ ପରିମାଣ ଧାନ ଦେବେ ତାହାର ସୂଚନା ବି ମିଳିନାହିଁ। ଅନ୍ୟପଟେ ଗାଁ ଗଣ୍ଡା ବେପାରୀ ମାନେ ସକ୍ରିୟ ହୋଇ ଶାଗମାଛ ଦରରେ ଧାନ କିଣି ମାଲେମାଲ ହେଉଛନ୍ତି। ଯାଜପୁର ଜିଲ୍ଲାପାଳ ଏଥିପ୍ରତି ତୁରନ୍ତ ଦୃଷ୍ଟି ପ୍ରଦାନ କରି ଧାନ କିଣା ପାଇଁ ତାରିଖ ଧାର୍ଯ୍ୟ କରିବା ସହିତ କିପରି ସବୁ ଚାଷୀ ସୁରୁଖୁରୁରେ ସେମାନଙ୍କ ଧାନକୁ ମଣ୍ଡିରେ ଦେଇ ରାଜ୍ୟ ସରକାର ଧାର୍ଯ୍ୟ କରିଥିବା ମୂଲ୍ୟ ପାଇ ପାରିବେ ସେଥିପାଇଁ ଯତ୍ନବାନ ହେଲେ ତୁଣ୍ଡଝାଳ ମୁଣ୍ଡରେ ମାରି ଅମଳ କରିଥିବା ଫସଲର ପ୍ରକୃତ ମୂଲ୍ୟ ଚାଷୀ ପାଇ ପାରିବେ। ଅନ୍ୟପଟେ ସରକାରୀ କଳ ଚାଷୀମାନଙ୍କର ଅଭାବୀ ବିକ୍ରି ରୋକିବାକୁ ତତ୍ପର ହେବାକୁ ଅଞ୍ଚଳ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।



# ରାଶିଫଳ


ରବିବାର, ୧ ଡିସେମ୍ବର ୨୦୨୪


**ମେଷ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ । ଆପଣ ସାମାଜିକ ସ୍ତରରେ ସମ୍ମାନ ପାଇବେ । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ । ଏକ ନୂତନ ଯୋଜନା ପ୍ରସ୍ତୁତ ହେବ । ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ହେବ।



**ବୃଷ:** ବରିଷ୍ଠମାନଙ୍କ ପରାମର୍ଶକୁ ଅନୁସରଣ କରନ୍ତୁ, ସେଠାରେ ଲାଭ ହେବ। ଆଇନଗତ ପ୍ରତିବନ୍ଧକ ସାମ୍ନା କରିପାରନ୍ତି, ବ୍ୟସ୍ତ ହୁଅ ନାହିଁ । ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ । ଚିନ୍ତା ରହିବ । ବ୍ୟବସାୟ ଭଲ କରିବ।



**ମିଥୁନ:** ଭ୍ରମଣ ଲାଭଦାୟକ ହେବ । ଅଟକି ରହିଥିବା ଟଙ୍କା ଧରିବାକୁ ଚେଷ୍ଟା କରନ୍ତୁ । ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ । ଚାକିରିରେ ଅଧସ୍ତନମାନଙ୍କ ସହାୟତା ପାଇବେ। ଟଙ୍କା ପାଇବା ସହଜ ହେବ। ଜୀବନ ଖୁସି ହେବ।



**କର୍କଟ:** ଭୟ ହେତୁ ନିଷ୍ପତ୍ତି ନେବା କ୍ଷମତା ହ୍ରାସ ହୋଇପାରେ । ପତି-ପତ୍ନୀଙ୍କଠାରୁ ସମର୍ଥନ ପାଇବେ । ଯାତ୍ରା ଚିତ୍ତାକର୍ଷକ ହେବ। ଉପହାର ଗ୍ରହଣ କରିବାର ସମ୍ଭାବନା ଅଛି । ରୋଜଗାର ବୃଦ୍ଧି ପାଇବ। ଚାକିରିର ପଦୋନ୍ନତି ସମ୍ଭବ । ଟଙ୍କା ପାଇବା ସହଜ ହେବ।


**ସିଂହ:** ଅତିଥିମାନେ ଆଜି ଘରେ ପହଞ୍ଚିବେ। ଆପଣ ଉତ୍ସାହଜନକ ସୂଚନା ପାଇବେ । ଆତ୍ମ ସମ୍ମାନ ରହିବ । ରିସ୍କ ନେବାକୁ ସାହସ କରିବେ । ଅନାବଶ୍ୟକ ଖର୍ଚ୍ଚ ହେବ । ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ। ଚାକିରିରେ ଶାନ୍ତି ରହିବ। ନୂତନ ବନ୍ଧୁ ସୃଷ୍ଟି ହେବ।


**କନ୍ୟା:** ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ଆଶା । ଅଂଶୀଦାରମାନଙ୍କ ସହଯୋଗ ମିଳିବ। ବ୍ୟବସାୟ ପାଇଁ ଏକ ବଡ ଡିଲ୍ କରିପାରିବେ। ପ୍ରଗତିର ରାସ୍ତା ପକ୍କା ହେବ। ରୋଜଗାର ବୃଦ୍ଧି ପାଇବ। ବାଣିଜ୍ୟ-ବ୍ୟବସାୟରେ ଅନୁକୂଳ ଆଗ୍ରହ ରହିବ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ।


**ତୁଳା:** ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ, ଯନ୍ତ୍ରଣା ଦେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ସ୍ୱାସ୍ଥ୍ୟ ଦୁର୍ବଳ ରହିବ। ବିବାଦକୁ ପ୍ରୋତ୍ସାହନ ଦିଅନ୍ତୁ ନାହିଁ, ଦୁଃଖ ଆସିପାରେ। ଅଂଶୀଦାରମାନଙ୍କ ସହିତ ମତ ପାର୍ଥକ୍ୟ ହୋଇପାରେ ।



**ବିଛା:** ସୃଜନଶୀଳ କାର୍ଯ୍ୟ ସଫଳ ହେବ । ପାର୍ଟି ଏବଂ ପିକନିକ୍ ଆୟୋଜନ କରାଯାଇପାରିବ । ଆପଣ ସୁସ୍ୱାଦୁ ଖାଦ୍ୟର ଲାଭ ପାଇବେ । ଜୀବନ ଖୁସି ହେବ । ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ବକ୍ତବ୍ୟରେ ନିୟନ୍ତ୍ରଣ ଆବଶ୍ୟକ । ମନଧ୍ୟାନ ଦେଇ କାର୍ଯ୍ୟ କରନ୍ତୁ । ଲଜ୍ଜିତ ହୁଅନ୍ତୁ ନାହିଁ। ଶତ୍ରୁମାନେ ପରାସ୍ତ ହେବେ।


**ଧନୁ :** ଖରାପ ଖବର ଗ୍ରହଣ କରାଯାଇପାରେ । ଉତ୍ସାହର ଅଭାବ ରହିବ । ସ୍ୱାସ୍ଥ୍ୟ ଦୁର୍ବଳ ରହିବ । ଦୌଡ଼ ଅଧିକ ହେବ। ଘର-ପାରିବାରିକ ଚିନ୍ତାଧାରା ରହିବ । ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ଆପଣଙ୍କ କାର୍ଯ୍ୟ ଉପରେ ଧ୍ୟାନ ଦିଅନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଆୟରେ ନିଶ୍ଚିତତା ରହିବ।


**ମକର:** ଲାଭ ସୁଯୋଗ ଆସିବ । ଅଫିସ୍‌ରେ ଚାକିରିର ସୁଖ ଦେଖାଇବ । ବ୍ୟବସାୟ ବୃଦ୍ଧି ପାଇବ । ବିନିଯୋଗ ଇତ୍ୟାଦି ଅନୁକୂଳ ଲାଭ ଦେବ । ପରିବାରର ସହାୟତା ପାଇବାରେ ସୁଖ, ଉତ୍ସାହ ଏବଂ ସନ୍ତୁଷ୍ଟତା ରହିବ । ଦୁଷ୍କର୍ମରୁ ଦୂରେଇ ରୁହନ୍ତୁ । ସ୍ୱାସ୍ଥ୍ୟ ଦୁର୍ବଳ ରହିପାରେ। ଆଇନଗତ ପ୍ରତିବନ୍ଧକ ହଟାଯିବ।


**କୁମ୍ଭ:** ବାଣିଜ୍ୟର ଲାଭ ଅଛି । ସାଙ୍ଗମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ ହେବେ । ଆପଣ କଠିନ ପରିଶ୍ରମର ଫଳ ପାଇବେ । ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ । ଉଚ୍ଚ ପଦାଧିକାରୀମାନେ ଖୁସି ହେବେ । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଆୟର ନୂତନ ମାଧ୍ୟମ ମିଳିବ।


**ମୀନ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ । ସତ୍‌ସଙ୍ଗର ଲାଭ ହେବ । ତୀର୍ଥଯାତ୍ରା ଯୋଜନା କରାଯିବ । ଅନାବଶ୍ୟକ ଖର୍ଚ୍ଚ ହେବ । ସରକାରୀ ସହାୟତା ମିଳିବ। ବ୍ୟବସାୟ ବୃଦ୍ଧି ପାଇବ । ବିରୋଧୀମାନେ ସକ୍ରିୟ ରହିବେ। ପୁଞ୍ଜି ବିନିଯୋଗ ଶୁଭ ହେବ। ଆପଣଙ୍କର ନିଜସ୍ୱ ବୁଦ୍ଧି ବ୍ୟବହାର କରନ୍ତୁ। ଚାକିରିର କ୍ଷେତ୍ରରେ ପ୍ରଭାବ ବୃଦ୍ଧି ଘଟିବ।


ଶ୍ରୀପତି ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ):ଗଜପତି ଜିଲ୍ଲା ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଓଡ଼ିଶା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ରାଶି ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ବିଜୟ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରମିକମାନଙ୍କୁ ସହାୟତା ବଣ୍ଟନ କରିଥିଲେ । ଏହି ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନରେ ଜିଲ୍ଲାରେ ମୋଟ ୩୭୪ ଜଣଙ୍କୁ ବିବାହ,ପ୍ରସୂତି, ମୃତ୍ୟୁ ଓ ଅନ୍ତିମ ସଂସ୍କାର ଭଳି ବିଭିନ୍ନ ସୁବିଧା ବଣ୍ଟନ କରାଯାଇଛି । ଯେଥି ମଧ୍ୟରେ DBT ମୋଡ ମାଧ୍ୟମରେ ହିତାଧିକାରୀ ମାନଙ୍କ ଆକାଉଣ୍ଟ କୁ ୧ କୋଟି ୬୩ ଲକ୍ଷ ୬ ହଜାର ୨୦୦ ଶହ ଟଙ୍କା ସିଧାସଳଖ ପଠାଯାଇଛି । ଯାହା ମୃତ୍ୟୁକାଳୀନ ସହାୟତା ବାବଦକୁ ୯୨ ଲକ୍ଷ ଟଙ୍କା ୪୭ ଜଣଙ୍କୁ ଦିଆଯାଇଛି ଓ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ବାବଦକୁ ୪୫ ଜଣଙ୍କୁ ୨ ଲକ୍ଷ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଛି ଓ ବିବାହକାଳୀନ ସହାୟତା ବାବଦକୁ ୫୦ ଜଣଙ୍କୁ ୨୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି , ପ୍ରସୂତି ସହାୟତା ବାବଦକୁ ୪୭ ଜଣଙ୍କୁ ୪ ଲକ୍ଷ ୭୦ ହଜାର ଟଙ୍କା ଓ ଶିକ୍ଷା ସହାୟତା ରାଶି ୧୨ ଲକ୍ଷ ୪୧ ହଜାର ୨୦୦ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀମତୀ ଭାରତୀ ବେହେରା, ସହକାରୀ ଶ୍ରମ ଅଧିକାରୀ ଶ୍ରୀ ମଦନ ମୋହନ ଟୁଡୁ, ଶ୍ରୀ ଅମିତ କୁମାର ନାୟକ, ଶ୍ରୀ ସୁକାନ୍ତ କୁମାର ପଣ୍ଡା ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସମେତ ଅନ୍ୟ ଶ୍ରମ ବିଭାଗୀୟ କର୍ମଚାରୀ ଓ ନିର୍ମାଣ ଶ୍ରମିକ ପ୍ରମୁଖ ଉପସ୍ଥିତ ଥିଲେ ।

# ସାମାଜିକ ଆବେଗିକ ଶିକ୍ଷଣ ଓ ବିକଶିତ ଭାରତ @ ୨୦୪୭ ଉପରେ ଜାତୀୟ ସଂଗୋଷ୍ଠୀ ଉଦ୍‌ଘାଟିତ



ବରଗଡ଼(ଭାସ୍କର ନ୍ୟୁଜ): ସ୍ଥାନୀୟ ଅଗ୍ରଣୀ ମହାବିଦ୍ୟାଳୟର ସମ୍ମିଳନୀ ପ୍ରକୋଷ୍ଠରେ ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡାଙ୍କ ସଭାପତିତ୍ୱରେ ICSSR, ନୂଆଦିଲ୍ଲୀ ଦ୍ୱାରା ପ୍ରାୟୋଜିତ ଜାତୀୟ ସଂଗୋଷ୍ଠୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶ୍ରୀ ପଣ୍ଡା ସମସ୍ତଙ୍କୁ ସ୍ୱାଗତ ଜଣାଇ ବିକଶିତ ଭାରତ ଉପରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ । ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ସମସ୍ତଙ୍କୁ ସ୍ୱାଗତ ଜଣାଇ ବିକଶିତ ଭାରତ ପାଇଁ ଶିକ୍ଷାର ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ । ଶିକ୍ଷା ବିଭାଗୀୟ ମୁଖ୍ୟ ତଥା ସଂଗୋଷ୍ଠୀର ସଂଯୋଜକ ଡଃ ଦୁଃଖଭଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ । ସଂଗୋଷ୍ଠୀର ଆବାହକ ଡଃ ଭେଙ୍କଟେଶ୍ୱର ମେହେର ସଭାର ଉଦ୍ଦେଶ୍ୟ ଜ୍ଞାପନ କରି ସମ୍ମାନ ବିଷୟରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ । ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଓ ପୂର୍ବତନ ପ୍ରଫେସର ଡଃ ନିତ୍ୟାନନ୍ଦ ପ୍ରଧାନ ବିଷୟଭିତ୍ତିକ ବକ୍ତାଭାବରେ ଯୋଗ ଦେଇ ସାମାଜିକ ବିକାଶ ବିଷୟବସ୍ତୁକୁ ଜାତୀୟ ଶିକ୍ଷା ନୀତି ୨୦୨୦ ସହ ସଂଯୋଗ କରି ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ଡଃ ପର୍ଶୁରାମ ମିଶ୍ର ଶିକ୍ଷା ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଡଃ ମିନକେତନ ପାଠୀ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ବେଦାନ୍ତ ଦର୍ଶନ ପରିପ୍ରେକ୍ଷୀରେ ନିଜର ବକ୍ତବ୍ୟ ରଖିଥିଲେ । ଦିନ ଯଥାକ୍ରମେ ଉପାଧ୍ୟାୟ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନ ବିଭାଗର ପ୍ରଫେସର ଧନଞ୍ଜୟ କୁମାର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଭାରତୀୟ ଜ୍ଞାନ ପରମ୍ପରାକୁ ସଂଯୋଗ କରି ଉଦାହରଣ ମାଧ୍ୟମରେ ସାମାଜିକ ଓ ଆବେଗିକ ଶିକ୍ଷଣ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଭାବରେ ପଦ୍ମପୁରର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଚନ୍ଦନ କୁନାଲ ମୋତିରାମ ଯୋଗ ଦେଇ ଭଗବତ ଗୀତା, ଉପନିଷଦ ଓ ଭାରତୀୟ ଜ୍ଞାନ ପରମ୍ପରାର ଉଦାହରଣ ଦେଇ ଛାତ୍ରମାନଙ୍କୁ ସାମାଜିକ ଓ ଆବେଗିକ କ୍ଷେତ୍ରରେ ନିଜକୁ ବିକଶିତ କରିବାପାଇଁ ଉତ୍ସାହିତ କରିଥିଲେ । ଶେଷରେ ସଂଗୋଷ୍ଠୀର ଉପନିର୍ଦ୍ଦେଶକ ଡଃ ବିଜୟିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହା ପରେ ପରେ ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା ଅଧ୍ୟାପକ ତଥା ଗବେଷକ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ । ଏହା ପରେ ପରେ ଡଃ ସରୋଜ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ସଂଗୋଷ୍ଠୀକୁ ବିଭାଗୀୟ ଅଧ୍ୟାପିକା ସୁଶ୍ରୀ ସସ୍ମିତା ମେହେର ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାଧ୍ୟାପକ ଖଗେଶ୍ୱର ଦାସ, ନବକୃଷ୍ଣ ମିଶ୍ର, ପ୍ରଭାତ ମହାପାତ୍ର, ତାରା ପ୍ରସାଦ ଶତପଥୀ, ପ୍ରମୋଦ କୁମାର ତ୍ରିପାଠୀ, ଡଃ ସରୋଜ କୁମାର ନାୟକ, ସନ୍ତୋଷ କୁମାର ମିଶ୍ର, ଡଃଦିନୀ ପଣ୍ଡା, ଖୁଦ୍ର ପଟ୍ଟନାୟକ, ଶର୍ମିଳା ପଣ୍ଡା, ପୂର୍ଣ୍ଣିମା ବୋଗାଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସମସ୍ତେ ଅଂଶଗ୍ରହଣ କରି ସହଯୋଗ କରିଥିଲେ ।

# ଇବ୍ ନଦୀରେ ଓଭରବ୍ରିଜ୍ ନିର୍ମାଣ ଦାବି



ଝାରସୁଗୁଡ଼ା,(ଭାସ୍କର ନ୍ୟୁଜ): ଝାରସୁଗୁଡ଼ାରୁ କନକତୋରା ଜାତୀୟ ରାଜପଥ ୪୯କୁ ୪-ଲେନ୍ ବିଶିଷ୍ଟ କରିବା ପାଇଁ ଗଡ଼କରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ବରଗଡ଼ ସାଂସଦ । ବରଗଡ଼ ସଂସଦୀୟ କ୍ଷେତ୍ରର ବ୍ରଜରାଜନଗର ଅଞ୍ଚଳ ଏକ ବିକାଶଶୀଳ ଶିଳ୍ପ ଏବଂ ବାଣିଜ୍ୟିକ କେନ୍ଦ୍ର ଭାବେ ପରିଚିତ । ବର୍ତ୍ତମାନ ଏନଏଚ୍ ଏନଏଚ୍-୪୯ ହେବ ୪-ଲେନ୍ ସହିତ ଏହି ଜାତୀୟ ରାଜପଥର ଇବ୍ ନଦୀ ଉପରେ ଏକ ଓଭରବ୍ରିଜ୍ ନିର୍ମାଣ ପାଇଁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଅନୁରୋଧ କରି କେନ୍ଦ୍ରମନ୍ତ୍ରୀ ନିତିନ ୪୯ ଦୁଇ ଲେନ୍ ବିଶିଷ୍ଟ ରହିଥିବା ବେଳେ ଦିନକୁ ଦିନ ଯାନବାହନ ସଂଖ୍ୟା ବୃଦ୍ଧି ପାଉଥିବା ଲାଗିଛି । ଯାତାୟତ ବୃଦ୍ଧି ଯୋଗୁଁ ବର୍ତ୍ତମାନ ସ୍ଥିତିରେ ଏହି ରାସ୍ତାରେ ପ୍ରତିଦିନ ଦୁର୍ଘଟଣା ସହିତ ରାସ୍ତା ଜାମ୍ ଆଦି ସମସ୍ୟା ସୃଷ୍ଟି ହେଉଛି । ବ୍ରଜରାଜନଗର ଅଞ୍ଚଳରେ ଅନେକ ଖଣି ଖାଦାନ ଭରି ରହିଥିବା ବେଳେ ପ୍ରତିଦିନ ହଜାର ହଜାର ସଂଖ୍ୟକ ଭାରୀଯାନ ସହିତ ଅନ୍ୟାନ୍ୟ ଯାତ୍ରୀବାହୀ ଯାନବାହନ ଚଳାଚଳ କରୁଛି । ଏହି ସବୁକୁ ଦୃଷ୍ଟିରେ ରଖି ଏନଏଚ୍ ୪୯ କୁ ୪ ଲେନ ବିଶିଷ୍ଟ କରି ଏହି ଜାତୀୟ ରାଜପଥର ଇବ୍ ନଦୀ ଉପରେ ଏକ ଓଭରବ୍ରିଜ୍ ନିର୍ମାଣ ପାଇଁ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀଙ୍କୁ ଭେଟି ବରଗଡ଼ ସାଂସଦ ଏଭଳି ଦାବି କରିଛନ୍ତି ।

# ବ୍ଲକସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ପାଳିତ



ଝରିଗାଁ (ଭାସ୍କର ନ୍ୟୁଜ): ଝରିଗାଁ ଠାରେ ବ୍ଲକସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରା ଝରିଗାଁ ପ୍ରସିଦ୍ଧ ମା' ଦନ୍ତେଶ୍ୱରୀ ପୀଠରୁ ଆରମ୍ଭ ହୋଇଥିଲା । ମଶାଲ ଯାତ୍ରା, ନାନା ପାରମ୍ପରିକ ନାଚ ଗୀତ ବାଜା ବାଜଣାରେ କମ୍ପିଥିଲା ଝରିଗାଁ । ଏ ଅଞ୍ଚଳରେ ଏହି ଉତ୍ସବ ମାଧ୍ୟମରେ ଲୁଚାୟିତ ପ୍ରତିଭାର ଅନ୍ୱେଷଣ କରାଯାଇଥାଏ । ଉତ୍ସବରେ ବନ୍ଧୁ ପ୍ରଭାତନ ସିଂହ ନାଚ ବେଶ ଆକର୍ଷଣୀୟ ଥିଲା ଏସ ସାଂସ୍କୃତିକ କାର୍ଯ୍ୟକ୍ରମର ସଭାପତି ତଥା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ଦୁର୍ଗାପ୍ରସାଦ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମଣ୍ଡେଇ ୨୦୨୪ ବେଶ ଧୁମଧାମରେ ପାଳିତ ହୋଇଥିଲା । ନବରଙ୍ଗପୁର ଜିଲ୍ଲାର ଲୋକକଳା ପରମ୍ପରା ଏବଂ ସଂସ୍କୃତି ଏବଂ ପ୍ରକୃତି ସବୁଠୁ ନିଆରା ଦୀର୍ଘ ବର୍ଷ ପରେ ପୁଣି ବ୍ଲକ ସ୍ତରୀୟ ମଣ୍ଡେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ ମଣ୍ଡେଇ ଦେଖିବା ପାଇଁ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା । ବିଭିନ୍ନ ବିଭାଗର ଷ୍ଟଲଗୁଡ଼ିକ ନିଜ ନିଜର କାର୍ଯ୍ୟକ୍ରମ ପ୍ରଦର୍ଶିତ କରିଥିଲେ । ତା' ମଧ୍ୟରୁ ଝରିଗାଁ ବନ ବିଭାଗର ଭାଲୁ ଗୁମ୍ଫା ମଡ଼ୁଲଟି ବେଶ ଆକର୍ଷଣୀୟ ଥିଲା । ଝରିଗାଁ ମଣ୍ଡେଇ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଜେପି ବିଧାୟକ ନରସିଂହ ଭତ୍ରା କିମ୍ବା ସାଂସଦ ବଳଭଦ୍ର ମାଝୀ ଯୋଗଦେଇପାରିନଥିବା ବେଳେ ମଣ୍ଡେଇ ମଞ୍ଚରେ ପଟେଶ୍ୱରୀ ବ୍ଲକ ଡାକ୍ତରୀ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି ଆସନ ଅଳଙ୍କୃତ କରିଥିଲେ । ରାଇଗଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରୀତ କୁମାର ମଞ୍ଚରେ ଅତିଥି ମାନଙ୍କ ସମ୍ବର୍ଦ୍ଧନା ଜଣେଇଥିଲେ ।

# ବ୍ଲକସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଶିବିର

ଖପ୍ରାଖୋଲ (ଭାସ୍କର ନ୍ୟୁଜ): ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନ ଜୀତ ହୋତା, ସମ୍ମାନୀତ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ଉପମୁଖ୍ୟ ମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକ ଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସାଂସଦଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ଭଇଁସାଲ ପ୍ରମୁଖ



ଯୋଗଦେଇ ଥିଲେ । କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କଳିଷ୍ଟ ବିଭାର ପରିଚାଳନା କରିଥିବା ବେଳେ ଶିବିରରେ ଚକ୍ଷୁ, କର୍ଣ୍ଣ, ନାସା ଓ ଗଳା, ମାନସିକ ରୋଗ, ଅସ୍ଥିଶଲ୍ୟ ବିଭାଗ ବିଶେଷଜ୍ଞ ଡାକ୍ତର ଯୋଗଦେଇ । ଏହି ଅବସରରେ ୧୩ ଜଣ ବାକ ବାଧିତ,୪୧ ଜଣ ଶ୍ରବଣ ବାଧିତ,୩୧ ଜଣ ମାନସିକ ଅନଗ୍ରସର,୩୧ ଜଣ ଦୃଷ୍ଟିବାଧିତ,୧୧୩ ଜଣ ଶାରିରିକ ଅକ୍ଷମ ପଞ୍ଜିକୃତ ହୋଇଥିବା ବେଳେ ବିଶେଷଜ୍ଞ ଡାକ୍ତରମାନେ ପରୀକ୍ଷା କରି ଅକ୍ଷମତା ନିରୂପଣ କରିଥିଲେ । ଅକ୍ଷମତା ଅନୁସାରେ ଆଗାମୀ ଦିନରେ ପ୍ରମାଣ ପତ୍ର ସହିତ ବିଭିନ୍ନ ଉପକରଣ ମାଗଣାରେ ପ୍ରଦାନ କରାଯିବ ବୋଲି ଜଣାଯାଇଛି ।

# ବିଜେଡିର ବନ୍ଧୁମିଳନ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ସଦର ମହକୁମା ହାଟପଡ଼ା ଠାରେ ଗୁମ୍ମା ବ୍ଲକ ବିଜୁ ଜନତା ଦଳର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପାରଳାଖେମୁଣ୍ଡି ବିଧାୟକ ଇଞ୍ଜିନିୟର ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବ ଜନତା ଦଳ ଅଧ୍ୟକ୍ଷ ତଥା ବରିଷ୍ଠ ବିଜେଡି ନେତା ଡଃ ତିରୁପତି ପାଣିଗ୍ରାହୀ, ଜିଲ୍ଲା ବିଜେଡି ସଭାପତି ଜଗବନ୍ଧୁ ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି ତିରୁପତି ରାଓ, ପୂର୍ବତନ ବିଧାୟକ କେ ସୂର୍ଯ୍ୟା ରାଓ, ଗୋଷାଣୀ ବ୍ଲକ ଅଧ୍ୟକ୍ଷ ଏନ୍ଟରାବ ରାଜୁ, ରାଜ୍ୟ ସମ୍ପାଦକ ପ୍ରଦୀପ ନାୟକ,ପାରଳା ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଗୁମ୍ମା ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ଉପାଧ୍ୟକ୍ଷ ଶ୍ରୀନିବାସ ରାଓ, ଜିଲ୍ଲାପରିଷଦ ଏସ. ବାଲରାଜୁ ବରିଷ୍ଠ ବିଜେଡି ନେତା ଜେମସ ରାଇକା, ଲକ୍ଷ୍ମୀକାନ୍ତ ପଣ୍ଡିତ, ସ୍ୱପ୍ନ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରି ଗୁରୁତ୍ୱପୂର୍ଣ୍ଣ ମତାମତ ରଖିଥିଲେ । ପାରଳା ବିଧାୟକ ଶ୍ରୀ ପାଣିଗ୍ରାହୀ କହିଥିଲେ ଯେ ଗୁମ୍ମା ବ୍ଲକରେ ବିଜେଡି କର୍ମୀଙ୍କ ମନୋବଳ ଦୃଢ଼କରି ଏକଜୁଟ ହୋଇ ରହିବା ପାଇଁ ଆହ୍ୱାନ ଦେଇଥିଲେ । ଏଥିରେ ସରପଞ୍ଚ ଓ ୱାର୍ଡ଼ମେମ୍ବରଙ୍କ ସହ ଅନ୍ୟ ମାନେ ଉପସ୍ଥିତ ଥିଲେ ।

# ଦୁଇଲକ୍ଷ ପୁରସ୍କାର ଘୋଷିତ ମହିଳା ମାଓବାଦୀ ଗିରଫ



ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ପୋଲିସକୁ ମିଳିଛି ସଫଳତା । ଦୁଇଲକ୍ଷ ପୁରସ୍କାର ଘୋଷିତ ଛତିଶଗଡ଼ କାଡ଼ର ମହିଳା ମାଓବାଦୀ ଅନିତା ମାଡ଼ବି(୨୯) ଓରଫ ଲାଲେକେ ଚିତ୍ରକୋଣ୍ଡ ଥାନା ଅନ୍ତର୍ଗତ ପୁଲହାଜ ଜଙ୍ଗଲରୁ ଗିରଫ କରିଛି ମାଲକାନଗିରି ଜିଲ୍ଲା ପୋଲିସ । ମାଲକାନଗିରି ଜିଲ୍ଲା ଏମ୍‌ଭି ୭୯ ଥାନାସ୍ଥ କ୍ରୀଡ଼ା ଜଙ୍ଗଲରୁ ଗିରଫ ହୋଇଛନ୍ତି ମାଓନେତ୍ରୀ ଲାଲେକ । ସେ ଦୀର୍ଘ ବର୍ଷ ଧରି ଆଗ ଧାଡ଼ିର ବରିଷ୍ଠ ମାଓ ନେତା ଉଦୟଙ୍କ ପ୍ରୋଟେକ୍ସନ ଟିମ୍ ସଦସ୍ୟା ଭାବେ କାମ କରୁଥିଲେ । ମାଓନେତ୍ରୀ ଲାଲେକଙ୍କ ନାଁରେ ୨ ଲକ୍ଷ ଟଙ୍କାର ପୁରସ୍କାର ଘୋଷିତ ଥିଲା । ଲାଲେକ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ତିନି ରାଜ୍ୟରେ ଅନେକ ମାଓ ହିଂସାରେ ଜଡ଼ିତ ଥିବା ସହିତ ୧୧ ଟି ଏନକାଉଣ୍ଟର ଘଟଣାରେ ସାମିଲ ଥିଲେ । ଓଡ଼ିଶାର ମାଲକାନଗିରି ଜିଲ୍ଲା ମାଥିଲି ଥାନାସ୍ଥ ମାଓବାଦ ତୁଳସି ଓ ତୁଲାତୁଲି ପାହାଡ଼ରେ ପୋଲିସ ସହିତ ଏନକାଉଣ୍ଟରରେ ସାମିଲ ଥିଲେ । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ତପନ ନାରାୟଣ ରଥ, ଏସଡିପିଓ ସଚିନ ପାଟିଲ, ଅତିରିକ୍ତ ଏସପି ରାଜ କିଶୋର ଦାଶ ପ୍ରମୁଖ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

# ନୂତନ ଅମିନଙ୍କ ଯୋଗଦାନ



ବ୍ରଜରାଜନଗର(ଭାସ୍କର ନ୍ୟୁଜ): ଗତ ୧୪ ତାରିଖ ଦିନ ଝାରସୁଗୁଡ଼ା ଜିଲ୍ଲାର ରାଜସ୍ୱ ନିରୀକ୍ଷକ, ଆମିନ ସ୍ତରରେ ବଡ଼ ଧରଣର ଅଦଳବଦଳ କରାଯାଇଥିଲା । ଏହିକ୍ରମରେ ବ୍ରଜରାଜନଗର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଆଜି ନୂତନ ଅମୀନ ଭାବେ ଚନ୍ଦ୍ରକାନ୍ତି ଗଉଡ ଯୋଗ ଦେଇଛନ୍ତି । ପୂର୍ବରୁ ଏହି ଦାୟିତ୍ୱରେ ଥିବା ପ୍ରକାଶ ନାୟକଙ୍କୁ ଲଖନପୁରକୁ ବଦଳି ହେବା ପରେ ଲଖନପୁର ଦାୟିତ୍ୱରେ ଥିବା ଚନ୍ଦ୍ରକାନ୍ତି ଗଉଡଙ୍କୁ ବ୍ରଜରାଜନଗରକୁ ବଦଳି କରାଯାଇଛି । ସେପଟେ ନୂତନ ଅମୀନ ଯୋଗ ଦେବା ପରେ ଅନ୍ୟାନ୍ୟ କର୍ମଚାରୀ ମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଉମରକୋଟରେ ଶୀତ ଲହରୀ ଆରମ୍ଭ

ଉମରକୋଟ(ଭାସ୍କର ନ୍ୟୁଜ): ଉମରକୋଟରେ ଆରମ୍ଭ ହୋଇଛି ଶୀତ ଲହରୀ । ଦିନ ବେଳେ ଶୀତ ବିଶେଷ ଜଣା ପଡୁନଥିବା ବେଳେ ସଞ୍ଜ ନଇଁଲେ ମାଡ଼ି ଆସୁଛି ଜାଡ଼ । ରାତିରେ ତାପମାତ୍ରା ଅଧିକ ତଳକୁ ଖସି ଯାଉଥିବା ଦେଖିବାକୁ ମିଳିଛି । ଗତ ତିନି ଦିନ ହେବ ସକାଳୁ ପ୍ରବଳ ଶୀତ ଅନୁଭୂତ ହେଉଛି । ଚଳିତ ବର୍ଷ ନଭେମ୍ବର ମାସ ୧୫ ତାରିଖରୁ ଯେଉଁ ଭଳି ଶୀତ ଲହର ଅନୁଭୂତ ହେଲାଣି ଆଗକୁ ଶୀତ ଲହର ପ୍ରବଳ ହେବ ବୋଲି ଜନସାଧାରଣ ଅନୁମାନ କରିଛନ୍ତି । ସକାଳେ ଶୀତ ସାଙ୍ଗକୁ ଅନ୍ଧ କୁହୁଡ଼ି ମଧ୍ୟ ଦେଖାଯାଉଛି । ବିଭିନ୍ନ ତଥ୍ୟ ପ୍ରଦାନକାରୀ ସଂସ୍ଥାର ତଥ୍ୟ ଅନୁଯାୟୀ ଜିଲ୍ଲାରେ ଗତ ସପ୍ତାହ ମଧ୍ୟରେ ପ୍ରାୟ ପାଂଚ ଡିଗ୍ରୀ ତାପମାତ୍ରା ହ୍ରାସ ପାଇଛି । ଶୀତର ମଜା ଉଠାଇବା ସହ ନିଜକୁ ଫିଟ୍ ରଖିବା ପାଇଁ ବହୁ ସଂଖ୍ୟାରେ ଲୋକେ ପ୍ରାତଃ ଭ୍ରମଣ କରିବା ସହ ଯୋଗ, ବ୍ୟାୟାମ ଆଦି କରୁଥିବା ଦେଖିବାକୁ ମିଳିଛି । ସହରରେ ଥିବା ବିଭିନ୍ନ ପଡ଼ିଆ ଓ ଖୋଲା ଜାଗାରେ ଲୋକଙ୍କ ଭିଡ଼ ଜମିବା ସହ ଶୀତକୁ ଭୟ ନକରି ବ୍ୟାୟାମ କରୁଥିବା ଦେଖାଦେଉଛନ୍ତି । ସେହିପରି ଗ୍ରାମାଞ୍ଚଳର ଲୋକେ ସଞ୍ଜ ନଇଁଗଲେ ନିଆଁ ଲଗେଇ ଅଧିକ ଦାଉରୁ ନିଜକୁ ରକ୍ଷା କରିବାକୁ ଚେଷ୍ଟା କରୁଥିବା ବେଳେ ଗରମ ପୋଷାକର ବିକ୍ରୟ ମଧ୍ୟ ବେଶ୍ ବଢ଼ିଛି । ଲୋକେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଗରମ ବସ୍ତ୍ର କିଣିବାକୁ ଦୋକାନ ଗୁଡ଼ିକରେ ଭିଡ଼ ଦେଖିବାକୁ ମିଳିଛି । ଏଥିସହ ସକାଳ ହେଲେ ଶରୀରରେ ସ୍ଫୂର୍ତ୍ତି ପାଇଁ ଚାହା ଦୋକାନରେ ମଧ୍ୟ ଚା ହୋଟେଲରେ ସବୁଠ ପ୍ରାୟ ଜନ ଶୁନ୍ୟ ଦେଖିବାକୁ ମିଳୁଛି । ଯାହାର ଅବାଦ୍ଧତ ଜରୁରୀ କାମ ଥିଲେ ଲୋକେ ଘରୁ ବାହାରୁଛନ୍ତି । ଚାହିଦା ଅନୁଯାୟୀ ସହରର ବିଭିନ୍ନ ସ୍ଥାନରେ ଏବେ ଭଳି ଭଳି ଶୀତ ବସ୍ତ୍ରର ପସରା ମେଲାଇ ବ୍ୟବସାୟୀ ମଧ୍ୟ ବେଶ୍ ଭଲ ଦି ପଇସା ରୋଜଗାର କରୁଥିବା ଦେଖିବାକୁ ମିଳୁଛି ।

# ଚତୁର୍ଥ ସ୍ଥାୟୀ କମିଟି ବୈଠକ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ମୁନିସିଂ ପଞ୍ଚାୟତରେ ପଞ୍ଚାୟତରାଜ ବ୍ୟବସ୍ଥାର ଚତୁର୍ଥ ସ୍ଥାୟୀ କମିଟି ଯଥା- ସ୍ୱାସ୍ଥ୍ୟ,ସମାଜ କଲ୍ୟାଣ, ତଥା ମହିଳା ଓ ଶିଶୁ ବିକାଶ ସ୍ଥାୟୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇଥିଲେ । ପଂଚାୟତର ସମସ୍ତ ୱାର୍ଡ଼ ସଭ୍ୟ / ସଭ୍ୟାଙ୍କ ସମେତ ଅଙ୍ଗନୱାଡ଼ି,ଆଶାକର୍ମୀ ଉପସ୍ଥିତ ଥିଲେ । କମିଟିର ସଭାପତି ଭାବରେ ସରପଞ୍ଚ ସାରା ମଣ୍ଡଳଙ୍କ ସଭାପତିତ୍ୱରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀତା ଲିମା ବୈଠକ ପରିଚାଳନା କରିଥିଲେ ।ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ପ୍ରେମ୍ ସଂସ୍ଥାର ବରିଷ୍ଠ କର୍ମୀ ଓ ତାଲିମଦାତା ଲାକାର ଲିମା ଚତୁର୍ଥ ସ୍ଥାୟୀ କମିଟିର କାର୍ଯ୍ୟ କଳାପ ଉପରେ ଗୁରୁତ୍ୱ ଆରୋପ କରି କହିଥିଲେ ଯେ ମହିଳାମାନଙ୍କ ଉପରେ ଘଟୁଥିବା ଘରୋଇ ହିଂସା, ନାରୀ ନିର୍ଯାତନା ଉପରେ ଗୁରୁତ୍ୱ ଦେଇ ମହିଳାଙ୍କ ସ୍ୱାବଲମ୍ବୀ ଉପରେ ବୁଝାଇଥିଲେ । ଶେଷରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

# ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଧନ୍ଦାମୂଳକ ଶିକ୍ଷା ଆରମ୍ଭ



ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ସରକାରୀ ବାପୁଜୀ ହାଇସ୍କୁଲ ଆନୁକୂଲ୍ୟରେ ଧନ୍ଦାମୂଳକ ଶିକ୍ଷା ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମ ୨୦୧୬ ମସିହାରେ ଆରମ୍ଭ ହୋଇଥିବା ବେଳେ ଏହାରି ମାଧ୍ୟମରେ ସୂଚନା ପ୍ରଯୁକ୍ତିବିଦ୍ୟା ଓ ରିଟେଲ ଦୁଇଟି ବିଷୟରେ ଶିକ୍ଷାଦାନ କରାଯାଉଛି । ଏହି ଅନୁକ୍ରମରେ ରିଟେଲ ବିଷୟରେ ଇଣ୍ଡଷ୍ଟ୍ରି ଭିଜିଟ କରାଯାଇଥିଲା । ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ନବମ ଓ ଦଶମ ଶ୍ରେଣୀ ର ୮୦ ଜଣ ଛାତ୍ରଛାତ୍ରୀ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲେ । ଏଠାରେ ପିଲାମାନେ ଏକ୍ସରେ, ରକ୍ତ ପରୀକ୍ଷା, ରକ୍ତଚାପ ଶର୍କରା ଓ କାର୍ଯ୍ୟ ସହିତ ଅବଗତ ହେବା ସହ ଏଠାରେ ଥିବା ଡାକ୍ତରଙ୍କ ସହ ଆଲୋଚନା କରିଥିଲେ । ସେହିପରି ରିଟେଲ ବିଷୟ ରେ ୮୦ ଜଣ ପିଲା ତେନ୍ତୁଳିଖୁଣ୍ଟି ର ଝାଗିରାଣୀ ଷ୍ଟୋରକୁ ଇଣ୍ଡଷ୍ଟ୍ରି ଭିଜିଟରେ ଯାଇଥିଲେ । ଏଠାରେ ପିଲାମାନେ ବିଭିନ୍ନ ବିଭାଗରେ ରିଟେଲ, ମାର୍କେଟିଂ, ପ୍ୟାକେଜିଂରେ ପରିଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଧନ୍ଦାମୂଳକ ଶିକ୍ଷକ ନୀଳମାଧବ ଦାସ , ଜ୍ୟୋତିଷ ରଞ୍ଜନ ପଟ୍ଟନାୟକ ଓ ବାପୁଜୀ ଉଚ୍ଚ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ । ଏହି ଅବସରରେ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଉମାଶଙ୍କର ନାୟକ ପ୍ରକାଶ କରିଛନ୍ତି ଯେ ଧନ୍ଦାମୂଳକ ଶିକ୍ଷା ବର୍ତ୍ତମାନ ସମୟରେ ସରକାର ଙ୍କର ମୁଖ୍ୟ ଆକର୍ଷଣ ରେ ରହିଅଛି ଏବଂ ଏହାଦ୍ୱାରା ପିଲାମାନଙ୍କର ଭବିଷ୍ୟତ ମଧ୍ୟ ଉଜ୍ଜ୍ୱଳ ରହିଅଛି ।

# ବାର୍ଷିକ କ୍ରୀଡ଼ା ସମାରୋହ ଉଦ୍‌ଘାଟିତ



ଗୁଣପୁର(ଭାସ୍କର ନ୍ୟୁଜ): ରାୟଗଡ଼ା ଜିଲ୍ଲା ଗୁଣପୁର ସ୍ଥିତ ଗାନ୍ଧୀ ପବ୍ଲିକ ସ୍କୁଲରେ ୨୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଆରମ୍ଭ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ କ୍ରୀଡ଼ା ଜ୍ୟୋତିକୁ ଖେଳ ପଡ଼ିଆରେ ସ୍ଥାପନ କରି ଉତ୍ସବର ଉଦ୍‌ଘାଟନ ଓ ଶୁଭାରମ୍ଭ କରିଥିଲେ । ଛାତ୍ରଛାତ୍ରୀମାନେ ଏହି କ୍ରୀଡ଼ା ଜ୍ୟୋତିକୁ ଜିଆଇଟି ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଲକ୍ଷ୍ମୀନାରାୟଣ ମନ୍ଦିରରୁ ଆଣି ଏକ ମଶାଲ ଶୋଭାଯାତ୍ରାରେ ବିଦ୍ୟାଳୟ ପରିସର ପର୍ଯ୍ୟନ୍ତ ଆଣିଥିଲେ । ନଭେମ୍ବର ତା୨୮ରୁ ୩୦ ତିନି ଦିନ ଧରି ସିଟି କ୍ୟାମ୍ପସ ଏବଂ ବିଦ୍ୟାଳୟ ଖେଳ ପଡ଼ିଆରେ ଉକ୍ତ କ୍ରୀଡ଼ା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହେବ । ନର୍ସରୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀ ଉତ୍ସାହ ଉଦ୍ଦୀପନା ସହିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ବିଭିନ୍ନ ବର୍ଗରେ ଦୌଡ଼, ଲମ୍ଫ ଡିଆଁ, ଉଚ୍ଚଡିଆଁ, ସଟ୍‌ପୁଟ ଥ୍ରୋ, ବାସ୍କେଟ ବଲ, ଅବଷ୍ଟାକ୍ଲ ରେସ, ଅଖା ଡିଆଁ, ଫେଣ୍ଟ୍ ନିକ୍ଷେପ, ଦଉଡ଼ି ଡିଆଁ, ମ୍ୟୁଜିକ୍ ଚେୟାର ପରି ଅନେକ ଖେଳରେ ଅଂଶଗ୍ରହଣ କରିବେ । ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ କହିଥିଲେ, ପାଠ ପରି ଭଳି ଛାତ୍ରଛାତ୍ରୀଙ୍କ ପାଇଁ କ୍ରୀଡ଼ା ମଧ୍ୟ ଶିକ୍ଷା ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଅଟେ । ଯାହାକି ସେମାନଙ୍କୁ ମାନସିକ ତଥା ଶାରୀରିକଭାବରେ ସୁଦୃଢ଼ କରିବ । ଏହି ଅବସରରେ ଜିଆଇଟି ବିଶ୍ୱ ବିଦ୍ୟାଳୟର ମହାନିର୍ଦ୍ଦେଶକ ଡଃ ଜଗଦୀଶ ପଣ୍ଡା କହିଥିଲେ, କ୍ରୀଡ଼ା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଭିତରେ ଅନ୍ତର୍ନିହିତ ପ୍ରତିଭାର ବିକାଶ ହୋଇଥାଏ । ବିଦ୍ୟାଳୟର ଏହାର ପ୍ରମୁଖ ସ୍ଥାନ ଅଟେ । କ୍ରୀଡ଼ା ଶିକ୍ଷକ ଦିଲ୍ଲୀପ ବେହେରା, ଦେବେନ୍ଦ୍ର ନାୟକ ସହିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏହି କ୍ରୀଡ଼ା ଉତ୍ସବ ପରିଚାଳନା କରୁଛନ୍ତି ।

# ମହିଳା ଓ ଘରୋଇ ହିଂସା ନିରାକରଣ ସଚେତନତା ପକ୍ଷ ପାଳିତ

ଝାରସୁଗୁଡ଼ା,(ଭାସ୍କର ନ୍ୟୁଜ): ଜିଲ୍ଲାସ୍ତରୀୟ ମହିଳା ଓ ଘରୋଇ ହିଂସା ନିରାକରଣ ସଚେତନତା ପକ୍ଷ ପାଳନ ଉପଲକ୍ଷେ ବୈଠକ ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ରାଧାରମଣ ବିରିଆ, ଡାକ୍ତର ଲକ୍ଷ୍ମଣ କର୍ମୀ,ଡାକ୍ତର ପି ସି ଦଳାଇ, ଡାକ୍ତର ମଧୁଲିତା ସାହୁ, ଡି ପିଏମ୍ ବୁଲୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ହିଂସା ଓ ଉତ୍ପୀଡ଼ନମୁକ୍ତ ସମାଜରେ ସମ୍ମାନର ସହ ବଞ୍ଚିବା ସମସ୍ତ ମହିଳା ଓ ଝିଅମାନଙ୍କର ମୌଳିକ ଅଧିକାର । ଏହି ଅଧିକାରରୁ ସେମାନଙ୍କୁ କେହି ବଞ୍ଚିତ ନକରିବାକୁ ଆଜିର ଆହ୍ୱାନ ସ୍ୱରୂପ ସମସ୍ତେ ଏ ଦିଗରେ ଯତ୍ନବାନ ପୂର୍ବକ କାର୍ଯ୍ୟ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ବୈଠକରେ ପରାମର୍ଶ ଦେଇଥିଲେ । ଘରୋଇ ହିଂସା ବା ଯୌନ ସମ୍ପର୍କୀୟ ହିଂସା,ସମ୍ମାନହାନୀ ହେଲା ଭଳି ଅଶୋଭନୀୟ ଆଚରଣ, ମହିଳା କିମ୍ବା ଝିଅ ଚାଲାଣ , ଅପହରଣ ବା ନିଖୋଜ, ଲିଙ୍ଗ ବିଭେଦ, ବାଲ୍ୟ ବିବାହ, ଯୌତୁକ ସମ୍ବନ୍ଧୀୟ ନିର୍ଯାତନା ବା ଶୋଷଣ, ରାସାୟନିକ ପଦାର୍ଥ(ଏସିଡ଼) ଫିଙ୍ଗିବା କିମ୍ବା ଡାହାଣୀ ସନ୍ଦେହରେ ନିର୍ଯାତନା ଇତ୍ୟାଦି ସମ୍ପର୍କରେ ଏହି ବୈଠକରେ ଆଲୋଚନା ପୂର୍ବକ ଏ ଦିଗରେ ନିରାକରଣ ସକାଶେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ଥାପିତ ମହିଳା ସହାୟତା ନମ୍ବର୧୮୧ କିମ୍ବା ୧୧୨ ଅଥବା ଶିଶୁ ସହାୟତା ନମ୍ବର ୧୦୯୮ ଯୋଗାଯୋଗ କରିବା ପାଇଁ ସୂଚନା ଦିଆଯାଇଥିଲା । ଏହା ବ୍ୟତୀତ ଉପରୋକ୍ତ ହିଂସା ବା ନିର୍ଯାତନାର ଶିକାର ମହିଳା କିମ୍ବା ଝିଅ ନିକଟସ୍ଥ ଅଙ୍ଗନୱାଡ଼ି କର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ଆଲୋଚନା କରିବାକୁ ପରାମର୍ଶ ଦିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ସଖୀ କେନ୍ଦ୍ରରେ ଉପଲବ୍ଧ ପୋଲିସ,ଡାକ୍ତରୀ ଓ ଆଇନଗତ ସହାୟତା ତଥା ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ, ଆଶ୍ରୟ ଏବଂ ଆବଶ୍ୟକୀୟ ଅନ୍ୟାନ୍ୟ ସହାୟତା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା ।



# ଜିଲ୍ଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଶୁଭାରମ୍ଭ



ମାଲକାନଗିରି/କୋରୁକୋଣ୍ଡା (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ମାଲ୍ୟବନ୍ତ ମହୋତ୍ସବ୨୦୨୪ ପାଇଁ କୋରୁକୋଣ୍ଡା ବ୍ଲକ ସଦର ଜଳେଶ୍ୱର ଘାଟରୁ ପାଣି ଉଠାଯାଇଥିବାବେଳେ କୋରୁକୋଣ୍ଡା ବ୍ଲକ ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜଳେଶ୍ୱର ଘାଟରେ ପୂଜାର୍ଚ୍ଚନ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ମୁଖ୍ୟ କର୍ତ୍ତା ଭାବେ ଅଂଶଗ୍ରହଣ କରିଥିବା ବେଳେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ବିଧାୟକ ମଙ୍ଗୁ ଖିଲ,ବାଲିମେଲା ଏନେସି ଅଧ୍ୟକ୍ଷ ପ୍ରଦୀପ ନାୟକ,ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ,ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ତାଙ୍ଗୁଲ,ଡିଆରଡି ପିଡି ନରେଶ ଚନ୍ଦ୍ର ଶବର,ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଡିଆଇପିଆରୋ ପ୍ରମିଳା ମାଝୀଙ୍କ ସମେତ କୋରୁକୋଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଜିତୁ କୁରୁଡ଼ି, ପଞ୍ଚାୟତ ସମିତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ ମିଶ୍ର, ଏବଂ ପଞ୍ଚାୟତ ସମିତିର ସମସ୍ତ ସମିତି ସଭ୍ୟ, ସରପଞ୍ଚ, ଜନ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ ମା' ମାନେ,ପଞ୍ଚାୟତ ସମିତି ଅଧୀନରେ ଥିବା ସମସ୍ତ ଅଧିକାରୀ, ବିଭିନ୍ନ ପଞ୍ଚାୟତରୁ ଆସିଥିବା ସମସ୍ତ ଜନସାଧାରଣ ଉପସ୍ଥିତ ରହି ପାଣି ଉଠାଯାଇ ମାଲ୍ୟବନ୍ତ ମହୋତ୍ସବ-୨୦୨୪ ବ୍ୟାନର ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଜଳେଶ୍ୱର ଘାଟରୁ ପାଣି ଉଠାଯାଇ ପାରମ୍ପରିକ ବାଦ୍ୟ ନୃତ୍ୟ ସହିତ ଶୋଭାଯାତ୍ରା ମାଧ୍ୟମରେ କୋରୁକୋଣ୍ଡା ବ୍ଲକ ନିକଟ ମାଲ୍ୟବନ୍ତ ପଡ଼ିଆକୁ ଅଣାଯାଇଥିଲା । ଏହି ଅବସରରେ ମାଲ୍ୟବନ୍ତ ମହୋତ୍ସବ ନେଇ ଅତିଥିମାନେ ଅଭିଭାଷଣ ପ୍ରଦାନ କରିଥିଲେ । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହି ଅବସରରେ ମାଲ୍ୟବନ୍ତ ମହୋତ୍ସବ ପୋଷ୍ଟର ଓ ପ୍ରୋମୋ ସଙ୍ଗୀତକୁ ମଧ୍ୟ ଉନ୍ମୋଚନ କରାଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ କୋରୁକୋଣ୍ଡା ସୁକାନ୍ତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଜଳେଶ୍ୱର ଶୈବ ପୀଠ ଠାରେ କଳସ ପୂଜନ ଓ କଳସ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟାରେ ଲୋକ ସାମିଲ ହୋଇଥିଲେ । ଶୈବପୀଠରୁ କଳସ ଶୋଭାଯାତ୍ରାରେ ନାଚଗୀତ ମାଧ୍ୟମରେ କୋରୁକୁଣ୍ଡା ସ୍ଥିତ ମାଉଳୀ ମନ୍ଦିରକୁ ନିଆଯାଇଥିଲା । ସେହିପରି ଜିଲ୍ଲାର କୋରୁକୋଣ୍ଡା ବ୍ଲକ ଠାରେ ଆଜି ବ୍ଲକସ୍ତରୀୟ ମହୋତ୍ସବକୁ ଉଦ୍‌ଘାଟନ କରାଯାଇଛି । ସେଠାରୁ ଏକ ରଥରେ ସମସ୍ତ କଳସକୁ ସଦର ମହକୁମା ସ୍ଥିତ ଭୈରବ ମନ୍ଦିରକୁ ଅଣାଯାଇଥିଲା । କଳସକୁ ପୂଜାର୍ଚ୍ଚନା କରି ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ କଳସ ଗୁଡ଼ିକୁ ରଖାଯାଇଛି । ଏଠାରେ ମଧ୍ୟ ବିରାଟ ଶୋଭାଯାତ୍ରାର ଆୟୋଜନ କରାଯାଇଛି । ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତୋଷ ନାରାୟଣ ପଣ୍ଡା, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ମନସ୍ୱୀ ସେଠୀ ଓ ଶଶାଙ୍କ ମିଶ୍ରଙ୍କ ସମେତ ମହୋତ୍ସବ କମିଟିର ସଦସ୍ୟ ଉପସ୍ଥିତ ଥିଲେ ।



କୁଜଙ୍ଗ (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା, କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ପାରାଦ୍ୱୀପ ଗଡ ଗ୍ରାମ ପଞ୍ଚାୟତରେ ଥିବା ଚୂନ - କତକୁଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ଦିନ ହେବ ଶିକ୍ଷକ ଅଭାବ, ଡେସ୍କ ବେଞ୍ଚ, ପାନୀୟ ଜଳର ଅଭାବ ଥିବାରୁ ଏହାର ସମାଧାନ ପାଇଁ ସ୍କୁଲ ଅଭିଭାବକ କମିଟି ତରଫରୁ ସ୍ଥାନୀୟ ସରପଞ୍ଚ ସସ୍ମିତା ବେହେରାଙ୍କୁ ଜଣାଇଥିଲେ। ସରପଞ୍ଚ ଶ୍ରୀମତୀ ବେହେରା ଏହାର ଗୁରୁତ୍ୱ ଉପଲବ୍ଧି କରି ତୁରନ୍ତ ଏହାର ସମାଧାନ ପାଇଁ ମଣ୍ଡଳ ଶିକ୍ଷା ଅଧିକାରୀ ମନୋଜ କୁମାର ବେହେରାଙ୍କୁ ଜଣାଇବା ପରେ ସେ ତୁରନ୍ତ ଜଣେ ଶିକ୍ଷୟତ୍ରୀ ନିର୍ମୟୀ ଦାସଙ୍କୁ ନିଯୁକ୍ତି ଦେଇଛନ୍ତି ଏବଂ ଏଥି ସହିତ ଛାତ୍ରଛାତ୍ରୀଙ୍କ ପାଇଁ ଡେସ୍କ ବେଞ୍ଚ, ଆକ୍ୱା ଗାର୍ଡ ମେସିନ୍ ପ୍ରଦାନ କରିଥିବା ଜଣାପଡିଛି। ଯାହା ଫଳରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଭିଭାବକ କମିଟି, ଛାତ୍ର ଛାତ୍ରୀ ଓ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ଖୁସି ବ୍ୟକ୍ତ କରିବା ସହିତ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ବେହେରାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଚନ୍ଦ୍ର ଶେଖର ଚୌଧୁରୀ, ପ୍ରଭାତ ସାହୁ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ନାୟକ ପ୍ରମୁଖ ଉପସ୍ଥିତି ଥିଲେ।

# ତୃତୀୟ ଦିନରେ ନୌସେନା ଯବାନଙ୍କ ଜୋରଦାର ଅଭ୍ୟାସ




ପୁରୀ (ଭାସ୍କର ନ୍ୟୁଜ) : ଗତକାଲି ପରି ଆଜି ମଧ ନୌସେନା ଯବାନଙ୍କ ଜୋରଦାର ଅବ୍ୟାସ ହୋଇଥିଲା। ଆକାଶରୁ ଗୁଳି ବର୍ଷା।ବାଦଲ ଚିରି ଭାରତୀୟ ନୌସେନାର ଏୟାରକ୍ରାଫ୍ଟ କ୍ଷୀପ୍ର ଗତିରେ ଏ ମୁଣ୍ଡରୁ ସେ ମୁଣ୍ଡକୁ ଯାଉଥିଲା। ୬ ଜଣ ଯବାନ ଏୟାରକ୍ରାଫ୍ଟରୁ ପାରାଚ୍ୟୁଟ ଯୋଗେ ସମୁଦ୍ର ଭିତର ତଥା ମୁଖ୍ୟ ଷ୍ଟେଜ ସାମ୍ନାରେ ଅବତରଣ କରିଥିଲେ। କେତେବେଳେ ଲଢୁଆ ଫାଇଟର ଏୟାରକ୍ରାଫ୍ଟ ବାମ ପାର୍ଶ୍ୱରୁ ତ ଆଉ କେତେବେଳେ ଡାହାଣ ପାର୍ଶ୍ୱରୁ ଆସି କୌଶଳ ଦେଖାଇଥିଲେ। କେତେବେଳେ ସମୁଦ୍ର ଭିତରୁ ତ କେତେବେଳେ ଯୁଦ୍ଧ ଜାହାଜ ନିକଟରେ। ଆଜି ଅପରାହ୍ଣରେ ପୁରୀ ବ୍ଲୁ ଫ୍ଲାଗ ବିଚରେ ଭାରତୀୟ ନୌସେନାର ୨୦ରୁ ଉର୍ଦ୍ଧ୍ୱ ଏୟାରକ୍ରାଫ୍ଟ ଏଭଳି ଦୁଃସାହସିକ କଳା ପ୍ରଦର୍ଶନ କରିଥିଲେ। ସେହିପରି ୧୦ରୁ ଉର୍ଦ୍ଧ ଯୁଦ୍ଧ ଜାହାଜ ପୁରୀ ସମୁଦ୍ର ଉପକୂଳରେ ପଇଁତରା ମାରି ନିଜ ଶକ୍ତି ପ୍ରଦର୍ଶନ କରିଥିଲେ। ନୌସେନା ଦିବସ ପାଇଁ ଜୋରଦାର ଅଭ୍ୟାସ ଜାରୀ ରହିଛି। ତୃତୀୟ ଦିନରେ ମୁଖ୍ୟ ଆକର୍ଷଣ ସାଜିଥିଲା ପ୍ରତିକାତ୍ମକ ବଙ୍କର ମଧ୍ୟରୁ ମିସାଇଲ ଛଡା ଯାଇ ଯୁଦ୍ଧ କୌଶଳ ପ୍ରଦର୍ଶନ କରାଯାଇଥିଲା। ଭାରତୀୟ ନୌସେନାର ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରାପ୍ତ ମାର୍କୋସ କମାଣ୍ଡୋ ଏହା ପ୍ରଦର୍ଶନ କରିଥିଲେ। ଆକାଶ ମାର୍ଗରେ ସାମରିକ କଳା କୌଶଳ ଦେଖିବା ପାଇଁ ପ୍ରବଳ ଭିଡ ହୋଇଥିଲା। ସେହିପରି ସମୁଦ୍ରରେ ଧାଡି କରି ଗୋଟିଏ ପରେ ଗୋଟିଏ ଯୁଦ୍ଧ ଜାହାଜ ନିଜ ନିଜ ପ୍ରଦର୍ଶନ ଦେଖାଇଥିଲେ। ଆସନ୍ତା ଡିସେମ୍ବର ୪ ତାରିଖରେ ଭାରତୀୟ ନୌସେନା ତାର ପରାକ୍ରମ ଦେଖାଇବ। ପୂର୍ଣ୍ଣ ଅଭ୍ୟାସ ପ୍ରଦର୍ଶନ ପୂର୍ବରୁ ବ୍ଲୁଫ୍ଲାଗ୍ ବେଳାଭୂମିରେ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ କଟକଣା କରାଯିବ। ସ୍ୱର୍ଣ୍ଣାଭ ବେଳାଭୂମି ଯୁଦ୍ଧ ଭୂମିର ଭ୍ରମ ସୃଷ୍ଟି କରିଛି।ଏଠାରେ ଓ୍ୱାର ଜୋନ କରାଯାଇଛି। ଏହାକୁ ଦେଖିବା ପାଇଁ ପର୍ଯ୍ୟଟକଙ୍କ ଠାରୁ ସ୍ଥାନୀୟ ବାସିନ୍ଦା ମାନେ ବେଶ ଉତ୍ସାହ ପ୍ରକଟ କରିଥିବା ଦେଖିବାକୁ ମିଳିଛି। ନୌସେନାର ଅପେରସନାଲ ଡେମୋ ଅଭ୍ୟାସ ବ୍ଲୁ ଫ୍ଲାଗ ବିଚରେ ହେବ। ନୌସେନା ଦିବସ ପାଳନରେ ରାଷ୍ଟ୍ରପତି, ପ୍ରତିରକ୍ଷା ମନ୍ତ୍ରୀ ଓ ତିନି ସେନାର ମୁଖ୍ୟ ମାନେ ବସିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ଲାଇଟ ହାଉସ ଠାରୁ ଦିଗବାରେଣି ଖୁଣ୍ଟି, ନୀଳାଦ୍ରି ବିଚରୁ ପେଣ୍ଟକଟା ପର୍ଯ୍ୟନ୍ତ ସବୁସ୍ଥାନରେ ଯୁଦ୍ଧ ଜାହାଜ, ଏୟାରକ୍ରାଫ୍ଟ ଓ ରଣକୌଶଳ ଦେଖିବାର ସୁଯୋଗ ରହିଛି। ଡିସେମ୍ବର ୪ ତାରିଖ ନୌସେନା ଦିବସ ଉପଲକ୍ଷେ ଆଜି ଠାରୁ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ପୁରୀରେ ଟ୍ରାଫିକ କଟକଣା କରାଯାଇଛି। ଅପରାହ୍ଣ ୨ଟାରୁ ସଂଧ୍ୟା ୭ଟା ପର୍ଯ୍ୟନ୍ତ ବିଏନଆର୍ ହୋଟେଲ୍ ଠାରୁ ଆଚାର୍ଯ୍ୟ ହରିହର ଛକ ଏବଂ ପୁରୁଣା ସଦରଥାନା ଛକଠାରୁ ସୁବାଷ ବୋଷ ଛକ ପର୍ଯ୍ୟନ୍ତ ନୋ ଭେଇକିଲ୍ ଜୋନ୍ ହୋଇଥିଲା। ତେବେ ପୁରୀ ବାସୀଙ୍କ ପାଇଁ ଏହି କଟକଣା ଲାଗୁ ହେବ ନାହିଁ। ସମୁଦ୍ରକୂଳ ଯିବାକୁ ହେଲେ ଏସିଏସ୍ କଲେଜ ଛକ, ରାମକୃଷ୍ଣ ମିଶନ ଛକ, ଆଚାର୍ଯ୍ୟ ହରିହର ଛକ ଏବଂ ଦିଗବାରେଣୀ ଛକ ପଟେ ଯିବା ଆସିବା କରିପାରିବେ। ସେହିପରି ସିଟି ରୋଡ୍ ବା ଚକ୍ରତୀର୍ଥ ରୋଡ୍ ଯିବାକୁ ହେଲେ ଘୋଡାବଜାର ଛକ, ବିଏନଆର୍ ଛକ ଦେଇ ଯିବା ଆସିବେ। ଅନ୍ୟ ପଟରେ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଆଜି ପୁରୀ ଏସପି ଭିନୀତ ଅଗ୍ରୱାଲ ସେଣ୍ଟ୍ରାଲ ଆର୍ମଡ଼ ପୋଲିସ ଫୋର୍ସ ର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ବୈଠକରେ ସୁରକ୍ଷା ଦାୟିତ୍ୱରେ ଥିବା ବରିଷ୍ଠ ପୋଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଜଣା ରୋଗରେ ଗାଈଗୋରୁ ମୃତ

ବାଲୁଗାଁ (ଭାସ୍କର ନ୍ୟୁଜ): ଚିଲିକା ବ୍ଲକ ହରିପୁର ଓ ବ ଉଳାବନ୍ଧ ପଞ୍ଚାୟତ ରେ ଅଜଣା ରୋଗ ବ୍ୟାପିବାରେ ଲାଗିଛି।ଫଳରେ ଅନେକ ଗାଈଗୋରୁ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବାର ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅଞ୍ଚଳ ରେ ଥିବା ଗାଈଗୋରୁ କ ମୁହଁ ରୁ ପ୍ରଥମେ ଫେଣ ବାହାରୁଛି। ଏହାର କିଛି ଦିନ ପରେ ସେହି ଗାଈଗୋରୁ ପ୍ରାଣ ହରାଇଛନ୍ତି।ଦିନକୁ ଦିନ ଏ ରୋଗ ବ୍ୟାପିବାରେ ଲାଗିଛି।ଏ ନେଇ ଅଞ୍ଚଳ ବାସୀ ବାଲୁଗାଁ ପଶୁ ଚିକିତ୍ସାଳୟରେ ଅବଗତ କରାଇଥିଲେ ମଧ କୌଣସି ସୁଫଳ ମିଳିନଥିଲା ଖୁବଶିଘ୍ର ଏହାର ପ୍ରତିଷେଧକ ବ୍ୟବସ୍ଥା କରିବା ପାଇଁ ଅଞ୍ଚଳ ବାସୀ ଦାବି କରିଛନ୍ତି ।

# ପୁଅ, ବୋହୁକୁ ପେଟ୍ରୋଲ ପକାଇ ନିଆଁ ଲଗାଇଲା ବାପା



ବାରଙ୍ଗ (ଭାସ୍କର ନ୍ୟୁଜ) : ବାରଙ୍ଗ ଥାନା ଅଞ୍ଚଳରେ ଚାଞ୍ଚଲ୍ୟ। ଘରୋଇ କଳିରୁ ସବୁ ସୀମା ଟପିଗଲା ଜନ୍ମକଲା ବାପା। ନୃଶଂସ ବାପା ତାର ପୁଅ, ବୋହୁକୁ ନିଆଁ ଲଗାଇ ଦେଇଛି । ପଡୋଶୀ ଲୋକେ ପୁଅ ଦୀନବନ୍ଧୁ ରାଉତ ଓ ବୋହୁ ପୂଜା ରାଉତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିବା ସହ କଟକ ବଡ ମେଡିକାଲରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି। ଘଟଣାଟି ଦେଖିବାକୁ ମିଳିଛି ବାରଙ୍ଗ ଥାନା ରାମଦାସପୁର ପଞ୍ଚାୟତର ବାରସିଙ୍ଗା ଗାଁରେ । କାରଣ ଅସ୍ପଷ୍ଟ ରହିଥିବା ବେଳେ କୌଣସି ଘରୋଇ କଳିରୁ ଏଭଳି ଘଟିଥିବା ଅନୁମାନ କରା ଯାଉଛି। ତେବେ ପୁଅ ବୋହୁ ଖାଇ ପଶିଥିବାବେଳେ ବାପା ଗୋବର୍ଦ୍ଧନ ରାଉତ ହଟାତ ଆସି ପେଟ୍ରୋଲ ତାଙ୍କ ଉପରକୁ ପକାଇ ଦିଆସିଲି ମାରିଥିଲେ। ପଡୋଶୀ ଲୋକେ ପାଟି ଶୁଣି ବାପା ଗୋବର୍ଦ୍ଧନଙ୍କୁ ପ୍ରତିବାଦ କରିବା ସହ ଗୁରୁତର ଅବସ୍ଥାରେ ତାଙ୍କର ଚିକିତ୍ସା ପାଇଁ ମେଡିକାଲ ପଠାଇଥିଲେ ।୬୦ପ୍ରତିଶତ ଜଳି ଯାଇଥିବା ପଡୋଶୀ ଲୋକେ କହିଛନ୍ତି। ଘଟଣା ପରେ ବାପା ଗୋବର୍ଦ୍ଧନ ରାଉତ ଫେରାର ହୋଇଯିବାକୁ ଚେଷ୍ଟା କରୁଥିବାବେଳେ ଗୋଡିସାହି ଫାଣ୍ଡି ଅଧିକାରୀ ବିଚିତ୍ରା ନନ୍ଦ ପ୍ରଧାନ ଘଟଣା ସ୍ଥଳରୁ ଅଭିଯୁକ୍ତ ବାପାକୁ ଗିରଫ କରିଛି ।

# ସିଦ୍ଧାର୍ଥ ରାଉତରାୟଙ୍କୁ ସମ୍ବର୍ଦ୍ଧନା

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା କଂଗ୍ରେସ ଦଳ ପକ୍ଷରୁ କଂଗ୍ରେସ ଦଳ ନେତା ସିଦ୍ଧାର୍ଥ ରାଉତରାୟଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦଳୀୟ କର୍ମୀଙ୍କ ପକ୍ଷରୁ ଦିଆଯାଇଥିବା ଜଣାପଡ଼ିଛି । ଏହି କାର୍ଯ୍ୟକ୍ରମରେ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ । ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା କଂଗ୍ରେସ ଦଳର ନେତା ତଥା ପ୍ରାର୍ଥୀ ସିଦ୍ଧାର୍ଥ ରାଉତରାୟ ଆମେରିକାରେ ଆଇରନ୍ ମ୍ୟାନ୍ ସମ୍ମାନରେ ସମ୍ମାନୀତ ହେବା ସହ ୭ଟି ଦେଶ ବୁଲି ନିଜ ନିର୍ବାଚନ ମଣ୍ଡଳୀ ନିମାପଡ଼ାକୁ ଫେରିବା ପରେ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଆନନ୍ଦଉଲ୍ଲାସ ଦେଖିବାକୁ ମିଳିଥିଲା । ଜୟଗୁରୁ ଆଶ୍ରମଠାରୁ ଏକ ଶୋଭାଯାତ୍ରା ବାହାରି ପାର୍ଟି ଅଫିସରେ ଥିବା ମୋହନ ଦାସ ଓ ଶହୀଦ ଉଚ୍ଛବ ମଲିକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପାର୍ଟି ଅଫିସ କାର୍ଯ୍ୟାଳୟରେ ସିଦ୍ଧାର୍ଥ ରାଉତରାୟଙ୍କୁ କଂଗ୍ରେସ ଦଳ କର୍ମୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । କାର୍ଯ୍ୟକ୍ରମରେ କଂଗ୍ରେସ ଦଳର ବିଜୟ କୁମାର ମଲ୍ଲିକ, ମନୋଜ କୁମାର ସାହୁ, ବିପିନ ବେହେରାଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ । ଆଗାମୀ ଦିନରେ କଂଗ୍ରେସ ଦଳକୁ ମଜବୁଦ୍ କରାଯାଇ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦଳ ଆନ୍ଦୋଳନ କରିବ ବୋଲି ଚେତାବନୀ ଦିଆଯାଇଛି ।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନ ଓ ଗଣିତ ମେଳା

ତିହିଡି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ଓ ଗଣିତ ମେଳା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଅତିଥି ଭାବେ ପୂର୍ବତନ ସ୍କୁଲ ପରିଚାଳନା କମିଟି ସଦସ୍ୟ ପାର୍ଥସାରଥି ନାୟକ ଓ ପୂର୍ବତନ ପରିଚାଳନା କମିଟି ସଦସ୍ୟ ବିଜୟ ନାୟକ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ମେଳାରେ ବିଚାରକ ଭାବେ ଜିତେନ କୁମାର ବେହେରା, ଶରତ ଚନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇ ପ୍ରକଳ୍ପ ଗୁଡ଼ିକର ମୂଲ୍ୟାୟନ କରିଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ରମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଦେବକିଶୋର ଦାସ ସଂଚାଳନ କରିଥିଲେ। ଏଥିରେ ଶିକ୍ଷକ କଳ୍ପତରୁ ଉଦ୍‌ଗାତା, ବିଶ୍ୱରଂଜନ ମଲିକ, ରଂଜନ ଜେନା, ଦେବାଶିଷ ସେଠୀ, ଶିକ୍ଷୟିତ୍ରୀ ଗୀତାଂଜଳି ପଣ୍ଡା, ସାଇ ନନ୍ଦିନୀ ଦାସ, ସାଗରିକା ପାଣିଗ୍ରାହୀ, ପ୍ରଭାତୀ ସେଠୀ, ଚିନ୍ମୟୀ ସାହୁ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ପ୍ରକଳ୍ପ ବିଜେତା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷା କର୍ମଚାରୀ ରଜନୀକାନ୍ତ ଦାସ ଓ ଅନ୍ୟ କର୍ମଚାରୀମାନେ ମେଳା ପରିଚାଳନାରେ ସହଯୋଗ କରିତ୍ଲେ।

# ଗ୍ରାମୀଣ ବିକାଶ ପାଇଁ ସ୍ୱତନ୍ତ୍ର ଫୋକସ
## ସେତୁ ସହ ବନ୍ଧରା ନିର୍ମାଣ ଦ୍ୱାରା ଗମନାଗମନ ଓ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ଗଠନ ସଂକଳ୍ପର ପ୍ରମୁଖ ଦିଗ ହେଉଛି ଗ୍ରାମୀଣ ବିକାଶ । ଓଡ଼ିଶା ସରକାରଙ୍କର ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯାଉଥିବା ସେତୁ ସହ ବନ୍ଧରା ପ୍ରକଳ୍ପଗୁଡିକ ହେଉଛି ସେହି ଦିଗରେ ଏକ ଅଭିନବ ପ୍ରୟାସ । ଏହା ଦ୍ୱାରା ଗ୍ରାମାଞ୍ଚଳର ଯୋଗାଯୋଗ ବ୍ୟବସ୍ଥା ସୁଦୃଢ ହେବା ସହ ସେଠାକାର ଜଳସ୍ତର ବୃଦ୍ଧିପାଇ ଗ୍ରାମୀଣ ଅର୍ଥନୀତି ଓ ଜନସାଧାରଣଙ୍କ ଜୀବନଜୀବିକାରେ ଉନ୍ନତି ହେବାର ସୁଯୋଗ ସୃଷ୍ଟି ହୋଇପାରୁଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଓଡ଼ିଶାର ବିଭିନ୍ନ ସ୍ଥାନରେ ନିର୍ମାଣ କରାଯାଉଥିବା ସେତୁ ସହ ବନ୍ଧରା ପ୍ରକଳ୍ପଗୁଡିକ ରାଜ୍ୟର ବହୁମୁଖୀ ବିକାଶରେ ଉପାଦେୟ ସାବ୍ୟସ୍ତ ହେଉଛନ୍ତି । ୨୦୨୪ ଜୁନରୁ ନଭେମ୍ବର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୧୮ଗୋଟି 'ସେତୁ ସହ ବନ୍ଧରା' ପ୍ରକଳ୍ପ ନିର୍ମାଣ ଶେଷ ହୋଇ ସାରିଥିବାବେଳେ ଆହୁରି ୭୧ ଗୋଟି ପ୍ରକଳ୍ପକୁ ଅନୁମୋଦନ ମିଳିସାରିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ନିଜ ବଜେଟ ଅଭିଭାଷଣରେ 'ସେତୁ ସହ ବନ୍ଧରା' ଉପରେ ଗୁରୁତ୍ୱ ଦେଇ ଏକ ପରିବେଶ ଅନୁକୂଳ ପଦକ୍ଷେପ ସ୍ୱରୂପ ସରକାର ରାଫଂ ଫାଉଣ୍ଡେସନ ଥାଇ ଛୋଟ ସେତୁ ଉପରେ ଚେକ୍ ଡ୍ୟାମ୍ / ବ୍ରିଜ୍-କମ୍-ଓ୍ୱେର ନିର୍ମାଣ ମାଧ୍ୟମରେ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି ପ୍ରକାଶ କରିଥିଲେ । ସେଥିପାଇଁ ବଜେଟରେ ୮୮ କୋଟି ଟଙ୍କା ପ୍ରଦାନ କରାଯାଇଛି ।

# ବିଜେପି ସରକାର କେବଳ ରଙ୍ଗ ବଦଳାଉଛନ୍ତି: ପ୍ରସନ୍ନ ଆଚାର୍ଯ୍ୟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେପି ଯେଉଁ ଦିନଠାରୁ ରାଜ୍ୟରେ ଶାସନ ଭାର ନେଇଛି, କିଛି ବଦଳିନି। କିନ୍ତୁ ରଙ୍ଗ ସବୁ ବଦଳିଛି। ଯାହାର ରଙ୍ଗ ବଦଳିବାର ଆବଶ୍ୟକତା ନଥିଲା, ତାକୁ ବି ବଦଳାଇ ଦେଉଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତକାଲି ତାଙ୍କ ଦଳର ସରକାରଙ୍କୁ ଆଉ ରଙ୍ଗ ନବଦଳାଇ ଢଙ୍ଗ ବଦଳାଇବାକୁ ପରାମର୍ଶ ଦେଇଛନ୍ତି ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ।

# ଶହୀଦ ଦିବାକର ପରିଡାଙ୍କ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶହୀଦ ଦିବାକର ପରିଡାଙ୍କ ସ୍ମୃତିଚାରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ,ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଦିବାକର ପରିଡାଙ୍କ ଜୟନ୍ତୀରେ ବିନମ୍ର ଶ୍ରଦ୍ଧାଞ୍ଜଳି। ପ୍ରଜା ଆନ୍ଦୋଳନରେ ଯୋଗ ଦେଇ ଓଡ଼ିଆ ଲୋକଙ୍କ ପାଇଁ ଲଢି ସେ ଦେଶମାତୃକା ପାଇଁ ବଳିଦାନ ଦେବାକୁ ପଛାଇନଥିଲେ। ତାଙ୍କର ତ୍ୟାଗ ଏବଂ ବଳିଦାନ ଚିର ସ୍ମରଣୀୟ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଡିସେମ୍ବର ୫ରେ...

ତେବେ ମୁମ୍ବାଇରେ ଶୁକ୍ରବାର ବିଧାୟକ ଦଳ ବୈଠକ ବସିବାର ଥିଲା। କିନ୍ତୁ କାମଚଳା ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ତାଙ୍କ ଗାଁକୁ ଚାଲିଯିବାରୁ ବୈଠକ ବାତିଲ ହୋଇଯାଇଥିଲା। ଅନ୍ୟପକ୍ଷରେ ସିନ୍ଦେଙ୍କ ଗାଁ ସତାରାରେ ସେ ଅସୁସ୍ଥ ହୋଇପଡ଼ିଥିବା ସୂଚନା ମିଳିଛି। ତାଙ୍କୁ ଜ୍ୱର ହୋଇଛି । ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ତାଙ୍କର ଚିକିତ୍ସା କରୁଛନ୍ତି। ଆସନ୍ତା ସୋମବାର ଅନୁଷ୍ଠିତ ହେବାକୁ ଥିବା ବିଧାୟକ ଦଳ ବୈଠକରେ ସିନ୍ଦେ ଯୋଗଦେବେ ବୋଲି ସୂଚନା ଦେଇଛନ୍ତି। ଯଦି ସେ ଆସିନପାରନ୍ତି ତେବେ ସେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗଦେବେ ବୋଲି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭାରେ ମହାଯୁତି ଏକାକୀ ୨୩୦ ଆସନ ହାସଲ କରିଛି। ସେଥିମଧ୍ୟରୁ ବିଜେପିର ୧୩୨ ରହିଛି।

### ପୁଣି ଏକ ମାଇ...

ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତ ହାତୀଟି ଏକ ଫସଲ କ୍ଷେତରେ ପଡ଼ିଥିଲା। ହାତୀ ଦେହରେ ଗଭୀର ଦାନ୍ତର ଦାଗ ରହିଛି। ତେବେ ପ୍ରକୃତ କାରଣ ଜାଣିବା ପାଇଁ ତା'ର ଶବ ବ୍ୟବଚ୍ଛେଦ କରାଯାଇଛି। ତେଲକୋଇ ଅଞ୍ଚଳରେ ଗତ କିଛିମାସ ମଧ୍ୟରେ ୩ଟି ହାତୀଙ୍କର ମୃତ୍ୟୁ ଘଟି ସାରିଲାଣି।

### ଆଭ୍ୟନ୍ତରୀଣ ସୁରକ୍ଷା...

ସମସ୍ୟାର ସମାଧାନ, ମହିଳା ଅପରାଧ ନିୟନ୍ତ୍ରଣ, ଆଇନଶୃଙ୍ଖଳା ପରିଚାଳନା, ନୂଆ ଅପରାଧିକ ଆଇନର କାର୍ଯ୍ୟକାରିତା ଭଳି ପ୍ରସଙ୍ଗ ଉପରେ ମାନସମନ୍ଥନ କରାଯାଇଥିଲା। ଅପରାଧ କ୍ଷେତ୍ରରେ ଟେକ୍ନୋଲୋଜିର ବ୍ୟାପକ ବ୍ୟବହାରକୁ ନେଇ ମଧ୍ୟ କିପରି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା।

### କ୍ରାଇମ ବ୍ରାଞ୍ଚର...

ଅନ୍ୟପକ୍ଷରେ ଭୁବନେଶ୍ୱର ଡିସିପି କହିଛନ୍ତି ଯେ ଆମେ ଯେ କୌଣସି ସୂଚନା ପାଉଛୁ ତାକୁ ଗୁରୁତ୍ୱର ସହ ନେଉଛୁ। ଟିକିନିକି କରି ସମସ୍ତ ତଥ୍ୟ ଯାଞ୍ଚ କରୁଛୁ। ଆମେ ସଂପୂର୍ଣ୍ଣଭାବେ ଆଲର୍ଟ ରହିଛୁ।

### ୨୦୨୭ ସୁଦ୍ଧା...

୩ଟି ଲେଖାଏଁ କୋଚ୍ ରହିବ। ପ୍ରତିଦିନ ୫୫ହଜାର ଲୋକ ଯିବାର କ୍ଷମତା ରହିବ ବୋଲି ସେ କହିଥିଲେ। ସେ କହିଥିଲେ, ଏହି ପ୍ରକଳ୍ପରେ ମୋଟ ୬ହଜାର ୨୫୬ କୋଟି ଟଙ୍କା ବ୍ୟୟ କରାଯିବ। ତେବେ ପ୍ରଥମ ପର୍ଯ୍ୟାୟର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ପରେ କେନ୍ଦ୍ରର ସହାୟତା ଆବଶ୍ୟକ କି ନାହିଁ ସେ ନେଇ ପରେ ଜଣାଯିବ ବୋଲି ଶ୍ରୀମତୀ ଷଡ଼ଙ୍ଗୀ କହିଥିଲେ। ସେ ଆହୁରି କହିଥିଲେ ଯେ ମେଟ୍ରୋ ପ୍ରକଳ୍ପ ପାଇଁ ୯୨ ଏକର ଜମି ମିଳି ସାରିଛି। ଆଉ ୧୫ ଏକର ଜମି ଖୁବ୍‌ଶୀଘ୍ର ଯୋଗାଇ ଦିଆଯିବ। ଏବେ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି ବୋଲି ଶ୍ରୀମତୀ ଷଡ଼ଙ୍ଗୀ କହିଥିଲେ।

# ଝିଅର ଜନ୍ମଦିନରେ ପିତାଙ୍କ ସମେତ ୨୧ ଜଣ କଲେ ରକ୍ତଦାନ



ବାରିପଦା(ଭାସ୍କର ନ୍ୟୁଜ): ସ୍ଥାନୀୟ ବାରିପଦା ରକ୍ତ ଭଣ୍ଡାର କେନ୍ଦ୍ରରେ ନାରାୟଣ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ଝିଅ ହର୍ଷିତା (ଲିପି) ର ଜନ୍ମଦିନରେ ପିତା ମକରଧ୍ୱଜ ନାଏକ ରକ୍ତଦାନ କରିଥିଲେ । ତତସହିତ ଏହି ଜନ୍ମଦିନ ଅବସରରେ ୨ ଜଣ ମହିଳା ସମେତ ୨୧ ଜଣ ରକ୍ତଦାନ କରିଥିଲେ ଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରକ୍ତ ଭଣ୍ଡାର ଅଧିକାରୀ ଡଃ ସୌମ୍ୟ ରଞ୍ଜନ ନାୟକ ଶିବିରକୁ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡଃ ନୀଲେଶ ଦାସ, ଟ୍ରଷ୍ଟର ପ୍ରତିଷ୍ଠାତା ଡଃ ନିରୋଜ କୁମାର ପୋଥାଳ, ସଭାପତି ବସନ୍ତ କୁମାର ମହାପାତ୍ର, ସମ୍ପାଦକ ପ୍ରତାପେଶ୍ୱର ଦାଶ ଉପସ୍ଥିତ ଥିଲେ । ଟ୍ରଷ୍ଟର ସଦସ୍ୟ ଜୟ ପ୍ରକାଶ ମହାନ୍ତ, ଅରବିନ୍ଦ ମୁଖି, ପ୍ରଦୀପ କୁମାର ଭଞ୍ଜଦେଓ, ସୁମିତା ଚୌବେ, ତପସ୍ୱିନୀ ପଣ୍ଡା, ରାଜଲକ୍ଷ୍ମୀ ମିଶ୍ର, ଭାସ୍ୱତୀ ପଣ୍ଡା, ରାଜେଶ କୁମାର ନନ୍ଦୀ, ରତ୍ନାକର ବିନ୍ଧାଣୀ, ଅନିଲ କୁମାର ନାଏକ, ଉତ୍ତମ ରାଉତ, ଶିବ ମହାନ୍ତ ଓ ମାନସ ବାଗ ରକ୍ତଦାନ ଶିବିର ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ।

# ବିଭିନ୍ନ ସ୍ଥାନରୁ ମୋବାଇଲ ଫୋନ ଓ ସାଇକେଲ ଚୋରି ମାମଲା: ୮ କୋର୍ଟ ଚାଲାଣ



ବାଲିମେଳା(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଓର୍କେଲ ପୋଲିସକୁ ମିଳିଛି ଏକ ବଡ ସଫଳତା। ବିଭିନ୍ନ ସମୟରେ ବହୁ ସ୍ଥାନରୁ ଲୋକଙ୍କ ନିକଟରୁ ମୋବାଇଲ ଫୋନ, ସାଇକେଲ ଓ ବିଭିନ୍ନ ପ୍ରକାର ଗୃହ ବ୍ୟବହାର୍ଯ୍ୟ ସାମଗ୍ରୀ ଚୋରି ଘଟଣାରେ ସମ୍ପୃକ୍ତ ଥିବା ୪ଜଣ ନାବାଳକଙ୍କ ସମେତ ମୋଟ ୮ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ସେମାନଙ୍କ ଠାରୁଚୋରି ହୋଇଥିବା ମୋଟ ୧୮ଟି ମୋବାଇଲ ଫୋନ ସହ ଦୁଇଟି ସାଇକେଲ ଉଦ୍ଧାର କରାଯାଇ ସେଗୁଡିକୁ ଜବତ କରାଯାଇଛି। ସୂଚନା ଥାଉକି ଦୀର୍ଘଦିନ ହେବ ନିୟମିତ ମୋବାଇଲ ଫୋନ, ସାଇକେଲ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ଘଟଣାରେ ବାଲିମେଳା ସହରରେ ବସବାସ କରୁଥିବା ଲୋକଙ୍କ ସମେତ ଆଖ ପାଖ ଅଞ୍ଚଳରେ ବସବାସ କରୁଥିବା କିଛି ଲୋକମାନେ ଏହାର ଶିକାର ହୋଇ ସମ୍ପୂର୍ଣ୍ଣ ଭାବେ ଅତିଷ୍ଠ ହୋଇପଡ଼ିଥିଲେ। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ -ତା-୨୦ ତାରିଖରେ କର୍କଟପାଲ୍ଲି ଗ୍ରାମରେ ହୋଇଥିବା ଯାତ୍ରାରେ ବାଲିମେଳା ସହରର କିଛି ଯୁବକ ସେଠାରେ ପହଞ୍ଚି କିଛି ଲୋକଙ୍କ ଠାରୁ ମୋବାଇଲ ଫୋନ ଚୋରି କରିଥିବା ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଗତ-ତା-୨୬-୧୧-୨୦୨୪ରିଖରେ ଓର୍କେଲ ଥାନାରେ କେସ ନମ୍ବର ୩୭୦/୨୦୨୪ ରେ ଏକ ମାମଲା ରୁଜୁ ହୋଇଥଲା। ସେହିପରି ପୁନର୍ବାର ସମାନ ଘଟଣାରେ ଏହି ଥାନାରେ ଲୋକଙ୍କ ଅଭିଯୋଗ କ୍ରମେ ଆଉ ଏକ ସମାନ ମାମଲା କେସ ନମ୍ବର-୩୭୧/୨୦୨୪ ରୁଜୁ କରାଯାଇଥିଲା। ଚଳିତ ବର୍ଷ ଗତ ଅପ୍ରେଲ ମାସ ତା-୧୬-୪-୨୦୨୪ରିଖରେ ଜଣେ ବ୍ୟବସାୟିଙ୍କ ଠାରୁ ମୋବାଇଲ ଫୋନ, ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟ ଘଟଣାକୁ ନେଇ ଓର୍କେଲ ଥାନାରେ କେସ ନମ୍ବର ୧୬୪/୨୦୨୪ରେ ଏକ ମାମଲା ରୁଜୁ ହୋଇଥିଲା। ଓର୍କେଲ ପୋଲିସ ଏହି ଘଟଣାକୁ ଅତି ଗୁରୁତ୍ୱ ଭାବେ ଗ୍ରହଣ କରିବା ପରେ ଥାନା ଆଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏ ଏସ ଆଇ ବିଜୟ କୁମାର ବେନିଆ, ଏ ଏସ ଆଇ ମିଳନ ବରିହା ଓ ଏ ଏସ ଆଇ ସୁରେଶ ବିସି ମାଝୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ ଏହି ଘଟଣାର ତଦନ୍ତ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଘଟଣାରେ ସମ୍ପୃକ୍ତ ଥିବା ୪ଜଣ ନାବାଳକଙ୍କ ସହ ମୋଟ ୮ଜଣକୁ ଗିରଫ କରିବା ସହ ସେମାନଙ୍କ ଠାରୁ ଚୋରିକରି ଆଣିଥିବା ୧୮ଟି ମୋବାଇଲ ଫୋନ ଓ ଦୁଇଟି ସାଇକେଲ ପୋଲିସ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ମାନେ ହେଲେ ବାଲିମେଳା ମେଡିକାଲ ସାହିର ଗୋପୀ ଡ଼ଙ୍ଗରି, ସନ୍ତୋଷ ନାଗ, ଦନେଇ ଖରା ଓ ଅନ୍ୟଜଣେ ଦୁର୍ଗା ଲାଇନର ସାଇବ ଖିଲ ଓ ଅନ୍ୟ ୪ଜଣ ନାବାଳକ ବୋଲି ପୋଲିସ କହିଛି। ତେବେ ଉପରୋକ୍ତ ପୃଥକ ପୃଥକ ତିନୋଟି ମାମଲାରେ ସମ୍ପୃକ୍ତ ଥିବା ମୋଟ ୮ଜଣ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

OFFICE OF THE PANCHAYAT SAMITI, KOIRA
SUNDARGARH
i-324

Letter No: 2663 Dated:-29.11.2024

TENDER CALL NOTICE No.03 / 2024-25

Sealed Tenders are invited from the interested bidder for the civil work under BDO, Koira of Sundargarh district. The detail of works, eligibility, estimated cost, EMD, cost of tender paper has been uploaded in the district website sundargarh.odisha.gov.in. The bidder should be a " D ,C &B" class contractor. They have to submit the bid document to the undersigned in the address of "office of the B.D.O., Koira At./P.O. Koira, Pin-770048, Dist- Sundargarh (Odisha)" through Registered Post / Speed Post only on or before 20.12.2024 (up to 05.00 P.M.). The sale of tender paper will be from dated 29.11.2024 to 12.122024 in the district website sundargarh.odisha.gov.in. The authority reserves the right to cancel or reject the entire process without assigning any reason thereof. The tender will be opened on dated 23.12.2024 at 11.00 A.M in the office of the undersigned in the presence of the bidders or his/her representatives.

Yours faithfully
Sd/- Block Development Officer
Koira

OIPR 19431/11/0001/2425

Government of Odisha
OFFICE OF THE CHIEF CONSTRUCTION ENGINEER
CUTTACK (R&B) CIRCLE, CUTTACK
( 'e' – PROCUREMENT NOTICE )
E-mail.ID-sectcrb_2006@yahoo.co.in
Tel/Fax – 0671-2301751/2302751
B-694

Bid Identification No.CCE.Ctc.(R&B) 11 /2024-25.

1. The Chief Construction Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Bridge works as mentioned below.
2. No. of work :- 03 Nos.
3. Nature of work :- Bridge works
4. Class of contractor :- 'B', & 'A' Class.
5. Tender paper cost :- Rs.10000/- (online)
6. Available of bid document in the web site. :- From 07.12.2024 to 17.30 Hours of 21.12.2024
7. Date of opening of bid :- Dt.23.12.2024 at 11.00 Hours.
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said web site.

Sd/-Chief Construction Engineer
Cuttack(R&B)Circle

OIPR 34012/11/0014/2425

OFFICE OF THE NOTIFIED AREA COUNCIL, KODALA
Odisha, Pin -761032, e-Mail: - nackodala@gmail.com
C-1140

Lt. No. 4183 / Dev / 2024 Dated:- 29 /11/2024

e- NOTICE

BID IDENTIFICATION No.KOD-NAC-03/2024-25

The Executive Officer, NAC, Kodala, on behalf of Governor of Odisha invites for consultancy or bidders of eligible class registered with the State Govt. and bidders of equivalent grade/ class registered with central Govt./ MES/Railways according to norm of e-procurement system in online mode for the work as per DTCN.

1. Name of the Work :- REQUEST FOR PROPOSAL (RFP)
2. Number of Work :- 01Nos.
3. Estimated cost :- As per DTCN
4. Period of Completion :- As per DTCN
5. Date and Time of availability of Bid Document in the Portal :- From 10.00AM of Dt. 02/12/2024 to 5.00PM of Dt. 19/12/2024
6. Last date and time for receipt of Bid in the Portal :- 5.00PM of Dt. 19/12/2024
7. The bid received online shall be opened on 12.30 PM of dtd. 20/12/2024
8. Name and Address of the Officer inviting Bid: Executive Officer, NAC, Kodala.

Further details can be seen from the Procurement Portal: www.tendersorissa.gov.in

Executive Officer,
Kodala NAC

OIPR 13203/11/0017/2425

GOVERNMENT OF ODISHA
OFFICE OF THE SUPERINTENDING ENGINEER, GANJAM [R&B] DIVISION NO.II, BERHAMPUR
Phone/Fax: 0680-2233996, e-mail: sernb2.ganjam@gmail.com
INVITATION FOR BIDS (IFB) [e-Procurement]
B-702

TENDER CALL NOTICE

Bid Identification No. SC (R&B)-GM-II-12/2024-25 No. 9772 Dated.28.11.2024

1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in single cover system to be received in **ONLINE MODE** only for the work as detailed below:
2) Nature of Work : Electrical work
3) No. of work : 01 No.
4) Tender Cost : Rs.6,000/-
5) Class of Contractor : MV/ HT / Supplier Licensed / Authorized Dealer
6) Availability of bid documents in the website : From 05.12.2024 10.00 AM to 18.12.2024 4.00 P.M.
7) Date of opening of Bid : 19.12.2024 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in

(Sd/- S. Patel)
Superintending Engineer
Ganjam (R&B) Division No.II

OIPR 34080/11/0007/2425

OFFICE OF THE EXECUTIVE ENGINEER,
RWS&S DIVISION, KENDRAPARA.
At : Ichhapur, Post : Shree Baladevjew, Email: eerwsskendrapara@gmail.com
O-744

INVITATIONS FOR BIDS (IFB) [e-Procurement]
Bid Identification No. RWS/ 38 /2024-25

Letter No. 5562 / Dated 28/11 /2024

| | | |
|---|---|---|
| 1 | The Executive Engineer, RWS&S Division, Kendrapara on behalf of Governor of Odisha invites percentage bid in **SINGLE** cover system in **ONLINE MODE** from eligible **Electrical** contractors for **External electrification** works of different Rural Piped Water Supply Schemes in Kendrapara District. | |
| 2 | Name of the work | : External electrification works RWSS point of PWS Scheme to Balabhadrapur under Derabish Block in Kendrapara district. |
| 3 | No. of Work | : **01 No. (One) only** |
| 4 | Value of the Work | : **₹ 11.11 Lakhs** |
| 5 | Concerned tender inviting authority | : **Executive Engineer, RWS&S Division, Kendrapara** |
| 6 | Cost of Bid documents (Rs.) (Online) | : ₹ 6000/- |
| 7 | Cost of EMD @ 1% (Online) | : ₹ 11200/- |
| 8 | Class of Bidder | : **" HT"** |
| 9 | Period of Completion | : **30 days** |
| 10 | Availability of bid documents in the website | : **From date. 02.12.2024 at 10.00 A.M to date. 11.12.2024 till 5.30 P.M** |
| 11 | Last Date & Time of seeking tender clarification | Up to **04.12.2024 up to 5.30 P.M** |
| 12 | Date of Opening of Bid | : **12.12.2024 at 11.00 A.M onwards** |

The bidders have to participate in the tender through **ONLINE** bidding only. Further details can be had from the website i.e http://tendersodisha.gov.in. The bid shall be accompanied with valid Contractor Registration Certificate, PAN, GST, No relation certificate in Schedule-A, Affidavit in support of authenticity of documents in Schedule-F and information regarding current litigation in Schedule-E.
Subsequent corrigendum / addendum if required shall only be appeared in the above website.

Sd/- Executive Engineer
RWS&S Division, Kendrapara

OIPR 25004/11/0017/2425




ନୂଆଦିଲ୍ଲୀ: ଗୋଟିଏ ପରେ ଗୋଟିଏ ନିର୍ବାଚନରେ ବ୍ୟାପକ ପରାଜୟ ପରେ କଂଗ୍ରେସ ନିର୍ବାଚନ ଫଳାଫଳରେ ଅନିୟମିତତା ହୋଇଥିବା ଅଭିଯୋଗ କରିଛି। ନିର୍ବାଚନ ଆୟୋଗ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। କଂଗ୍ରେସର ପ୍ରଶ୍ନର ଉତ୍ତର ଦେବାବେଳେ ଆୟୋଗ କହିଛନ୍ତି ଯେ କୌଣସି ଅନିୟମିତତା ହୋଇନାହିଁ। ସେ କହିଛନ୍ତି ଯେ ସମଗ୍ର ନିର୍ବାଚନ ପ୍ରକ୍ରିୟା ସ୍ୱଚ୍ଛ ଭାବେ କରାଯାଇଥିଲା। ନିର୍ବାଚନ ଆୟୋଗ କଂଗ୍ରେସ ପ୍ରତିନିଧୀଙ୍କୁ ୩ ଡିସେମ୍ବରରେ ଭେଟିବାକୁ ସମୟ ଦେଇଛନ୍ତି। ଏହା ଦ୍ୱାରା ଉଠାଯାଇଥିବା ସମସ୍ତ ପ୍ରଶ୍ନର ସମୀକ୍ଷା ପାଇଁ ଆୟୋଗ କଂଗ୍ରେସକୁ ନିଶ୍ଚିତ କରିଛନ୍ତି। କଂଗ୍ରେସ ପ୍ରତିନିଧିଙ୍କୁ ଭେଟିବା ପରେ ଆୟୋଗ କଂଗ୍ରେସ ଉଠାଇଥିବା ପ୍ରସଙ୍ଗରେ ବିସ୍ତୃତ ଭାବେ ଜବାବ ଦେବେ। ନିର୍ବାଚନ ଆୟୋଗଙ୍କୁ ଭେଟିବା ପାଇଁ କଂଗ୍ରେସ ଏକ ସମୟ ମାଗିଥିଲା। ମହାରାଷ୍ଟ୍ର କଂଗ୍ରେସ ସଭାପତି ନାନା ପାଟୋଲେ, ମୁକୁଲ ୱାସନିକ ଏବଂ ରମେଶ ଚେନ୍ନିଥାଲା ପଧ ୧୨ ପୃଷ୍ଠାର ସ୍ମାରକପତ୍ର ଦେଇଛନ୍ତି। ଦଳ ଦ୍ୱାରା ଦାଖଲ ହୋଇଥିବା ସ୍ମାରକପତ୍ରରେ ମତଦାନ ଦିନ ଭୋଟ ପ୍ରତିଶତ ସଂଖ୍ୟାକୁ ଠକିବା, ଭୋଟର ତାଲିକାରୁ ହଜାରେ ନାମ ହଟାଇବା ଏବଂ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ୧୦ ହଜାର ନୂତନ ଭୋଟରଙ୍କ ନାମ ଯୋଡିବା ଅଭିଯୋଗ ହୋଇଛି।

### ଜାମା ମସଜିଦ୍ ସର୍ଭେ ବିବାଦ

## ଡିସେମ୍ବର ୧୦ ଯାଏ ସମ୍ଭଲକୁ ପ୍ରବେଶ ବାରଣ



ନୂଆଦିଲ୍ଲୀ: ସମାଜବାଦୀ ପାର୍ଟି ନେତାଙ୍କ ଗସ୍ତ ସମୟରେ ଉତ୍ତରପ୍ରଦେଶ ସମ୍ଭଲରେ ପ୍ରବେଶ ବାରଣ। ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ଶନିବାରଠାରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ବାହାର ଲୋକଙ୍କ ପ୍ରବେଶକୁ ନିଷିଦ୍ଧ କରିଛନ୍ତି। ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ପ୍ରକାଶ ପାଇଥିବା ବିବୃତିରେ କୁହାଯାଇଛି ଯେ କୌଣସି ବାହାର ଲୋକ, ସାମାଜିକ ସଂଗଠନ କିମ୍ବା କୌଣସି ଜନ ପ୍ରତିନିଧୀ ଡିସେମ୍ବର ୧୦ ପର୍ଯ୍ୟନ୍ତ ଦକ୍ଷ ଅଧିକାରୀଙ୍କ ଅନୁମତି ନ ନେଇ ଜିଲ୍ଲାର ସୀମାରେ ପ୍ରବେଶ କରିପାରିବେ ନାହିଁ। ସୂଚନା ଅନୁସାରେ, ଗତକାଲି ସମାଜବାଦୀ ପାର୍ଟିର ୧୫ ଜଣିଆ ପ୍ରତିନିଧି ଦଳ ସମ୍ଭଲ ଯାଇ ଶାହି ଜାମା ମସଜିଦ କମ୍ପ୍ଲେକ୍ସରେ ସର୍ଭେକୁ ନେଇ ହୋଇଥିବା ହିଂସା ବାବଦରେ ପଚାରି ବୁଝିଥିଲେ। ଏହାପରେ ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ପ୍ରବେଶ ନିଷିଦ୍ଧ କରାଯାଇଛି। ପ୍ରକାଶଥାଉ କି, ଶାହି ଜାମା ମସଜିଦ କମ୍ପ୍ଲେକ୍ସରେ ସର୍ଭେକୁ ନେଇ ବିବାଦ ସୃଷ୍ଟି ହୋଇଛି। ମସଜିଦ ହିନ୍ଦୁ ମନ୍ଦିରକୁ ଭାଙ୍ଗିଯାଇ ନିର୍ମାଣ ହୋଇଥିବା ଦାବି ଉଠିବା ପରେ ଟ୍ରାଏଲ କୋର୍ଟ ଏକ ଆବେଦନ କ୍ରମେ ସର୍ଭେ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ଏପରି ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି ଯେ ୫ ଜଣ ଲୋକଙ୍କ ମୃତ୍ୟୁ ଘଟିଲାଣି। ମସଜିଦ କମିଟିର ଆବେଦନ କ୍ରମେ ଗତକାଲି ସୁପ୍ରିମକୋର୍ଟ ଏ ଉପରେ ଏକ ଶୁଣାଣି କରି ସର୍ଭେକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ମସଜିଦ କମିଟି ହାଇକୋର୍ଟଙ୍କ ଦ୍ୱାରସ୍ତ ନ ହେବା ପର୍ଯ୍ୟନ୍ତ ଟ୍ରାଏଲ କୋର୍ଟ ପରବର୍ତ୍ତୀ ନିର୍ଦ୍ଦେଶନାମା ଜାରି କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ମଝି ନଦୀରେ ଓଲଟିଲା ଡ଼ଙ୍ଗା: ୨୭ ମୃତ



ନୂଆଦିଲ୍ଲୀ: ମଝି ନଦୀରେ ଓଲିଟିଲା ଯାତ୍ରୀବାହୀ ଡଙ୍ଗା। ଚାଲିଗଲା ୨୭ ଜଣଙ୍କ ଜୀବନ। ସେହିପରି ଅନେକ ଏବେବି ନିଖୋଜ ଅଛନ୍ତି। ତେବେ ଡଙ୍ଗାଟି କିଭିଳି ବୁଡ଼ିଲା ସେନେଇ କୌଣସି ସୂଚନା ନାହିଁ। ଉତ୍ତର ନାଇଜେରିଆର ନାଇଜର ନଦୀରେ ଘଟିଛି ଏଭଳି କିଛି ଦୁର୍ଘଟଣା। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସୂଚନା ମୁତାବକ, ନିଖୋଜଙ୍କ ମଧ୍ୟରେ ଅଧିକାଂଶ ମହିଳା ଅଛନ୍ତି। ଡଙ୍ଗାଟି କୋଗି ରାଜ୍ୟରୁ ନାଇଜର ରାଜ୍ୟର ଏକ ଫୁଡ୍ ମାର୍କେଟକୁ ଯାଉଥିଲା। ଏହି ସମୟରେ ଦୁର୍ଘଟଣା ଘଟିଛି। ଡଙ୍ଗାରେ ପ୍ରାୟ ୨୦୦ ଲୋକ ଥିଲେ। ଅଧିକାଂଶ ଖାଦ୍ୟ ବ୍ୟବସାୟୀ ଥିଲେ। ନାଇଜର ରାଜ୍ୟ ଜରୁରିକାଳୀନ ପରିଚାଳନା ଏଜେନ୍ସିର ମୁଖପାତ୍ର ଇବ୍ରାହିମ ଅଡୁଙ୍କ ଅନୁଯାୟୀ ଉଦ୍ଧାର କର୍ମଚାରୀମାନେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ୨୭ଟି ମୃତଦେହ ଉଦ୍ଧାର କରିଛନ୍ତି। କୋଗି ରାଜ୍ୟ ଜରୁରିକାଳୀନ ସେବା ମୁଖପାତ୍ର ସେଣ୍ଡ୍ରା ମୁସା କହିଛନ୍ତି ଯେ, ଏହି ଦୁର୍ଘଟଣାରେ ଏବେବି ଆହୁରି ଅନେକ ଲୋକ ନିଖୋଜ ଅଛନ୍ତି । ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଘଟଣାକୁ ୧୨ ଘଣ୍ଟା ବିତି ଯାଇଥିଲେ ସୁଦ୍ଧା ଏବେବି ଅନ୍ୟ କାହାର ପତ୍ତା ମିଳିନାହିଁ। ଡଙ୍ଗାରେ ଅଧିକାଂଶ ବ୍ୟବାସୟୀ ଥିଲେ। ଏମାନେ ଲାଇଫ୍ ଜ୍ୟାକେଟ୍ ପିନ୍ଧିନଥିଲେ। ତେଣୁ ମୃତ୍ୟୁସଂଖ୍ୟା ଆଗକୁ ଆହୁରି ବଢ଼ିପାରେ ବୋଲି ଅଶଙ୍କା କରାଯାଉଛି। ଏହି ଦୁର୍ଘଟଣାର କାରଣ ସରକାରୀ ଭାବେ ଜଣାପଡିନାହିଁ, କିନ୍ତୁ ସ୍ଥାନୀୟ ଗଣମାଧ୍ୟମ ଅନୁଯାୟୀ ଡଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡିଥିବା କୁହାଯାଉଛି। ନାଇଜେରିଆର ଦୁର୍ଗମ ଅଞ୍ଚଳରେ ସଡକ ସୁବିଧା ଅଭାବରୁ ଲୋକମାନେ ପ୍ରାୟତଃ ଜଳପଥ ବ୍ୟବହାର କରନ୍ତି, ଯାହାଫଳରେ ଡଙ୍ଗାରେ ଅଧିକ ଭିଡ ହୋଇଥାଏ। ଏଥିଲାଗି ଅନେକ ସମୟରେ ଦୁର୍ଘଟଣା ଘଟେ।

## ମଣିପୁରରେ ଥାନା ଓ ବିଧାୟକଙ୍କ ବାସଭବନ ଜଳାପୋଡ଼ା ଘଟଣା: ୮ ଗିରଫ



ଇମ୍ଫାଲ: ମଣିପୁରରେ ଜାତିଗତ ବିବାଦ ଏବଂ ହିଂସା ଥମିବାର ନାଁ ଧରୁନି। ରାଜ୍ୟରେ ସାମ୍ପ୍ରତିକ ହିଂସା ମଧ୍ୟରେ ଥାନା ଏବଂ ବିଧାୟକଙ୍କ ବାସଭବନ ଉପରେ ଆକ୍ରମଣ ଅଭିଯୋଗରେ ୮ ଜଣଙ୍କୁ ଗିରଫ କରାଯାଇଥିବା ଶନିବାର ଏକ ବିବୃତ୍ତିରେ କହିଛି ପୋଲିସ। ରାଜ୍ୟରେ ଏକାଧିକ ହିଂସାତ୍ମକ ଘଟଣାରେ ଏହି ୮ ଅଭିଯୁକ୍ତଙ୍କ ସଂପୃକ୍ତି ଥିବା ପୁଲିସ କହିଛି। ଅଭିଯୁକ୍ତଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ପୋଲିସ ସୂଚନା ଦେଇଛି। ସୂଚନା ଅନୁସାରେ, ଗତ ନଭେମ୍ବର ୨୮ରେ ଇମ୍ଫାଲ ପଶ୍ଚିମ ଜିଲ୍ଲାର ପାଟସୋଇ ଥାନା ଅଞ୍ଚଳର ଚୋଙ୍ଗଥମ ଥୋଇଚା (୨୦)ଙ୍କୁ ଗିରଫ କରାଯାଇଛି। ଗତ ନଭେମ୍ବର ୧୬ରେ ହୋଇଥିବା ହିଂସାରେ ନିର୍ବାଚିତ ପ୍ରତିନିଧିଙ୍କ ସମ୍ପତ୍ତି ଜାଳିଦେବା ଅଭିଯୋଗରେ ଥୋଇଚାଙ୍କୁ ଗିରଫ କରାଯାଇଛି। ପୋଲିସ କହିଛି ଯେ ଏହି ଆକ୍ରମଣ ପରେ ସେହି ଅଞ୍ଚଳରେ ଉତ୍ତେଜନା ବଢ଼ିଥିଲା। ଏହା ବ୍ୟତୀତ ନଭେମ୍ବର ୨୭ରେ, କାକଚିଙ୍ଗ୍ ଥାନା ଏବଂ ଏହାର ଅଧିକାରୀଙ୍କ ଉପରେ ହୋଇଥିବା ଆକ୍ରମଣରେ ସଂପୃକ୍ତ ଥିବା ୭ ଜଣଙ୍କୁ ଗିରଫ କରାଯାଇଛି। ଏହି ହିଂସାତ୍ମକ ଆକ୍ରମଣ ସ୍ଥାନୀୟ ସମ୍ପ୍ରଦାୟ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ବ୍ୟାପକ ସଂଘର୍ଷର ଏକ ଅଂଶ ବୋଲି ପୋଲିସ କହିଛି। ପ୍ରକାଶ ଥାଉ କି, ମଣିପୁରରେ ମେତେଇ ସମ୍ପ୍ରଦାୟ ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ବିବାଦ ଆରମ୍ଭ ହେବା ପରଠୁ ରାଜ୍ୟରେ ହିଂସା ପ୍ରାୟ ଦେଢ଼ବର୍ଷରୁ ଅଧିକ ସମୟ ହେବ ଜାରି ରହିଛି। ଏହି ହିଂସାରେ ୨୫୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ହଜାର ହଜାର ଲୋକ ବାସହୀନ ହୋଇଯାଇଛନ୍ତି। ତେବେ ନଭେମ୍ବର ମାସ ଦ୍ୱିତୀୟ ସପ୍ତାହରେ ମେତେଇ ସଂପ୍ରଦାୟର ଗୋଟିଏ ପରିବାରର ୬ ଜଣଙ୍କୁ ଜିରିବାମ ଜିଲ୍ଲାରୁ ଉଗ୍ରବାଦୀ ଅପହରଣ କରିନେଇଥିଲେ। ପରେ ସେମାନଙ୍କ ମୃତଦେହ ମିଳିଥିଲା। ଯାହାପରେ ରାଜ୍ୟରେ ସ୍ଥିତି ପୁଣି ବେକାବୁ ହେବାରେ ଲାଗିଛି।

### ୨୦୩୦ ସୁଦ୍ଧା ହରିଆଣାକୁ ପ୍ରଦୂଷଣମୁକ୍ତ କରିବା ସରକାରଙ୍କ ଲକ୍ଷ୍ୟ

## ୩୬୦୦ କୋଟି ସହାୟତା ଦେବ ବିଶ୍ୱବ୍ୟାଙ୍କ



ଚଣ୍ଡୀଗଡ଼: ସମ୍ପ୍ରତି ପ୍ରଦୂଷଣକୁ ନେଇ ସାରା ବିଶ୍ୱ ଚିନ୍ତାପ୍ରକଟ କରୁଛି । ଏହାର ନିରାକରଣ ପାଇଁ ବିଭିନ୍ନ ସମୟରେ ମଧ୍ୟରେ ମାନସ ମନ୍ଥନ କରାଯାଉଛି । ତେବେ ହରିଆଣାକୁ ସମ୍ପୂର୍ଣ୍ଣ ଭାବେ ୨୦୩୦ ସୁଦ୍ଧା ପ୍ରଦୂଷଣମୁକ୍ତ କରିବା ପାଇଁ ନାଏବ ସିଂ ସଇନି ସରକାର ଲକ୍ଷ୍ୟ ରଖିଛନ୍ତି । ହରିଆଣାର ଗୁରୁଗ୍ରାମ୍, ଫରିଦାବାଦ ଏବଂ ସୋନିପତରେ ଇଲେକ୍ଟ୍ରି ବସ୍ ଚଳାଇବା ପାଇଁ ଯୋଜନା କରାଯାଉଛି । ଯେଉଁ ଅଞ୍ଚଳରେ ଏନ୍‌ସିଆର ଆସୁଛି ସେହି ଅଞ୍ଚଳରେ ସ୍ୱଚ୍ଛ ବାୟୁ ଯୋଗାଇ ଦେବା ପାଇଁ ପ୍ରୋତ୍ସାହିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ସଡ଼କ ଉପରେ ଯେପରି ଧୂଳି ନ ରହିବ କି ଧୂଳି ଉଡିବ ସେହି ସ୍ତରରେ ସଡ଼କ ନିର୍ମାଣ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ଏଥିପାଇଁ ହରିଆଣା ସରକାରଙ୍କ ପକ୍ଷରୁ ବିଶ୍ୱବ୍ୟାଙ୍କର ଅଧିକାରୀଙ୍କ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଯେଉଁ ବୈଠକରେ ବଢୁଥିବା ପ୍ରଦୂଷଣ ସ୍ତରକୁ କମାଇବା ପାଇଁ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଏକ୍ଷେତ୍ରରେ ହରିଆଣା ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇଦେବେ ବୋଲି କହିଛନ୍ତି । ସଚେତନତା ସୃଷ୍ଟି କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଏପରିକି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ବନାଇବା ପାଇଁ ପରାମର୍ଶ ଦିଆଯାଇଛି । ରାଜ୍ୟ ପ୍ରଦୂଷଣ ନିରାକରଣ ମନ୍ତ୍ରୀ ରାଓ ନରବିର ସିଂ ଏବଂ ମୁଖ୍ୟମନ୍ତ୍ରୀ ନାଏବ ସିଂ ସଇନିଙ୍କ ଅଧ୍ୟକ୍ଷତାରେ ହରିଆଣାକୁ ପ୍ରଦୂଷଣମୁକ୍ତ କରିବା ପାଇଁ ବୈଠକରେ ବିଚାରବିମର୍ଶ କରାଯାଇଛି । ଏଥିପାଇଁ ବିଶ୍ୱବ୍ୟାଙ୍କ ୩ହଜାର ୬୦୦ କୋଟି ସହାୟତା ଯୋଗାଇଦେବ ବୋଲି ପ୍ରତିଶ୍ରୁତି ଦେଇଛି ।

## ଶେଷ ହେବ ଋଷିଆ-ୟୁକ୍ରେନ୍ ଯୁଦ୍ଧ !

ୱାଶିଂଟନ: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅବସରପ୍ରାପ୍ତ ତିନି ତାରକା ଜେନେରାଲ କିଥ୍ କେଲୋଗ୍‌ଙ୍କୁ ୟୁକ୍ରେନ ଏବଂ ରୁଷିଆ ବିବାଦ ଶେଷ ପାଇଁ ତାଙ୍କର ବିଶେଷ ଦୂତ ଭାବରେ ଚୟନ କରିଛନ୍ତି। ୮୦ ବର୍ଷ ବୟସ୍କ କିଥ କେଲୋଗ୍ ଦୀର୍ଘବର୍ଷ ଧରି ପ୍ରତିରକ୍ଷା ପ୍ରସଙ୍ଗରେ ଟ୍ରମ୍ପଙ୍କ ସର୍ବୋଚ୍ଚ ପରାମର୍ଶଦାତା ଭାବରେ କାର୍ଯ୍ୟ କରିଆସୁଛନ୍ତି। ଆମେରିକାର ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଥିବା କିଥ ୟୁକ୍ରେନ ଏବଂ ରୁଷିଆର ଏକ ସ୍ୱତନ୍ତ୍ର ଦୂତ ଭାବରେ ଦୁଇଦେଶ ମଧ୍ୟରେ ଚାଲିଆସୁଥିବା ଯୁଦ୍ଧକୁ ସମାପ୍ତ କରିବା ପାଇଁ ଏକ ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି। ୟୁକ୍ରେନ ଯୁଦ୍ଧକୁ ସମାପ୍ତ କରିବାକୁ ଆମେରିକା ନିର୍ବାଚନରେ ଘୋଷଣା କରିଥିବା ଟ୍ରମ୍ପଙ୍କ ପ୍ରତିଶ୍ରୁତି ପୂରଣ କରିବା ପାଇଁ ତାଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏନେଇ କିଥଙ୍କର ଏକ ସ୍ୱତନ୍ତ୍ର ଯୋଜନା ରହିଛି। ସିଏନ୍‌ଏନ୍ ରିପୋର୍ଟ ଅନୁଯାୟୀ, ଏହି ନିଯୁକ୍ତି ସହ ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନ ଯୁଦ୍ଧକୁ ଶେଷ କରିବା ପାଇଁ କେଲୋଗଙ୍କ ଶାନ୍ତି ଯୋଜନା ମଧ୍ୟ ଗ୍ରହଣ କରିଛନ୍ତି। ତାଙ୍କ ଯୋଜନାରେ ଅସ୍ତ୍ରବିରତି, ବୁଝାମଣା ଏବଂ ୟୁକ୍ରେନକୁ ସାମରିକ ସହାୟତାରେ ପରିବର୍ତ୍ତନ ଅନ୍ତର୍ଭୁକ୍ତ। ତଥାପି ଏହି ଯୋଜନା ସହଜ ନୁହେଁ ବୋଲ ବିଶେଷଜ୍ଞମାନଙ୍କ ପକ୍ଷରୁ କୁହାଯାଉଛି। ଏଥିରେ ଅନେକ ଆହ୍ୱାନ ରହିଛି। ଯେଉଁଥିରେ ରୁଷିଆର ଦାବିକୁ ସାମ୍ନା କରିବା ଏବଂ ପଶ୍ଚିମ ଦେଶମାନଙ୍କ ମଧ୍ୟରେ ଏକତା ବଜାୟ ରଖିବା ଭଳି ପ୍ରଶ୍ନ ମଧ୍ୟ ରହିଛି। ଆମେରିକାର ପ୍ରଥମ ପଲିସି ଇନଷ୍ଟିଚ୍ୟୁଟ୍ ପାଇଁ ଲେଖିଥିବା ରିପୋର୍ଟରେ ଜେନେରାଲ କିଥ କେଲୋଗ୍ ତାଙ୍କର ଶାନ୍ତି ଯୋଜନା ବିଷୟରେ ବିସ୍ତୃତ ବିବରଣୀ ଦେଇଛନ୍ତି। ଯେଉଁଥିରେ ସେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବନ୍ଦ କରିବାକୁ ଆଶାବ୍ୟକ୍ତ କରିଛନ୍ତି।

## ଛତିଶଗଡ଼ର ୪ ସହରରେ ଚାଲିବ ଇ-ବସ୍: ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ର ୪ ସହର ରାୟପୁର, ବିଳାସପୁର, ଦୁର୍ଗ-ଭିଲାଇ ଏବଂ କୋରବା ସହରରେ ନାଗିରକମାନଙ୍କ ସୁବିଧା ପାଇଁ ଇକୋ ଫ୍ରେଣ୍ଡଲୀ ଇ-ବସ୍ ଚଳାଚଳ କରିବ । ଫଳରେ ପରିବହନ କ୍ଷେତ୍ରରେ ଯାତ୍ରୀମାନେ ସୁବିଧା ପାଇପାରିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇ-ବସ୍ ସେବା ଯୋଜନାରେ ଏହି ଚାରୋଟି ସହରରେ ୨୪୦ଟି ଇ-ବସ୍ ଚଳାଚଳ କରିବ । ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ରାୟପୁର ପାଇଁ ୧୦୦ ବସର ବ୍ୟବସ୍ଥା କରୁଥିବା ବେଳେ ବିଳାସପୁର ୫୦, ଦୁର୍ଗ ଓ ଭିଲାଇ ପାଇଁ ୫୦ ଏବଂ କୋରବା ପାଇଁ ୪୦ଟି ବସ୍‌ର ବ୍ୟବସ୍ଥା କରିଛନ୍ତି । ଏଥିପାଇଁ ଏକ ନୋଡାଲ ଏଜେନ୍ସି କାର୍ଯ୍ୟ କରିବ ବୋଲି ଶ୍ରୀ ସାଏ ସୂଚନା ଦେଇଛନ୍ତି । ଶ୍ରୀ ସାଏ ଆହୁରି କହିଥିଲେ ଯେ, ଏହି ବସ୍ ଚଳାଚଳ ଦ୍ୱାରା କମ୍ ପରିମାଣର ଅଙ୍ଗାରକାମ୍ଳ ଉତ୍ପନ୍ନ ହେବ ଏବଂ ବାୟୁର ଗୁଣବତ୍ତାରେ ସୁଧାର ଆସିବ । ସେହିପରି ପରିବେଶ ପ୍ରଦୂଷଣରୁ ସହରଗୁଡ଼ିକୁ ରକ୍ଷା କରାଯାଇପାରିବ । ଏହିସବୁ ସହର ଗୁଡ଼ିକରେ ମେଟ୍ରୋର ବିକଳ୍ପ ଭାବେ ଏହି ଇ-ବସ୍ ଚଳାଚଳ କରିବ । ଏହି ଅବସରରେ ନଗର ପ୍ରଶାସନ, ବିକାଶ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ଅରୁଣ ସାଏ କହିଥିଲେ ଯେ, ଚାରୋଟି ସହରରେ ସର୍ବସାଧାରଣଙ୍କ ଯାତ୍ରାକୁ ସୁଗମ କରିବା ସହ ପରିବେଶ ପ୍ରଦୂଷଣରୁ କିପରି ସହରଗୁଡ଼ିକୁ ରକ୍ଷା କରାଯାଇପାରିବ ସେ ନେଇ ଯୋଜନା ପ୍ରସ୍ତୁତ ହୋଇଛି । ସେ ଆହୁରି କହିଥିଲେ ଯେ, ସଡ଼କ ଗୁଡ଼ିକରେ ଇ-ବସ୍ ଚଳାଚଳ ଫଳରେ ପ୍ରତି ୫ ମିନିଟ୍‌ରେ ଲୋକମାନେ ଯାତ୍ରାର ସୁବିଧା ପାଇପାରିବେ । ଏଥିପାଇଁ ଭିତ୍ତିଭୂମି ପ୍ରସ୍ତୁତ ନିମନ୍ତେ ୬୭କୋଟି ୪୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ନଗର ପ୍ରଶାସନ ଏବଂ ବିକାଶ ବିଭାଗ ସହ ରାଜ୍ୟ ସହରୀ ବିକାଶ ଅଧିଗ୍ରହଣ ମିଳିତ ଭାବେ ଏହି ବସ୍‌ସେବାର ସଞ୍ଚାଳନ କରିବେ । ରାୟପୁରରେ ବସ୍‌ସେବା ଆରମ୍ଭ କରିବା ପାଇଁ ବସ୍ ଡିପୋ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଏଥିପାଇଁ ୧୪କୋଟି ୩୩ ଲକ୍ଷ ଟଙ୍କା ପ୍ରଶାସନିକ ବ୍ୟୟ ମଞ୍ଜୁରି କରାଯାଇଛି ।

# ବାଣିଜ୍ୟ




ମୁମ୍ବାଇ: ଅଗ୍ରଣୀ ଭାରତୀୟ ସ୍ମାର୍ଟଫୋନ୍ ନିର୍ମାତା ଲାଭା ଇଣ୍ଟରନ୍ୟାସନାଲ୍ ଲିମିଟେଡ୍, ୟୁଭା ସିରିଜରେ ଏହାର ନୂଆ ମଡେଲ ୟୁଭା-୪ର ଉନ୍ମୋଚନ କରିଛି। ୬,୯୯୯ ଟଙ୍କାର ଆକର୍ଷଣୀୟ ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ୟୁଭା-୪ ପାୱାର ପରଫର୍ମାନ୍ସ, ସୁନ୍ଦର ଡିଜାଇନ୍ ଏବଂ ଏକ ଲଗ୍ ଫ୍ରି ଅନୁଭୂତି ପ୍ରଦାନ କରୁଛି। ନୂଆ ୟୁଭା ୪, ୪+୬୪ଜିବି ଏବଂ ୪+୧୨୮ଜିବି ଭଳି ଦୁଇଟି ଭାରିଆଂଟରେ ନଭେମ୍ବର ୨୦୨୪ ରୁ ଲାଭାର ରିଟେଲ ଆଉଟଲେଟରେ ଉପଲବ୍ଧ ରହିଛି। ଲାଭାର ଲାଇନଅପ୍‌ରେ ଏହି ସଦ୍ୟତମ ସଂଯୋଗ ୟୁଏନ୍‌ଆଇଏସ୍‌ଓସି ଟି୬୦୬ ଚିପ୍ ସେଟ୍ ଦ୍ୱାରା ପରିଚାଳିତ ହେବ ଏବଂ ଏହା ତିନୋଟି ଆକର୍ଷଣୀୟ ରଙ୍ଗ ଭାରିଆ୍ଟ ଯଥା ଗ୍ଲସି ହ୍ୱାଇଟ୍, ଗ୍ଲସି ପର୍ପଲ୍ ଏବଂ ଗ୍ଲସି ବ୍ଲାକରେ ଉପଲବ୍ଧ ହେବ। ଏହି ଅବସରରେ ଲାଭା ଇଂଟରନ୍ୟାସନାଲ ଲିମିଟେଡ୍‌ର ପ୍ରଡକ୍ଟ ମୁଖ୍ୟ ସୁମିତ ସିଂହ କହିଛନ୍ତି, ନ୍ତୟୁଭା ସିରିଜ୍ ଆମର ସବୁଠାରୁ ଗତିଶୀଳ ଏବଂ ଅଭିଳାଷିତ ସ୍ମାର୍ଟଫୋନ୍‌ରେ ଭାବେ ଉଭା ହୋଇଛି, ଯାହା ଆମ ଗ୍ରାହକଙ୍କ ପାଇଁ ଏଣ୍ଟ୍ରି-ଲେଭଲ ସ୍ମାର୍ଟଫୋନ୍ ଅନୁଭୂତିକୁ ଉନ୍ନତ କରିବା ପାଇଁ ଡିଜାଇନ୍ ହୋଇଛି।

## ଜାତୀୟ ପ୍ରତିଷ୍ଠାନ ଆଇଜରକୁ ଆଲୋକିତ କଲା ଟିପିଏସ୍‌ଓଡିଏଲ୍



ବ୍ରହ୍ମପୁର(ଭାସ୍କର ନ୍ୟୁଜ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ବ୍ରହ୍ମପୁର ସ୍ଥିତ ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ(ଆଇଜର୍)କୁ ସ୍ୱତନ୍ତ୍ର ଭାବେ ୩୩ କେଭି ବିଦ୍ୟୁତ ଲାଇନ୍ ସଂଯୋଗ କରାଯାଇଛି । ଏହି ପଦକ୍ଷେପ ଦ୍ୱାରା ଭାରତର ଶିକ୍ଷା ଏବଂ ଗବେଷଣାକୁ ସୁଦୃଢ଼ କରିବା ଦିଗରେ କମ୍ପାନୀ ଭାଗୀଦାର ହୋଇପାରିଛି। ଏହା ବିଜ୍ଞାନ ଏବଂ ଗବେଷଣା କ୍ଷେତ୍ରରେ ଭାରତର ଭବିଷ୍ୟତ ନିର୍ମାଣ କରୁଥିବା ଆଇଜର ଭଳି ଜାତୀୟ ସଂସ୍ଥାକୁ ଭରସାଯୋଗ୍ୟ ବିଦ୍ୟୁତ ସେବା ଯୋଗାଇବା ଦିଗରେ ଟିପିଏସ୍‌ଓଡିଏଲର ପ୍ରତିବଦ୍ଧତାକୁ ଦର୍ଶାଉଛି। ବଙ୍ଗୋପସାଗର କୂଳରେ ଗାରମପେଟା ବେଳାଭୂମିଠାରୁ ମାତ୍ର ୧ କିମି ଦୂରରେ ଓଡ଼ିଶାର ଏହି ଏକମାତ୍ର ଆଇଜର ରହିଛି। ଶିକ୍ଷା ମନ୍ତ୍ରାଳୟ ଅଧିନରେ ସାରା ଭାରତରେ ଥିବା ମୋଟ ୭ଟି ଆଇଜର୍ ମଧ୍ୟରେ ବ୍ରହ୍ମପୁର ଆଇଜର୍ ଅନ୍ୟତମ। ଗଞ୍ଜାମ ଜିଲ୍ଲାର ଲଉଡ଼ିଗାଁଠାରେ ପ୍ରାୟ ୨୦୦ ଏକର ପରିମିତ ଅଞ୍ଚଳରେ ଏହାର ସ୍ଥାୟୀ କ୍ୟାମ୍ପସ ତିଆରି ହୋଇଛି। ଆଇଜର୍ ବ୍ରହ୍ମପୁରରେ ବିଭିନ୍ନ ରାଜ୍ୟର ୮୦୦ରୁ ଅଧିକ ଛାତ୍ରଛାତ୍ରୀ ଏବଂ ୨୫୦ରୁ ଅଧିକ ରିସର୍ଚ୍ଚ ସ୍କଲାର ଅଧ୍ୟୟନ କରୁଛନ୍ତି, ଯାହା ଫଳରେ ଏହି ଅନୁଷ୍ଠାନ ଶିକ୍ଷା ଏବଂ ସାଂସ୍କୃତିକ ବିନିମୟର ଏକ କେନ୍ଦ୍ରସ୍ଥଳୀ ପାଲଟିଛି। ଏ ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ନ୍ତଭାରତର ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଆଇଜର୍ ବ୍ରହ୍ମପୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଏଭଳି ଅନୁଷ୍ଠାନକୁ ଭରସାଯୋଗ୍ୟ ତଥା ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ କରିଥିବାରୁ ଆମେ ଗର୍ବିତ। ଭବିଷ୍ୟତରେ ଏକ ସୁଦୃଢ଼ ଶକ୍ତି କ୍ଷେତ୍ରକୁ ନେଇ ଭାରତର ଭିଜନ୍ ଆଧାରରେ ସଷ୍ଟେନେବଲ୍ ଶକ୍ତି ସମାଧାନ ବିକାଶ କରିବା ଦିଗରେ ଆମେ ପ୍ରତିବଦ୍ଧ।

## କଳାମନ୍ଦିରରେ ଶୀତବସ୍ତ୍ରର ସମ୍ଭାର




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡିଶାର ସର୍ବପୁରାତନ ଏବଂ ବୃହତ୍ ସୋରୁମ୍ ଭୁବନେଶ୍ୱରସ୍ଥିତ କଳାମନ୍ଦିରଠାରେ ସମସ୍ତ ବର୍ଗର ବ୍ୟକ୍ତିବିଶେଷଙ୍କ ପାଇଁ ଶୀତ ବସ୍ତ୍ର ଉପଲବ୍ଧ ରହିଛି। ଏଠାରେ ପୁରୁଷ, ମହିଳା ଏବଂ ଛୋଟ ପିଲାମାନଙ୍କ ପାଇଁ ସମସ୍ତ ପ୍ରକାରର ଶୀତ ବସ୍ତ୍ର ଯେପରିକି ସ୍ୱେଟର, କାଡିଗନ୍, ଜ୍ୟାକେଟ୍, ପୁଲଓଭର, ସାଲ ଓ ଷ୍ଟୋଲ ଆଦି ଅନେକ ପ୍ରକାରର ଶୀତ ବସ୍ତ୍ରର ସମ୍ଭାର ରହିଛି। ଏଠାରେ ସୁଚନା ଯୋଗ୍ୟଯେ, କଳାମନ୍ଦିର ଏହାର ମୂଲ୍ୟ ଏବଂ ଭେରାଇଟି ପାଇଁ ସବୁବେଳେ ଲୋକମାନଙ୍କର ପସନ୍ଦଯୋଗ୍ୟ ହୋଇପାରିଛି। ଏହାର ପରିଚାଳନା ନିର୍ଦ୍ଦେଶକ ରାଜିନ୍ଦର ସିଂ କହିଛନ୍ତି ଯେ, କଳାମନ୍ଦିରରେ ଯେତିକି ଭେରାଇଟିର ଶୀତବସ୍ତ୍ର ରହିଛି ଅନ୍ୟ କୌଣସି ଷ୍ଟୋର୍‌ରେ ମିଳିବା କଷ୍ଟକର।

## ଆର୍‌ଏସ୍‌ପି ପ୍ଲେଟ୍ ମିଲ୍ ବିଭାଗରେ ଲେଜର-ଆଧାରିତ ଧକ୍କା ନିରୋଧୀ ଉପକରଣ ସ୍ଥାପିତ



ରାଉରକେଲା(ଭାସ୍କର ନ୍ୟୁଜ): ଯାନ୍ତ୍ରିକ ଉନ୍ନତିର ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ, ସେଲ ରାଉରକେଲା ଇସ୍ପାତ କାରଖାନାର ପ୍ଲେଟ୍ ମିଲ୍ (ଇଲେକ୍ଟ୍ରିକାଲ୍) ବିଭାଗର ସାମୂହିକଙ୍କ ଦ୍ୱାରା, ଇ ଓ ଟି କ୍ରେନ୍ ନମ୍ବର ୩୨୦ ଏବଂ ୩୨୧ରେ ଲେଜର ଆଧାରିତ ଧକ୍କା ନିରୋଧୀ ଉପକରଣର ସ୍ଥାପନା କାର୍ଯ୍ୟକ୍ଷେତ୍ରର ସୁରକ୍ଷାକୁ ଆହୁରି ଉନ୍ନତ କରିଛି । ପ୍ଲେଟ୍ ମିଲ୍ ବିଭାଗର ପ୍ଲେଟ୍ ସ୍ଥାନାନ୍ତରଣ, ୱାଗନ୍ ଲୋଡିଂ ଏବଂ ରକ୍ଷଣାବେକ୍ଷଣ ଭଳି ଜଟିଳ କାର୍ଯ୍ୟଗୁଡିକ ପରିଚାଳନା କରିବା ଦିଗରେ ନିୟୋଜିତ ଏହି କ୍ରେନ୍ଗୁଡ଼ିକ ବର୍ତ୍ତମାନ ନୂତନ ସ୍ଥାପିତ ଉପକରଣ ଯୋଗୁଁ ସେଗୁଡ଼ିକର କାର୍ଯ୍ୟକ୍ଷମ ସୁରକ୍ଷା ବୃଦ୍ଧି ହୋଇଛି। ଏହି ଅତ୍ୟାଧୁନିକ ଲେଜର-ଆଧାରିତ ଧକ୍କା ନିରୋଧୀ ଉପକରଣ, ୧୦ ମିଟର ପର୍ଯ୍ୟନ୍ତ ନିୟନ୍ତ୍ରିତ ସେନ୍ସିଂ ଦୂରତା ଏବଂ ଇଣ୍ଟିଗ୍ରେଟେଡ୍ ଆଲାର୍ମ ସିଷ୍ଟମ ସହିତ ଅବସ୍ଥିତ ଯାହା ସମ୍ଭାବ୍ୟ ଧକ୍କାର ସଠିକ୍ ଚିହ୍ନଟ ଏବଂ ପ୍ରତିରୋଧକୁ ସୁନିଶ୍ଚିତ କରିବ। ଧକ୍କା ନିରୋଧୀ ଉପକରଣର ସ୍ଥାପନ ଠାରୁ ଆରମ୍ଭ କରି ପୁଙ୍ଖାନୁପୁଙ୍ଖ ପରୀକ୍ଷଣ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପ୍ରକଳ୍ପ ପ୍ଲେଟ୍ ମିଲ୍ (ଇଲେକ୍ଟ୍ରିକାଲ୍) ବିଭାଗର ଜିଏମ୍ ଦୀପ୍ତଙ୍କର ମହାପାତ୍ରଙ୍କ ନେତୃତ୍ୱରେ ତଥା ପ୍ଲେଟ ମିଲ ବିଭାଗର ସିଜିଏମ୍ ଏଡୱି ଓରାମ ଓ ପ୍ଲେଟ ମିଲ ଇଲେକଟ୍ରିକାଲ ବିଭାଗରର ସି ଜିଏମ୍ ଆର୍.କେ ମୁଦୁଲିଙ୍କ ମାର୍ଗଦର୍ଶନ ଏହାର ସଠିକତା ଏବଂ ଦକ୍ଷତା ସହିତ କାର୍ଯ୍ୟକାରୀ କରାଯାଇଥିଲା। ଏହି ପ୍ରକଳ୍ପର କାର୍ଯ୍ୟକାରିତା ନିମନ୍ତେ ପ୍ଲେଟ ମିଲ୍ ଇଲେକଟ୍ରିକାଲ ବିଭାଗର ଡେପୁଟି ମ୍ୟାନେଜର ଡି.କେ ସାହୁ, ଜୁନିଅର ମ୍ୟାନେଜର ବି.ବରିସାଲ, ଏସିଟି ଅନୁରାଗ ଜନସନ ଟପ୍ପୋ ଏବଂ ଏମ୍‌ଓଏମ୍‌ଟି ଟି.ପି ପାଟୁଆ ସେମାନଙ୍କର ଅତୁଳନୀୟ ଉତ୍ସର୍ଗୀକୃତତା ଏବଂ ପାରଦର୍ଶୀତା ପ୍ରଦର୍ଶନ କରିଥିଲେ ।

## ଆମାଜନ୍ ଇଣ୍ଡିଆର ପ୍ରଥମ ବ୍ଲାକ୍ ଫ୍ରାଇଡେ ଇଭେଣ୍ଟ ଆରମ୍ଭ

ମୁମ୍ବାଇ: ଆମାଜନ ଇଣ୍ଡିଆ ଏହାର ପ୍ରଥମ ବ୍ଲାକ୍ ଫ୍ରାଇଡେ ଇଭେଣ୍ଟ ଘୋଷଣା କରିଛି, ଯାହା ନଭେମ୍ବର ୨୯ରୁ ଡିସେମ୍ବର ୨ ପର୍ଯ୍ୟନ୍ତ ଚାଲିବ। ଆମାଜନ୍ ଇଣ୍ଡିଆର ପ୍ରଥମ ବ୍ଲାକ୍ ଫ୍ରାଇଡେ ଇଭେଂଟରେ ଆପଲ୍, ସାମସଙ୍ଗ, ସୋନି, ନାଇକି, କାଲଭିନ୍ କ୍ଲେନ୍, ଆଡିଡାସ୍, ଟମି ହିଲଫାଇଗର, ପାନାସୋନିକ୍, ଜିନ୍ ପଲ୍, ଡାବର, ଏଲଜି, ଆଲଡୋ, ସ୍ୱାରୋଭସ୍କି ଏବଂ ଇଲେକ୍ଟ୍ରୋନିକ୍ସ, ଉପକରଣ, ଫ୍ୟାସନ୍ ଏବଂ ସୌନ୍ଦର୍ଯ୍ୟ ବର୍ଗରେ ଆକର୍ଷଣୀୟ ଡିଲ୍ ଉପଲବ୍ଧ ରହିଛି। ଏଚଡିଏଫସି, ଇଣ୍ଡସଇଣ୍ଡ, ବିଓବି କାର୍ଡ ଏବଂ ଏଚଏସବିସି ବ୍ୟାଙ୍କ ଡେବିଟ ଆଣ୍ଡ କ୍ରେଡିଟ କାର୍ଡ ଏବଂ କ୍ରେଡିଟ ଇଏମଆଇ ଜରିଆରେ ଗ୍ରାହକମାନେ ୧୦ ପ୍ରତିଶତ ତୁରନ୍ତ ରିହାତି ପାଇପାରିବେ। ବ୍ଲାକ୍ ଫ୍ରାଇଡେ ସେଲ୍ ପାଇଁ ପ୍ରାଇମ ମେମ୍ବରମାନେ ଆମାଜନ କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡ ବ୍ୟବହାର କରି ସମସ୍ତ କ୍ରୟ ଉପରେ ଅସୀମିତ ୫% କ୍ୟାସବ୍ୟାକ୍ ପାଇପାରିବେ ଏବଂ ଅଣ-ପ୍ରାଇମ୍ ସଦସ୍ୟଙ୍କୁ ୩% କ୍ୟାସବ୍ୟାକ୍ ମିଳିବ। ପ୍ରାଇମ୍ ମେମ୍ବରମାନେ ପ୍ରାଇମ ଡେ ସମେତ ସ୍ୱତନ୍ତ୍ର ସପିଂ ଇଭେଂଟର ପ୍ରାରମ୍ଭିକ ଆକସେସ୍ ମଧ୍ୟ ଉପଭୋଗ କରିଥାନ୍ତି। ଆମାଜନ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲ୍ ୨୦୨୪ର ରେକର୍ଡ ଭାଙ୍ଗିଥିବା ସଫଳତା ଭାରତୀୟ ଗ୍ରାହକଙ୍କ ମନରେ ଥିବା ପ୍ରବଳ ଉତ୍ସାହକୁ ଦର୍ଶାଉଛି। ବର୍ତ୍ତମାନ ଆମେ ଉଭୟ ଭାରତୀୟ ଏବଂ ଅନ୍ତର୍ଜାତୀୟ ବ୍ରାଣ୍ଡର ଇଲେକ୍ଟ୍ରୋନିକ୍ସ, ସୌନ୍ଦର୍ଯ୍ୟ, ଘରୋଇ ଉପକରଣ ଏବଂ ସାଜସଜ୍ଜାରେ ସଞ୍ଚୟ ସହିତ ଆମାଜନ.ଇନ ପ୍ରଥମ ଥର ପାଇଁ ବିଶ୍ୱସ୍ତରରେ ଆମାଜନର ଲୋକପ୍ରିୟ ସପିଂ ଇଭେଣ୍ଟ ବ୍ଲାକ ଫ୍ରାଇଡେକୁ ଭାରତକୁ ଆଣି ଏହାର ମାନ ବୃଦ୍ଧି କରିଛି ବୋଲି କହିଛନ୍ତି ଆମାଜନ ଇଣ୍ଡିଆର କାଟେଗୋରି ଭାଇସ ପ୍ରେସିଡେଣ୍ଟ ସୌରଭ ଶ୍ରୀବାସ୍ତବ।

## ଏଷ୍ଟର ଓ କ୍ୱାଲିଟି କେୟାର ମଧ୍ୟରେ ମିଶ୍ରଣ




ନୂଆଦିଲ୍ଲୀ: ଭାରତର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ଏଷ୍ଟର ଡିଏମ ହେଲଥକେୟାର ଲିମିଟେଡ ଓ କ୍ୱାଲିଟି କେୟାର ଇଣ୍ଡିଆ ଲିମିଟେଡ ମଧ୍ୟରେ ମିଶ୍ରଣ ଘୋଷଣା କରାଯାଇଛି। କ୍ୱାଲିଟି କେୟାରକୁ ବ୍ଲାକଷ୍ଟୋନ ଓ ଟିପିଜି ଭଳି ବୃହତ ନିବେଶକଙ୍କ ସମର୍ଥନ ରହିଛି। ଉଭୟ ସଂସ୍ଥା ମଧ୍ୟରେ ମିଶ୍ରଣକୁ ନେଇ ରାଜିନାମା ସ୍ୱାକ୍ଷରିତ ହୋଇଛି। ବ୍ଲାକଷ୍ଟୋନ ପ୍ରାଇଭେଟ ଇକ୍ୱିଟିର ଏସିଆ ମୁଖ୍ୟ ଅମିତ ଦୀକ୍ଷିତ କହିଛନ୍ତି ଯେ, ‘ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଭାରତର ଏକ ଅଗ୍ରଣୀ ପ୍ଲାଟଫର୍ମ ସୃଷ୍ଟି କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ । ଆମର ଡିଏନଏରେ ବ୍ୟବସାୟର ନିର୍ମାତା ହେବା ରହିଛି। ଏଷ୍ଟର ଡିଏମ୍ ହେଲ୍ଥକେୟାରର ଡେପୁଟି ମ୍ୟାନେଜିଂ ଡାଇରେକ୍ଟର ଆଲିଶା ମୁପେନ କହିଛନ୍ତି ଯେ, ବିଶ୍ୱ ସ୍ୱାସ୍ଥ୍ୟ ସେବାରେ ସ୍ୱର୍ଣ୍ଣ ମାନଦଣ୍ଡ ସ୍ଥାପିତ କରିବା ଏଷ୍ଟରରେ ସର୍ବଦା ଆମର ମାର୍ଗଦର୍ଶକ ଉଦ୍ଦେଶ୍ୟ ରହିଆସିଛି। ଭାରତରେ ଗତ ୧୦ ବର୍ଷ ମଧ୍ୟରେ ଏଷ୍ଟରର ଦ୍ରୁତ ଅଭିବୃଦ୍ଧି ଆମର ଗଭୀର କ୍ଲିନିକାଲ ନେତୃତ୍ୱ ଏବଂ ବଜାର ଚାହିଦାକୁ ପ୍ରତିକ୍ରିୟା ଦେବା ଏବଂ ପୂରଣ କରିବାର ଆମର ଦକ୍ଷତାକୁ ଦର୍ଶାଉଛି। ବ୍ଲାକଷ୍ଟୋନ ପ୍ରାଇଭେଟ ଇକ୍ୱିଟିର ବରିଷ୍ଠ ପରିଚାଳନା ନିର୍ଦ୍ଦେଶକ ଗଣେଶ ମଣି କହିଛନ୍ତି ଯେ, ଜୀବନ ବିଜ୍ଞାନ ବିଶ୍ୱସ୍ତରରେ ବ୍ଲାକଷ୍ଟୋନର ଏକ ପ୍ରମୁଖ ନିବେଶ ବିଷୟ। ଆମେ କ୍ୱାଲିଟି କେୟାରରେ ଏକ ପରିବର୍ତ୍ତନଶୀଳ କ୍ରୟ ଏବଂ ନିର୍ମାଣ ଡାକ୍ତରଖାନା ଶୃଙ୍ଖଳା ପ୍ଲାଟଫର୍ମ ସମେତ ଭାରତରେ ଏକ ଅନନ୍ୟ ସ୍ୱାସ୍ଥ୍ୟସେବା ଘରୋଇ ଇକ୍ୱିଟି ଅଭ୍ୟାସ ନିର୍ମାଣ କରିଛୁ । ଟିପିଜିର ବରିଷ୍ଠ ପରାମର୍ଶଦାତା ବିଶାଲ ବାଲି କହିଛନ୍ତି ଯେ, ବିଶ୍ୱସ୍ତରରେ ଏବଂ ଭାରତରେ ଟିପିଜି ପାଇଁ ସ୍ୱାସ୍ଥ୍ୟସେବା ଦୀର୍ଘ ଦିନ ଧରି ଏକ ବିଷୟଗତ ଗୁରୁତ୍ୱ ରହିଆସିଛି ଏବଂ ଭାରତର ଶ୍ରେଷ୍ଠ ୩ଟି ମଲଟି-ସ୍ପେଶାଲିଟି ହସ୍ପିଟାଲ ଶୃଙ୍ଖଳା ମଧ୍ୟରୁ ଗୋଟିଏ ସୃଷ୍ଟି କରିବା ପାଇଁ ଏଷ୍ଟର ସହିତ କ୍ୱାଲିଟି କେୟାରର ଭାଗିଦାରୀ ଦେଖି ଆମେ ଆନନ୍ଦିତ । କ୍ୱାଲିଟି କେୟାରର ଗ୍ରୁପ୍ ମ୍ୟାନେଜିଂ ଡାଇରେକ୍ଟର ବରୁଣ ଖାନ୍ନା କହିଛନ୍ତି, ନ୍ତଏହି ମିଶ୍ରଣ ଆମର ସଂଗଠିତ ସଂସ୍କୃତି ଏବଂ ମୂଲ୍ୟ ବ୍ୟବସ୍ଥାକୁ ଦର୍ଶାଉଛି ଏବଂ ଭାରତର ଅବହେଳିତ ଅଞ୍ଚଳରେ ଶଯ୍ୟା ଅଭାବଦୂର କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଆଗକୁ ବଢ଼ାଇବ।

### ଏଇଚର ପ୍ରୋ ୮୦୩୫ଏକ୍ସଏମ୍‌ର ନୂତନ ଇ-ସ୍ମାର୍ଟ ସିଫ୍ଟ

ନୂଆଦିଲ୍ଲୀ: ଭିଇ ବାଣିଜ୍ୟିକ ଯାନ ଲିମିଟେଡର ଏକ ବ୍ୟବସାୟିକ ୟୁନିଟ୍ ଏଇଚର ନିଜର ନୂତନ ଇ-ସ୍ମାର୍ଟ ସିଫ୍ଟ - ସ୍ୱୟଂଚାଳିତ ମାନୁଆଲ ଟ୍ରାନ୍ସମିସନ ସହିତ ଏହାର ଏଇଚର ପ୍ରୋ ୮୦୩୫ଏକ୍ସଏମ୍ ଉନ୍ମୋଚନ କରିଛି। ଖଣି ପ୍ରୟୋଗ ପାଇଁ ଟିପର ଉତ୍ପାଦକତା ପାଇଁ ନୂତନ ମାନଦଣ୍ଡ ସ୍ଥାପିତ କରିବା ଉଦ୍ଦେଶ୍ୟରେ, ଏହି ଉଦ୍ଭାବନ ଚରମ ଏବଂ ଚ୍ୟାଲେପୂର୍ଣ୍ଣ ଖଣି ପରିବେଶ ପାଇଁ କଷ୍ଟମ ବିକଶିତ ହୋଇଛି । ସତର୍କତାର ସହ ଡିଜାଇନ୍ କରାଯାଇଥିବା ଯାନ ଟିପରର ଉତ୍ପାଦନଶୀଳ ଜୀବନରେ ସାଇଟ୍ ଉତ୍ପାଦକତାରେ ଉନ୍ନତି ଆଣିବା ପାଇଁ ଡ୍ରାଇଭରଙ୍କୁ ଅତୁଳନୀୟ ଆରାମ ପ୍ରଦାନ କରିଥାଏ । ଏଇଚର ଏଚ୍.ଡି ଟ୍ରକ୍ ବ୍ୟବସାୟ କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଗଗନଦୀପ ସିଂହ ଗନ୍ଧକ କହିଛନ୍ତି, ବର୍ଷ ବର୍ଷ ଧରି ଏଇଚର ପ୍ରୋ ୮୦୦୦ ସିରିଜ୍ ଟିପର୍ ଭାରତୀୟ ଟ୍ରକ୍‌ର ଶୀର୍ଷକୁ ପ୍ରତିନିଧିତ୍ୱ କରିଛି, ଯେଉଁଥିରେ ପ୍ରମୁଖ ଇଞ୍ଜିନ୍ ଶକ୍ତି, ଟ୍ରାନ୍ସମିସନ୍, ଶରୀର କ୍ଷମତା ଏବଂ କେବିନ୍ ଗୁଣବତା ରହିଛି।




ପୁତ୍ର ରାମଚନ୍ଦ୍ର ଦଳାଇ, କୃଷ୍ଣଚନ୍ଦ୍ର ଦଳାଇ, ପୂର୍ଣ୍ଣଚନ୍ଦ୍ର ଦଳାଇ,
ନନ୍ଦକୁମାର ଦଳାଇ ଏବଂ ଦଳାଇ ପରିବାର




କେନ୍ଦୁଝର (ଭାସ୍କର ନ୍ୟୁଜ) : ଜାତୀୟ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତାରେ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର କ୍ରୀଡ଼ାବିତ୍ ଚମତ୍କାର ପ୍ରଦର୍ଶନ କରିଛନ୍ତି । ଜମ୍ମୁରେ ୨୨ରୁ ୨୬ ନଭେମ୍ବର ଯାଏ ଚାଲିଥିବା ୬୮ ତମ ଜାତୀୟ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ଓଜନ ବର୍ଗର ଉସୁ କ୍ରୀଡ଼ାରେ ୫ଟି ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଜଣେ ସ୍ୱର୍ଣ୍ଣ, ୩ ଜଣ ରୌପ୍ୟ ଓ ଜଣେ କାଂସ୍ୟ ପଦକ ଜିତିଛନ୍ତି । ୪୦ କେଜି ବର୍ଗରେ ରାଜେଶ ନାଗ ସ୍ୱର୍ଣ୍ଣ, ୪୫ କେଜି ବର୍ଗରେ ମଦନ ମୁଣ୍ଡା, ୪୮ କେଜି ବର୍ଗରେ ରମେଶ ମୁଣ୍ଡା, ୩୬ କେଜି ବର୍ଗରେ ମାଳିନୀ ମୁଣ୍ଡାଙ୍କୁ ରୌପ୍ୟ ଓ ୫୨ କେଜି ବର୍ଗରେ ପରବିଲ ମୁଣ୍ଡା କାଂସ୍ୟ ପଦକ ଜିତିଛନ୍ତି । ଏହି ଚମତ୍କାର ବିଜୟରେ ଜିନ୍ଦଲ ଫାଉଣ୍ଡେସନର ଚେୟାରପର୍ସନ ଶାଲୁ ଜିନ୍ଦଲ କହିଛନ୍ତି, 'ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର କ୍ରୀଡ଼ାବିତଙ୍କ ଏହି ବିଜୟରେ ଆମେ ଅତ୍ୟନ୍ତ ଗୌରାବନ୍ୱିତ । ଏହି ସଫଳତାରେ ସେମାନଙ୍କ କଠିନ ପରିଶ୍ରମ ଓ ନିଷ୍ଠା ପ୍ରତିଫଳିତ ହେଉଛି । ଜିନ୍ଦଲ ଫାଉଣ୍ଡେସନ କ୍ରୀଡ଼ା ମାଧ୍ୟମରେ ଗ୍ରାମୀଣ ଓ ଆଦିବାସୀ ଯୁବପ୍ରତିଭାଙ୍କୁ ସଶକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ।' ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲ ୬୦ କ୍ରୀଡ଼ା ପ୍ରତିଭାଙ୍କୁ କ୍ରୀଡ଼ା ଓ ଶିକ୍ଷାରେ ଉତ୍କର୍ଷ ପ୍ରଦର୍ଶନ ପାଇଁ ସର୍ବୋତ୍କୃଷ୍ଟ ସୁବିଧା ଯୋଗାଇଦେଉଛି । ଜାତୀୟ ସ୍କୁଲ କ୍ରୀଡ଼ାରେ ହଷ୍ଟେଲ ଅନ୍ତେବାସୀଙ୍କ ଚମତ୍କାର ପ୍ରଦର୍ଶନ, ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହନ ଯୋଗାଇବାରେ ଜିନ୍ଦଲ ଫାଉଣ୍ଡେସନର ପ୍ରୟାସକୁ ପ୍ରତିଫଳିତ କରୁଛି ।

## ଅଣ୍ଡର-୧୯ ଏସିଆ କପ୍

# ପାକିସ୍ତାନଠୁ ହାରିଲା ଭାରତ



ଦୁବାଇ: ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ଖେଳି ପରାଜୟ ବରଣ କରିଛି ଭାରତ। ପ୍ରଥମ ମ୍ୟାଚରେ ପାକିସ୍ତାନଠୁ ୪୩ ରନରେ ଭାରତ ପରାଜୟ ବରଣ କରିଛି। ଉଭୟ ବ୍ୟାଟିଂ ଆଉ ବୋଲିଂରେ ଭାରତର ନୈରାଶ୍ୟଜନକ ପ୍ରଦର୍ଶନ। ପରାଜୟରୁ ଭାରତର ଅଣ୍ଡର-୧୯ ଏସିଆ କପ୍ ଅଭିଯାନ ଆରମ୍ଭ। ଏହି ମ୍ୟାଚରେ ପାକିସ୍ତାନର ଓପନର ଶାହଜୈବ ଖାନଙ୍କ ଐତିହାସିକ ୧୫୯ ରନର ପାଳି ବଳରେ ପାକିସ୍ତାନ ୨୮୧ ରନ୍ ହାସଲ କରିଥିଲା। ଜବାବରେ କେବଳ ୨୩୮ ରନରେ ସମସ୍ତ ୱିକେଟ ହରାଇଛି ଭାରତ। ଫଳରେ ପ୍ରଥମ ମ୍ୟାଚରେ ୪୩ ରନର ବଡ଼ ପରାଜୟର ସାମ୍ନା କରିଛି ଭାରତ। ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ପାକିସ୍ତାନ ଦଳ। ଦୁଇ ଓପନର ଉସମାନ୍ ଖାନ ଓ ଶାହଜୈବ ଖାନ ଦଳ ପାଇଁ ଆକ୍ରାମକ ଆରମ୍ଭ କରିଥିଲେ। ଉଭୟ ପ୍ରଥମ ୱିକେଟ ପାଇଁ ଦଳୀୟ ଖାତାରେ ୧୬୦ ରନ ଯୋଡ଼ିଥିଲେ। ପ୍ରଥମ ୱିକେଟ ଭାବେ ୬୦ ରନ କରି ଉସମାନ ଖାନ ପାଭିଲିୟନ ଫେରିଥିଲେ। ଏହାପରେ ଗୋଟିଏ ପଟେ ଶାହଜୈବ ଖାନ ବିସ୍ଫୋରକ ବ୍ୟାଟିଂ ଜାରି ରଖିଥିବା ବେଳେ ଅନ୍ୟପଟେ କୌଣସି ବ୍ୟାଟର ଭାରତୀୟ ବୋଲିଂ ଆଟାକ୍ ଆଗରେ ଛିଡ଼ା ହୋଇ ପାରିନଥିଲେ। ଶାହଜୈବ ଶେଷ ଓଭର ପର୍ଯ୍ୟନ୍ତ ଆକ୍ରାମକ ଅନ୍ଦାଜରେ ଖେଳି ୧୪୭ ବଲରୁ ୫ ଚୌକା ଓ ୧୦ ଛକା ବଳରେ ୧୫୯ ରନ ହାସଲ କରିଥିଲେ। ଜବାବରେ ପାକିସ୍ତାନ ମଧ୍ୟକ୍ରମ ଓ ନିମ୍ନକ୍ରମରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ୍ ହରାଇ ୨୮୧ ରନ୍ ହାସଲ କରିନେଇଥିଲା। ଏହି ପାଳିରେ ଭାରତ ପକ୍ଷରୁ ସମର୍ଥ ନାଗରାଜ ସର୍ବାଧିକ ୩ଟି ୱିକେଟ ହାସଲ କରିଥିବାବେଳେ ଆୟୁଷ ମହାତ୍ରେ ୨ଟି ୱିକେଟ ଅକ୍ତିଆର କରିଥିଲେ। ଯୁଦ୍ଧଜିତ ଗୁହା ଓ କିରନ ଚୋରମାଲେ ଗୋଟିଏ ଲେଖାଏଁ ସଫଳତା ହାସଲ କରିଥିଲେ। କେବଳ ୨ ଓଭରରେ ୩୪ ରନ ବ୍ୟୟ କରି ମହମଦ ଏନାନ ସବୁଠାରୁ ମହଙ୍ଗା ବୋଲର ସାବ୍ୟସ୍ତ ହୋଇଥିଲେ। ତାଙ୍କୁ କୌଣସି ସଫଳତା ବି ମିଳିନଥିଲା। ଏହାପରେ ଭାରତ ୨୮୨ ରନର ଟାର୍ଗେଟ ନେଇ ମୈଦାନକୁ ଓହ୍ଲାଇଥିଲା। ଭାରତ ପାଇଁ ଆକ୍ରାମକ ଆରମ୍ଭ କରିଥିଲେ ଓପନର ଆୟୁଷ ମହାତ୍ରେ। ସେ ୧୪ ବଲରୁ କେବଳ ପାଞ୍ଚଟି ଚୌକା ବଳରେ ୨୦ ରନ କରି ଆଉଟ୍ ହୋଇଯାଇଥିଲେ। ଅନ୍ୟପଟେ ଆଇପିଏଲ୍ ୨୦୨୫ ପାଇଁ ମେଗା ଅକ୍ସନରେ ରାଜସ୍ଥାନ ରୟାଲ୍ସ କିଣିଥିବା ୧୩ ବର୍ଷର ଚର୍ଚ୍ଚିତ ବାଳକ ବୈଭବ ସୂର୍ଯ୍ୟବଂଶୀ କେବଳ ୧ ରନ କରି ଆଉଟ୍ ହୋଇଥିଲେ। ଫଳରେ କେବଳ ୨୮ ରନରେ ଭାରତ ଦୁଇଟି ୱିକେଟ ହରାଇଥିଲା। ଏହାପରେ କିଛି ସମୟ ସ୍କୋର ବୋର୍ଡକୁ ଗତି ଦେବାପରେ ଆନ୍ଦ୍ରେ ସିଦ୍ଧାର୍ଥ (୧୫) ମଧ୍ୟ ଆଉଟ୍ ହୋଇଥିଲେ। ଅଧିନାୟକ ମହମଦ ଏମାନ କେବଳ ୧୬ ରନ କରିବାରେ ସକ୍ଷମ ହୋଇଥିଲେ। ଭାରତ ପକ୍ଷରୁ ନିଖିଲ କୁମାର ସର୍ବାଧିକ ୬୭ ରନର ପାଳି ଖେଳିଥିଲେ। ତାଙ୍କର ଏହି ପାଳିରେ ୬ ଚୌକା ଓ ୩ଟି ଛକା ମଧ୍ୟ ସାମିଲ ଅଛି। ଅନ୍ୟମାନଙ୍କ ମଧ୍ୟରେ ମହମଦ ଏନାନ (୩୦)ଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର ୩୦ ରନ କରିବାକୁ ସକ୍ଷମ ହୋଇନଥିଲେ। ଫଳରେ ୪୭.୧ ଓଭରରେ ୨୩୮ ରନରେ ସମସ୍ତ ୱିକେଟ ହରାଇଛି ଭାରତ।

## ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

# ଓଡିଶା ଦଳରେ ସ୍ଥାନ ପାଇଲେ ମାଲକାନଗିରିର ଯୁବ କ୍ରୀଡାବିତ୍ ଚନଦୀପ



ମାଲକାନଗିରି (ଭାସ୍କର ନ୍ୟୁଜ): ବିଜୟ ମର୍ଚାନ୍ଟ ଟ୍ରଫି ପାଇଁ ଓଡିଶା ଦଳର ସ୍ଥାନ ପାଇଛନ୍ତି ମାଲକାନଗିରିର ଯୁବ କ୍ରୀଡାବିତ ଚନଦୀପ। ଆସନ୍ତା ୬ ତାରିଖରେ ଗ୍ୱାଲିୟର ଠାରେ ଅନୁଷ୍ଠିତ ହେବାକୁ ଥିବା ୧୬ ବର୍ଷରୁ କମ ବିଜୟ ମର୍ଚ୍ଚାଣ୍ଟ କ୍ରିକେଟ ଟ୍ରଫି ପାଇଁ ଓଡିଶା ଦଳରେ ମାଲକାନଗିରିର ଚନଦୀପ ସିଂ ରିୟାର ସ୍ଥାନ ଅଇଛନ୍ତି। ଏହି ଟ୍ରଫିର ପ୍ରଥମ ଦୁଇଟି ମ୍ୟାଚରେ ଆସାମ ଓ ଗୁଜୁରାଟ ବିପକ୍ଷରେ ଖେଳିବା ପାଇଁ ଓଡିଶା ଦଳରେ ଚନଦୀପ ସ୍ଥାନ ପାଇଛନ୍ତି। ପୂର୍ବରୁ ମାଲକାନଗିରିରେ ଓଡିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଆୟୋଜିତ ୧୬ ବର୍ଷରୁ କମ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୩ଥର ଅଂଶ ଗ୍ରହଣ କରିବା ସହ ୧୯ ବର୍ଷରୁ କମ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଧ୍ୟ ୩ଥର ଅଂଶ ଗ୍ରହଣ କରିଥିଲେ। ୧୬ ବର୍ଷରୁ କମ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶେଷ ଚୟନ ମ୍ୟାଚରେ ସେ ଲେଗ ସ୍ପିନର ଭାବେ ବୋଲିଂ କରି ୫ଟି ଉଇକେଟ ନେଇଥିଲେ।

# ୧୧ରୁ ସର୍ବ ଭାରତୀୟ 'ଟାଙ୍ଗୀ କପ୍' ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ




ଟାଙ୍ଗୀ (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ଅନୁଷ୍ଠିତ ହେବ ସର୍ବ ଭାରତୀୟ ଟାଙ୍ଗୀ କପ୍ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ । ଚଳିତ ଡିସେମ୍ବର ୧୧ ତାରିଖରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏହି ସର୍ବ ଭାରତୀୟ ଟାଙ୍ଗୀ କପ୍ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ। ଏଥିରେ ଓଡ଼ିଶାର ବଛା ବଛା ୪ଟି ଟିମ୍ ଏବଂ ଓଡ଼ିଶା ବାହାର ରାଜ୍ୟରୁ ( କଲିକତା , ବିହାର , ଝାଡ଼ଖଣ୍ଡ ) ବଛା ବଛା ୪ଟି ଟିମ୍ ଅଂଶ ଗ୍ରହଣ କରୁଛନ୍ତି । ଖୋର୍ଦ୍ଧା ଜିଲ୍ଲାରେ ପ୍ରଥମ କରି ଟାଙ୍ଗୀ ସଦର ମହକୁମା ରେ ଅନୁଷ୍ଠିତ ହେବାକୁ ଯାଉଛି 'ସର୍ବ ଭାରତୀୟ ଟାଙ୍ଗୀ କପ୍ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ' । ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଆୟୋଜକ କମିଟିର ସଭାପତି ତଥା ଆଇନଜୀବୀ ତପନ ମହାନ୍ତି କହିଛନ୍ତି । ଦେବୀ ଦୁର୍ଗା କଲଚ୍ୟୁରାଲ୍ ଆସୋସିଏସନ ପକ୍ଷରୁ ଆୟୋଜିତ କରାଯାଇଛି ଏହି ସର୍ବ ଭାରତୀୟ ଟାଙ୍ଗୀ କପ୍ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ । ଟାଙ୍ଗୀ ଚିଲିକା ଛକ ସ୍ଥିତ ଦୁର୍ଗା ମଣ୍ଡପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆୟୋଜକ କମିଟିର ସମ୍ପାଦକ ନିରଞ୍ଜନ ନାୟକ ଏହି ସର୍ବ ଭାରତୀୟ ଟାଙ୍ଗୀ କପ୍ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟର କାର୍ଯ୍ୟସୂଚୀ ସମ୍ପର୍କରେ ସମସ୍ତ ସୂଚନା ପ୍ରଦାନ କରିଥିଲେ । ଟାଙ୍ଗୀ ଅଞ୍ଚଳବାସୀଙ୍କ ପୂର୍ଣ୍ଣ ସହଯୋଗରେ ଏହି ସର୍ବ ଭାରତୀୟ ଟାଙ୍ଗୀ କପ୍ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ କରାଯାଉଛି ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି ।


ESAF SMALL FINANCE BANK

REGD. OFFICE: ESAF Bhavan, Mannuthy, Thrissur- 680 651, Kerala.

GOLD AUCTION NOTICE

Notice is hereby given for the information of all concerned that gold ornaments pledged with ESAF Small Finance Bank and not redeemed by borrowers, despite repeated reminders and notices, of our branches, are listed below. This will be auctioned as per the details given below.

DATE OF AUCTION: 10-12-2024 TIME: 2 pm to 5 pm
AUCTION VENUE: Through e-Auction
AUCTION ADDRESS: https://gold.matexnet.org/
CONTACT NUMBER: 95001 73386 / 99629 79770

To register as bidder for the e-Auction with terms and conditions, and full details of e-Auction please visit the above site.

BRANCHES AND LOAN ACCOUNT NUMBERS

BALANGIR: 75230001489811, 1806286, 1957091, 1989150, BHUBANESHWAR: 63230000488907, 75230002017713, 2265555, 75240001057655, 1061657, 1082237, CHANDANPUR: 75240001084704, CUTTACK: 63230000391609, 488287, NABRANGPUR: 75240000498132, NAYAGARH: 63240000197255, 75230002263139.

Customers who are interested to release the ornaments by paying the total due amount may do so, at the respective branches, on or two days before the date of the auction. Bidders who wish to participate in the auction shall produce their KYC documents. GST No. is mandatory for registered firms/companies. Bidders shall deposit a sum of Rs.50,000 as EMD before participating in the auction.

Place: Thrissur
Date: 01-12-2024

Sd/-
Authorized Signatory



झारखण्ड सरकार

कार्यपालक अभियंता का कार्यालय,ग्रामीण विकास विशेष प्रमण्डल, रामगढ़

ई०– निविदा आमंत्रण सूचना

ई–निविदा सं० :–RE-01/RDSD/RAMGARH/02/2024-25

1.कार्य की विस्तृत विवरणी :– MMGSY मद अन्तर्गत।

| क्र | आईडेन्टीफिकेशन संख्या / पैकेज संख्या | प्रखण्ड | ग्राम / पंचायत | योजना का नाम | प्राक्कलित राशि | अग्रधन की राशि (रू०) | परिमाण विपत्र का मूल्य (रू०) | कार्य पूर्ण करने की अवधि |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | RE-01/RDSD/ RAMGARH/MMGSY /01/2024-25 | गोला | बारघुटू | रामगढ़ जिला के गोला प्रखण्ड के ग्राम– बारघुटू से बाधाकुदर के बीच पाटासुर नाला में पुल निर्माण। | 34703200 | 700000 | 10000 | 18 माह |
| 2 | RE-01/RDSD/ RAMGARH/MMGSY /02/2024-25 | गोला | बेटुल | रामगढ़ जिला के गोला प्रखण्ड के बेटुल से बन्दराचुँआ के बीच गोमती नदी पर पुल निर्माण। | 33438800 | 669000 | 10000 | 18 माह |

2. वेबसाईट में निविदा प्रकाशन की तिथि :– दिनांक 05.12.2024
3. ई–निविदा प्राप्ति की तिथि एवं समय – दिनांक 05.12.2024 से 14.12.2024 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता, ग्रामीण विकास विशेष प्रमण्डल, रामगढ़।
5. ई–निविदा खोलने की तिथि एवं समय– 16.12.2024 अपराह्न 02:00 बजे।
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, रामगढ़।
7. ई निविदा प्रकोष्ठ का दूरभाष सं०– 9939700965
8. परिमाण विपत्र की राशि घट–बढ़ सकती है। तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बन्द कर दिया जाता है तो उसकी सारी जवाबदेही संबंधित संवेदक की होगी।
विस्तृत जानकारी के लिए वेबसाईट Jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता,
ग्रामीण विकास विशेष प्रमण्डल,रामगढ़

PR 340900 Rural Work Department(24-25).D


## ରାଜ୍ୟସ୍ତରୀୟ ଫ୍ଲଡ୍ ଲାଇଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଟ୍ରଫି ଉନ୍ମୋଚନ କଲେ ବିଧାୟକ



ଭଞ୍ଜନଗର (ଭାସ୍କର ନ୍ୟୁଜ): ସ୍ଥାନୀୟ କବି ସମ୍ରାଟ ଷ୍ଟାଡିୟମ ପରିସରରେ ଡିସେମ୍ବର ୧୫ ରୁ ଆରମ୍ଭ ହେବାକୁ ଥିବା ରାଜ୍ୟ ସ୍ତରୀୟ ଫ୍ଲଡ୍ ଲାଇଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ଶନିବାର ଟ୍ରଫି ଉନ୍ମୋଚନ କରିଛନ୍ତି ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ। ସ୍ଥାନୀୟ ବାଗଦେବୀ ପୀଠରେ ଶନିବାର ସନ୍ଧ୍ୟାରେ ପୂଜାର୍ଚ୍ଚନା କରାଯାଇ ଟ୍ରଫି ଉନ୍ମୋଚନ କରାଯାଇଥିଲା। ଏଥିରେ ବିଧାୟକଙ୍କ ସହ ନଗରପାଳ ଗୋପବନ୍ଧୁ ମହାପାତ୍ର, କେ.ଇଶ୍ୱର ରାଓ ଆଚାରୀଙ୍କ ସହ ଟୁର୍ଣ୍ଣାମେଣ୍ଟ କମିଟି ର ସଭାପତି ଡି.ରଞ୍ଜିତ କୁମାର ଦାସ, କାର୍ଯ୍ୟକାରୀ ସଭାପତି ଡି.ସାଜନ, ଉପସଭାପତି ଡି.ସୁମନ ରାଓ ଓ ସାଧାରଣ ସମ୍ପାଦକ ଡି.ରିକି ତଥା ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ରହିଥିଲେ। ପ୍ରଥମଥର ପାଇଁ ସହରରେ ପରୀକ୍ଷାମୂଳକ ଭାବେ ଏଭଳି ଫ୍ଲଡ୍ ଲାଇଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଥିବାରୁ ଆୟୋଜକ କମିଟି ପକ୍ଷରୁ ଉତ୍ସାହ ଅଧିକ ବଢ଼ିଯାଇଛି।

## ଓସି ସିଏ ଭିଜନ ସିନିୟର ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ପଞ୍ଜିକରଣ

ବାରିପଦା:(ଭାସ୍କର ନ୍ୟୁଜ) :ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଓସିଏ ଭିଜନ ସିନିୟର ଟୁର୍ଣ୍ଣାମେଣ୍ଟ ପାଇଁ ମୟୂରଭଞ୍ଜ ଜିଲ୍ଲାର ଇଚ୍ଛୁକ କ୍ରିକେଟ ଖେଳାଳି ମାନେ ନିଜନିଜର ନାମ ପଞ୍ଜିକରଣ କରିବାକୁ ଅନୁରୋଧ କରିଛନ୍ତି । କ୍ରିକେଟ ସହ ସମ୍ପାଦକ ହର ପ୍ରସାଦ ପାତ୍ର ଓ ଖେଳାଳିଙ୍କ ବୟସ ୧୧ ବର୍ଷରୁ ୩୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ଓ ଯେଉଁ ଖେଳାଳି ମାନଙ୍କର ନାମ ପୂର୍ବରୁ ପଞ୍ଜିକୃତ ହୋଇଛି ସେମାନେ ମଧ୍ୟ ସମସ୍ତ ପ୍ରମାଣ ପତ୍ର ଦାଖଲ କରିବେ। ନାମ ପଞ୍ଜିକରଣ ସମୟରେ ଡିଜିଟାଲ ଜନ୍ମ ପ୍ରମାଣ ପତ୍ର, ଆଧାର କାର୍ଡ, ଭୋଟର କାର୍ଡ ଏବଂ ସ୍କୁଲ ସାର୍ଟିଫିକେଟ ଦାଖଲ କରିବା ଆବଶ୍ୟକ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସଙ୍କ ସୂତ୍ରରୁ ପ୍ରକାଶ। ବାରିପଦା ଷ୍ଟାଡିୟମ ଅଫିସରେ ଡିସେମ୍ବର ୫ ତାରିଖ ସୁଦ୍ଧା ନାମ ପଞ୍ଜିକରଣ କରିପାରିବେ ବୋଲି ଅନ୍ୟତମ କ୍ରିକେଟ ସହ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଜଣାଇଛନ୍ତି ।

# ହାଇବ୍ରିଡ୍ ମଡେଲରେ ହେବ ଚାମ୍ପିୟନ୍ସ ଟ୍ରଫି




ମୁମ୍ବାଇ: ୨୦୨୫ ଚାମ୍ପିୟନ୍ସ ଟ୍ରଫିକୁ ନେଇ ଏକ ବଡ ଖବର ସାମ୍ନାକୁ ଆସିଛି । ପାକିସ୍ତାନ କ୍ରିକେଟ୍ ବୋର୍ଡ ହାଇବ୍ରିଡ୍ ମଡେଲରେ ଟୁର୍ଣ୍ଣାମେଣ୍ଟ୍ ଆୟୋଜନ ପାଇଁ ରାଜି ହୋଇଛି। କିନ୍ତୁ ଏହାର ଆନୁଷ୍ଠାନିକ ଘୋଷଣା ଏପର୍ଯ୍ୟନ୍ତ ହୋଇନାହିଁ। ଚାମ୍ପିୟନ୍ସ ଟ୍ରଫିକୁ ନେଇ ପିସିବି ୟୁଏଇ ସହ ଆଲୋଚନା କରିବ। ଏକ ନିରପେକ୍ଷ ସ୍ଥାନରେ ଟିମ୍ ଇଣ୍ଡିଆର ମ୍ୟାଚ୍ ଖେଳାଯିବ। ତେଣୁ ଭାରତ ୟୁଏଇରେ ନିଜର ମ୍ୟାଚ୍ ଖେଳିପାରିବ। ଚାମ୍ପିୟନ୍ସ ଟ୍ରଫିର ଚୂଡ଼ାନ୍ତ ନିଷ୍ପତ୍ତି ଶନିବାର ରାତି କିମ୍ବା ରବିବାର ସକାଳ ସୁଦ୍ଧା ଆନୁଷ୍ଠାନିକ ଭାବେ ଆସିବ ବୋଲି ଆଶା କରାଯାଉଛି। ତେବେ ପାକିସ୍ତାନ କ୍ରିକେଟ ବୋର୍ଡ ଆଇସିସି ଆଗରେ କେତେକ ସର୍ତ୍ତ ରଖିଛି । ଏହା ଅନୁସାରେ ଯଦି ଭାରତ ଫାଇନାଲକୁ ନ ଯାଏ ତେବେ ଫାଇନାଲ ଲାହୋରରେ ହେବ । ଆଉ ଏକ ସର୍ତ୍ତ ହେଉଛି, ଭବିଷ୍ୟତରେ ଭାରତରେ ଯଦି କୌଣସି ଆଇସିସି ଟୁର୍ଣ୍ଣାମେଣ୍ଟ୍ ଆୟୋଜନ ହୁଏ ତେବେ ପାକିସ୍ତାନ ଭାରତକୁ ଖେଳିବାକୁ ଯିବ ନାହିଁ ଓ ତାହା ହାଇବ୍ରିଡ୍ ମୋଡରେ ଖେଳାଯିବ । ତେବେ ଏନେଇ ଆଇସିସିର ପ୍ରତିକ୍ରିୟା ମିଳିପାରିନାହିଁ । ତେବେ ପାକିସ୍ତାନ କ୍ରିକେଟ ବୋର୍ଡ ଆଇସିସି ଆଗରେ କେତେକ ସର୍ତ୍ତ ରଖିଛି । ଚାମ୍ପିୟନ୍ସ ଟ୍ରଫିକୁ ନେଇ ଆଇସିସି ଏକ ବୈଠକ କରିଥିଲା। ଏଥିରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏବଂ ପାକିସ୍ତାନ ବୋର୍ଡର ଅଧିକାରୀମାନେ ଯୋଗ ଦେଇଥିଲେ।


JHARKHAND URBAN INFRASTRUCTURE DEVELOPMENT COMPANY LIMITED
(Govt. of Jharkhand Undertaking)
JUIDCO BHAWAN, KUTCHERY ROAD, RANCHI, JHARKHAND
Ph. No.: +91-651-2225878, e-mail Id juidcolimited@gmail.com
CIN: U45200JH2013SGC001752,

e-Procurement Notice
Tender Notice
NIT No: JUIDCO/NIT/Dhanwar/UWSS/2024/640
Date: 30.11.2024

| | | |
|---|---|---|
| 1. | Name of the work | Dhanwar Urban Water Supply Scheme with 5 years of Operation and Maintenance |
| 2. | Mode of Bid Submission | e-tendering –http://jharkhandtenders.gov.in |
| 3. | Estimated Cost | Rs.63,88,30,191(Sixty-Three Crore Eighty-Eight Lakhs Thirty Thousand One Hundred Ninty One Only/-) |
| 4. | Tender Fee and Bid Security (Online Submission) | Tender Document Fee – Rs 25000/- Bid Security – Rs 63,88,000/- |
| 5. | Date & Time of publication of Tender on Website | 02nd December 2024 at 17:00 hours |
| 6. | Last Date & Time of submission of pre-bid queries | 10th December 2024 till 13:00 hours |
| 7. | Date & Time of pre-bid meeting | 10th December 2024 till at 15:00 hours |
| 8. | Last Date & Time of Bid Submission | 23rd December 2024 till 17:00 hours |
| 9. | Date & Time of Bid Opening | 24th December 2024 at 17:30 hours |
| 10. | Employer's Address | Jharkhand Urban Infrastructure Development Company Limited, JUIDCO Bhawan, Kutchery Chowk, Ranchi, Pin – 834001. |
| 11. | Helpline No .of e-Procurement Cell | +91 651 2225878/ 9973768183 |

Note: Only e-tenders will be accepted.
Further details are available on Jharkhand Government e-procurement website http//:jharkhandtenders.gov.in

Sd/-
Project Director (Technical)
JUIDCO Ltd., Ranchi

PR 340890 Urban Development and Housing(24-25).D



MINISTRY OF ROAD TRANSPORT & HIGHWAYS, NEW DELHI
OFFICE OF THE EXECUTIVE ENGINEER
NATIONAL HIGHWAY DIVISION, DHANBAD- 826001

NATIONAL BIDDING / e-Procurement Notice
Tender Reference No:-NH/Dhanbad/07/2024-25 Dated :- 29.11.2024

Application in the prescribed format from eligible consultants for Request for Proposal (RFP) for Preparation of Feasibility cum Detailed Project Report are invited for the following Project as detailed below :-

| | | |
|---|---|---|
| 1 | Name of Works | Consultancy Servicesfor DPR Preparation for Mahuda More (NH-18) to Lututanr (NH-218) Bypass including Land Acquisition, Forest Clearance, R&R and Utility Shifting in the state of Jharkhand under EPC mode. |
| 2 | Cost of document (Rs.) | Copy of online receipt of Non-refundable fee of Rs.5,000/- through NTRP portal- www.bharatkosh.gov.in towards Payment of cost of bid document. |
| 3 | Bid Security (Rs.) | NA |
| 4 | Time of Completion | 300 Days (Including rainy season) |
| 5 | Date of Issue of Notice | Date : 29.11.2024 |
| 6 | Date of Publication of Tender on website | Date : 20.12.2025 at 17.00PM |
| 7 | Last Date for Receiving Queries | Date : 27.12.2024 upto 11.30 AM |
| 8 | Pre-Bid Conference | Date : 27.12.2024 Time 15.30 Hrs Place: Office of the Chief Engineer, NH Wing, Jharkhand, Ranchi. |
| 9 | Application/Bid Due date | Date : 04.02.2025 upto 15.00 Hrs Through website : https://www.eprocure.gov.in only |
| 10 | Last date of submission of online challan and others documents | Date : 04.02.2025 upto time 15.00Hrs |
| 11 | Last date of submission of hard copy of challan of bidding documents, bid security and others documents/POA etc. | Date : 06.02.2025 upto time 15.00 Hrs |
| 12 | Authority & Place of opening of Bids | The Chief Engineer, NH Wing, Jharkhand, Ranchi in his office at Engineering Hostel, Sector-3, Dhurwa, Jharkhand, Ranchi. |
| 13 | Time & date of opening of bids | Date 07.02.2025 at Time 15:00 Hrs Through website: https://www.eprocure.gov.in |
| 14 | Validity of bid | 120 days from bid due date |
| 15 | Officer inviting bids | Executive Engineer, NH Division, Dhanbad |
| 16 | Contact no. of procurement officer | 9470920944,9431518611 |
| 17 | Helpline no. of e-procurement cell | 06512400863, 9431647441 |

Note:- Further details can be seen on website https;//eprocure.gov.in

Executive Engineer
NH Division, Dhanbad

PR.NO.340868 Road(24-25):D



OFFICE OF THE MEDININAGAR MUNICIPAL CORPORATION
e-mail :- municipalcouncil.medininagar@gmail.com

Very Short Tender Notice (2nd Call)
Tender notice No:-UDHD/MMC/16/2024-25 DATED: 29/11/2024

| | | | |
|---|---|---|---|
| 1. | Tender Value | : | INR 3,50,15,700.00/- |
| 2. | Date of downloading of bid document | : | From 30/11/2024 10:00 Hrs. to 13/12/2024 up to 14:00 Hrs. through website https://jharkhandtenders.gov.in |
| 3. | Place & Date of Pre-bid meeting | : | Date: 05/12/2024, Time 15:00 Hrs. Medininagar Municipal Corporation, CourtCompound, Medininagar Dist- Palamu, Jharkhand, Pin code.- 822101 |
| 4. | Date and time for submission of queries through e-mail | : | From 05/12/2024, 10:00 Hrs. to 14:00 Hrs. After last date of queries submission, no queriesshall be entertained. Only queries submitted to advertised email id i.e. municipalcouncil.medininagar@gmail.com will be considered and entertained. |
| 5. | Last date and time for uploading of bids | : | Date: 13/12/2024 up to 14:00 Hrs Through website https://jharkhandtenders.gov.in |
| 6. | Time and date of opening technical bids | : | Date: 14/12/2024up to 14:00 hours |
| 7. | Time and date of opening of financial bids | : | To be communicated later |
| 8. | Place of opening of bid | : | Through website https://jharkhandtenders.gov.in |
| 9. | Period of bids validity | : | 180 days |
| 10. | Tender Inviting Authority | : | Municipal Commissioner, MMC, Medininagar |
| 11. | For participating in e-tendering process, the contractor shall have to et themselves registered to get user ID, Password and Digital signature. This will enable them to access the website https://jharkhandtenders.gov.in and download / participate in e-tender. All tender queries related to this tender shall be communicated at Medininagar | | |
| 12. | Bid processing fees / EMD to be paid through online mode i.e. through the payment gatewayof https://jharkhandtenders.gov.in (ii) Bids along with necessary online payments must be submitted in the NIT. The department doesnot take any responsibility for the delay / Non availability of internet connection, Network Traffic / Holidays or any other reasons. TenderFeesAmount: INR – 10,000/-EMD Amount – INR - 350,200/- | | |
| 13. | The tender documents can be obtained through website https://jharkhandtenders.gov.in | | |
| 14. | - Deleted- | | |
| 15. | In lieu of Bid Security, the Bidder shall furnish 'Bid Securing Declaration Form' along with thetechnical proposal as per the format described in the bidding document. | | |
| 16. | All the information / corrigendum / addendum related to the project shall be published on the website https://jharkhandtenders.gov.in. The authority shall have the right to reject the bid partially or fullywithout assigning any reason whatsoever. | | |
| 17. | For any information department help line No. 9386849354/7860001444 may be used | | |
| 18. | - Deleted- | | |
| 19. | Opening and visibility of the uploaded documents at website https://jharkhandtenders.gov.in shall be the responsibility of the bidder. Bidder should ensure that the uploaded documents are opening and visible. This can be done by downloading the documents and checking the same before final submission of bid at e-procurement website. | | |
| 20. | Further details of works can be obtained from the office of Municipal Commissioner, MMC, Palamu.For clarification, regarding the e-tendering process, please contact e-procurement Helpdesk, 9386849354/7860001444 | | |

Note :- Only Online tender is Permissible.

Sd./-
Municipal Commissioner –Cum- Administrator
Medininagar Municipal Corporation

PR 340858 District(24-25).D



MINISTRY OF ROAD TRANSPORT & HIGHWAYS, NEW DELHI
OFFICE OF THE EXECUTIVE ENGINEER
NATIONAL HIGHWAYS DIVISION, Dhanbad.
E-mail:eenhdivisiondhanbad@gmail.com

Notice Inviting Bid

Bid/ Package no.-NH/Dhanbad/01/2024-25 (2nd Call) Dated-29.11.2024

RFP for Construction of ROB at km 198 of NH-114A at Sapha (LC No. 20SPL/E) in the State of Jharkhand under EPC mode.(JOB NO-NH-114A-JHR-2020-21/286).

The Ministry of Road Transport & Highways through Chief Engineer, National Highway Wing, Jharkhand, Ranchi is engaged in the development of National Highways and as part of this endeavour, it has been decided to undertake Construction of ROB at km 198 of NH-114A at Sapha (LC No. 20SPL/E) in the State of Jharkhand under EPC mode.(JOB NO-NH-114A-JHR-2020-21/286).through an Engineering, Procurement and Construction (EPC) Contract.[The Ministry of Road Transport & Highways/ StatePublicWorksDepartment/representedbyitsDG(RD)&SS/ CE (NH) PWD State] now invites bids from eligible contractors for the following project:-

| State | NH No. | ICB No. | Name of Work | Estimated Cost (In Rs. Cr.) | Completion Period | Maintenance Period |
|---|---|---|---|---|---|---|
| Jharkhand | 114A | | Construction of ROB at km 198 of NH-114A at Sapha (LC No. 20SPL/E) in the State of Jharkhand under EPC mode.(JOB NO-NH-114A-JHR-2020-21/286). | 36.67 (including GST, LC& Utility Shifting) | 24 (Twenty four Months) | 10 (Ten years) after Completion |

The complete BID document can be viewed / downloaded from official portal of the CPPP website https:// eprocure.gov.in/eprocure/app from 20.12.2024 to 04.02.2025 (upto17:00 Hrs. IST). Bidder must submit its Financial bid and Technical Bid at https:// eprocure.gov.in/eprocure/appon or before 04.02.2025 (upto 17:00 Hrs). Bids received online shall be opened on 07.02.2025 (after 15:00 hours IST).

Bid through any other mode shall not be entertained. However, Bid Security in form of Insurance Surety Bond, Account Payee Demand Draft, Banker's Cheque or Electronic Bank Guarantee (e- Bank Guarantee), receipt of document fee, Power of Attorney and Joint Bidding Agreement etc. shall be submitted physically by the Bidder within 2 days from the bid due date. In case of Original BGs in confirmation of scanned copies are not submitted within this period by the bidder, the bidder will be debarred for one year from bidding for National Highways/other Centrally Sponsored works of Ministry of Road Transport & Highways and its implementing agencies. Please note that the Ministry/Authority/ Executing Agency reserve the right to accept or reject all or any of the BIDs without assigning any reason whatsoever.

Executive Engineer
National Highway Division, Dhanbad

PR 340861 Road(24-25)#D

ଓଡିଶା ଭାସ୍କର
ODISHA BHASKAR

# ସାହିତ୍ୟ



## ସତରେ କଣ ଆମେ ମନୁଷ୍ୟ

ସୁଧାଂଶୁ ଦ୍ୱିବେଦୀ

ଆମେ ଭୁଲିଯାଉଛୁ
ଆମର ଆତ୍ମବିଶ୍ୱାସକୁ
ପରସ୍ପର ଆତ୍ମୀୟତାକୁ
ଅନ୍ତରଙ୍ଗ ସମ୍ପର୍କକୁ ।

ଆମେ ଅନ୍ତର୍ହିତ କରି ଚାଲିଛୁ
ବିଚାରକୁ,ସଂସ୍କାରକୁ
ଆମେ ଅବହେଳା କରୁଛୁ
ଚରିତ୍ରକୁ
ବାଣୀକୁ
ବ୍ୟବହାରକୁ ।

ଆମେ କପଟ କରୁଛୁ
ଭାବନାକୁ
ଅହରହ ଜଳି ଚାଲିଛୁ
ପରତିଶୋଧର ଅଗ୍ନିରେ
ଆମେ ପ୍ରସାର କରି ଚାଲିଛୁ
ରାଗ,ଦ୍ୱେଷ,ଘୃଣା,ପରଶ୍ରୀକାତରତା
ତଥାପି ଆମେ ଛାତିରେ
ହାତ ଦେଇ କହୁଛୁ ମନୁଷ୍ୟ
ସତରେ କଣ ଆମେ ମନୁଷ୍ୟ ? ।

*ବିସି-୭୪,ସଲ୍ଟ ଲେକ୍,କଲକତା-୬୪*
*ମୋ-୯୬୮୧୩୭୩୫୧୨*



## କାଲିର ସକାଳ



ଅନସୂୟା ପଣ୍ଡା

ଏକ ଲୟରେ ଚାହିଁ ରହିଛି ଆକାଶର ଜହ୍ନ ଆଡକୁ। ମୁଖମଣ୍ଡଳର ପରିଭାଷା ସୁଚାଇ ଦେଉଛି ତା' ଛାତି ତଳର କୋହକୁ। ଏଇଥର ପରେଶ ଆଶା ରଖିଥିଲା ସେ ବିଦେଶ ଯିବା କଥା ଶୁଣି,ତା'ର ଶିକ୍ଷିତା ସ୍ତ୍ରୀ ଉଷା ନିଶ୍ଚୟ ମନା କରିବ। କହିବ,"ଯେତିକି ଗଲ ଆମର ଯଥେଷ୍ଟ ହେଇଗଲା। ଆଉ ଯିବା ଦରକାର ନାହିଁ। ଏକୁଟିଆ ସମୟ ଗୁଡାକ କଟେଇବା ଏବେ ଅସହ୍ୟ ଲାଗୁଛି।"ହେଲେ ସେମିତି କିଛି ହେଲାନି। ଓଲଟା, ଆନନ୍ଦରେ ବିଭୋର ଉଷା ଟିକେଟ୍ କାଟିବା ପରେ ବୋର୍ଡିଙ୍ଗ ପାସ୍ ବାହାର କରିବାର ଦାୟିତ୍ୱ ନେଇଥିଲା। ଟ୍ରାଭେଲ ବ୍ୟାଗ୍‌କୁ ନିଜେ ସଜାଡି ଦେଉଥିଲା ବିନା ଦ୍ୱିଧାରେ। ସମସ୍ତେ ନିଶ୍ଚିନ୍ତରେ ଶୋଇପଡିଲେ। ହେଲେ ପରେଶ ପୁରା ରାତି ଏପଟ ସେପଟ ହେଇ ନିଜ ଆତୁରତାରେ ରାତିକି ଫେଣ୍ଟୁଥିଲା। ଅନେକ ପ୍ରଶ୍ନ ପଶି ଅସ୍ତବ୍ୟସ୍ତ କରୁଥିଲା ପରେଶର ମନ ଭିତରକୁ। ଉତ୍ତର ଖୋଜୁ ଖୋଜୁ ପ୍ରଶ୍ନ ବଢି ଯାଉଛି। ଜୀବନ ନଇଁ ପଡୁଛି। କିନ୍ତୁ ଶ୍ରୀମତୀ ଶୁଣେଇ ଦେଇଛନ୍ତି ଶେଷ ନିଷ୍ପତ୍ତି, "ଏଇଥରକ ତୁମେ ବିଦେଶରୁ ଫେରିଲେ ଆମେ ଭଲ ଆପାର୍ଟମେଣ୍ଟରେ ଘର କିଣିବା। ଏ ଯେଉଁ ପୁରୁଣାଘର ଖଣ୍ଡେ ରିମଡେଲ୍ କରିଛେ, ସେଇଟାକୁ କ'ଣ ଘର କହନ୍ତି।ସେ ଖାଲି କାମଚଳା ପ୍ରୋଜେକ୍ଟଟିଏ। ଝିଅ ଆମର ଏଥରକ ପ୍ଲସ୍ ଟୁ ପଢିଲାଣି। ମୋର ଭାରି ଇଚ୍ଛା ତାକୁ କେଉଁଠି ହେଉ ମେଡ଼ିକାଲ୍ ପଢେଇବା। ବିନା ପଇସାରେ ସବୁ ସ୍ୱପ୍ନ ପଙ୍ଗୁ। ତୁମେ ଏଇଥରକ ଯାଅ। ଏଇଟା ଶେଷ।"

ଅଧାରାତିରେ ପରେଶ ବିଚଳିତ ହୋଇ ଉଠିଗଲା ମାଆ ପାଖକୁ ଶୋଇବା ପାଇଁ । ମାଆକୁ କୁଣ୍ଢେଇ ଶୋଇବାକୁ ଚେଷ୍ଟା କରୁକରୁ ମାଆ ପଚାରିଲା, "କିରେ ନିଦ ହଉନିକି ?ଖାଇନୁ ବୋଧେ ଭଲରେ ?"

ମାଆ ଉଠିଯାଇ ଦୁଇଟା ରସଗୋଲା ଆଉ ପାଣି ଗ୍ଲାସେ ଆଣି ଆସିଲା ପରେଶ ପାଇଁ। ମାଆ କୋଳ ଭଳି ମଧୁମୟ ପରିବେଶ ଆଉ ସଂସାରେ କେଉଁଠୁ ମିଳିବ ?

-"ତୁ କାଲି ଯିବୁ କେତେବେଳେ ? ମୁଁ ହବିଷ ଡାଲମା ଭାତ କରିଦେବି। ଚଞ୍ଚଳ ଖାଇଦେଇ ଯିବୁ। ଭଲ ଘିଅ ଆଣି ପୁରେଇଛି। ଯତ୍ନରେ ନେବୁ। ନହେଲେ ଲୁଗାପଟା ସବୁ ନଷ୍ଟ ହେବ। ମୁଁ ଗାଳି ଖାଇବି। ଆରିସା ପିଠା ଅଳ୍ପ କରିଛି। ଆଉ ଛତୁଆ ସବୁ ବାନ୍ଧି ତୋ ବ୍ୟାଗ ପାଖରେ ରଖିଚି। ମନେକରି ପୁରେଇବୁ। ବୟସ ହେଲାରୁ ମୋ ଦେହ ଆଉ ଭଲ ରହୁନି। କେତେବେଳେ କେଉଁ କଥା ? ତତେ ଦେଖିବି କି ନାହିଁ କିଏ କହିବ। ତୁ ଏଥର ନଯାଇଥିଲେ କ'ଣ ଚଳି ନଥାନ୍ତା ? ଏଇଠି ଏତେ ଲୋକ ଚାକିରି କରି ରହୁଛନ୍ତି। ଘରଦ୍ୱାର ଗାଡି ମୋଟର କରୁଛନ୍ତି। ଏ ଯୁଦ୍ଧ ପଟା ବେଳେ ଲୋକ ବିଦେଶରୁ ଘରକୁ ଫେରି ଆସୁଛନ୍ତି। ହେଲେ ତୁ ବିଦେଶ ଯିବାକୁ ବସିଛୁ। ଏତେ ବଡ ମହାମାରୀ ଗଲା। ଆମେ ସବୁ ପୁନର୍ଜନ୍ମ ପାଇଲୁ ବୋଲି ସିନା। ତୁ ତୋ' ବାପାଙ୍କୁ କ'ଣ ଆଉ ଦେଖି ପାରିଲୁ ? ତୁମ ଇଚ୍ଛା ଯାହା କର। ଶାନ୍ତିରେ ରୁହ। ତୋ ବିବଶତା ଦେଖିଲେ ଦୁଃଖ ନୁହେଁ ଘୃଣା ଲାଗୁଛି। ଅଜନ୍ମା ପାଇଁ ନିଜ ଉପରେ ରାଗ ଆସୁଛି।"

ଛଟପଟ ପରେଶ ଧକେଇ ଧକେଇ କାନ୍ଦୁଥିବା ପରେଶର ମାଆ ଶୁଣି ପାରିଲେ। ମାଆ ମନ। ପୁଅ ମୁଣ୍ଡରେ ହାତ ବୁଲେଇ ଆଣି ପଣତକାନିରେ ଲୁହକୁ ପୋଛି ପକେଇଲେ। ମଖମଲି ସ୍ୱପ୍ନ କିଣିବାକୁ ଖୋଲା ଆଖିର ସୁଆଦିଆ ସ୍ୱପ୍ନକୁ ବିକିଦେଉଛନ୍ତି ଏ ପିଲାମାନେ।

-"କାନ୍ଦିଲେ କ'ଣ ହେବ ? ବାପା ! ସକାଳ ହେଲେ ତୁ ବିଦେଶ ଯିବୁ, ତେଣୁ ନିଦରେ ଯାଅ ଶୋଇପଡ। ତୁମମାନଙ୍କର ତ ଚଳିବା ଲାଗି ଭଲଘର, ଗାଡି ଘୋଡା ସହ ପ୍ରଚୁର ଅର୍ଥ ଦରକାର।ଏ ଭୌତିକ ଦୁନିଆରେ ଘାଣ୍ଟି ହେବାକୁ ମନ। ତୁମମାନଙ୍କର ପ୍ରକୃତ ଖୁସି, ସ୍ନେହ, ଶ୍ରଦ୍ଧା, ସମ୍ପର୍କ ଦରକାର ନାହିଁ। ଆମବେଳେ ପରିବାରରେ ସମସ୍ତେ ଏକାଠି ବସି ଖାଇଲେ ଖୁସି ଲାଗୁଥିଲା। ପରିବାରର ଯେ କୌଣସି ଫଙ୍କସନରେ ସବୁ ସଦସ୍ୟଙ୍କ ଆତ୍ମୀୟତା ଓ ସହଭାଗିତା ରହୁଥିଲା। ଏବେ ନିଜ ନିଜର ଏକାକୀତ୍ୱରେ ତୁମେମାନେ ଖୁସି ପାଉଛ। ରାତି ତ ବହୁତ ହେଲାଣି। ତୁ ଆଉ କିଛି ନ ଭାବି ଅଚିନ୍ତାରେରେ ଶୋଇପଡ। ମୁଁ ମୁଣ୍ଡ ସଲସଲ କରିଦେଉଛି। କାଲିର ସକାଳ କି ସନ୍ଦେଶ ନେଇ ଆସିବ ସେ ଅଦୃଶ୍ୟ ଶକ୍ତିକୁ ଏକା ଜଣା।"

ସକାଳ ହେଲା। ଉଦାସ ମୁହଁରେ ପରେଶ ଗାଧୁଆ ପାଧୁଆ ସାରିଲା। ଚଞ୍ଚଳତା ନଥିଲା ଅନ୍ୟଥର ପରି। କିନ୍ତୁ ସ୍ତ୍ରୀର ରାଜକୀୟ ସୁଖ ସୁବିଧା ପାଇଁ ବିଦେଶୀ ମୁଦ୍ରା ଏକାନ୍ତ ଜରୁରୀ। ମନେମନେ ପରେଶ ଭାବୁଥାଏ ଏ ଘରେ ଏମିତି କ'ଣ ଅସୁବିଧା ଅଛି ଯେ ଆମେ ଚଳିପାରିବାନି ? ଚଳିବା ପାଇଁ ନିହାତି ସୁଖୀ ପରିବାରଟିଏ ଲୋଡା। ସୁନ୍ଦର ଭାବନା ଆବଶ୍ୟକ। ସହାନୁଭୂତି ବିଜଡିତ ନିବିଡତା ଦରକାର । ଯାହାକୁ ଛାଡି ଯିବାକୁ ଆଜି କାହିଁକି ଗୋଡ ଉଠୁନି। ଦୁର୍ବହ ପରାଧୀନ ଲାଗୁଥିଲା ପରେଶକୁ। ମାଆ ମୋର ସର୍ବଂସହା। ପୁଅ ପାଇଁ ସବୁ କିଛି ସହିଯିବ। ତା'ର ଯେମିତି ନିଜସ୍ୱ ଇଚ୍ଛା ବୋଲି କିଛି ନାହିଁ। କାହାକୁ ଏ ପରସ୍ଥିତିରେ ଦୋଷ ଦେବ ? ସେ'ତ ହିଁ ପ୍ରଥମରୁ ପଇସା ପାଇଁ ପାଗଳ ଥିଲା। ବୁଝିଥିଲା ପଇସା ହିଁ ଦୁନିଆରେ ସବୁ କିଛି। ପଇସା ପକେଟରେ ଥିଲେ ସମାଜର ସବୁ ସୁଖ ସମ୍ମାନ ହାତ ପାଆନ୍ତାରେ। ଏଇ ମନ୍ତ୍ରଟିକୁ ଫୁଙ୍କିଥିଲା ଆଗ ସେ ନବବିବାହିତା ସ୍ତ୍ରୀ ଉଷା କାନରେ। ସେଇଥିପାଇଁ ସ୍ତ୍ରୀ ଧରି ନେଇଛି ଫରେନ୍ କରେନ୍ସିରେ କିଣିବ ଅଲିଅଳି ଝିଅର ଭବିଷ୍ୟତ, ଆଶାର ଉଆସ। ପଇସା ପଛରେ ଦୌଡିଦୌଡି ଘର ପରିବାର କି ଦାମ୍ପତ୍ୟ ସୁଖ ବିଷୟରେ ଭାବିବାକୁ ସମୟ ପାଇନି। ବାହାଘର ଛଅମାସ ପରଠାରୁ ପଇସା ପଛରେ ଦୌଡ଼ିଛି। ଆଜି ସୁଖଦ ସମ୍ପର୍କର ସ୍ଥାୟିତ୍ୱ ବିଷୟରେ ଭାବିବାକୁ ବସିଲା ବେଳକୁ, ସବୁ ଗଣିତ ସମୟ ଚୋଟରେ ଏପଟ ସେପଟ। ମୋ ଇଚ୍ଛାରେତ ସବୁବେଳେ ସମୟ ସାଥୀ ହୋଇ କଡ଼ ଲେଉଟେଇବନି।

ନିଜକୁ ଲୁଚେଇଲା ନିଜ ଭିତରେ। ମୁହଁରେ ଚିରାଚରିତ ଢଙ୍ଗରେ କୃତ୍ରିମ ହସଟିଏ ଫୁଟେଇ ମାଗିଲା ବୋଉକୁ ଖାଇବାକୁ ଦେବାକୁ।

ବୋଉ ହାତର ରନ୍ଧା ହବିଷ ଭାତ ଡାଲମା ଖାଇ ବିଷାଦଗ୍ରସ୍ତ ମନରେ ବାହାରି ପଡିଲା ଏରୋଡ୍ରମ୍। ସାଙ୍ଗରେ ସ୍ୱତଃ ତତ୍ପର ସ୍ତ୍ରୀ ଆଉ ଝିଅ। ସ୍ତ୍ରୀ ପ୍ରତିକ୍ରିୟାହୀନ ଭାବେ ନିଜେ ଗାଡି ଡ୍ରାଇଭିଂ କରୁଥିଲା।ପାଠୋଇ ଝିଅ କ'ଣ କହିବ କହିବ ବୋଲି ଭାବି ବାପ ମୁହଁକୁ ଚାହିଁ ହସୁଛି। ଫର୍ଦ୍ଦେ କାଗଜରେ ଗାଆଁରୁ ଆମେରିକା ବିମାନଯାତ୍ରାର ଅଧାଅଙ୍କା ସ୍କେଚ୍ କରି ତା' ଉପରେ ଛକି ପକାଇ ଚାଲିଛି। ବିଧବା ମାଆ କଥା ଭାବି ଭାବି ପରେଶ କିନ୍ତୁ ଅନ୍ୟମନସ୍କତାରେ ଛଟପଟ। କେତେବେଳେ ଦେଖିଲା ତାଙ୍କ ଗାଡି ଏରୋଡ୍ରମ୍ ଆଡେ ନଯାଇ,ଭିନ୍ନ ଏକ ଚିହ୍ନା ରାସ୍ତାରେ ଦ୍ରୁତ ଗତିରେ ମାଡି ଯାଉଛି।

ପରେଶ ଚିତ୍କାର କରି ଉଠିଲା,"ଉଷା !ତୁମେ ବାଟ ଭୁଲିଗଲକି ?"ଗାଡି ଯାଇ ଉଷାର ବାପଘରେ ରହିଲା। ଶାଶୁ ଶ୍ୱଶୁରଙ୍କୁ ମୁଣ୍ଡିଆ ମାରି ପରେଶ କହିଲା ଡେରି ହେଲାଣି ଚାଲ। ଉଷାର ମାଆ ବିସ୍ମୟରେ ପଚାରିଲେ, "କୁଆଡେ ଚାଲ କହୁଛନ୍ତି ଆମ ଜ୍ୱାଇଁ ? ଉଷା ! ତୁପରା କହୁଥିଲୁ ଏଥର ଜ୍ୱାଇଁ ଆଉ ବିଦେଶ ଯିବେନି। ମୋ ଝିଅଟା ଏକା ଏକା କେତେ ରହିବ ବୋଲି ମୋର ଚିନ୍ତା ବଢିଯାଇଥିଲା ?"

ଉଷା ହସି ହସି କହିଲା, "ଏଥର ଅମାନିଆ ତୁମ ଜ୍ୱାଇଁବାବୁ ପଇସାପତ୍ରରୁ ମୋହ ତୁଟାଇ ସମ୍ପର୍କର ଅନୁରାଗରେ ରଙ୍ଗେଇ ହେଇଥିବା ମୁଁ ପଢି ପାରିଥିଲି। ଶାଶୁ ମୋର ଚାହୁଁଥିଲେ, ତାଙ୍କ ପୁଅ ଏଥର ବିଦେଶ ନ ଯାଉ। ଝିଅ ବି ଚିଡି ଯାଇଥିଲା ବାପାଙ୍କ ଅନୁପସ୍ଥିତିରେ। ସେଥିପାଇଁ ମୁଁ ପ୍ଲେନ ଟିକେଟ୍ କ୍ୟାନସେଲ କରିଦେଇଛି। ସମସ୍ତଙ୍କୁ ସରପ୍ରାଇଜ୍ ଦେବି ବୋଲି ଚୁପ୍ ରହିଥିଲି।"ପକ୍କା ଗୃହିଣୀ ଲାସ୍ୟମୟୀ ଉଷା ଗାଲରେ ଛୁଇଁଲା ନିର୍ବାକ୍ ସ୍ୱାମୀଙ୍କ ପ୍ରେମିଳ ମୃଦୁ ଚପଟାଘାତ। ସମବେତ ସମସ୍ତେ ମନ ଖୋଲି ହସି ଉଠିଥିଲେ ଆନନ୍ଦ ଚିତ୍ତରେ।ପରେଶ ଚତୁଃପାର୍ଶ୍ୱରେ ଗୁଞ୍ଜରିତ ହେଉଥିଲା ପୂର୍ଣ୍ଣତାରେ ଭିଜା ଅନାବିଳ ସମ୍ପର୍କର ନିବିଡତା।

*ବୁର୍ଲା, ସମ୍ବଲପୁର*
*ମୋ-୯୪୩୯୨୧୧୯୭୧*

## କବିତା ଗୁଚ୍ଛ

### ଶୀତ

ସୁଜିତ୍ କୁମାର ମିଶ୍ର

ଶୀତ ସିନା ଆସେ ଚାଲି ଯାଏ ପୁଣି
ରତୁଚକ୍ର ଘୂର୍ଣ୍ଣନରେ,
ଅଭାବୀ ଶୀତଟି ନିଇତି ଅତିଥି
ଗରିବର କୁଡିଆରେ ।

ଗରିବ ବସ୍ତିରୁ ଶୀତ ଚାଲିଯାଏ
ନିର୍ବାଚନ ରୋଷଣିରେ,
ବାକିଦିନ ସବୁ ପ୍ରୀତି ପ୍ରତିଶ୍ରୁତି
ଶଠତାର ପାଣିଗାରେ ।

ବଡ ବଡୁଆଙ୍କ ଦରଜା ବଅନ୍ଦ
ଚାରିପଟ ଆଚ୍ଛାଦିତ,
ରତୁ ଆଗମନେ ବେଶ୍ ଗତିଶୀଳ
ଗରିବ ବସ୍ତିରେ ଶୀତ ।

ଶୀତ କାହା ପାଇଁ ତାପଯନ୍ତ୍ର ଛୁଆଁ
ଉଷୁମ ଉଲ୍ଲାସ ନିଦ,
କାହା ପାଇଁ ଶୀତ ଉପେକ୍ଷା ବସ୍ତିର
ବୁକୁଫଟା ବେଦରଦ ।

ଶୀତ ବସ୍ତ୍ର ସିନା ଶୀତକୁ କରଇ
ଉଷୁମରେ ପ୍ରତିହତ,
ଅଭାବୀ ଶୀତର ପ୍ରକୋପରେ କିନ୍ତୁ
ଜୀବନ ଯେ ପରାଜିତ ।

ଶୀତ ଚାଲିଯାଏ ତା ବାଟରେ ଦିନେ
ସମୟର ଇସାରାରେ,
ନିରାଶାର ଶୀତ କିନ୍ତୁ ରହିଥାଏ
ଚିରକାଳ ନିଜଠାରେ ।

ଗରିବ ସଂସାରେ ଜନ୍ମ ଯୋଦ୍ଧାଟିଏ
କାହିଁ ତାକୁ ଶୀତ ଡର ?
ଜୀଉଁଛି ଜୀଇଁବ ସମୟ ସାଥୀରେ
ଅନ୍ତରରୁ ନିରନ୍ତର ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

### ତୁମେ ଏବେ ଭାରି ମନେପଡ

ରମାକାନ୍ତ ଦାସ

ତୁମେ ଏବେ ଭାରି ମନେପଡ
ରାତିର ଶୂନ୍ୟତାର
ଅଦୃଶ୍ୟ ଜଗତରେ
ତୁମକୁ ଖୋଜେ ମୁଁ
ଯନ୍ତ୍ରଣା ଜର୍ଜରିତ ଦୁନିଆଁରେ
ସବୁ ବାସ୍ତବତା ଭିତରେ
ମୁଁ କିନ୍ତୁ ନୀରବ ହୋଇଯାଏ
ତୁମ ସ୍ମୃତି ସହରେ ।।

ଆମ ଭିତରେ ଏବେ ଦୂରତା
ସାଗର ଠୁ ବେଳାଭୂମି
ଆକାଶ ଠୁ ମାଟି
ମୋ ସ୍ମୃତି ଆଇନାରେ
ତୁମ ପ୍ରତିଛବିକୁ
ମୁଁ ନିତି ଦେଖୁଥାଏ
ମୋ ଅତୀତ ସବୁକୁ ସାଉଁଟି ।।

ତୁମ ଅପେକ୍ଷାରେ
ମୋ ଛାତିର ଯନ୍ତ୍ରଣା ସବୁ
ଆଖିର ଲୁହ ସାଜି
ଭିଜେଇ ଦିଅନ୍ତି
ମୋ ପିଣ୍ଡକୁ
ଓଠରେ ହସ ଫୁଟେଇବା ପାଇଁ
ମୁଁ ପ୍ରତି ମୁହୂର୍ତ୍ତରେ
ଖଣ୍ଡ ଖଣ୍ଡ କରେ ନିଜକୁ ।।

ତୁମେ ଏବେ ଭାରି ମନେପଡ
ମୋ ପ୍ରତିଟି ସ୍ପନ୍ଦନରେ
ଶତାବ୍ଦୀର ଅଙ୍କ କଷୁଥାଏ ମୁଁ
ରହି ତୁମ ଅପେକ୍ଷାରେ ।।

*ନନ୍ଦିଗ୍ରାମ , ନାଉଗାଁ,*
*ଜଗତସିଂହପୁର*
*ମୋ -୯୬୬୮୮୧୫୩୬୯*

### ଶୀତ ଯେବେ ଆସେ

ସୁଦର୍ଶନ ମହାପାତ୍ର

ଦିଗବଳୟ ପରେ ସୂରୁଜ ଉଇଁଲେ
ସତେକି ପ୍ରକୃତି ଝଲେ
ନୀଳ ଗଗନରେ ଜହ୍ନ ତାରା ପୁଞ୍ଜ
ଝଲସେ ତଟିନୀ ଜଳେ ।।

କ୍ଷେତମାଳ ପରେ କୁହୁଡି ପହଁରେ
ଧୂମ୍ରମୟ ଦଶଦିଶ
ଚୂତ ଡାଳେ ଦିଶେ ବଉଳ ପେନ୍ଥାର
ଓଠରେ ସଲ୍ଲଜ ହସ ।।

ଗୋଧୂଳି ବେଳାରେ ଧୂମାୟିତ ଦୃଶ୍ୟେ
ପ୍ରକୃତି ହୁଅଇ ପ୍ରୀତ
ଜ୍ୟୋତ୍ସ୍ନା ବିଧୌତ ବିଭାବରୀ ଶୁଣେ
ଗଙ୍ଗଶିଉଳିର ଗୀତ ।।

ଶୀତୁଆ ସଂଜରେ ସରସୀରେ ଯେବେ
ମୁହଁ ଦେଖେ ତୋଫା ଜହ୍ନ
କିଏ ସେ କେଜାଣି କୁହୁଡି ବିଛାଇ
ଭାଙ୍ଗେ ତା' ପ୍ରେମିକ ମନ ।।

ଧର୍ମ ହୁଏ ପ୍ରାପ୍ତ ଇହ ଆୟୁ କାଳେ
କାର୍ତ୍ତିକର ପୁଣ୍ୟ ସାଥେ,
ପୁଣ୍ୟାତ୍ମା ଆସନ୍ତି ଅଭ୍ୟାଗତ ହୋଇ
ଆକାଶ ଦୀପର ବ୍ରତେ ।।

ଆ କା ମା ବୈ..ବୋଇତ ବନ୍ଦାଣ
ପରମ୍ପରାର ବାହକ
ସଂସ୍କାର ସଂସ୍କୃତି ଭାବ ପ୍ରବଣତା
ଶୀତ ସାଥେ ଓତପ୍ରୋତ ।।

ପକ୍ଷୀ କାକଳିରେ ଝରଣା ଛନ୍ଦରେ
ଅବା ସୁନାରଙ୍ଗୀ କ୍ଷେତେ
ଶୀତ ଭରିଦିଏ ଖୁସିର ଲହରୀ
ଆସେ ଯେବେ ଋତୁଚକ୍ରେ ।।

*କୁଞ୍ଜବିହାରୀ ଲେନ୍, କଟକ*

### ଅଳପ

ରାଧାରାଣୀ ପଟ୍ଟନାୟକ

ଅଳପ ଅଳପ ଶୀତ ହିଁ
ମନ ମୋହି ନିଏ
ଖରା ବି ଅଳପ ଭଲ
ଅତି ଜିନିଷ ଯେ ଦୁଃଖ ଦିଏ ପରା
ଅତି କରିବନି ଗେଲ ।

ଅଳପ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତ
ଭଲ ଲାଗେ ଶରୀରକୁ
ପରିଶ୍ରମ ଦ୍ୱାରା ଦେହ ଭଲ ଲାଗେ
ଯିବାକୁ ନ ପଡେ ଡାକ୍ତରଖାନା।

କଥା ଯଦି ତମେ ଅଳପ କହିବ
ସେଥିରୁ ଝରଇ ମହୁ
ବହୁତ କଥାରେ ବାହାରେ ଯେ ଲଥା
ଭାବି ଚିନ୍ତି କଥା କହୁ।

ଅଳପ କଥାରେ ସମ୍ପର୍କ ଯୋଡିବା
ଏହା ଅନୁଚିତ ଅଟେ
କୁଣିଆଟି ଯଦି ସବୁ ଦିନ ଆସେ
ନିଶ୍ଚୟ ସମ୍ପର୍କ ତୁଟେ।

ଅଳପ ସମ୍ପତି ନିର୍ଲୋଭ ଅଟେ
ବେଶି ହେଲେ ଲୋଭ ଲାଗେ
ଆବଶ୍ୟକ ତାକୁ ଆଖିରେ ରଖିଲେ
ହୃଦୟରେ ଦୟା ଜାଗେ।

ମଣିଷ ଜୀବନ ଅଳପ ଦିନର
ହସ ଖୁସି ରେ ରହିବା
କାଲିର କଥା ଯେ ଆମକୁ ଅଜଣା
ପ୍ରଭୁଙ୍କୁ ମିଶି ଡାକିବା ।।

*ଚନ୍ଦନ ନଗର, ବରଗଡ*
*ମୋ- ୮୯୧୭୨୩୭୧୩୭*

### ଆଦର ପାଏ ନିଆଁ

ଜଗଦୀଶ ସାହୁ

ଧାନ ପାଚିଲା କ୍ଷେତ ହସିଲା
ପିନ୍ଧି ହଳଦୀ ପାଟ
ଚାଷୀ ଭାଇର ଖୁସି ଅପାର
ଆନନ୍ଦେ କଲା ନାଟ।

ମୂଷା ମଉସା ଆନନ୍ଦ ମନେ
ଖାଇଲା ଧାନକେଣ୍ଡା
ଦିନ କମିଲା ରାତି ବଢିଲା
ପାଗ ଲାଗିଲା ଥଣ୍ଡା ।

ପାଣି ଦେଖିଲେ ଡର ମାଡ଼ିଲା
ଆଦର ପାଏ ନିଆଁ
ଜେଜେମା କହେ ନାତି ଟୋକାକୁ
ଥଣ୍ଡାରେ ବୁଲୁ କିଆଁ।

ବୁଝେଇ ତୋତେ କହିଲି ଯେତେ
ନ ମାନୁ କାହା ମନା
ସର୍ଦ୍ଦି ହୋଇଲେ କଷ୍ଟ ପାଇବୁ
ଯିବୁ ଡାକ୍ତରଖାନା ।

ଜେଜେ କହିଲେ ତୁଳସୀ ଅଦା
ରସରେ ମହୁ ଗୋଳି
ସଞ୍ଜ ସକାଳେ ପିଇଲେ ସର୍ଦ୍ଦି
ଯିବଟି ଦୂରେଚଳି ।

ଫୁଲ ଫଳରେ ବଗିଚା ହସେ
ବହେ ଶୀତଳ ବାଆ
କାର୍ତ୍ତିକ ଯିବ ମାର୍ଗଶିରରେ
ଆସିବେ ଲକ୍ଷ୍ମୀ ମାଆ ।

*ସଞ୍ଜପଡା, ହିନ୍ଦୋଳ*
*ଢେଙ୍କାନାଳ*
*ମୋ :-୯୦୭୮୧୮୫୬୧୬*

### ମଉଳିଲା ମନଫୁଲ

ପ୍ରଶାନ୍ତ କୁମାର ଦାଶ

ମଉଳିଲା ମନଫୁଲ
ଲୁହଗଲା ଖସି
ତମସା ଘୋଡାଇଦେଲା
ଜୀବନକୁ ଆସି ।।

ସମୟ ପାଖରେ ହାରି
ହେଲି ଅସହାୟ
ପତ୍ରଝଡା ଗଛପରି
ହେଲା ମନ କାୟ ।।

ତୁମ ବିରହରେ ଏଠି
ନିତି ମରି ବଞ୍ଚେ
ତଥାପି ମିଳନ ଆଶା
ଏଇ ମନେ ସଞ୍ଚେ ।।

ବଢିଲା ନଈରେ ଭଙ୍ଗା ନାଆ ପରି
ଭୟରେ ଜୀବନ ବିତେ
ତୁମ ପ୍ରେମ ପ୍ରୀତି ପୁଲକ ଭରଇ
ଏଇ ଅମାନିଆ ଚିତ୍ତେ ।।

ସରିଯିବା ଆଗୁ ସପନ ଆଖିରୁ
ରାତିର ଅନ୍ଧାର ହଟେ
ମରୀଚିକା ପରି ଜୀବନ ମରୁରେ
ଆଶାର କୁସୁମ ଫୁଟେ ।।

ସଞ୍ଜ ନଇଁଗଲେ ଦେହ ଦେଉଳରେ
ଦେବୀଟିଏ ସାଜି ଆସ
ସୁଖ ଇତିହାସ ରଚି ଚିରକାଳ
ଢାଳ ମିଠା ପ୍ରୀତି ହାସ ।।

*କୁଞ୍ଜର -ସଙ୍ଗଲାଇ*
*ପିପିଲି -ପୁରୀ*
*ମୋ -୯୬୬୮୮୨୨୧୯୦*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



# ଆମ କଳାହାଣ୍ଡି





# ‘ନୃତ୍ୟ ସଙ୍ଗମ’ ଉଦ୍‌ଘାଟିତ





ଭବାନୀପାଟଣା, (ଭାସ୍କର ନ୍ୟୁଜ): କଳାହାଣ୍ଡିର ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ ‘ପ୍ରତିଭା’ ପକ୍ଷରୁ ସ୍ଥାନୀୟ ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ ଠାରେ ଜାତୀୟ ଲୋକ, ଆଦିବାସୀ ଓ ପାରମ୍ପରିକ ନୃତ୍ୟ ବାଦ୍ୟ ଓ ସଂଗୀତର ତ୍ରିବେଣୀ ସଂଗମ ‘ନୃତ୍ୟ ସଙ୍ଗମ-୨୦୨୪’ ଏକ ମନୋଜ୍ଞ ପରିବେଶ ମଧ୍ୟରେ ଉଦ୍‌ଘାଟିତ ହୋଇଯାଇଛି । ୨୯ତାରିଖ ଶୁକ୍ରବାର ଦିନ ବରିଷ୍ଠ ଅଭିନେତା ଆଇନଜୀବୀ ଜଗନ୍ନାଥ ମୁଣ୍ଡ ଏହାକୁ ଉଦ୍‌ଘାଟନ କରିଥିଲାବେଳେ ସଂଧ୍ୟାରେ ପ୍ରତିଭା ଅନୁଷ୍ଠାନର ସଭାପତି ଧାନାନନ୍ଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ.ନିବେଦିତା ନାଥ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ଉମାଶଙ୍କର କର ଉପସ୍ଥିତ ଥିଲେ । କଳାହାଣ୍ଡିର ସାହିତ୍ୟ, କଳା, ସଂସ୍କୃତି ଓ ପ୍ରାକୃତିକ ବିଭବର ପଟ୍ଟାନ୍ତର ନାହିଁ ଓ ଏହାର ସୁରକ୍ଷା, ପ୍ରଚାର ଓ ପ୍ରସାର କାର୍ଯ୍ୟରେ ପ୍ରତିଭା ଭଳି ଅନୁଷ୍ଠାନ କାର୍ଯ୍ୟ କରୁଥିବା ଆଗାମୀ ପିଢୀ ପାଇଁ ଶୁଭଙ୍କର ବୋଲି ମତ ପ୍ରକାଶ କରିଥିଲେ । ଏହି ଅବସରରେ ସୋନପୁର ଜିଲ୍ଲାର ଗଙ୍ଗାଧର ଦାଶଙ୍କୁ ପ୍ରତିଭା ଲୋକକଳା ରତ୍ନ, ବିଶିଷ୍ଟ ନାଟ୍ୟକାର ଡ.ଉମେଶ ଚନ୍ଦ୍ର ଶତପଥିଙ୍କୁ ପ୍ରତିଭା ନାଟ୍ୟମୁନି ସମ୍ମାନ, ରଙ୍ଗତୁଳୀର ବିଶିଷ୍ଟ ଚିତ୍ରକର ସଂଗ୍ରାମ କେଶରୀ ସରାଫଙ୍କୁ ପ୍ରତିଭା ଶିଳ୍ପୀ ସମ୍ମାନ, ଯୁବ କଳାକାର ରାମେଶ୍ୱର ତ୍ରିପାଠୀଙ୍କୁ ଭାନୁ ପ୍ରକାଶ ରଥ ନାଟ୍ୟ ସମ୍ମାନ, ଶିଳ୍ପୀ ଦିଲ୍ଲୀପ ସାହୁଙ୍କୁ ପ୍ରତିଭା ଯୁବ କଳାକାର ଓ ଶିଳ୍ପୀ କୁନି ସାହୁଙ୍କୁ ପ୍ରତିଭା ଯୁବ କଳାକାର ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ହୋଇଥିବା ମାହେଶ୍ୱରୀ ମୋମୋରିଆଲ୍ କ୍ୟାରମ୍ ପ୍ରତିଯୋଗିତାର ଚାମ୍ପିୟାନ ହୋଇ ମନୋଜ ସିଂହ ଓ ସାଥୀ ପୁରସ୍କୃତ ହୋଇଥିଲେ ।ଉଦଘାଟନୀ ସଂଧ୍ୟାରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଓଡିଶୀ ନୃତ୍ୟ, ଆସାମର ବିହୁ ନୃତ୍ୟ, ବରଗଡ କଳାଜିବୀର ଡାଲଖାଇନୃତ୍ୟ, ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଘୋଡାନାଚ, ତେଲେଙ୍ଗାନାର ଓଗୁ ଢୋଲୁ ଏବଂ କୋଲାଟମ୍ ନୃତ୍ୟ ସହ ଭବାନୀପାଟଣାର ଜେ କେ ଡାନ୍ସ ଗ୍ରୁପ ଓ କନସେପ୍ଟ ସ୍କୁଲର ଶିଳ୍ପୀମାନେ ସେମାନଙ୍କ ନୃତ୍ୟ ପ୍ରଦର୍ଶନ କରି ଅଗଣିତ ଦର୍ଶକଙ୍କ ମନକିଣି ନେଇଥିଲେ । ଶେଷରେ ପ୍ରତିଭା ଅନୁଷ୍ଠାନର ଉପସଭାପତି ଚିଣ୍ଟୁ ପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ନୃତ୍ୟ ସଙ୍ଗମ-୨୦୨୪ କାର୍ଯ୍ୟକ୍ରମ ଆସନ୍ତା ଏକ ତାରିଖ ନଭେମ୍ବର ରବିବାର ଦିନ ଶେଷ ହେବ ବୋଲି ଏହାର ସଭାପତି ଧାନାନନ୍ଦ ପଣ୍ଡା କହିଛନ୍ତି ।

## ଜିଲ୍ଲାରେ ଧାନ ମଣ୍ଡି ଆରମ୍ଭ

# କାମ କଲାନି ମେସିନ, ଉଠିଲାନି ଧାନ



ଧର୍ମଗଡ଼, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲାରେ ଶୁକ୍ରବାର ଦିନଠାରୁ ଆରମ୍ଭ ହୋଇଛି ଧାନ କିଣା ପ୍ରକ୍ରିୟା । ଜୁନାଗଡ଼ ନିୟନ୍ତ୍ରିତ ବଜାର କମିଟି ଅନ୍ତର୍ଗତ ଗୋଲାମୁଣ୍ଡା ବ୍ଲକ ଘୋଟିଆ ଧାନ ମଣ୍ଡିରେ ଉପଜିଲ୍ଲାପାଳଙ୍କ ଦ୍ୱାରା ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ମଣ୍ଡିରେ ସମୁଦାୟ ୪୫ଜଣ ଚାଷୀଙ୍କ ଟୋକନ୍ ରହିଥିଲା ବେଳେ ଜଣେ ଚାଷୀଙ୍କ ଧାନ ପଡିଛି ମଣ୍ଡିରେ । ମଣ୍ଡିରେ ଧାନ ନ ଉଠିବାରୁ ଚାଷୀ ଘରକୁ ଧାନ ପ୍ରତ୍ୟାବର୍ତ୍ତନ ନେବାକୁ ପ୍ରସ୍ତୁତି ଥିବା ଚାଷୀ ପ୍ରକାଶ କରିଛନ୍ତି । ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ଗ୍ରା.ପ ଅଧିନସ୍ଥ ବୈଜଳପୁର ଗ୍ରାମର ଡିଙ୍ଗର ହରପାଲ ନାମକ ଚାଷୀଙ୍କ ୫୧କ୍ୱିଣ୍ଟାଲ ଟୋକନ ଆସିଥିବା ବେଳେ ଶୁକ୍ରବାର ୫୦ କ୍ୱିଣ୍ଟାଲ ଧାନମଣ୍ଡିରେ ପକାଇଥିଲେ । ହେଲେ ମେସିନ କାମ କଲାନି ବୋଲି ଚାଷୀଙ୍କ ଧାନ ତମାମ ରାତିସାରା ମଣ୍ଡିରେ ପଡି ରହିଥିଲା । ଯାହା ଆରମ୍ଭରୁ ଚାଷୀ ହଇରାଣ ହରକତ ହେବା ଆରମ୍ଭ ହେଲାଣି ବୋଲି ଚର୍ଚ୍ଚା ଜୋର୍ ଧରିଛି । ଚଳିତ ବର୍ଷ ସରକାରଙ୍କ ଧାନର ଏମ୍‌ଏସ୍‌ପି ମୂଲ୍ୟ ୨୩୦୦ ଟଙ୍କା ଏବଂ ଇନ୍‌ପୁଟ୍ ସବ୍‌ସିଡି ବାବଦକୁ ୮୦୦ ଟଙ୍କା ଦେବା ପାଇଁ ଘୋଷଣା କରିଛନ୍ତି । ତାହା ବି ବିନା କଟ୍‌ନୀ ଛଟନିରେ ଚାଷୀଙ୍କ ଧାନ କ୍ରୟକୁ ନେଇ ସରକାରଙ୍କ କଡ଼ା ନିର୍ଦ୍ଦେଶ ରହିଛି । ହେଲେ ଡିଜିଟାଲ ଆଦ୍ରତା ମାପ ଯନ୍ତ୍ରକୁ ନେଇ ଚାଷୀଙ୍କ ମନରେ ଏବେ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି । ଜିଲ୍ଲାର ୧ ଲକ୍ଷ ୧୪ ହାଜର ୭୮୫ ଜଣ ଚାଷୀ ଧାନ ବିକିବା ପାଇଁ ପଞ୍ଜିକରଣ କରିଛନ୍ତି । ସେଥିପାଇଁ ଜିଲ୍ଲାରେ ୨୨୩ଟି ଧାନମଣ୍ଡି ଖୋଲିବା ବ୍ୟବସ୍ଥା ରହିଛି । ତେବେ ମିଲ୍‌ରେ ଧାନର କଷ୍ଟୋଡ଼ି ଏକ୍ସେଣ୍ଡିଚର ବା ଧାନ ରଖୁଥିବା ଖର୍ଚ୍ଚ କ୍ୱିଣ୍ଟାଲ ପିଛା ପିଛା ୭ ଟଙ୍କା ଏବଂ ଅନ୍ୟପକ୍ଷରେ ୨୦୧୩/୧୪’ମସିହାର ଖର୍ଚ୍ଚ ଫେରସ୍ତ ପାଇଁ ସରକାର ନିର୍ଦ୍ଦେଶ ଦେଇଥିବାରୁ ମିଲର୍ସ କଷ୍ଟମ ମିଲିଙ୍ଗ ପାଇଁ ରାଜି ହେଉ ନ ଥିବା ଖବର ଚାଷୀଙ୍କ ଭିତରେ ଆଶଙ୍କା ଦେଖା ଦେଇଛି । ପ୍ରଶାସନ ଓ ମିଲର୍ସଙ୍କ ବିଚାରବିମର୍ଷ ପ୍ରତିଦ୍ୱନ୍ଦ ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇପାରେ ବୋଲି ସମାଲୋଚନା ହେଉଛି । ତାର ଜ୍ୱଳନ୍ତ ଉଦାହରଣ ପ୍ରଥମ ଦିନରେ ମଣ୍ଡି ଖୋଲିଥିଲେ ହିଁ ୪୫ଜଣ ଚାଷୀଙ୍କ ଟୋକନ ହୋଇଥିବା ବେଳେ କେବଳ ଜଣେ ଚାଷୀଙ୍କ ଧାନ ମଣ୍ଡିରେ ପଡିବା ଓ ପରବର୍ତ୍ତି ସମୟରେ ପ୍ରତ୍ୟାବର୍ତ୍ତନ ନେବା ଘଟଣା ତାର ଏକ ନମୂନା ଭାବେ ପରିଗଣନା କରାଯାଇଛି । ଏନେଇ ଘୋଟିଆ ମଣ୍ଡି ଉପରେ ନିର୍ଭର କରୁଥିବା ଚାଷୀଙ୍କୁ ନେଇ ତୁରନ୍ତ ଧର୍ମଗଡ଼ ଉପଜିଲ୍ଲାପାଳ ଧିମାନ ଚକମା ଏକ ସାଧାରଣ ବୈଠକର ବନ୍ଦୋବସ୍ତ କରିଥିଲେ । ଏହି ବୈଠକରେ ଚାଷୀଙ୍କୁ ଚଳିତ ବର୍ଷର ନୂତନ ନିୟମ ଓ ନୂତନ ଯନ୍ତ୍ରପାତି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ହେଲେ ଚାଷୀଙ୍କ ଧାନ ଉଠି ନଥିବା କ୍ରୟ ଅଧିକାରୀ ନିକାଶ କୁମାର ଖମାରୀ ପ୍ରକାଶ କରିଛନ୍ତି । ଏହି ଉଦ୍‌ଘାଟନୀ ସମାରୋହରେ ଧର୍ମଗଡ଼ ଉପଜିଲ୍ଲାପାଳ ଧିମାନ ଚକମା, ମଣ୍ଡି ପର୍ଯ୍ୟବେକ୍ଷକ ବିଡ଼ିଓ ଶ୍ରୀଧର ପଣ୍ଡା, ତହସିଲଦାର ଚନ୍ଦନ ନାୟକ, ମଣ୍ଡି ସଂଯୋଜକ ସରସ୍ୱତୀ ମେହେର, ଆର୍‌ଏମ୍‌ସି ସମ୍ପାଦକ ଉଦିତ ବାବୁ, ଯୋଗାଣ ଅଧିକାରୀ ପବିତ୍ର ସାହୁ, ପେକ୍ସ ସମ୍ପାଦକ କିରଟି ପ୍ରଧାନ, କ୍ରୟ ଅଧିକାରୀ ନିକାଶ ଖମାରି, ଆର୍‌ଏମ୍‌ସି ଡ଼ାଇରେକ୍ଟର ଦିନେଶ କୁମାର ରାଉତ, ଆର୍‌ଏମ୍‌ସି ସଦସ୍ୟ ପ୍ରସନ୍ନ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ ।

## ବିଧାୟିକାଙ୍କ ଶ୍ୱଶୁରଙ୍କ ପରଲୋକ

ନର୍ଲା, (ଭାସ୍କର ନ୍ୟୁଜ): ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ଶ୍ୱଶୁର ତଥା ବିଶିଷ୍ଟ ରାଜନୀତିଜ୍ଞ ମାନଗୋବିନ୍ଦ ମହାନ୍ତିଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା । ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ସ୍ୱର୍ଗତ ମହାନ୍ତି ଶୁକ୍ରବାର ସନ୍ଧ୍ୟା ୬ ଟା ୧୫ ମି.ରେ ତାଙ୍କ ରୁପ୍ରାରୋଡ ସ୍ଥିତ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ସେ ରୁପ୍ରାରୋଡର ସରପଞ୍ଚ ତଥା କଂଗ୍ରେସ ଦଳର ପୁରୁଖା ରାଜନୀତିଜ୍ଞ ଭାବେ ଜଣାଶୁଣା ଥିଲେ । ତାଙ୍କ ଆବର୍ତ୍ତମାନରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ବଡପୁଅ ଶିକ୍ଷକ ପୁଷ୍ପକ ମହାନ୍ତି (ବାପି) ଓ ସାନପୁଅ ତଥା ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି (ମୁନା), ଝିଅ ଲିଲିମା ଓ ଶୁଭଶ୍ରୀଙ୍କ ସମେତ ଧର୍ମପତ୍ନୀ, ପୁତ୍ରବଧୂ, ନାତିନାତୁଣୀ, ଆତ୍ମିୟସ୍ୱଜନ ତଥା ବନ୍ଧୁ ପରିଜନ ଉପସ୍ଥିତ ଥିଲେ ।

## ଅବସରପ୍ରାପ୍ତ କିରାଣୀଙ୍କ ନାଁରେ ଗଡୁଛି ୧କୋଟି ୩୮ ଲକ୍ଷ ଟଙ୍କା

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ): ବିଭିନ୍ନ ଆଳରେ ସରକାରୀ ଅର୍ଥ ହଡ଼ପ କରିବା ଅଭିଯୋଗ ହୁଏ କିନ୍ତୁ ଏହି ଅଭିଯୋଗ ନିଆରା । ପଦବୀରେ ରହି ସରକାରୀ ଅର୍ଥ ଚଳ୍ତ କରିବାରେ ଜଣେ ଅବସରପ୍ରାପ୍ତ କିରାଣୀ ସମସ୍ତଙ୍କ ରେକର୍ଡ ଭାଙ୍ଗିଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକରେ । ଏହି ବ୍ଲକରେ କିରାଣୀ ଭାବେ କାର୍ଯ୍ୟରତ ସୟଦ ରହିମ ଅବସର ନେଇ ପ୍ରାୟ ନଅ ବର୍ଷ ହେବାକୁ ବସିଲାଣି । ତାଙ୍କ ଉପରେ ଏଯାଏଁ ଗଡୁଛି ଏକ କୋଟି ୩୮ ଲକ୍ଷ ୪୮ ହଜାର ୯୮୦ ଟଙ୍କା । ଗତ ୨୦୧୩-୧୪ ବର୍ଷ ସୁଦ୍ଧା ତାଙ୍କ ନାମରେ ଏତେ ପରିମାଣର ଟଙ୍କା ଗଡୁଥିବାବେଳେ ତାଙ୍କ ବିରୁଦ୍ଧରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ବ୍ଲକର ବିଭିନ୍ନ ପଞ୍ଚାୟତର ନିର୍ବାହୀ ଅଧିକାରୀଙ୍କଠାରୁ ଉତ୍ତା ଟଙ୍କା ଫେରସ୍ତ ବାବଦକୁ ସେ ଟଙ୍କା ନେଇଛନ୍ତି ସତ କିନ୍ତୁ ତାକୁ ସରକାରୀ ତହବିଲକୁ ଫେରାଇନାହାନ୍ତି । କିନ୍ତୁ ସୟଦ ଏତେ ବର୍ଷ ଧରି ଏତେ ଟଙ୍କା ଫେରାଇ ନଥିବା ସତ୍ତ୍ୱେ ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ତାଙ୍କୁ କେତେବେଳେ ମୃତ ଦର୍ଶାଇ ତାଙ୍କ ଉପରେ ଲାଗିଥିବା ଅଭିଯୋଗରୁ ତାଙ୍କୁ ଖସାଇବାକୁ ଚକ୍ରାନ୍ତ କରାଯାଇଥିବା ଅଭିଯୋଗ ହେଉଥିବାବେଳେ ସେ କିନ୍ତୁ ଜୀବିତ ଓ ସୁସ୍ଥ ରହିବା ସହିତ ମାସକୁ ମାସ ପେନ୍‌ସନ୍ ଟଙ୍କା ପାଉଛନ୍ତି । ଏ ସମ୍ପର୍କରେ ବ୍ଲକ ପ୍ରଶାସନ ନିକଟରେ ଖବର ଅଛି ହେଲେ କିଭଳି କାର୍ଯ୍ୟାନୁଷ୍ଠାନ ନିଆଯିବ ତାକୁ ନେଇ କୁଳକିନାରା ମିଳୁନାହିଁ । ଏଣୁ ସୟଦଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ତାଙ୍କଠାରୁ ହଡ଼ପ ଅର୍ଥରାଶି ଆଦାୟ କରିବାକୁ ଦାବି ହେଉଛି ।

## ବିଦ୍ୟୁତ ସଂସ୍ପର୍ଶରେ ଯୁବକ ମୃତ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଦଶପୁର ଗାଁରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ହେଲେ ଦଶପୁର ଗାଁର କିଶୋର ଚନ୍ଦ୍ର ସା । ପ୍ରକାଶ ଥାଉ କି ସେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ନବନିର୍ମିତ ଘରେ ମଟର ମାଧ୍ୟମରେ ପାଣି ଦେବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ । ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ପରିବାର ଲୋକେ ଦଶପୁର ଫାଣ୍ଡିରେ ଶନିବାର ସକାଳରେ ଏତଲା ଦେଲା ପରେ ପୋଲିସ କେସ୍ ନମ୍ବର ୧୬/୨୪ରେ ଏକ ମାମଲା ରୁଜୁ କରି ଶବ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ ।

## ମିଳିଲାନି ଅଙ୍ଗନୱାଡି କେନ୍ଦ୍ରର ବିଲ୍

# ତାଲା ଝୁଲାଇଲେ ଠିକାଦାର

ଲାଞ୍ଜିଗଡ, (ଭାସ୍କର ନ୍ୟୁଜ): କୋମଳମତି ଶିଶୁମାନଙ୍କ ଉପରେ ସବୁବେଳେ ଝୁଲୁଛି ବିପଦ । କାରଣ ଭଙ୍ଗାଦଦରା ଘରେ ଲେଖାଯାଉଛି ୪୫ ଛୁଆଙ୍କ ଭବିଷ୍ୟତ । ସେହିପରି ୭ ଜଣ ଗର୍ଭବତୀ, ୨ଜଣ ପ୍ରସୂତି ନିଜର ଚିକିତ୍ସା, ପରାମର୍ଶ ଓ ଟୀକାକରଣ ପାଇଁ ସେଇ ଭଙ୍ଗା ଦଦରା ଘର ଉପରେ ନିର୍ଭର କରୁଛନ୍ତି । ଅନ୍ୟପକ୍ଷରେ ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ ଶେଷ ହୋଇଛି କିନ୍ତୁ ସମ୍ପୃକ୍ତ ଠିକାଦାରଙ୍କୁ ଏଯାଏଁ ପ୍ରାପ୍ୟ ମିଳିନାହିଁ । ବାରମ୍ବାର ଦାବି ଓ ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ନମିଳିବାରୁ ଶେଷରେ ନୂଆ ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ଝୁଲାଇଦେଇଛନ୍ତି ଠିକାଦାର ଜଣକ । ଯାହା ଫଳରେ ଏତେ ସଂଖ୍ୟକ ଶିଶୁ ଭଙ୍ଗାଦଦରା ଘରେ ବସିବାକୁ ବାଧ୍ୟ ହେଉଛନ୍ତି । ଏଣୁ ଏଥିପ୍ରତି ବ୍ଲକ ପ୍ରଶାସନ, ବ୍ଲକ ଶିଶୁ ମଙ୍ଗଳ ବିଭାଗ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି ।

## ଧାନଗଦା ଜାଳିଦେଲେ ଦୁର୍ବୃତ୍ତ



କେସିଙ୍ଗା,(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ କନ୍ତେଶିର ପଞ୍ଚାୟତ ଅନ୍ତର୍ଗତ ତହର୍ଶି ଗ୍ରାମର ଜନ୍ମଶୀ ନାଏକଙ୍କ ଧାନଗଦାରେ କେହି ଦୁର୍ବୃତ୍ତ ନିଆଁ ଲଗାଇଥିବାରୁ ପ୍ରାୟ ୫୦ କ୍ୱିଣ୍ଟାଲରୁ ଅଧିକ ଧାନ ପୋଡ଼ି ପାଉଁଶ ହୋଇଯାଇଛି । ଶୁକ୍ରବାର ସକାଳୁରୁ ନିଜ ଧାନଗଦାରେ ନିଆଁ ଲାଗିଥିବା ଜାଣି ଜନ୍ମଶୀ ଥାନାକୁ ଖବର ଦେଇଥିଲେ । ଥାନାରୁ ଦମକଳ ବାହିନୀ କାର୍ଯ୍ୟାଳୟକୁ ଖବର ଦେବାରୁ ଘଟଣାସ୍ଥଳରେ ସଙ୍ଗେ ସଙ୍ଗେ ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ସୁଦ୍ଧା ସେତେବେଳକୁ ସବୁ ଧାନ ପୋଡ଼ି ନଷ୍ଟ ହୋଇଥିଲା । ଯେଉଁ ଧାନରୁ ଦିନେ ଚାଉଳ ହୋଇଥାନ୍ତା ସେହି ଧାନ ପୋଡ଼ି ପାଉଁଶ ହୋଇଯାଇଛି । ଫଳରେ ପରିବାରବର୍ଗ ବର୍ଷ ସାରା କେମିତି ଚଳିବେ ସେନେଇ ଚିନ୍ତାରେ ପଡ଼ିଛନ୍ତି । ସୂଚନାନୁଯାୟୀ, ଦୁଇ ଏକର ଚାଷ ଜମିରୁ ଧାନ କାଟି କ୍ଷେତରେ ଗଦା କରି ରଖିଥିଲେ । ଯେଉଁଠାରୁ କି ୫୦ କ୍ୱିଣ୍ଟାଲରୁ ଅଧିକ ଧାନ ପୋଡ଼ି ନଷ୍ଟ ହୋଇଛି । ଜନ୍ମସି ଓ ତାଙ୍କ ପରିବାରବର୍ଗ କହିବା ଅନୁଯାୟୀ, ଏହି ଧାନଗଦାରେ କେହି ଦୁର୍ବୃତ୍ତ ପେଟ୍ରୋଲ କିମ୍ବା ଡିଜେଲ ଢାଳି ନିଆଁ ଲଗାଇ ଦେଇଛନ୍ତି । ଜନ୍ମଶୀ ନାଏକ ଥାନାରେ ଅଭିଯୋଗ କରିଛନ୍ତି । କେସିଙ୍ଗା ଥାନା ପକ୍ଷରୁ ତଦନ୍ତ ଜାରି ରହିଥିବାର ଜଣାପଡ଼ିଛି ।

# ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଡୋକରି



## ପର୍ଯ୍ୟଟକଙ୍କ ସୁଅ ଛୁଟୁଛି


ଧର୍ମଗଡ଼, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲାରେ ଭରି ରହିଛି ଅନେକ ପର୍ଯ୍ୟଟନ ପୀଠ । ସେଥିମଧ୍ୟରୁ ଫୁରଲୀ ଝରଣ, ଜାଖମ, ଅସୁରଗଡ଼, ଇନ୍ଦ୍ରାବତୀ ଜଳଭଣ୍ଡାର, ଖରକ, ହଳଦୀଗୁଣ୍ଡି, ଡୋକରିଚଚରା, ଗୁଡାହାଣ୍ଡି, ଭୀମଖୋଜ, ଭାଇରା ଘୁମର, ରୁଷିମଠ, ପାରଦେଶ୍ୱର, ମାନିକେଶ୍ୱରୀ, ଲଙ୍କେଶ୍ୱରୀ, ଦନ୍ତେଶ୍ୱରୀ ପ୍ରଭୃତି ଅନ୍ୟତମ । ଏସବୁ ସ୍ଥାନରେ ରହିଛି ଐତିହାସିକ କୀର୍ତ୍ତି ଓ ପ୍ରକୃତିର ସୁଶୋଭିତ କିମ୍ବଦନ୍ତୀ । ଅବଶ୍ୟ ସରକାରଙ୍କ ବୈମାତୃତ୍ୱ ଓ ଲୋକପ୍ରତିନିଧିତ୍ୱ ଅଭାବ କାରଣରୁ ଆଜି ଦୁନିଆ ସାମ୍ନାରେ ବିକାଶିତ ହୋଇ ପାରିନାହିଁ । ଅବହେଳିତ ଦର୍ଶନୀୟ ସ୍ଥାନ ଗୁଡ଼ହାଣ୍ଡି ଓ ଡୋକରିଚଚରା ପୀଠ ଏବେ ଧୀରେଧୀରେ ଲୋକାମୁଖୀ ହୋଇ କଳାହାଣ୍ଡିର ଏକ ପ୍ରମୁଖ ପର୍ଯ୍ୟଟନ ପୀଠ ପାଲଟିଛି । ଏହାର ପ୍ରକୃତିଦତ୍ତ ସୁଶୋଭିତ ସାଙ୍ଗକୁ ଶୀତଳ ଜଳଧାର ସହିତ ସବୁଜମୟ ପରିବେଶ ବେଶ ଲୋକଙ୍କୁ ଆକୃଷ୍ଟ କରି ଟାଣି ଆଣୁଛି । ଅନ୍ୟପଟେ ଏହାର ଇତିହାସ ବିଷୟରେ ପ୍ରାକୃତିକ ପ୍ରେମୀ ଜାଣିବାର ଉତ୍କଣ୍ଠା ଦିନକୁ ଦିନ ଆଗ୍ରହ ପ୍ରକାଶ ପାଉଥିବା ପର୍ଯ୍ୟଟନଙ୍କ ଆଦରତାରୁ ବୁଝାପଡ଼େ । ନଭେମ୍ବର ଶେଷ ଓ ଡିସେମ୍ବର ଆରମ୍ଭରୁ ପର୍ଯ୍ୟଟକଙ୍କ ଭିଡ଼ ଏବେ ଧୀରେ ଧୀରେ ଜମିବା ଆରମ୍ଭ ହେଲାଣି । ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ତାର କିମ୍ବଦନ୍ତୀ ସତେ ଯେମିତି ପର୍ଯ୍ୟଟକଙ୍କୁ ଟାଣି ଆଣୁଛି ।

**ଗୁଡାହାଣ୍ଡି:** କଳାହାଣ୍ଡି ଗେଜେଟିୟର-୧୯୮୦ରେ ସେନାପତି ନୀଳମଣି ଲେଖିଛନ୍ତି, ଯେହେତୁ ଜିଲ୍ଲାର ନାମନୁସାରେ ଏକ ନିର୍ଦ୍ଦିଷ୍ଟ ଏଭଳି କୌଣସି ସ୍ଥାନ ଦେଖାଯାଇନାହିଁ । ତେଣୁ ଗୁଡ଼ହାଣ୍ଡି ହିଁ କାଳକ୍ରମେ ଅପଭ୍ରଂଶ ହୋଇ କଳାହାଣ୍ଡି ହୋଇଥିବା ଅନୁମାନ କରାଯାଏ । ତେବେ କଳାହାଣ୍ଡି ନାମକରଣ ସହିତ ଗୁଡହାଣ୍ଡିକୁ ଯୋଡ଼ା ଯାଇଥିବାବେଳେ ଏଠାରେ ଥିବା ପ୍ରାକ୍ ଐତିହାସିକ ଯୁଗର ଶିଳାଲେଖ ଚିତ୍ରକୁ ନେଇ ବେଶ ପ୍ରସିଦ୍ଧ ଲାଭ କରିଛି । ଏଠାରେ କାନ୍ଥରେ ଶିଳାଲେଖ ଓ ଏକ ଅସ୍ପଷ୍ଟ ଯୋନିର ଚିତ୍ର ରହିଛି । ଯାହାକୁ ପାଣିରେ ଧୋଇଲେ ସ୍ପଷ୍ଟ ଦେଖାଯାଏ । ଗବେଷଣା ପରେ ବି ଏହା କେଉଁ ଭାଷା, କେବେ ଲେଖାଯାଇଥିଲା ତାହା ଜଣାପଡୁନାହିଁ । ତେବେ ସେତେବେଳେ ମାତୃ ଶକ୍ତି ବା ଦେବ ପରିଚାୟକ ଭାଷା ବୋଲି ଗବେଷକମାନେ ମତ ଦିଅନ୍ତି ।

**ଖଲିଗଡ଼:** ନାଗ ବଂଶୀୟ ରାଜାଙ୍କ ଆଠଟି ଗଡ଼ ଭିତରୁ ଖଲିଗଡ଼ ଅନ୍ୟତମ । ଛତିଶଗଡ଼, ବସ୍ତର ଅଞ୍ଚଳର ଶତ୍ରୁ ଆକ୍ରମଣକୁ ପ୍ରତିରୋଧ ପାଇଁ ଏହି ସ୍ଥାନର ମୁଖ୍ୟ ଭୂମିକା ରହିଥିଲା ବୋଲି କୁହାଯାଏ । ଅବଶ୍ୟ ଏସମ୍ବନ୍ଧରେ କୌଣସି ପ୍ରାମାଣିକ ତଥ୍ୟ ଏଯାଏଁ ସ୍ପଷ୍ଟ ହୋଇ ପାରିନାହିଁ । ଏଠାରେ ବେହେରା ଜଳଭଣ୍ଡାର ରହିଛି ।


**ଡୋକରିଚଚରା:** ବନଦେବୀ ଡୋକରି ବୁଢ଼ୀଙ୍କ ଆସ୍ଥାନ ହୋଇଥିବାରୁ ଏହି ସ୍ଥାନକୁ ଡୋକରି ଚଟାର ନାମ ରଖାଯାଇଛି । ଚାରିପଟେ ଉଚ୍ଚ ପାହାଡ଼ । ଦୁଇଶହ ମିଟର ପରିଧି ବିଶିଷ୍ଟ ପଥର ଚଟାଣ । ଚଟାଣ ଉପରେ ବହିଯାଉଛି ସୁଶୀଳତ ଜଳଧାର । ଜଳଧାର କଡରେ ରହିଛି ରାମସୀତା ଓ ଝାଡଶ୍ୱର ଶିବ ମନ୍ଦିର । ମନ୍ଦିରରୁ ୫୦ମିଟର ତଳରେ ୨୦୦ଫୁଟ୍‌ର ଏକ ଜଳ ପ୍ରପାତ ଡୋକରୀ ଧାର ତା’ ତାଳକୁ ରହିଛି ଡୋକରି ଦୋରା । ତା’ କଡ଼ରେ ପୂଜା ପାଆନ୍ତି ଡୋକରି ଦେବୀ । ସେପାଖ ଦୋରାରେ ରହିଛି ଅକାତ ପାଣି । କୁହାଯାଏ ସେଠାରେ ଭୂଇଁ ଫାଟି ପାତାଳରେ ମିଶିଛି ।






# ରାଶିଫଳ


ରବିବାର, ୧ ଡିସେମ୍ବର ୨୦୨୪



**ମେଷ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ । ଆପଣ ସାମାଜିକ ସ୍ତରରେ ସମ୍ମାନ ପାଇବେ । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ । ଏକ ନୂତନ ଯୋଜନା ପ୍ରସ୍ତୁତ ହେବ । ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ହେବ ।



**ବୃଷ:** ବରିଷ୍ଠମାନଙ୍କ ପରାମର୍ଶକୁ ଅନୁସରଣ କରନ୍ତୁ, ସେଠାରେ ଲାଭ ହେବ । ଆଇନଗତ ପ୍ରତିବନ୍ଧକ ସାମ୍ନା କରିପାରନ୍ତି, ବ୍ୟସ୍ତ ହୁଅ ନାହିଁ । ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ । ଚିନ୍ତା ରହିବ । ବ୍ୟବସାୟ ଭଲ କରିବ ।



**ମିଥୁନ:** ଭ୍ରମଣ ଲାଭଦାୟକ ହେବ । ଅଟକି ରହିଥିବା ଟଙ୍କା ଧରିବାକୁ ଚେଷ୍ଟା କରନ୍ତୁ । ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ । ଚାକିରିରେ ଅଧସ୍ତନମାନଙ୍କ ସହାୟତା ପାଇବେ । ଟଙ୍କା ପାଇବା ସହଜ ହେବ । ଜୀବନ ଖୁସି ହେବ ।



**କର୍କଟ:** ଭୟ ହେତୁ ନିଷ୍ପତ୍ତି ନେବା କ୍ଷମତା ହ୍ରାସ ହୋଇପାରେ । ପତି-ପତ୍ନୀଙ୍କଠାରୁ ସମର୍ଥନ ପାଇବେ । ଯାତ୍ରା ଚିତ୍ତାକର୍ଷକ ହେବ । ଉପହାର ଗ୍ରହଣ କରିବାର ସମ୍ଭାବନା ଅଛି । ରୋଜଗାର ବୃଦ୍ଧି ପାଇବ । ଚାକିରିର ପଦୋନ୍ନତି ସମ୍ଭବ । ଟଙ୍କା ପାଇବା ସହଜ ହେବ ।




**ସିଂହ:** ଅତିଥିମାନେ ଆଜି ଘରେ ପହଞ୍ଚିବେ । ଆପଣ ଉତ୍ସାହଜନକ ସୂଚନା ପାଇବେ । ଆତ୍ମ ସମ୍ମାନ ରହିବ । ରିସ୍କ ନେବାକୁ ସାହସ କରିବେ । ଅନାବଶ୍ୟକ ଖର୍ଚ୍ଚ ହେବ । ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ । ଚାକିରିରେ ଶାନ୍ତି ରହିବ । ନୂତନ ବନ୍ଧୁ ସୃଷ୍ଟି ହେବ ।




**କନ୍ୟା:** ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ଆଶା । ଅଂଶୀଦାରମାନଙ୍କ ସହଯୋଗ ମିଳିବ । ବ୍ୟବସାୟ ପାଇଁ ଏକ ବଡ ଡିଲ୍ କରିପାରିବେ । ପ୍ରଗତିର ରାସ୍ତା ପକ୍କା ହେବ । ରୋଜଗାର ବୃଦ୍ଧି ପାଇବ । ବାଣିଜ୍ୟ-ବ୍ୟବସାୟରେ ଅନୁକୂଳ ଆଗ୍ରହ ରହିବ । ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ ।



**ତୁଳା:** ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ, ଯନ୍ତ୍ରଣା ଦେବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ସ୍ୱାସ୍ଥ୍ୟ ଦୁର୍ବଳ ରହିବ । ବିବାଦକୁ ପ୍ରୋତ୍ସାହନ ଦିଅନ୍ତୁ ନାହିଁ, ଦୁଃଖ ଆସିପାରେ । ଅଂଶୀଦାରମାନଙ୍କ ସହିତ ମତ ପାର୍ଥକ୍ୟ ହୋଇପାରେ ।




**ବିଛା:** ସୃଜନଶୀଳ କାର୍ଯ୍ୟ ସଫଳ ହେବ । ପାର୍ଟି ଏବଂ ପିକନିକ୍ ଆୟୋଜନ କରାଯାଇପାରିବ । ଆପଣ ସୁସ୍ୱାଦୁ ଖାଦ୍ୟର ଲାଭ ପାଇବେ । ଜୀବନ ଖୁସି ହେବ । ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ବକ୍ତବ୍ୟରେ ନିୟନ୍ତ୍ରଣ ଆବଶ୍ୟକ । ମନଧ୍ୟାନ ଦେଇ କାର୍ଯ୍ୟ କରନ୍ତୁ । ଲଜ୍ଜିତ ହୁଅନ୍ତୁ ନାହିଁ । ଶତ୍ରୁମାନେ ପରାସ୍ତ ହେବେ ।




**ଧନୁ :** ଖରାପ ଖବର ଗ୍ରହଣ କରାଯାଇପାରେ । ଉତ୍ସାହର ଅଭାବ ରହିବ । ସ୍ୱାସ୍ଥ୍ୟ ଦୁର୍ବଳ ରହିବ । ଦୌଡ଼ ଅଧିକ ହେବ । ଘର-ପାରିବାରିକ ଚିନ୍ତାଧାରା ରହିବ । ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ଆପଣଙ୍କ କାର୍ଯ୍ୟ ଉପରେ ଧ୍ୟାନ ଦିଅନ୍ତୁ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଆୟରେ ନିଶ୍ଚିତତା ରହିବ ।



**ମକର:** ଲାଭ ସୁଯୋଗ ଆସିବ । ଅଫିସ୍‌ରେ ଚାକିରିର ସୁଖ ଦେଖାଇବ । ବ୍ୟବସାୟ ବୃଦ୍ଧି ପାଇବ । ବିନିଯୋଗ ଇତ୍ୟାଦି ଅନୁକୂଳ ଲାଭ ଦେବ । ପରିବାରର ସହାୟତା ପାଇବାରେ ସୁଖ, ଉତ୍ସାହ ଏବଂ ସନ୍ତୁଷ୍ଟତା ରହିବ । ଦୁଷ୍କର୍ମରୁ ଦୂରେଇ ରୁହନ୍ତୁ । ସ୍ୱାସ୍ଥ୍ୟ ଦୁର୍ବଳ ରହିପାରେ । ଆଇନଗତ ପ୍ରତିବନ୍ଧକ ହଟାଯିବ ।



**କୁମ୍ଭ:** ବାଣିଜ୍ୟର ଲାଭ ଅଛି । ସାଙ୍ଗମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ ହେବେ । ଆପଣ କଠିନ ପରିଶ୍ରମର ଫଳ ପାଇବେ । ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ । ଉଚ୍ଚ ପଦାଧିକାରୀମାନେ ଖୁସି ହେବେ । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଆୟର ନୂତନ ମାଧ୍ୟମ ମିଳିବ ।



**ମୀନ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ । ସତ୍‌ସଙ୍ଗର ଲାଭ ହେବ । ତୀର୍ଥଯାତ୍ରା ଯୋଜନା କରାଯିବ । ଅନାବଶ୍ୟକ ଖର୍ଚ୍ଚ ହେବ । ସରକାରୀ ସହାୟତା ମିଳିବ । ବ୍ୟବସାୟ ବୃଦ୍ଧି ପାଇବ । ବିରୋଧୀମାନେ ସକ୍ରିୟ ରହିବେ । ପୁଞ୍ଜି ବିନିଯୋଗ ଶୁଭ ହେବ । ଆପଣଙ୍କର ନିଜସ୍ୱ ବୁଦ୍ଧି ବ୍ୟବହାର କରନ୍ତୁ । ଚାକିରିର କ୍ଷେତ୍ରରେ ପ୍ରଭାବ ବୃଦ୍ଧି ଘଟିବ ।



ଜ୍ୟୋତିର୍ବିତ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯